

ବିବାଦ ଭୁଲି ଏକାଠି ହେବେ

▶ପୃଷ୍ଠା ୧୧ ଦେଖନ୍ତୁ...


• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-47 ♦MONDAY ♦10 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୭ ♦ସୋମବାର ♦୧୦ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ଭାରତ ସହ ରେଳପଥରେ ଯୋଡ଼ିହେବ ରୁଷିଆ

■ ମସ୍କୋ, ୯ ।୮ (ଏଜେନ୍ସି): ସମୁଦ୍ର ପଥରେ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ରୁଷିଆ ରାଜଧାନୀ ମସ୍କୋରୁ ଭାରତ ରାଜଧାନୀ ନୂଆଦିଲ୍ଲୀ ପର୍ଯ୍ୟନ୍ତ ସିଧାସଳଖ ରେଳପଥ ନିର୍ମାଣ ସମ୍ଭାବନା ନେଇ ରୁଷିଆ ସରକାର ପ୍ରସ୍ତାବ ରଖିଛନ୍ତି । ରୁଷିଆର ଉପପ୍ରଧାନମନ୍ତ୍ରୀ ମାରାତ୍ ଖୁସନୁଲିନ୍ ଗଣମାଧ୍ୟମକୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି ଯେ, ବୋସଫରସ୍ ଏବଂ ହର୍ମୁଜ ପ୍ରଣାଳୀରେ ଦେଖାଦେଉଥିବା ଜଳପଥ ସଙ୍କଟ ଯୋଗୁଁ ବିକଳ୍ପ ସ୍ଥଳପଥ ଆବଶ୍ୟକ ହୋଇପଡ଼ିଛି । ତେଣୁ ତୁର୍କମେନିସ୍ତାନ, ଇରାନ, ଆଫଗାନିସ୍ତାନ ଏବଂ ପାକିସ୍ତାନ ଦେଇ ଭାରତକୁ ସଂଯୋଗ କରିବା ଲାଗି ରେଳପଥ ଯୋଜନା ଉପରେ ବିଚାର କରାଯାଉଛି । ଏଭଳି ବିକଳ୍ପ ରେଳପଥ ବ୍ୟବସାୟିକ ଦୃଷ୍ଟିରୁ ଗ୍ରହଣଯୋଗ୍ୟ ହୋଇପାରିବ । ଇସ୍ରାଏଲ ଯୋଗୁଁ ଆମେରିକା ଏବଂ ▶ପୃଷ୍ଠା-୭




## ଉତ୍ତର ୨୪ ପ୍ରଗଣାରେ ମମତାଙ୍କ ଉପରେ ଆକ୍ରମଣ



■ କୋଲକାତା, ୯ ।୮ (ଏଜେନ୍ସି): ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ (ଟିଏମସି) ସୁପ୍ରିମୋ ମମତା ବାନାର୍ଜୀଙ୍କ ଉପରେ ଆକ୍ରମଣ ହୋଇଛି । ଉତ୍ତର ୨୪ ପ୍ରଗଣା ଜିଲ୍ଲାରେ ପୁଲିସ ହାଜତରେ ମୃତ ଟିଏମ୍‌ସି କର୍ମୀ ବିର୍ଜୁ କେଓଟଙ୍କ ପରିବାରକୁ ଆଜି ଭେଟିବାକୁ ଯାଉଥିବା ବେଳେ କେତେକ ଲୋକ ତାଙ୍କ ଗାଡ଼ି ଉପରେ ଆକ୍ରମଣ କରିଥିଲେ । ସେମାନେ ତାଙ୍କ ଗାଡ଼ି ଅଟକାଇବା ସହିତ ପଥର, ପାଣି ବୋତଲ ଓ ଜୋତା ମାଡ଼ କରିଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉପଦ୍ରବକାରୀଙ୍କୁ ଘଉଡ଼ାଇବା ସହିତ ମମତାଙ୍କ ଗାଡ଼ିକୁ ସୁରକ୍ଷିତ ଭାବେ ସେଠାରୁ କାଢ଼ିନେଇଥିଲେ । ଏସଂପର୍କରେ ମମତା ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଅସାମାଜିକ ତତ୍ତ୍ୱମାନେ ପୋଲିସ ସମ୍ମୁଖରେ ହିଁ ତାଙ୍କ ଗାଡ଼ି ଉପରକୁ ବଡ଼ ବଡ଼ ପଥର ମାଡ଼ କରିଥିଲେ । ▶ପୃଷ୍ଠା-୭

## ଦେଶକୁ କେନ୍ଦ୍ରର ଏମ୍‌ଏସ୍‌ଏମ୍‌ଇ ଅନୁଦାନ ୨୦ ହଜାର କୋଟି

# ଓଡ଼ିଶା ଭାଗରେ ମାତ୍ର ୩୨ କୋଟି



### ରାଜ୍ୟକୁ ଏସ୍‌ଆର୍‌ଆଇ ପାଣ୍ଠି ଅନୁଦାନ ୦.୧୬%

### ୭୬୬ କ୍ଷୁଦ୍ର ଉଦ୍ୟୋଗରୁ ଓଡ଼ିଶା ଭାଗରେ ମାତ୍ର ୯

### କେନ୍ଦ୍ରୀୟ ସହାୟତାକୁ ଚାହିଁ ବସିଛନ୍ତି ୨୫ ଜିଲ୍ଲା


■ ଭୁବନେଶ୍ୱର, ୯ ।୮ (ସମିସ): ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ନେଇ କେନ୍ଦ୍ର ସରକାର ବାରମ୍ବାର ପ୍ରଶଂସା କରୁଛନ୍ତି । ଦେଶର ଶିଳ୍ପ ବିକାଶରେ ଓଡ଼ିଶାର ଗୁରୁତ୍ୱପୂର୍ଣ୍ଣ ଭୂମିକା କଥା ମଧ୍ୟ କହୁଛନ୍ତି। ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ରରେ ଏମ୍‌ଏସ୍‌ଏମ୍‌ଇ ବା କ୍ଷୁଦ୍ର -ମଧ୍ୟମ ଉଦ୍ୟାଗର ଭୂମିକା କଥାକୁ ସ୍ୱୀକାର କରୁଛନ୍ତି । ସାରା ଦେଶ ପାଇଁ ଏ ବାବଦରେ ବିପୁଳ ପୁଞ୍ଜି ବରାଦ ମଧ୍ୟ କେନ୍ଦ୍ର ବଜେଟ୍‌ରେ କରାଯାଉଛି । ମାତ୍ର ଏସବୁ ଗୋଟିଏ ପାର୍ଶ୍ୱରେ ଥିବାବେଳେ ଅନୁଦାନ କ୍ଷେତ୍ରରେ ଓଡ଼ିଶା ସବୁଠାରୁ ଅବହେଳିତ ହୋଇ ରହିଛି । କେନ୍ଦ୍ର ସରକାର ସାରା ଦେଶର ଏମ୍‌ଏସ୍‌ଏମ୍‌ଇ ନିମନ୍ତେ ୨୦ ହଜାର କୋଟି ଟଙ୍କା ବରାଦ କରିଥିବାବେଳେ ଓଡ଼ିଶାକୁ ମିଳିଛି ନାମମାତ୍ର ଅନୁଦାନ। ଖୋଦ୍ କେନ୍ଦ୍ର ସରକାର ମଧ୍ୟ ଏହାକୁ ସଂସଦରେ ସ୍ୱୀକାର କରିଛନ୍ତି । କେନ୍ଦ୍ରରେ ବିଜେପି ସରକାର ଗଠନରେ ଓଡ଼ିଶାରୁ ୨୦ ସାଂସଦଙ୍କ ପ୍ରତିନିଧିତ୍ୱ ସବୁଠାରୁ ଗୁରୁତ୍ୱ ବହନ କରୁଥିବା ସମୟରେ କେନ୍ଦ୍ରୀୟ ଅବହେଳା ସମ୍ପର୍କରେ ସେମାନଙ୍କ ନିରବତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଲୋକସଭାରେ କେନ୍ଦ୍ର ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ବିଭାଗ ରାଷ୍ଟ୍ରମନ୍ତ୍ରୀ ସୁଶ୍ରୀ ଶୋଭା କାରାନ୍ଦଲାଜେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ୨୦୨୬ ଜୁନ୍ ୩୦ ତାରିଖ ସୁଦ୍ଧା ଆତ୍ମ ନିର୍ଭର ଭାରତ ବା ଏସ୍‌ଆର୍‌ଆଇ ପାଣ୍ଠି ଅଧୀନରେ ଦେଶର ୭୬୬ଟି ଏମ୍‌ଏସ୍‌ଏମ୍‌ଇରେ ୨୦,୦୦୪ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହୋଇଛି। ଏହା ମଧ୍ୟରୁ ଓଡ଼ିଶାରେ ମାତ୍ର ୯ଟି ଏମ୍‌ଏସ୍‌ଏମ୍‌ଇରେ ମୋଟ ୩୨.୭୪ କୋଟି ଟଙ୍କା ନିବେଶ କରାଯାଇଛି ।

ସଂସଦରେ କେନ୍ଦ୍ରମନ୍ତ୍ରୀଙ୍କ ଏହି ସ୍ୱୀକାରୋକ୍ତି ଓଡ଼ିଶା ପ୍ରତି କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟକୁ ନେଇ ସ୍ୱାଭାବିକ ପ୍ରଶ୍ନ ଉଠିଛି। ସାରା ଦେଶର ମୋଟ ଏସ୍‌ଆର୍‌ଆଇ ବିନିଯୋଗରେ ଓଡ଼ିଶାର ଅଂଶ ଏକ ପ୍ରତିଶତର ଛଅ ଭାଗରୁ ଭାଗେ ଅର୍ଥାତ୍ ମାତ୍ର ୦.୧୬ରେ କିପରି ଭାରତ ଆତ୍ମନିର୍ଭର ହୋଇପାରି ବୋଲି ମଧ୍ୟ ପ୍ରଶ୍ନ ଉଠିଛି। ଚିନ୍ତାଜନକ କଥା ଟି ହେଉଛି ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ମାତ୍ର ୫ଟି ଜିଲ୍ଲା ଏମ୍‌ଏସ୍‌ଏମ୍‌ଇ ଏହି ପାଣ୍ଠିରୁ ସହାୟତା ପାଇଥିବାବେଳେ ଅନ୍ୟ ୨୫ ଜିଲ୍ଲାର ନାମଗନ୍ଧ ସୁଦ୍ଧା ନାହିଁ। ରାଜ୍ୟକୁ ମିଳିଥିବା ୩୨.୭୪ କୋଟି ଟଙ୍କାରୁ ୩୧.୪୯ କୋଟି ଟଙ୍କା କେବଳ ଖୋର୍ଦ୍ଧାର ୫ଟି ଏମ୍‌ଏସ୍‌ଏମ୍‌ଇରେ ବିନିଯୋଗ ହୋଇଛି। ଅନ୍ୟ ୪ ଜିଲ୍ଲା ସୁନ୍ଦରଗଡ଼, ବାଲେଶ୍ୱର, କଟକ ଓ କଳାହାଣ୍ଡିର ଗୋଟିଏ ଲେଖାଏଁ ଉଦ୍ୟୋଗକୁ ମାତ୍ର ୨୫ ଲକ୍ଷରୁ ୫୦ ଲକ୍ଷ ଟଙ୍କା ଲେଖାଏଁ ମିଳିଛି । ଅବଶିଷ୍ଟ ୨୫ ଜିଲ୍ଲାରେ ଗୋଟିଏ ବି ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗ ସ୍ଥାପନ ହୋଇନାହିଁ ▶ପୃଷ୍ଠା-୭

**ହାଇଦରାବାଦ ଆଇନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

## ପ୍ରଧାନବିଚାରପତିଙ୍କୁ ବିରୋଧ



■ ହାଇଦରାବାଦ୍, ୯ ।୮ (ଏଜେନ୍ସି): ହାଇଦରାବାଦ୍‌ସ୍ଥିତ 'ନାଲସାର୍' ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ସମାବର୍ତ୍ତନ ଉତ୍ସବରେ ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରଣ କରିବା ନିଷ୍ପତ୍ତିକୁ ୪୫୦ରୁ ଅଧିକ ଛାତ୍ରଛାତ୍ରୀ ବିରୋଧ କରିଛନ୍ତି। ବିଶ୍ୱବିଦ୍ୟାଳୟର କୁଳପତି ଓ କର୍ତ୍ତୃପକ୍ଷଙ୍କୁ ଲେଖିଥିବା ଏକ ପତ୍ରରେ ଛାତ୍ରଛାତ୍ରୀମାନେ ନିକଟରେ ଜୁଲାଇ ୨୦ ତାରିଖରେ ନୂଆଦିଲ୍ଲୀର ଯନ୍ତର ମନ୍ତରରେ ହୋଇଥିବା ଆନ୍ଦୋଳନ ବେଳେ ଆରକ୍ଷୀ ବାହିନୀର ବର୍ବରତା ସମ୍ପର୍କିତ ଶୁଣାଣିରେ ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି । ଆରକ୍ଷୀ ବାହିନୀର ଆକ୍ରମଣ ଭିଡିଓ ଦେଖିବା ପାଇଁ ସମୟ ନାହିଁ ବୋଲି କହିବା ଏବଂ ଯୁବପିଢ଼ିଙ୍କ ପ୍ରତି ସମ୍ବେଦନହୀନ ମନ୍ତବ୍ୟ ଦେବା ସାମ୍ବିଧାନିକ ମୂଲ୍ୟବୋଧ ବିରୋଧୀ ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି । ସମ୍ବିଧାନ ଓ ନ୍ୟାୟର ପାଠ ପଢୁଥିବା ଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନେ ଏଭଳି ବ୍ୟକ୍ତିତ୍ୱଙ୍କଠାରୁ ଡିଗ୍ରୀ ଗ୍ରହଣ କରିବାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି । ଏଣୁ ଏହି ନିମନ୍ତ୍ରଣ ଉପରେ ପୁନର୍ବିଚାର କରିବାକୁ ସେମାନେ ନିବେଦନ କରିଛନ୍ତି । ସୂଚନାଯୋଗ୍ୟ ଯେ, ଗତ ଦୁଇ ସପ୍ତାହ ପୂର୍ବରୁ ଆନ୍ଦୋଳନ ଭୟରେ ମୁମ୍ବାଇର 'ଟିସ୍' ମଧ୍ୟ ନିଜର ସମାବର୍ତ୍ତନ ଉତ୍ସବକୁ ସ୍ଥଗିତ ରଖିଥିଲା, ଯେଉଁଥିରେ ପ୍ରଧାନ ବିଚାରପତି ଯୋଗଦେବାର ଥିଲା। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଆଇନ ଓ ଶିକ୍ଷା ଜଗତରେ ଚର୍ଚ୍ଚା ଜୋର୍ ଧରିଥିବା ବେଳେ 'ନାଲସାର୍' ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆନୁଷ୍ଠାନିକ ପ୍ରତିକ୍ରିୟା ମିଳିପାରିନାହିଁ।

## ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ

# ଉତ୍ତର ଓଡ଼ିଶାକୁ ଛାଡୁନି ବର୍ଷା ଓ ବନ୍ୟାର ଭୟ

■ ଭୁବନେଶ୍ୱର, ୯।୮ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ମଧ୍ୟପ୍ରଦେଶ ମୁହାଁ ହୋଇଛି। ଏହି ଲଘୁଚାପଟି ଏବେ ଉତ୍ତର ପୂର୍ବ ମଧ୍ୟପ୍ରଦେଶ ଓ ସଂଲଗ୍ନ ଛତିଶଗଡ଼ ଉପରେ ସକ୍ରିୟ ରହିଛି। ଲଘୁଚାପ ଓଡ଼ିଶାଠାରୁ ଦୂରେଇ ଯାଇଥିଲେ ମଧ୍ୟ ରାଜ୍ୟରେ ଏବେ ବି ବର୍ଷା ଜାରି ରହିଛି । ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଅନ୍ୟପଟେ ପୁଣି ଏକ ଲଘୁଚାପ ବଙ୍ଗୋପସାଗରରେ ଦାନା ବାନ୍ଧୁଥିବାରୁ ରାଜ୍ୟରେ ପୁଣି ବର୍ଷା ହେବାର ଆଶଙ୍କା ବଢ଼ିଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଉତ୍ତର ବଙ୍ଗୋପସାଗର ସଂଲଗ୍ନ ପଶ୍ଚିମବଙ୍ଗ-ବଙ୍ଗଳାଦେଶ ଉପକୂଳରେ ୧୧ ତାରିଖ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୧୩ ତାରିଖ ସୁଦ୍ଧା ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ଏହି ଲଘୁଚାପ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଥିବାରୁ ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରାଯାଇଛି । ଘୂର୍ଣ୍ଣିବଳୟ ସୃଷ୍ଟି ପରେ୧୧ରୁ ବର୍ଷା ବଢ଼ିବା ସହ ୧୩-୧୪ ବେଳକୁ ବର୍ଷାର ପ୍ରଭାବ ବଢ଼ିବା ନେଇ ଆଶଙ୍କା କରାଯାଉଛି । ଏମିତି କି ସ୍ୱାଧୀନତା ଦିବସରେ ମଧ୍ୟ ଲଘୁଚାପ ପ୍ରଭାବରେ କେତେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଉଛି ।

ଲଗାଣ ବର୍ଷା ସ୍ଥିତି ଯୋଗୁଁ ରାଜ୍ୟର ଅନେକ ଅଞ୍ଚଳ ଜଳବନ୍ଦୀ ସ୍ଥିତିରେ ଥିବାବେଳେ ଗତ ୩୬ ଘଣ୍ଟାରେ ହୋଇଥିବା ବର୍ଷା ଯୋଗୁଁ ପୁଣି ଅନେକ ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ରବିବାର ସନ୍ଧ୍ୟା ସୁଦ୍ଧା ବୈତରଣୀ ଆଖୁଆପଦାଠାରେ ସତର୍କ ସଙ୍କେତ ଉପରେ ପ୍ରବାହିତ ହେଉଛି। ସେହିପରି ମହାନଦୀରେ ମଧ୍ୟ ଜଳପ୍ରବାହ ବଢ଼ିବାରେ ଲାଗିଛି । ଆଗାମୀ ବର୍ଷା ସ୍ଥିତିକୁ ଦେଖି ଏବେ ହୀରାକୁଦରୁ ୧୨ଟି ଗେଟ୍ ଖୋଲା ଯାଇଛି। ଏବେ ଜଳଭଣ୍ଡାରକୁ ୨ ଲକ୍ଷ ୨୦ ହଜାର ୭୭୮ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ୧ ଲକ୍ଷ ୬୪ ହଜାର ୬୦୬ କ୍ୟୁସେକ୍ ଜଳ ଛଡା ▶ପୃଷ୍ଠା-୭



## କେବିସି ମଞ୍ଚରେ ମାଲକାନଗିରିର 'ଜଙ୍ଗଲ ରାଣୀ'

### ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ଓଡ଼ିଶାରୁ ଜୟନ୍ତୀ ବୁରୁଡ଼ା

■ ଭୁବନେଶ୍ୱର, ୯।୮ (ସମିସ): ମାଲକାନଗିରିର ଦୁର୍ଗମ ଆଦିବାସୀ ଅଞ୍ଚଳରୁ ଜାତୀୟ ଟେଲିଭିଜନ୍‌ର ଲୋକପ୍ରିୟ ମଞ୍ଚକୁ ପହଞ୍ଚିଛନ୍ତି ଓଡ଼ିଆ ଝିଅ ଜୟନ୍ତୀ ବୁରୁଡା। 'କୌନ୍ ବନେଗା କରୋଡ଼ପତି' (କେବିସି)ରେ ଦେଶର ବିଭିନ୍ନ ସ୍ଥାନରୁ ଚୟନ ହୋଇଥିବା ୧୦ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ସେ ସ୍ଥାନ ପାଇଛନ୍ତି । ମାଲକାନଗିରିର 'ଜଙ୍ଗଲ ରାଣୀ' ଭାବେ ପରିଚିତ ଜୟନ୍ତୀ ଆଦିବାସୀ ସମାଜ, ମହିଳା ଓ ଦୁର୍ଗମ ଅଞ୍ଚଳର ଲୋକଙ୍କ ସମସ୍ୟାକୁ ନିଜ ଲେଖା ଓ ସାମାଜିକ କାର୍ଯ୍ୟ ମାଧ୍ୟମରେ ଉଠାଇ ଆସିଛନ୍ତି । କେବିସି ମଞ୍ଚରେ ତାଙ୍କ ଉପସ୍ଥିତି କେବଳ ଜଣେ ପ୍ରତିଯୋଗୀଙ୍କ ସଫଳତା ନୁହେଁ; ଏହା ମାଲକାନଗିରିର ଆଦିବାସୀ ଜୀବନ, ସଂଘର୍ଷ ଓ ସ୍ୱପ୍ନକୁ ଦେଶ ସାମ୍ନାରେ ରଖିବାର ଏକ ବଡ଼ ସୁଯୋଗ ବୋଲି ମନେ କରାଯାଉଛି ।

କୋୟା ଆଦିବାସୀ ପରିବାରରେ ଜନ୍ମିତ ଜୟନ୍ତୀ ୧୧ ଭାଇଭଉଣୀଙ୍କ ମଧ୍ୟରୁ ନବମ। ▶ପୃଷ୍ଠା-୭

**ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ**

## ଆଦିବାସୀ ଭାଇଭଉଣୀଙ୍କ ଶ୍ରେଷ୍ଠ ବନ୍ଧୁ ବିଜେଡି: ନବୀନ



### ଆଦିବାସୀମାନଙ୍କ ଉନ୍ନତି ସାଧନ ବିଜୁ ଜନତା ଦଳର ଲକ୍ଷ୍ୟ

### ଜାରି ରହିବ ୧୬୯ ବର୍ଗଙ୍କୁ ଏସ୍‌ଟି ସୂଚୀରେ ସାମିଲ ଉଦ୍ୟମ

■ ଭୁବନେଶ୍ୱର, ୯।୮ (ସମିସ): ବିଜେଡି ସରକାର ସମୟରେ ପଞ୍ଚାୟତକୁ ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ ଅଧିକାର, ହଜାର ହଜାର ହଷ୍ଟେଲ, ଉଚ୍ଚଶିକ୍ଷା ପାଇଁ ଅନ୍ୱେଷା କାର୍ଯ୍ୟକ୍ରମ, ଜଙ୍ଗଲ ଜମି ଅଧିକାର ଆଦି ଜନଜାତି ଭାଇ ଭଉଣୀଙ୍କୁ ବିକାଶ ସହ ଯୋଡି ପାରିଥିଲା। ଏସଡିସି ଜରିଆରେ ଆଦିବାସୀଙ୍କ ବିକାଶ ହେଉଥିଲା। ୧୬୯ ଜନଜାତି ଗୋଷ୍ଠୀକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ତତ୍କାଳୀନ ବିଜେଡି ସରକାର ପ୍ରସ୍ତାବ ଦେଇଥିଲା। ବିଜେଡି ଆଦିବାସୀ ଭାଇ-ଭଉଣୀମାନଙ୍କର ଶ୍ରେଷ୍ଠ ବନ୍ଧୁ ଓ ସେମାନଙ୍କ ନ୍ୟାର୍ଯ୍ୟ ଦାବିକୁ ହାସଲ କରିବା ପାଇଁ ଦଳ ଉଦ୍ୟମ ଜାରି ରଖିବ ବୋଲି କହିଛନ୍ତି ଦଳର ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ରବିବାର ଶଙ୍ଖଭବନରେ ବିଜେଡି ପକ୍ଷରୁ ଆୟୋଜିତ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଆଦିବାସୀଙ୍କ ସଂସ୍କୃତି ଓ ପରମ୍ପରାକୁ ଆଗକୁ ନେବା ସହ ଆଦିବାସୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଜେଡି ଲଢ଼େଇ କରି ଆସିଛି ଓ ଭବିଷ୍ୟତରେ ମଧ୍ୟ ଲଢ଼େଇ ଜାରି ରଖିବ ବୋଲି ନବୀନ କହିଛନ୍ତି ।

ସେ ପୁଣି କହିଛନ୍ତି ଯେ ବିଜୁ ଜନତା ଦଳ ସରକାର ସମୟରେ ଜନଜାତି ▶ପୃଷ୍ଠା-୭

**ରାଜ୍ୟରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ**

## ଯୁବପିଢ଼ିଙ୍କୁ ବିପଥଗାମୀ କରିବାକୁ ଚକ୍ରାନ୍ତ ଚାଲିଛି: ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୯।୮ (ସମିସ): ରବିବାର ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଭୁବନେଶ୍ୱରଠାରେ 'ଘରେ ଘରେ ତ୍ରିରଙ୍ଗା' ଅଭିଯାନର ଶୁଭାରମ୍ଭ କରିଛନ୍ତି ମୋହନ ଚରଣ ମାଝୀ। ଏହି ଅବସରରେ ଅଗଷ୍ଟ ୯ ରୁ ୧୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକ ଗ୍ରାମ, ପଞ୍ଚାୟତ, ସହର, ଘର, ବିଦ୍ୟାଳୟ ଓ କାର୍ଯ୍ୟାଳୟରେ ଗୌରବର ସହ ଜାତୀୟ ପତାକା ଉଡ଼ାଇବାକୁ ସେ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କୁ ନିବେଦନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର 'ଜେନ୍-ଜି' ଓ ଯୁବ ସମାଜକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଜିର ଡିଜିଟାଲ୍ ଯୁଗରେ ଆମ ଯୁବପିଢ଼ିକୁ ବିପଥଗାମୀ କରିବାକୁ କିଛି ବାହ୍ୟ ଶକ୍ତି, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ନିଶାଦ୍ରବ୍ୟ ଭଳି କୁପ୍ରଭାବ ସକ୍ରିୟ ରହିଛନ୍ତି। ତାହାକୁ କେବେହେଲେ ସଫଳ ହେବାକୁ ଦିଆଯିବ ନାହିଁ।

**ଅଗଷ୍ଟ ୯ରୁ ୧୭ ସବୁଠି ଉଡ଼ିବ ଜାତୀୟ ପତାକା**

ନିଜ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମୀ, ବୀର ସହିଦ ଏବଂ ଓଡ଼ିଶାର ଅମର ବ୍ୟକ୍ତିବିଶେଷଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୯୪୨ ଅଗଷ୍ଟ ୯ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରୁ ଆରମ୍ଭ ହୋଇଥିବା 'ଭାରତ ଛାଡ଼' ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମକୁ ନୂଆ ଦିଗ୍‌ଦର୍ଶନ ଦେଇଥିଲା। ଜାତୀୟ ପତାକା 'ତ୍ରିରଙ୍ଗା' କେବଳ ତିନୋଟି ରଙ୍ଗର ସମାହାର ନୁହେଁ; ବରଂ ଏହା ୧୪୦ କୋଟି ଭାରତୀୟଙ୍କ ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ। ▶ପୃଷ୍ଠା-୭



## ୧୩୨୬ ନବନିଯୁକ୍ତଙ୍କୁ ଆଜି ମିଳିବ ନିଯୁକ୍ତିପତ୍ର

■ ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ସରକାରଙ୍କ ବିଭିନ୍ନ ବିଭାଗରେ ୧୩୨୬ ଜଣ ନବନିଯୁକ୍ତ ପ୍ରାର୍ଥୀଙ୍କୁ ଆସନ୍ତାକାଲି ଅର୍ଥାତ୍ ସୋମବାର ଦିନ ନିଯୁକ୍ତିପତ୍ର ପ୍ରଦାନ କରାଯିବ। ମଞ୍ଚେଶ୍ୱରସ୍ଥିତ ରେଲୱେ ଅଡିଟୋରିୟମରେ ହେବାକୁ ଥିବା ଏହି ନିଯୁକ୍ତି ମେଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ନିଯୁକ୍ତିପତ୍ର ପ୍ରଦାନ କରିବେ।

ନବନିଯୁକ୍ତ ପ୍ରାର୍ଥୀଙ୍କ ମଧ୍ୟରେ ହାଉସିଂ ଆଣ୍ଡ ଅର୍ବାନ ଡେଭଲପମେଣ୍ଟ ବିଭାଗରେ ୩୬୪ ଓ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗରେ ୩୬୧ ଜଣ ଜୁନିୟର ଇଞ୍ଜିନିୟର (ସିଭିଲ୍) ନିଯୁକ୍ତି ପତ୍ର ପାଇବେ। ସେହିପରି ଶକ୍ତି ବିଭାଗ ଅଧୀନରେ ଥିବା ଓଏଚ୍‌ପିସିରେ ୨୪୦ ଜଣ, କୃଷି ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୧୧୧ ଜଣ ସହକାରୀ ପ୍ରଫେସର, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗରେ ୮୬ ଜଣ, କ୍ରୀଡ଼ା ଓ ଯୁବ ସେବା ବିଭାଗରେ ୨୬ ଜଣ ଜୁନିୟର କୋଚଙ୍କୁ ମୁଖ୍ୟମନ୍ତ୍ରୀ ନିଯୁକ୍ତି ପତ୍ର ବାଣ୍ଟିବେ। ଏହାସହ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ଅବକାରୀ ବିଭାଗରେ ୧୦ ଜଣ ଏକ୍ସାଇଜ୍ ସବ୍-ଇନ୍ସପେକ୍ଟରଙ୍କୁ ନିଯୁକ୍ତି ମିଳିବ।

## କାନ୍ଥ ପଡ଼ି ସାମ୍ବାଦିକଙ୍କ ମୃତ୍ୟୁ



■ ବାରିପଦା, ୯ ।୮ (ସମିସ): ମୃତ୍ୟୁର ପାଞ୍ଚଦିନ ପୂର୍ବରୁ ନିଜ ଭଙ୍ଗାଘର ଛପର ତଳେ ନିଜେ ଖବର ପାଲଟିଯିବା ଆକଳନ କରିଥିବା ଜଣେ ବରିଷ୍ଠ ସାମ୍ବାଦିକ ଶେଷରେ ସମସ୍ତ ଗଣମାଧ୍ୟମର ଶିରୋନାମା ସାଜିଛନ୍ତି। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ବ୍ଲକର ସାମ୍ବାଦିକ କୈଳାସ ଚନ୍ଦ୍ର କରଙ୍କ ଶନିବାର ରାତିରେ ନିଜ ଘରେ ଶୋଇଥିବାବେଳେ ଘର କାନ୍ଥ ସହ ଛପର ତାଙ୍କ ଉପରେ ପଡ଼ିଯିବାରୁ ଶ୍ୱାସରୁଦ୍ଧ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ବିଳମ୍ବିତ ରାତିରେ ଏହା ଘଟିଥିବାବେଳେ ପରିବାରବର୍ଗ ସକାଳେ ଜାଣିଥିଲେ। ପୁଲିସ ଓ ଅଗ୍ନିଶମ ବାହିନୀଙ୍କୁ ଖବର ଦେବାରୁ ସେମାନେ ପହଞ୍ଚି ମୃତଦେହ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ ସହ ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବାଙ୍ଗିରିପୋଷିରେ ଲଗାଣ ବର୍ଷା ପାଇଁ ଘର କାନ୍ଥ ମୂଳଦୁଆ ଦବି ଏଭଳି ଅଘଟଣ ଘଟିଥିବା ଜଣାପଡିଛି। ▶ପୃଷ୍ଠା-୭

# ଉତ୍ତର ପ୍ରଦେଶରେ ବିଜେପି ବିଧାୟକଙ୍କ ଝିଅଙ୍କୁ ପ୍ରତାରଣା



## ୨୫ଟି ବିବାହ କରିଥିଲା ବର

ଲକ୍ଷ୍ନୌ, ୯ ।୮ (ଏଜେନ୍ସି): ଉତ୍ତର ପ୍ରଦେଶର ସେବତା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ଜ୍ଞାନ ତିୱାରୀ ନିଜ ଝିଅଙ୍କୁ ପ୍ରତାରଣା କରି ବିବାହ କରାଯାଇଥିବା ନେଇ ଏକ ଗୁରୁତର ଅଭିଯୋଗ ଆଣିଛନ୍ତି । ପରିଚୟ ଲୁଚାଇ ବିଭିନ୍ନ ରାଜ୍ୟରେ ପ୍ରାୟ ୨୫ଟି ବିବାହ କରି ମହିଳାମାନଙ୍କୁ କୋଟି କୋଟି ଟଙ୍କା ଠକିଥିବା ଜଣେ ଯୁବକ ଏବଂ ତାଙ୍କ ବାପାଙ୍କ ବିରୋଧରେ ପୁଲିସରେ ଅଭିଯୋଗ ହେବା ପରେ ପୁଲିସ ଦ୍ୱୟଙ୍କୁ ଗିରଫ କରିଛି । ବିଧାୟକ ଜ୍ଞାନ ତିୱାରୀଙ୍କ ଅଭିଯୋଗ ଆଧାରରେ ରେଉସା ଥାନା ପୁଲିସ ଅଭିଯୁକ୍ତ ପ୍ରଖର ତିୱାରୀ ଏବଂ ତାଙ୍କ ବାପା ଅନୁଜ ତିୱାରୀଙ୍କୁ ଗିରଫ କରିଛି । ୨୦୨୪ ମସିହାରେ ବିଧାୟକଙ୍କ ଝିଅ ପ୍ରଜ୍ଞାଙ୍କ ବିବାହ ମିଶ୍ରିଖ୍ ନିବାସୀ ଅନୁଜ ତିୱାରୀଙ୍କ ପୁଅ ପ୍ରଖର ତିୱାରୀଙ୍କ ସହ ହୋଇଥିଲା । ବିବାହ ସମୟରେ ଅନୁଜ ନିଜକୁ ମୁମ୍ବାଇର ଜଣେ ବଡ଼ ରିୟଲ ଏଷ୍ଟେଟ୍ ବ୍ୟବସାୟୀ ଭାବେ ପରିଚୟ ଦେବା ସହ ନିଜର ଅପରାଧିକ ପୃଷ୍ଠଭୂମି ଲୁଚାଇଥିଲେ । ବିବାହର ପ୍ରାୟ ୨.୫ ବର୍ଷ ପରେ ସୋସିଆଲ ମିଡିଆ ଏବଂ ଅନ୍ୟାନ୍ୟ ସୂତ୍ରରୁ ପ୍ରଖରଙ୍କ ବିଷୟରେ ସତ୍ୟତା ପଦାକୁ ଆସିଥିଲା । ପ୍ରଖର ନିଜର ପ୍ରକୃତ ପରିଚୟ ଲୁଚାଇ ମହାରାଷ୍ଟ୍ର ସମେତ ବିଭିନ୍ନ ରାଜ୍ୟରେ ପ୍ରାୟ ୨୫ ଜଣ ମହିଳାଙ୍କୁ ବିବାହ ପ୍ରଲୋଭନ ଦେଇ କୋଟି କୋଟି ଟଙ୍କା ଠକେଇ କରିଥିବା ଜଣାପଡ଼ିଛି । ଘଟଣା ସାମ୍ନାକୁ ଆସିବା ପରେ ବିଧାୟକ ସମ୍ପୃକ୍ତ ପରିବାର ସହ ସମସ୍ତ ସମ୍ପର୍କ ଛିନ୍ନ କରି ନିଜ ଝିଅକୁ ଘରକୁ ନେଇ ଆସିଛନ୍ତି ।



# ନିଶାସକ୍ତ ଥିଲେ ବିମାନ ପାଇଲଟ୍ !

## ଟର୍ବୁଲାନ୍ସ ଯୋଗୁଁ ୧୭ ଏୟାର ଇଣ୍ଡିଆ ଯାତ୍ରୀ ଆହତ ହୋଇଥିଲେ

ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଆସୁଥିବା ଏୟାର ଇଣ୍ଡିଆ ବିମାନର କ୍ୟାପଟେନ ନିଶାଦ୍ରବ୍ୟ ଟେଷ୍ଟ (ଡୋପ୍ ଟେଷ୍ଟ)ରେ ପଜିଟିଭ୍ ଚିହ୍ନଟ ହୋଇଥିବା ନେଇ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି । ଗତ ଅଗଷ୍ଟ ୪ ତାରିଖରେ ଏହି ବିମାନଟି ଆକାଶମାର୍ଗରେ ଗୁରୁତର ଟର୍ବୁଲାନ୍ସ (ବାୟୁମଣ୍ଡଳୀୟ ଅସନ୍ତୁଳନ)ର ସମ୍ମୁଖୀନ ହୋଇଥିଲା, ଯେଉଁଥିରେ ୧୭ ଜଣ ଯାତ୍ରୀ ଆହାତ ହୋଇଥିଲେ । ଏହି ଘଟଣା ପରେ ଦିଲ୍ଲୀରେ କ୍ୟାପଟେନଙ୍କର ଡୋପ୍ ଟେଷ୍ଟ କରାଯାଇଥିଲା । ତେବେ ଏୟାର ଇଣ୍ଡିଆ ପକ୍ଷରୁ ଏହି ରିପୋର୍ଟକୁ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବେ ସ୍ପଷ୍ଟ କରାଯାଇ ନାହିଁ । ଅଗଷ୍ଟ ୪ ତାରିଖରେ ଏୟାର ଇଣ୍ଡିଆର ଏୟାରବସ୍ ଏ୩୨୦ ବିମାନଟି ୧୩୭ ଜଣ ଯାତ୍ରୀ ଓ ୮ ଜଣ ବିମାନ କର୍ମଚାରୀଙ୍କୁ ନେଇ ଆସୁଥିବା ସମୟରେ ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିପଡ଼ିଥିଲା । କ୍ୟାପଟେନ ଓ ସହ-ପାଇଲଟ ବିମାନକୁ ନିୟନ୍ତ୍ରଣକୁ ଆଣି ପୂର୍ବାହ୍ନ ୧୧.୦୭ ରେ ଦିଲ୍ଲୀ ବିମାନବନ୍ଦରରେ ସୁରକ୍ଷିତ ଅବତରଣ କରାଇଥିଲେ । ଟର୍ବୁଲାନ୍ସ ଯୋଗୁଁ ବିମାନର ଛାତ ଭାଙ୍ଗିଯାଇଥିଲା ଏବଂ ୧୭ ଜଣ ଯାତ୍ରୀ ଓ ବିମାନ କର୍ମଚାରୀ ଆହାତ ହୋଇଥିଲେ । ନିୟମାନୁସାରେ ଉଦ୍ଧାର ଓ ତଦନ୍ତ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ସମ୍ପୃକ୍ତ ବିମାନ ଚାଳକ ଦଳଙ୍କୁ ଉଡ଼ାଣ ଦାୟିତ୍ୱରୁ ହଟାଇ ଦିଆଯାଇଛି । ଏୟାର ଇଣ୍ଡିଆ ପକ୍ଷରୁ କୁହାଯାଇଛି ଯେ, ନିୟମାନୁସାରେ ପାଇଲଟଙ୍କର ଡ୍ରଗ୍ସ ଟେଷ୍ଟ କରାଯାଇଛି, କିନ୍ତୁ ଏହାର ରିପୋର୍ଟ ଏୟାରଲାଇନ୍ସକୁ ମିଳିନଥିବାରୁ ସେମାନେ କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ । ସାଧାରଣ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି ।

# ଟ୍ରମ୍ପଙ୍କ ଗାଜା ପ୍ରସ୍ତାବକୁ ନେତନ୍ୟାହୁଙ୍କ ନା

ଜେରୁଜେଲେମ୍, ୯ ।୮ (ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ରବିବାର ଏକ ବଡ଼ ବୟାନ ଦେଇ ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ସମ୍ଭାବନାକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଛନ୍ତି । ଏହା ସହିତ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଉପସ୍ଥାପିତ ୧୫-ଦଫା ଗାଜା ଶାନ୍ତି ପ୍ରସ୍ତାବକୁ ମଧ୍ୟ ସେ ଅସ୍ୱୀକାର କରିଛନ୍ତି । ଇସ୍ରାଏଲ ଗଣମାଧ୍ୟମ ଅନୁଯାୟୀ, ନେତନ୍ୟାହୁ କହିଛନ୍ତି, "ଯେପର୍ଯ୍ୟନ୍ତ ମୁଁ ପ୍ରଧାନମନ୍ତ୍ରୀ ଅଛି, ଗାଜା କିମ୍ବା ୱେଷ୍ଟ ବ୍ୟାଙ୍କରେ କୌଣସି ପାଲେଷ୍ଟାଇନ୍ ରାଷ୍ଟ୍ର ଗଠନ ହେବ ନାହିଁ।' ସେ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ହମାସ ସମ୍ପୂର୍ଣ୍ଣ ରୂପେ ନିରସ୍ତ୍ର ନହେବା ପର୍ଯ୍ୟନ୍ତ ଇସ୍ରାଏଲ ସେନା ଗାଜାରୁ ପ୍ରତ୍ୟାହୃତ ହେବ ନାହିଁ । ଟ୍ରମ୍ପ ଏହି ଶାନ୍ତି ପ୍ରସ୍ତାବକୁ ଏକ "ଐତିହାସିକ ସଫଳତା' ଭାବେ ବର୍ଣ୍ଣନା କରିଥିବା ବେଳେ, ନେତନ୍ୟାହୁଙ୍କ ଏହି ଆଭିମୁଖ୍ୟ ଆମେରିକାର ପ୍ରଚେଷ୍ଟା ପ୍ରତି ଏକ ବଡ଼ ଝଟ୍‌କା ସଦୃଶ ହୋଇଛି । ନେତନ୍ୟାହୁଙ୍କ ଏହି ଆଭିମୁଖ୍ୟ ଏବଂ ଗାଜାରେ ଜାରି ରହିଥିବା ସାମରିକ କାର୍ଯ୍ୟାନୁଷ୍ଠାନକୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), କାତାର, ଜୋର୍ଡାନ, ଇଣ୍ଡୋନେସିଆ, ପାକିସ୍ତାନ, ତୁର୍କୀ ଏବଂ ମିଶର ଭଳି ୮ଟି ମୁସଲିମ୍ ବହୁଳ ଦେଶ କଡ଼ା ନିନ୍ଦା କରିଛନ୍ତି । ଏହି ପଦକ୍ଷେପ ଶାନ୍ତି ପ୍ରକ୍ରିୟାକୁ ବାଧାପ୍ରାପ୍ତ କରିବ ବୋଲି ସେମାନେ ମିଳିତ ବିବୃତିରେ ଚେତାବନୀ ଦେଇଛନ୍ତି ।

# ହର୍ମୁଜରେ ଶୁଳ୍କ ଆଦାୟ କରିବ ନାହିଁ ଇରାନ: ଭାନ୍ସ



ୱାଶିଂଟନ, ୯ ।୮ (ଏଜେନ୍ସି): ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଶକ୍ତି ପଥ 'ହର୍ମୁଜ ପ୍ରଣାଳୀ' ଦେଇ ଯାତାୟାତ କରୁଥିବା ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ କୌଣସି ପ୍ରକାର ଯାତାୟାତ ଶୁଳ୍କ (ଟୋଲ୍) ଆଦାୟ କରାଯିବ ନାହିଁ ବୋଲି ଇରାନ ଆମେରିକାକୁ ଆଶ୍ୱାସନା ଦେଇଛି । ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ସାକ୍ଷାତକାରରେ ଏହି ସୂଚନା ଦେଇଛନ୍ତି । ତେବେ ଇରାନର କେବଳ କଥା ନୁହେଁ, ବରଂ ତାର ପ୍ରତ୍ୟକ୍ଷ ପଦକ୍ଷେପକୁ ଦେଖି ଆମେରିକା ପରବର୍ତ୍ତୀ ନିଷ୍ପତ୍ତି ନେବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଫକ୍ସ ନ୍ୟୁଜକୁ ଦେଇଥିବା ଏକ ସାକ୍ଷାତକାରରେ ଉପ-ରାଷ୍ଟ୍ରପତି ଭାନ୍ସ କହିଛନ୍ତି ଯେ, ଇରାନ ଶାସନତନ୍ତ୍ର ମଧ୍ୟରେ କିଛି ଗୋଷ୍ଠୀ ହର୍ମୁଜପ୍ରଣାଳୀ ଦେଇ ଯାଉଥିବା ଜାହାଜଗୁଡ଼ିକର ମାଲ ପରିବହନ ମୂଲ୍ୟ ଉପରେ ୫% ରୁ ୭% ପର୍ଯ୍ୟନ୍ତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଥିଲେ । ତେବେ ବର୍ତ୍ତମାନ ଏପରି କୌଣସି ଶୁଳ୍କ ଆଦାୟ କରାଯିବ ନାହିଁ ବୋଲି ତେହେରାନ ଆମେରିକାକୁ ଜଣାଇଛି । ଆମେରିକାର ମୁଖ୍ୟ ଲକ୍ଷ୍ୟ ହେଉଛି ପାରସ୍ୟ ଉପସାଗର ଦେଇ ହେଉଥିବା ତେଲ ଓ ଗ୍ୟାସ ରପ୍ତାନିକୁ ପୂର୍ବ ଭଳି ସ୍ୱାଭାବିକ ସ୍ଥିତିକି ଫେରାଇ ଆଣିବା । ଜାହାଜ ଚଳାଚଳକୁ ସୁରକ୍ଷିତ କରିବା ପାଇଁ ଇରାନ ଏବଂ ଓମାନ ମଧ୍ୟରେ ଆଲୋଚନା ଚାଲିଛି । ବିଶେଷ କରି ସଂଘର୍ଷ ସମୟରେ ଜଳପଥରେ ବିଛାଯାଇଥିବା ସାମୁଦ୍ରିକ ମାଇନଗୁଡ଼ିକୁ ହଟାଇବା (ଡିମାଇନିଂ) ଏବଂ ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷିତ ରୁଟ୍ ଯୋଗାଇଦେବା ଉପରେ ଆଲୋଚନା କେନ୍ଦ୍ରୀଭୂତ ରହିଛି । ଜାହାଜଗୁଡ଼ିକ ଉପରେ ଯେପରି କୌଣସି ଆକ୍ରମଣ ନହୁଏ, ସେ ନେଇ ଆମେରିକା ସ୍ପଷ୍ଟ ଗ୍ୟାରେଣ୍ଟି ଦାବି କରୁଛି । ଅନ୍ୟପଟେ, ଜଳପଥ ସମ୍ପୂର୍ଣ୍ଣ ଖୋଲିବା ପୂର୍ବରୁ ଇରାନ କେତେକ ରାଜନୈତିକ ଓ ସୁରକ୍ଷା ସମ୍ବନ୍ଧୀୟ ସର୍ତ୍ତ ରଖିଛି । ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଅରାଗଚି ଏବଂ ସୁରକ୍ଷା ପ୍ରମୁଖ ମହମ୍ମଦ ବାକର ଜୋଲକାଦ୍ର କହିଛନ୍ତି ଯେ, ଯୁଦ୍ଧବିରାମ ଉଲ୍ଲଂଘନ ପାଇଁ କ୍ଷତିପୂରଣ, ପ୍ରତିବନ୍ଧକ କୋହଳ ଏବଂ ଆମେରିକାର ଶତ୍ରୁତାପୂର୍ଣ୍ଣ ଆଚରଣରେ ପରିବର୍ତ୍ତନ ନଆସିବା ପର୍ଯ୍ୟନ୍ତ ହର୍ମୁଜ ପ୍ରଣାଳୀ ସମ୍ପୂର୍ଣ୍ଣ ଭାବେ ଖୋଲାଯିବ ନାହିଁ ।

# ମୁଜତବାଙ୍କ ଭିଡିଓ ଜାରିକଲା ଇରାନ



ତେହରାନ, ୯ ।୮ (ଏଜେନ୍ସି): ଇରାନର ସୁପ୍ରିମ ଲିଡର ମୁଜତବା ଖାମେନେଇଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚାଲିଥିବା ବିଭିନ୍ନ ଆଶଙ୍କା ଓ ଗୁଜବ ମଧ୍ୟରେ ଦେଶର ଅର୍ଦ୍ଧ-ସରକାରୀ ସମ୍ବାଦ ସଂସ୍ଥା 'ମେହେର' ପକ୍ଷରୁ ଏକ ଭିଡିଓ ଜାରି କରାଯାଇଛି । ଇସ୍ରାଏଲ ଗଣମାଧ୍ୟମରେ ଖାମେନେଇଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା ଏବଂ ସେ ହସପିଟାଲରେ ଭର୍ତ୍ତି ହୋଇଥିବା ନେଇ ଦାବି କରାଯିବା ପରେ ଇରାନ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଏହି ଭିଡିଓ କେବେ କାର ବା କେଉଁ ତାରିଖର ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ଇରାନ ସରକାରଙ୍କ ଇସଲାମିକ ଡେଭେଲପମେଣ୍ଟ ଅର୍ଗାନାଇଜେସନ ଦ୍ୱାରା ପରିଚାଳିତ ସମ୍ବାଦ ସଂସ୍ଥା 'ମେହେର' ପ୍ରଥମ ଥର ପାଇଁ ୫୬ ବର୍ଷୀୟ ମୁଜତବା ଖାମେନେଇଙ୍କ ଏକ ଭିଡିଓ ସାର୍ବଜନୀନ କରିଛି । ଏହି ଭିଡିଓରେ ସୁପ୍ରିମ ଲିଡର ସମ୍ପୂର୍ଣ୍ଣ ସୁସ୍ଥ ଦେଖାଯାଉଛନ୍ତି ଏବଂ ନିଜର କିଛି ଅନୁଗାମୀ ଓ ଅଧିକାରୀଙ୍କ ସହ କଥାବାର୍ତ୍ତା କରୁଥିବା ନଜର ଆସିଛନ୍ତି । ତେବେ ଏହି ଭିଡିଓ କେବେ ଏବଂ କେଉଁ ସ୍ଥାନରେ ସୁଟିଂ କରାଯାଇଛି, ସେ ନେଇ ତାଉ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନାହିଁ ।

# ଜେଏନ୍‌ୟୁରେ ଉମର ଖାଲିଦଙ୍କ ବହି ଆଲୋଚନାସଭା ବାତିଲ



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) କ୍ୟାମ୍ପସରେ ପୂର୍ବତନ ଛାତ୍ର ଉମର ଖାଲିଦଙ୍କ ଦ୍ୱାରା ଲିଖିତ ବହି ଉପରେ ହେବାକୁ ଥିବା ଏକ ଆଲୋଚନା ସଭାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ବାତିଲ କରିଛନ୍ତି । କାର୍ଯ୍ୟକ୍ରମର ସମ୍ପୂର୍ଣ୍ଣ ସୂଚନା ବା ତଥ୍ୟ ପ୍ରଦାନ କରାଯାଇ ନଥିବା ଦର୍ଶାଇ ଏହି ନିଷ୍ପତ୍ତି ନିଆଯାଇଛି । ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ୍ ସୋସିଆଲ ସାଇନ୍‌ସେସ୍-୧ (ଏସ୍‌ଏସ୍‌ଏସ୍-୧) ଅଡିଟୋରିୟମ୍‌ରେ ଅଗଷ୍ଟ ୧୦ ତାରିଖରେ ଉମର ଖାଲିଦଙ୍କ ବହି "ଫ୍ରାକ୍‌ଚର୍ଡ କମ୍ୟୁନିଟିଜ୍: ଆଦିବାସୀ ହିଷ୍ଟ୍ରିଜ୍ ଆଣ୍ଡ ଦି ପଲିଟିକ୍ସ ଅଫ୍ ପାୱାର' ଉପରେ ଏକ ଆଲୋଚନା ଚକ୍ର ଆୟୋଜନ ପାଇଁ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ କରିଥିଲେ । ବିଶ୍ୱବିଦ୍ୟାଳୟର ସାମାଜିକ ଗଣମାଧ୍ୟମ 'ଏକ୍ସ' ହ୍ୟାଣ୍ଡେଲରେ ଦିଆଯାଇଥିବା ସୂଚନା ଅନୁସାରେ, କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ସତ୍ୟ ଗୋପନ ରଖାଯାଇଥିବାରୁ ଏହି ବୁକିଂକୁ ବାତିଲ କରାଯାଇଛି । ଉମର ଖାଲିଦ ୨୦୨୦ ଦିଲ୍ଲୀ ଦଙ୍ଗା ମାମଲାରେ ୟୁଏପିଏ ଅଧୀନରେ ଗିରଫ ହୋଇ ସେପ୍‌ଟେମ୍ବର ୨୦୨୦ରୁ ଜେଲ୍‌ରେ ଅଛନ୍ତି । 'ବିଶ୍ୱ ଆଦିବାସୀ ଦିବସ' ପାଳନ ଅବସରରେ ଏହି ଆଲୋଚନା ସଭାରେ କେତେକ ପ୍ରମୁଖ ବୁଦ୍ଧିଜୀବୀ ଓ ଆକ୍ଟିଭିଷ୍ଟ ଯୋଗଦେବାର କାର୍ଯ୍ୟକ୍ରମ ଥିଲା । ଜେଏନ୍‌ୟୁ କର୍ତ୍ତୃପକ୍ଷ କେଉଁ ସିଦ୍ଧାନ୍ତ ଓ ତଥ୍ୟ ଅସମ୍ପୂର୍ଣ୍ଣ ଥିଲା ତାହା ସ୍ପଷ୍ଟ କରି ନ ଥିବା ବେଳେ, ଏହି କାର୍ଯ୍ୟକ୍ରମ ବାତିଲକୁ ନେଇ କ୍ୟାମ୍ପସ ଓ ଶିକ୍ଷାବିତ୍‌ଙ୍କ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି ।

# ସୁ କି'ଙ୍କ ମୁକ୍ତି ଦାବିକୁ ପ୍ରତ୍ୟାଖ୍ୟାନ କଲା ମ୍ୟାଁମାର ସାମରିକ ସରକାର



ନେପିଡ୍, ୯ ।୮ (ଏଜେନ୍ସି): ଗୃହବନ୍ଦୀ ହୋଇ ରହିଥିବା ମ୍ୟାଁମାରର ପ୍ରାକ୍ତନ ନେତ୍ରୀ ଆଙ୍ଗ୍ ସାନ୍ ସୁ କିଙ୍କୁ ସମ୍ପୂର୍ଣ୍ଣ ଏବଂ ବିନା ସର୍ତ୍ତରେ ମୁକ୍ତ କରିବା ପାଇଁ 'ଏସିଆନ୍' ଦ୍ୱାରା କରାଯାଇଥିବା ଦାବିକୁ ମ୍ୟାଁମାରର ସାମରିକ ପୃଷ୍ଠପୋଷକତା ପ୍ରାପ୍ତ ସରକାର ପ୍ରତ୍ୟାଖ୍ୟାନ କରିଛନ୍ତି । ମ୍ୟାଁମାର ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ବିବୃତିରେ କୁହାଯାଇଛି ଯେ, ସୁ କିଙ୍କ ଦଣ୍ଡକୋହଳ ମାନବିକତା ଭିତ୍ତିରେ କରାଯାଇଥିଲେ ହେଁ ତାଙ୍କର ସମ୍ପୂର୍ଣ୍ଣ ମୁକ୍ତି କେବଳ ଆଇନ ଅନୁସାରେ ସମ୍ଭବ ହେବ । ଏଥିସହିତ ୨୦୨୭ ମସିହାରୁ ଏସିଆନ୍‌ର ସ୍ୱତନ୍ତ୍ର ଦୂତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବାର କୌଣସି ଆବଶ୍ୟକତା ନାହିଁ ବୋଲି ମ୍ୟାଁମାର ସିଧାସଳଖ ସୂଚାଇ ଦେଇଛି । ନିକଟରେ ଆନ୍ତର୍ଜାତୀୟ ରେଡକ୍ରସ୍‌ର ପ୍ରତିନିଧି ୮୧ ବର୍ଷୀୟା ସୁ କିଙ୍କୁ ଭେଟିବା ପରେ ଏସିଆନ୍‌ର ବର୍ତ୍ତମାନର ଅଧ୍ୟକ୍ଷ ଫିଲିପାଇନ୍ସ ସମସ୍ତ ରାଜନୈତିକ ବନ୍ଦୀଙ୍କୁ ମୁକ୍ତ କରିବାକୁ ନିବେଦନ କରିଥିଲା । ମାତ୍ର ରାଷ୍ଟ୍ରପତି ମିନ୍ ଅଙ୍ଗ୍ ହଲାଇଙ୍ଗଙ୍କ ସରକାର ଏହାକୁ ଅଗ୍ରାହ୍ୟ କରିବା ସହ ଏସିଆନ୍‌ର ଶାନ୍ତି ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ମ୍ୟାଁମାର ସରକାରଙ୍କ ଏହି ଆଭିମୁଖ୍ୟ ଯୋଗୁଁ ଏସିଆନ୍ ସହ ତାହାର ସମ୍ପର୍କ ଆହୁରି ତିକ୍ତ ହେବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପୁନରୁଦ୍ଧାର ନେଇ ଚାଲିଥିବା ଅନ୍ତର୍ଜାତୀୟ ଉଦ୍ୟମ ଗୁରୁତର ବାଧାପ୍ରାପ୍ତ ହୋଇଛି ।

# ଲେଜର୍ ଯୋଗୁଁ ଉଡ଼ାଇ ପାରିଲେନି ବିମାନ



କୋଲକାତା, ୯।୮ (ଏଜେନ୍ସି) : କୋଲକାତାସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିବା ସମୟରେ ଏକ ମାଲେସିଆ ଏୟାରଲାଇନ୍ସ ବିମାନର ଚାଳକଙ୍କ ଆଖିରେ ଲେଜର ରଶ୍ମି ପଡ଼ିବାରୁ ସେ ବିଭ୍ରାନ୍ତ ହୋଇଥିଲେ । କୁଆଲାଲମ୍ପୁରରୁ ୧୫୯ ଜଣ ଯାତ୍ରୀଙ୍କୁ ନେଇ ଆସୁଥିବା 'ଏମଏଚ-୧୮୪' ବିମାନଟି ଅବତରଣର କିଛି ସମୟ ପୂର୍ବରୁ ମଧ୍ୟମଗ୍ରାମ-ବାରାସାତ ଅଞ୍ଚଳରୁ ନିର୍ଗତ ହୋଇଥିବା ଏକ ତୀବ୍ର ଲେଜର ରଶ୍ମିର ସମ୍ମୁଖୀନ ହୋଇଥିଲା । ଏହାଦ୍ୱାରା ଚାଳକଙ୍କ ଦୃଷ୍ଟିଶକ୍ତି କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା । ଫଳରେ ବିମାନଟି ନିର୍ଦ୍ଧାରିତ ସମୟରେ ଅବତରଣ ନ କରି ଆକାଶରେ ଚକ୍କର କାଟିବା ପରେ ଶେଷରେ ସୁରକ୍ଷିତ ଭାବେ ଅବତରଣ କରିଥିଲା । ଏହି ଘଟଣାରେ ସମସ୍ତ ଯାତ୍ରୀ ଓ ବିମାନ କର୍ମଚାରୀ ସୁରକ୍ଷିତ ଅଛନ୍ତି । ବିମାନବନ୍ଦର କର୍ତ୍ତୃପକ୍ଷ ଏ ନେଇ ଆରକ୍ଷୀ ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ବିମାନବନ୍ଦର ନିକଟରେ ଲେଜର ରଶ୍ମିର ବ୍ୟବହାର ନିଷେଧ ଥିବା ସତ୍ତ୍ୱେ ଏଭଳି ବେଆଇନ କାର୍ଯ୍ୟ ବିମାନ ଚଳାଚଳ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି । ବିମାନ ଅବତରଣ ଓ ଉଡ଼ାଣ ସମୟରେ ଲେଜର ଆଲୋକ ଚାଳକଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ହୋଇଥିବାରୁ ଆରକ୍ଷୀ ବାହିନୀ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି ।

# ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେଲେ ଭାନ୍ସ



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ରାତିରେ ଆମେରିକାର ଉପରାଷ୍ଟ୍ରପତି ଜେଡି ଭ୍ୟାନ୍ସଙ୍କ ସହ ଟେଲିଫୋନ୍ ଯୋଗେ କଥାବାର୍ତ୍ତା ହୋଇ ଭାରତ-ଆମେରିକା କୂଟନୈତିକ ସମ୍ପର୍କର ଅଗ୍ରଗତି ନେଇ ଆଲୋଚନା କରିଛନ୍ତି । ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆମେରିକା ଉପରାଷ୍ଟ୍ରପତି ଭ୍ୟାନ୍ସ ତାଙ୍କୁ ଫୋନ୍ କରିଥିଲେ ଏବଂ ଉଭୟ ଦେଶ ମଧ୍ୟରେ 'ବ୍ୟାପକ ବୈଶ୍ୱିକ ରଣନୈତିକ ସହଭାଗିତା'କୁ ଆହୁରି ମଜବୁତ କରିବା ନେଇ ଆଲୋଚନା ହୋଇଥିଲା । ଏହି ସାକ୍ଷାତକାର ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ, ଭ୍ୟାନ୍ସଙ୍କୁ ଚତୁର୍ଥ ସନ୍ତାନ (ପୁତ୍ର)ର ପିତା ହୋଇଥିବାରୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, ଭ୍ୟାନ୍ସ ମାର୍ଚ୍ଚ ୨୦୨୫ରେ ନିଜ ପତ୍ନୀ ଉଷା ଭ୍ୟାନ୍ସ ଓ ପରିବାର ସହ ଭାରତ ଗସ୍ତ କରିଥିଲେ । ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୭ ପ୍ରାରମ୍ଭରେ ଭାରତ ଗସ୍ତ କରିବାର ସମ୍ଭାବନା ରହିଛି । ଅନ୍ୟପକ୍ଷରେ, ରୁଷଠାରୁ ତୈଳ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବା ପାଇଁ ଆମେରିକା ସେନେଟ୍‌ରେ ଏକ ବିଲ୍ ଗୃହୀତ ହୋଇଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି । ସାମ୍ପ୍ରତିକ ବାଣିଜ୍ୟିକ ଓ ସାମରିକ ପରିସ୍ଥିତି ମଧ୍ୟରେ ଭାରତ ଓ ଆମେରିକାର ଶୀର୍ଷ ନେତୃତ୍ୱଙ୍କ ମଧ୍ୟରେ ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଦ୍ୱିପାକ୍ଷିକ ସମ୍ପର୍କକୁ ଆଗକୁ ନେବାରେ ସହାୟକ ହେବ ।

# ଝାଡ଼ଖଣ୍ଡ ବିଧାନସଭା ଘେରିବେ ଆନ୍ଦୋଳନକାରୀ

ରାଞ୍ଚି, ୯।୮ (ଏଜେନ୍ସି): ଝାଡ଼ଖଣ୍ଡ ସରକାର ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିବାଦ ରବିବାର ଅଧିକ ଘନୀଭୂତ ହୋଇଛି । ଜେପିଏସ୍‌ସି ଏବଂ ଜେଏସ୍‌ଏସ୍‌ସି-ସିଜିଏଲ୍ ପରୀକ୍ଷାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ପରେ ସରକାର ୧୪ତମ ଜେପିଏସ୍‌ସି ପରୀକ୍ଷା ବାତିଲ କରିବାକୁ ନିଷ୍ପତ୍ତି ନେଇଥିଲେ । ମାତ୍ର ଆନ୍ଦୋଳନକାରୀ ଛାତ୍ରଛାତ୍ରୀ ସିବିଆଇ ତଦନ୍ତ ଦାବି ଜିଦରେ ଅଟଳ ରହିଛନ୍ତି । ସରକାରଙ୍କ ସହ ଅନେକ ପର୍ଯ୍ୟାୟ ଆଲୋଚନା ବିଫଳ ହେବା ପରେ ଆସନ୍ତା ଅଗଷ୍ଟ ୧୦ରେ ହଜାର ହଜାର ପରୀକ୍ଷାର୍ଥୀ ଝାଡ଼ଖଣ୍ଡ ବିଧାନସଭା ଅଭିମୁଖେ ବିଶାଳ ପଦଯାତ୍ରା କରିବାକୁ ଘୋଷଣା କରିଛନ୍ତି । ଝାଡ଼ଖଣ୍ଡ ମନ୍ତ୍ରୀ ସୁଦିବ୍ୟ କୁମାର ସୋନୁଙ୍କ ଅନୁଯାୟୀ, ସରକାର ତଦନ୍ତ ପାଇଁ ସିଆଇଡି ଏବଂ ଆର୍ଥିକ କାରବାରର ତଦନ୍ତ ପାଇଁ ଇଡିକୁ ନିୟୋଜିତ କରିବାକୁ ପ୍ରସ୍ତାବ ଦେଇଛନ୍ତି । ଏହା ବ୍ୟତୀତ ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଏକ ମନିଟରିଂ କମିଟି ଏବଂ ଫାଷ୍ଟଟ୍ରାକ୍ କୋର୍ଟ ଗଠନ କରି ୯୦ ଦିନ ମଧ୍ୟରେ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ସିଜିଏଲ୍ ପରୀକ୍ଷା ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ହୋଇଥିବାରୁ ସରକାର ଏହାକୁ ଏକପାଖିଆ ଭାବେ ବାତିଲ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ, ଜେପିଏସ୍‌ସିର ତିନିଜଣ ସଦସ୍ୟ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି ।

# ହିମାଚଳରେ ପାହାଡ଼ୀ ରାସ୍ତାରୁ ବସ୍ ଖସି ୭ ମୃତ, ୧୧ ଆହତ

ଚମ୍ବା, ୯ ।୮ (ଏଜେନ୍ସି): ହିମାଚଳ ପ୍ରଦେଶର ଚମ୍ବା ଜିଲ୍ଲାରେ ଏକ ଘରୋଇ ବସ୍ ନିୟନ୍ତ୍ରଣ ହରାଇ ପାହାଡ଼ି ରାସ୍ତାରୁ ତଳକୁ ଓଲଟି ପଡ଼ିବାରୁ ୭ ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି ଏବଂ ୧୧ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ, ଶନିବାର ସକାଳ ପ୍ରାୟ ୭.୧୫ ମିନିଟ୍‌ରେ ବୈରାଗଡ଼-ତିସା ରାସ୍ତାର ଚାଲୁଞ୍ଚି ମୋଡ଼ ନିକଟରେ ଏହି ଦୁର୍ଘଟଣା ଘଟିଥିଲା । ବୈରାଗଡ଼ରୁ ଚମ୍ବା ଅଭିମୁଖେ ଯାଉଥିବା ଏହି ବସ୍‌ରେ ଚାଳକଙ୍କ ସମେତ ମୋଟ ୧୮ ଜଣ ଯାତ୍ରୀ ଥିଲେ । ଯାନ୍ତ୍ରିକ ତ୍ରୁଟି (ଆକ୍ସେଲ୍ ଭାଙ୍ଗିଯିବା) ଯୋଗୁଁ ବସ୍‌ଟି ନିୟନ୍ତ୍ରଣ ହରାଇ ପାହାଡ଼ ଗଡ଼ାଣିରେ କେତେକ ଥର ଓଲଟି ତଳ ରାସ୍ତାରେ ଖସିପଡ଼ିଥିଲା । ମୃତକଙ୍କ ମଧ୍ୟରେ ବସ୍ ଚାଳକ ରୂପ ସିଂହ, ଜଗଦେବ ଶର୍ମା, ଦେଶ ରାଜ, ତେଜ ସିଂହ, ଜଗଦେୟୀ, ହରଦେଇ ଓ ନୀଲମ ଅନ୍ତର୍ଭୁକ୍ତ । ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଚମ୍ବା ସରକାରୀ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂହ ସୁଖୁ ଏହି ଦୁର୍ଘଟଣାରେ ଗଭୀର ଶୋକପ୍ରକାଶ କରିବା ସହ ଆହତମାନଙ୍କର ସମୁଚିତ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଦୁର୍ଘଟଣାର ସଠିକ୍ କାରଣ ଜାଣିବା ପାଇଁ ପୋଲିସ ମାମଲାର ଅଧିକ ତଦନ୍ତ ଜାରି ରଖିଛି ।



## ପାଣିପାଗ ବିଭାଗର ପୂର୍ବାନୁମାନ

# ଭାରତର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ସମ୍ଭାବନା



ନୂଆଦିଲ୍ଲୀ, ୯ ।୮ (ଏଜେନ୍ସି): ଆସନ୍ତା ଦିନଗୁଡ଼ିକରେ ମଧ୍ୟ ଭାରତର ବିଭିନ୍ନ ଅଞ୍ଚଳରେ ମୌସୁମୀ ବାୟୁ ଅଧିକ ସକ୍ରିୟ ହେବାକୁ ଯାଉଛି । ଅଗଷ୍ଟ ମଧ୍ୟଭାଗ ପର୍ଯ୍ୟନ୍ତ ଦେଶର କେନ୍ଦ୍ରୀୟ ଭାଗରେ ବ୍ୟାପକ ମାତ୍ରାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ମଡେଲଗୁଡ଼ିକରୁ ପୂର୍ବାନୁମାନ କରାଯାଇଛି । 'ୟୁରୋପିଆନ୍ ସେଣ୍ଟର ଫର୍ ମିଡିୟମ୍-ରେଞ୍ଜ୍ ୱେଦର ଫୋରକାଷ୍ଟ' (ଇସିଏମଆରଡବ୍ଲ୍ୟୁଏଫ୍) ର ତଥ୍ୟ ଅନୁଯାୟୀ, ଅଗଷ୍ଟ ୮ ରୁ ୧୫ ତାରିଖ ମଧ୍ୟରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ରର କିଛି ଅଞ୍ଚଳ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନଗୁଡ଼ିକରେ ଭାରୀ ବର୍ଷା ହୋଇପାରେ । କେତେକ ସ୍ଥାନରେ ୧୦୦ ରୁ ୨୦୦ ମିଲିମିଟର ପର୍ଯ୍ୟନ୍ତ ବର୍ଷା ରେକର୍ଡ କରାଯାଇପାରେ । ଏହା ସହିତ ଉତ୍ତର-ପୂର୍ବ ଭାରତ, ପୂର୍ବ ରାଜସ୍ଥାନ, ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ପ୍ରଶାନ୍ତ ମହାସାଗରରେ 'ଏଲ୍ ନିନୋ' ସ୍ଥିତି ସକ୍ରିୟ ହେଉଥିବାରୁ ଏଥର ମୌସୁମୀ ଋତୁରେ ସାଧାରଣଠାରୁ କମ୍ (ଦୀର୍ଘକାଳୀନ ହାରାହାରିର ପ୍ରାୟ ୯୦ ପ୍ରତିଶତ) ବର୍ଷା ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଆକଳନ କରିଛି । ତେବେ ସାଧାରଣଠାରୁ କମ୍ ବର୍ଷା ହେବାର ଅର୍ଥ ନୁହେଁ ଯେ ସବୁ ସପ୍ତାହ ଶୁଖିଲା ରହିବ । ଅଳ୍ପ ସମୟ ପାଇଁ ସୃଷ୍ଟି ହେଉଥିବା ଲଘୁଚାପ ଏବଂ ମୌସୁମୀ ନିମ୍ନଚାପ ରେଖା ଯୋଗୁଁ କିଛି ସ୍ଥାନରେ ସ୍ୱଳ୍ପ ସମୟ ମଧ୍ୟରେ ଅତ୍ୟାଧିକ ବର୍ଷା ହୋଇପାରେ । ସ୍ୱଳ୍ପ ସମୟ ମଧ୍ୟରେ ପ୍ରବଳ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଜଳବନ୍ଦୀ, ବନ୍ୟା ଏବଂ ଗମନାଗମନରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ବାୟୁମଣ୍ଡଳରେ ଆର୍ଦ୍ରତା ବୃଦ୍ଧି ପାଉଥିବାରୁ ଏପରି ବର୍ଷାର ପ୍ରକୋପ ଅଧିକ ଅନୁଭୂତ ହୋଇପାରେ । ପାଣିପାଗ ବିଭାଗ ସ୍ଥିତି ଉପରେ ନଜର ରଖିଛି ଏବଂ ଆଗାମୀ ସପ୍ତାହରେ କେନ୍ଦ୍ରୀୟ ଭାରତରେ ମୌସୁମୀ ବେଶ୍ ସକ୍ରିୟ ରହିବ ।

# ଆଦିବାସୀ ଭାଇଭଉଣୀଙ୍କୁ ଉଡ଼ିବାର ସୁଯୋଗ ଦେଇଥିଲା ବିଜେଡି: ସୁଜାତା

## ଆଦିବାସୀ କଲ୍ୟାଣ କ୍ଷେତ୍ରରେ ଦେଶରେ ମଡେ଼ଲ ପାଲଟିଥିଲା ବିଜେଡି ସରକାର

ଭୁବନେଶ୍ୱର, ୯।୮ (ସମିସ): ଆମ ଆଦିବାସୀ ଭାଇ ଓ ଭଉଣୀମାନଙ୍କ ପାଇଁ ବିଜେଡି ସରକାର ସେମାନଙ୍କ ଆଧାର, ଐତିହ୍ୟ ଓ ପରମ୍ପରାକୁ ମଜବୁତ କରିଥିଲା। ଏଥିସହିତ ସେମାନଙ୍କୁ ଡେଣା ମେଲି ଉଡ଼ିବାର ସୁଯୋଗ ମଧ୍ୟ ଦେଇଥିଲା। ଯାହାଫଳରେ ସେମାନେ ବିଶ୍ୱରେ ନିଜକୁ ପ୍ରମାଣିତ କରିପାରିବେ ଏବଂ ନିଜର ସ୍ୱରକୁ ବିଶ୍ୱସ୍ତରରେ ପହଞ୍ଚାଇପାରିବେ ବୋଲି କହିଛନ୍ତି ବିଜେଡି ନେତ୍ରୀ ସୁଜାତା ରାଉତ।

### ଜେନ୍-ଜି ଦେଶର ଭବିଷ୍ୟତ, ବିଜେଡି ସେମାନଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି



ରବିବାର ଶଙ୍ଖ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଗଣମାଧ୍ୟମ ପ୍ରଶ୍ନରେ ସୁଜାତା କହିଛନ୍ତି ଯେ ଆମେ ଆଦିବାସୀ ସମାଜର ସଂସ୍କୃତି, ପରମ୍ପରା, ପାରମ୍ପରିକ ଜ୍ଞାନ, ଲୋକଗୀତ, ଇତିହାସ, ଆମ ଆଦିବାସୀ ସମୁଦାୟର ବୀରତ୍ୱ ଏବଂ ସେମାନଙ୍କର ଗୌରବମୟ ଇତିହାସ ଓ ସଂସ୍କୃତି ବିଷୟରେ ଆଲୋଚନା କରିଛୁ। ଆଦିବାସୀ ସମ୍ପ୍ରଦାୟର ଅଧିକାର ଓ ସଶକ୍ତିକରଣ ବିଷୟରେ ମଧ୍ୟ ଆଲୋଚନା କରିଛୁ। ବିଜୁ ଜନତା ଦଳ ସବୁବେଳେ ସେବାଭିତ୍ତିକ ରାଜନୀତି ଏବଂ ସଶକ୍ତିକରଣ ଭିତ୍ତିକ ଶାସନରେ ବିଶ୍ୱାସ କରେ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାରେ ୨୪ ବର୍ଷର ଶାସନ କାଳରେ ବିଜେଡି ସରକାର ଆଦିବାସୀ ଭାଇ ଭଉଣୀଙ୍କ ପାଇଁ ଅନେକ ଏଭଳି ପଦକ୍ଷେପ ନେଇଥିଲା, ଯାହା ସମଗ୍ର ଦେଶ ପାଇଁ ଏକ ମଡେଲ୍ ହୋଇଛି ଏବଂ ପରବର୍ତ୍ତୀ ସମୟରେ ଅନେକ ରାଜ୍ୟ ମଧ୍ୟ ଏହାକୁ ଅନୁସରଣ କରିଛନ୍ତି। ଆଦିବାସୀ ଇତିହାସ ଓ ସଂସ୍କୃତିର ସଂରକ୍ଷଣ ଏବଂ ପ୍ରୋତ୍ସାହନ ସହ ସମୋନଙ୍କର ନୃତ୍ୟ ଓ କଳାର ପ୍ରଚାର ପ୍ରସାର ପାଇଁ ପାଇଁ ୨୩ଟି ଜିଲ୍ଲାରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରିବା ଏକ ଅନନ୍ୟ ପଦକ୍ଷେପ ଥିଲା। ମିଶନ ଶକ୍ତି ଦ୍ୱାରା ଜନଜାତି ଭଉଣୀମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ମିଳିପାରିଥିଲା। ଆଦିବାସୀ ଭାଇଭଉଣୀମାନଙ୍କ ପୂଜାସ୍ଥଳୀର ସଂରକ୍ଷଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ରୋଜଗାର ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ରୋଜଗାର ଭିତ୍ତିକ କାର୍ଯ୍ୟକ୍ରମମାନ ହାତକୁ ନିଆଯାଇଥିଲା। ସେହିପରି ୧୬୯ ଜନଜାତି ବର୍ଗକୁ ଏସ୍‌ଟି ତାଲିକାରେ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ତତ୍କାଳୀନ ବିଜେଡି ସରକାର ଦାବି ରଖିଥିଲେ ବୋଲି ସୁଜାତା କହିଛନ୍ତି। ସେହିପରି ଜେନ ଜି ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତରରେ ସେ କହିଛନ୍ତି ଯେ ଜେନ୍ ଜି ହେଉଛନ୍ତି ଆମ ଦେଶ ଓ ଆମ ରାଜ୍ୟର ଭବିଷ୍ୟତ। ଆମେ ସେମାନଙ୍କ ପାଇଁ ବହୁତ ଗର୍ବିତ। ସେମାନେ ହିଁ ଆମ ଦେଶ ଓ ରାଜ୍ୟକୁ ଆଗକୁ ନେଇ ଯିବେ। ବିଜୁ ଜନତା ଦଳ ଜେନ୍ ଜିଙ୍କ ପଛରେ ଦୃଢ଼ ଭାବରେ ଠିଆ ହୋଇଛି ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

---

**ଆଇଆଇଆରଏଫ ରାଙ୍କିଂ -୨୦୨୬**

# ଏମ୍ସକୁ ପଛରେ ପକାଇଲା ଏସ୍‌ସିବି

**୧୦୦ ମଧ୍ୟରେ ଓଡ଼ିଶାର ୩ ମେଡିକାଲ କଲେଜ**

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟର ଚିକିତ୍ସା ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାକୁ ଉଲ୍ଲେଖନୀୟ ସଫଳତା ମିଳିଛି। ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁସିନାଲ ରାଙ୍କିଂ ଫ୍ରେମୱାର୍କ (ଆଇଆଇଆରଏଫ)-୨୦୨୬ରେ ରାଜ୍ୟର ତିନି ପ୍ରମୁଖ ସରକାରୀ ମେଡିକାଲ କଲେଜ ପ୍ରମୁଖ ସ୍ଥାନ ହାସଲ କରିଛନ୍ତି। କଟକସ୍ଥିତ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ୧୫ତମ ସ୍ଥାନ, ବୁର୍ଲାସ୍ଥିତ ଭିମସାର ୬୪ତମ ସ୍ଥାନ ଏବଂ ବ୍ରହ୍ମପୁରସ୍ଥିତ ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲ ୭୪ତମ ସ୍ଥାନରେ ରହିଛି। ପ୍ରଥମ ଥର ପାଇଁ ଏସ୍‌ସିବି ମେଡିକାଲ କଲେଜ ଏମ୍ସ ଭୁବନେଶ୍ୱରକୁ ପଛରେ ପକାଇଛି। ଏସସିବି ୧୫ତମ ସ୍ଥାନରେ ଥିବ ବେଳେ ୧୬ତମ ସ୍ଥାନରେ ଏମ୍ସ ଭୁବନେଶ୍ୱର ଅଛି।

---

**ବଢୁଛି ସଡ଼କ ଦୁର୍ଘଟଣା; ରାଜପଥରୁ ହଟିବେ ବୁଲାଗୋରୁ**

# ପ୍ରତି ୧୫୦ କିମିରେ ଗୋଟିଏ ଗୋଶାଳା

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟ ସରକାର ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ବୁଲାଗୋରୁଙ୍କ ଯୋଗୁଁ ଘଟୁଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତି ୧୦୦ ରୁ ୧୫୦ କିଲୋମିଟର ବ୍ୟବଧାନରେ ଏହି ଗୋଶାଳାଗୁଡ଼ିକ ପ୍ରତିଷ୍ଠା କରାଯିବ। ରାସ୍ତା ଉପରେ ବୁଲୁଥିବା ଗୋରୁମାନଙ୍କୁ ଉଦ୍ଧାର କରାଯାଇ ଏହି ଗୋଶାଳାଗୁଡ଼ିକରେ ରଖାଯିବ ବୋଲି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଗୋକୁଳା ନନ୍ଦ ମଲ୍ଲିକ ସୂଚନା ଦେଇଛନ୍ତି। ତେବେ ଗୋଶାଳା ପ୍ରତିଷ୍ଠାର ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ କରିବେ। ସଡ଼କ ଦୁର୍ଘଟଣାକୁ ରୋକିବାକୁ ରାଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହୋଇଛି। ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହି ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ବୈଠକରେ ପରିବହନ ବିଭାଗ, ଏନ୍‌ଏଚ୍‌ଏଆଇ ଏବଂ ପ୍ରାଣୀ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜୀବନହାନି ରୋକିବା ଏବଂ ଗୋରୁମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପ୍ରମୁଖ ରାଜପଥଗୁଡ଼ିକରେ ପ୍ରତିଷ୍ଠା ହେବାକୁ ଥିବା ଗୋଶାଳା ଗୁଡ଼ିକର ପରିଚାଳନା ଦାୟିତ୍ୱ ବିଭିନ୍ନ ସାମାଜିକ ସଂଗଠନକୁ ପ୍ରଦାନ କରାଯାଇପାରେ। ଯେତେବେଳେ କି ସମସ୍ତ ଖର୍ଚ୍ଚ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ବହନ କରିବ। ରାଜପଥରୁ ଗୋରୁ ହଟାଇବାରେ ସ୍ଥାନୀୟ ପୁଲିସ ଅଧିକାରୀ, ବିଶେଷକରି ଏସପି ଏବଂ ଆଇଆଇସି ମାନେ ସହଯୋଗ କରିବେ। ଏହି ପଦକ୍ଷେପ କେବଳ ସଡ଼କ ଦୁର୍ଘଟଣା କମାଇବ ନାହିଁ, ବରଂ ଗୋରୁ ଚାଲାଣ ରୋକିବାରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି। ଖୁବ୍ ଶୀଘ୍ର ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର ବା ଏସଓପି ପ୍ରସ୍ତୁତ କରୁଛନ୍ତି ବୋଲି ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସ୍ପଷ୍ଟ କରିଛନ୍ତି।

---

**ସୀମାନ୍ତ ରାଜ୍ୟରେ ବାଟବଣା ଓଡ଼ିଆ ଅସ୍ମିତା**

# ଓଡ଼ିଆ ଶିକ୍ଷା ପାଇଁ ୨ ବର୍ଷ ହେଲା ଅନୁଦାନ ଦେଇନାହାନ୍ତି ସରକାର

ଭୁବନେଶ୍ୱର, ୯।୮ (ସମିସ): ସୀମାନ୍ତ ରାଜ୍ୟରେ ଓଡ଼ିଆ ଭାଷା ଶିକ୍ଷା ଉପେକ୍ଷିତ ହେଉଛି। ଦୁଇ ବର୍ଷ ହେବ ରାଜ୍ୟ ସରକାର ଆର୍ଥିକ ସହାୟତା ବନ୍ଦ କରିଦେଇଥିବାରୁ ପଡ଼ୋଶୀ ରାଜ୍ୟରେ ଓଡ଼ିଆ ଅସ୍ମିତା ପରିଚୟ ଖୋଜୁଛି। ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ଶାସକ ଓ ବିରୋଧୀ ଦଳ ମୁହାଁମୁହିଁ ହୋଇଛନ୍ତି।

**ପିଲାଙ୍କୁ ମିଳୁନି ପାଠ୍ୟପୁସ୍ତକ; ଶିକ୍ଷକଙ୍କୁ ମିଳୁନି ଦରମା**

**ବିଧାନସଭା କମିଟିର ଉଦ୍‌ବେଗ ପରେ ବିଜେପିକୁ ଘେରିଲେ ବିରୋଧୀ**

ସୀମାନ୍ତ ରାଜ୍ୟ ପଶ୍ଚିମବଙ୍ଗ, ଛତିଶଗଡ, ଝାଡଖଣ୍ଡ, ଆନ୍ଧ୍ରପ୍ରଦେଶରେ ରହୁଥିବା ଓଡ଼ିଆ ପିଲାଙ୍କୁ ଓଡ଼ିଆ ପଢ଼ାଇବା ପାଇଁ ରାଜ୍ୟ ସରକାର ଯୋଜନା କରିଥିଲେ। ସେଠାରେ ଥିବା ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରିବା ସହ ପୁସ୍ତକ ଓ ଅନୁଦାନ ଯୋଗାଇ ଦେଉଥିଲେ। ମାତ୍ର ୨ ବର୍ଷ ହେଲା ରାଜ୍ୟ ସରକାର ଟଙ୍କାଟିଏ ଆର୍ଥିକ ସହାୟତା ଦେଇନାହାନ୍ତି। ସ୍କୁଲରେ ଶିକ୍ଷକମାନେ ଦରମା ପାଉ ନଥିବା ବେଳେ ଚଳିତବର୍ଷ ମାଗଣା ପାଠ୍ୟପୁସ୍ତକ ମଧ୍ୟ ମିଳିନାହିଁ। ଓଡ଼ିଆ ଶିକ୍ଷାର ଭିତ୍ତିଭୂମି ଦୋହଲି ସାରିଲାଣି। ବିଧାନସଭା କମିଟି ଏନେଇ ଉଦବେଗ ପ୍ରକାଶ କରିବା ପରେ ବିଜେପି ସରକାରଙ୍କୁ ବିଜେଡି ଘେରିଛି। ବିଧାୟକ ଗୌତମ ବୁଦ୍ଧ ଦାସ କହିଛନ୍ତି ଯେ ଉପାନ୍ତ ଅଞ୍ଚଳରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀମାନେ ସରକାରଙ୍କ ସହଯୋଗ ମିଳୁନଥିବାରୁ ଓଡ଼ିଆ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏହା ବିଜେପି ସରକାରଙ୍କ କେଉଁ ପ୍ରକାର ଅସ୍ମିତା ବୋଲି ମଧ୍ୟ ସେ ପ୍ରଶ୍ନ କରିଛନ୍ତି। ସେହିପରି କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି ଯେ ବିଜେପି ସରକାରର ଓଡ଼ିଆ ଅସ୍ମିତା କେବଳ ସ୍ଲୋଗାନରେ ସୀମିତ ରହିଛି। ପାଠ୍ୟପୁସ୍ତକରେ ମାଳମାଳ ତ୍ରୁଟି ଏହାର ଏକ ଉଦାହରଣ। ୨୦୨୨-୨୩ ଓ ୨୦୨୩-୨୪ ଶିକ୍ଷାବର୍ଷରେ ପୂର୍ବ ସରକାର ପ୍ରାୟ ୨ କୋଟି ୧୧ ଲକ୍ଷ ୮୧ ହଜାର ଟଙ୍କା ଅନୁଦାନ ଦେଇଥିଲେ। ମାତ୍ର ବିଜେପି ସରକାରକୁ ଆସିଲା ପରେ ଏହି ଯୋଜନା ବାଟବଣା ହୋଇଛି।

---

**ଓଏସ୍‌ଏସ୍‌ଏସ୍‌ସିର ଅଜବ ନିୟମ**

# ପରୀକ୍ଷା ଫି' ଫେରସ୍ତ ପାଉନାହାନ୍ତି ପରୀକ୍ଷାର୍ଥୀ

ଭୁବନେଶ୍ୱର, ୯।୮ (ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆର୍‌ଆଇ, ଅମିନ ଏବଂ ଫରେଷ୍ଟର, ଫରେଷ୍ଟ ଗାର୍ଡ ପରୀକ୍ଷାର ଫି' ଫେରସ୍ତ କରାଯାଉଛି। ଜୁଲାଇ ୨୮ ରୁ ୩୦ ମଧ୍ୟରେ ଅନେକଙ୍କ ଫି' ଫେରସ୍ତ ହୋଇ ସାରିଛି। ମାତ୍ର ଏହି ଫେରସ୍ତ ଟଙ୍କା ପରୀକ୍ଷାର୍ଥୀଙ୍କ ବ୍ୟାଙ୍କ୍ ଖାତାକୁ ଯାଉନାହିଁ। ଆବେଦନ ସମୟରେ ଯେଉଁ ମାଧ୍ୟମରେ ଫି' ପୈଠ କରିଥିଲେ ସେହି ମାଧ୍ୟରେ ଟଙ୍କା ଫେରସ୍ତ ହେଉଥିବାରୁ ଅନେକ ଟଙ୍କା ପାଇ ପାରୁନାହାନ୍ତି।

ରାଜ୍ୟର ପ୍ରାୟ ୮ ଲକ୍ଷ ପରୀକ୍ଷାର୍ଥୀ ଏହି ଦୁଇଟି ପରୀକ୍ଷା ପାଇଁ ଆବେଦନ କରିଥିଲେ। ବିଭିନ୍ନ ଅଞ୍ଚଳରେ ନେଟୱର୍କ ସମସ୍ୟା ପାଇଁ ସାଇବର କାଫେ ବା ଜନସେବା କେନ୍ଦ୍ରରେ ପିଲାମାନେ ଆବେଦନ କରିଥିଲେ। ଯେଉଁ ଅଞ୍ଚଳରେ ନେଟୱର୍କ ଅଛି, ସେଠାରେ ମଧ୍ୟ ଅନେକ ପରୀକ୍ଷାର୍ଥୀ ଜନସେବା କେନ୍ଦ୍ରରେ ଆବେଦନ କରୁଛନ୍ତି। ଜନସେବା କେନ୍ଦ୍ର ମଧ୍ୟ ସେମାନଙ୍କ ପାଇଁ ଅନ୍‌ଲାଇନ୍ ଫି' କାଟିବା ସହିତ ପରୀକ୍ଷାର୍ଥୀଙ୍କ ଠାରୁ ନଗଦ ନେଇଥାନ୍ତି। ଏପରି ସ୍ଥିତିରେ ପରୀକ୍ଷା ଫି' ପୈଠ କରିଥିବାର ମୂଳାଧାର ଅନୁଯାୟୀ ଫେରସ୍ତ ହେଉଥିବାରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଟଙ୍କା ଫେରି ପାଉ ନାହାନ୍ତି। ଆବେଦନ ସମୟରେ ଫି' ଫେରସ୍ତ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନଥିବାରୁ ପରୀକ୍ଷାର୍ଥୀମାନେ ଯେ କୌଣସି ମାଧ୍ୟମରୁ ଫି' ପୈଠ କରିଥିଲେ। ଫଳରେ

- ଫି' ପୈଠ ମାଧ୍ୟମ ଜରିଆରେ ଫେରୁଛି ଟଙ୍କା
- ଜନସେବା କେନ୍ଦ୍ର ହେଉଛନ୍ତି ମାଲେମାଲ୍

ପିଲାମାନେ ନିରାଶ ହେଉଥିବାବେଳେ ଜନସେବା କେନ୍ଦ୍ରଗୁଡ଼ିକ ମାଲେମାଲ୍ ହେଉଛନ୍ତି। ଅପରପକ୍ଷରେ ଫି' ଫେରସ୍ତ ପାଇ ନଥିବା ପରୀକ୍ଷାର୍ଥୀଙ୍କ ଠାରୁ ଓଏସ୍‌ଏସ୍‌ଏସ୍‌ସି ବ୍ୟାଙ୍କ ବିବରଣୀ ମାଗିଛି। ଯେଉଁମାନେ ଫି' ଫେରସ୍ତ ପାଇ ନାହାନ୍ତି ସେମାନେ ୱେବସାଇଟ୍‌ରେ ଲଗଇନ୍ କରି ବିବରଣୀ ପୈଠ କରିବେ। ମାତ୍ର ଅନ୍ୟମାନଙ୍କ ପାଇଁ ଏହା ଲାଗୁ ହୋଇ ନଥିବାରୁ ଅନେକ ପିଲା ସେମାନଙ୍କ ଫି' ଫେରସ୍ତ ପାଇବାରୁ ବଞ୍ଚିତ ହୋଇଛନ୍ତି।

---

**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ତେଜିଲା**

# ଯୁବ କଂଗ୍ରେସର ବିରାଟ ମଶାଲ ଶୋଭାଯାତ୍ରା



ଭୁବନେଶ୍ୱର, ୯।୮ (ସମିସ): ପ୍ରଶ୍ନପତ୍ର ପ୍ରଘଟ ଓ ସରକାରୀ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରତିବାଦରେ ବିରାଟ ମଶାଲ ଶୋଭାଯାତ୍ରା କରିଛି କଂଗ୍ରେସ। କଂଗ୍ରେସ ଭବନ ଠାରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଏକ ବିଶାଳ ମଶାଲ ଶୋଭାଯାତ୍ରାରେ ଯୁବ କଂଗ୍ରେସର ହଜାର ହଜାର କର୍ମକର୍ତ୍ତା ସାମିଲ ହୋଇ ସରକାରଙ୍କ ଉପରେ ବର୍ଷିଛନ୍ତି। ଏହି ଶୋଭାଯାତ୍ରାରେ ଯୋଗଦେଇ ଅଖିଳ ଭାରତ ଯୁବ କଂଗ୍ରେସର ରାଷ୍ଟ୍ରୀୟ ସଭାପତି ଉଦୟଭାନୁ ଚିବ୍ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଛାତ୍ର ସ୍ୱାର୍ଥ ବିରୋଧି ନୀତି ବିରୋଧରେ ବର୍ଷିଛନ୍ତି। ସେ କହିଛନ୍ତି, ପ୍ରଶ୍ନପତ୍ର ପ୍ରଘଟର ମୁଖ୍ୟ ଖଳନାୟକ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ତାଙ୍କୁ ବିଜେପି ଦଳ ପକ୍ଷରୁ ଯେଉଁ ସମ୍ବର୍ଦ୍ଧନା ଦିଆଯାଉଛି ତାହା ଦୁର୍ଭାଗ୍ୟପୂର୍ଣ୍ଣ। ଅପରାଧକୁ ବିଜେପି ତ୍ୟାଗ ବୋଲି ଦର୍ଶାଉଛି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦୀ ଛାତ୍ରଛାତ୍ରୀଙ୍କୁ କ୍ଷମା କରିଦେଲୁ ବୋଲି କହିବା ହାସ୍ୟାସ୍ପଦ। କାରଣ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କୁ ଅମାନବୀୟ ଅତ୍ୟାଚାର କରିବାକୁ ନିର୍ଦ୍ଦେଶ ଦେଇଥିବା ମୋଦୀଜୀ କ୍ଷମା ନ ମାଗି, କ୍ଷମା କରିଦେଲି ବୋଲି କହିବା କେତେଦୂର ଯଥାର୍ଥ ବୋଲି ଉଦୟଭାନୁ ଚିବ୍ ପ୍ରଶ୍ନ କରିଛନ୍ତି।

**ପ୍ରଶ୍ନପତ୍ର ପ୍ରଘଟ ଓ ପାଠ୍ୟପୁସ୍ତକ ତ୍ରୁଟିକୁ ନେଇ ପ୍ରତିବାଦ**

କାର୍ଯ୍ୟକ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗ ଦେଇ କହିଲେ ଯେ ଓଡ଼ିଶାରେ ଶିକ୍ଷା ବ୍ୟବସ୍ଥା ରସାତଳଗାମୀ ହୋଇପଡିଛି। ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ପାଠ୍ୟ ପୁସ୍ତକରେ ୨୦୦୦ ସାଙ୍ଘାତିକ ତ୍ରୁଟି ପାଇଁ ସରକାର ଦୋଷ ଦେଉନାହାନ୍ତି। ଓଡ଼ିଶାର ଲକ୍ଷଲକ୍ଷ ଅଭିଭାବକ ଓ ଛାତ୍ରଛାତ୍ରୀମାନଙ୍କର ବିଶ୍ୱାସରେ ସରକାର ବିଷ ଦେଇଛନ୍ତି। ପାଠ୍ୟ ପୁସ୍ତକରେ ଯାହା ସ୍ଥାନିତ ହୋଇଛି ତାକୁ ପଢ଼ିଲେ ଆମର ଭବିଷ୍ୟତ ପିଢ଼ୀ ମଣିଷ ହୋଇପାରିବ ତ ବୋଲି ସେ ପ୍ରଶ୍ନ କରିଛନ୍ତି। ବିଜେପି ସରକାର ଓଡ଼ିଶାର ସ୍ୱାଭିମାନ, ପରମ୍ପରା, ଐତିହ୍ୟ, ଅସ୍ମିତା, ଇତିହାସ ଓ ଭାଷାକୁ ସଂପୂର୍ଣ୍ଣ ଭାବରେ ପଦାଘାତ କରିଛନ୍ତି ବୋଲି ପାଠ୍ୟପୁସ୍ତକରେ ପରିଦୃଷ୍ଟ ତ୍ରୁଟିରୁ ସ୍ପଷ୍ଟ ହୋଇପଡିଛି। ସୁତରାଂ ଏ ସରକାର ଛାତ୍ରଛାତ୍ରୀ ବିରୋଧି ସରକାର ବୋଲି ସେ କହିଛନ୍ତି। ଓଡ଼ିଶା ପ୍ରଭାରୀ ଲାଲଜୀ ଭାଇ ଦେଶାଇ ଓଡ଼ିଶାରେ ମୋହନ ସରକାରରେ ଶିକ୍ଷା ବ୍ୟବସ୍ଥା ଅଗ୍ରହଣୀୟ ହୋଇପଡ଼ୁଛି କହି ସମାଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏଆଇସିସି ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ମାନସ ଚୌଧୁରୀ, ୟାଶୀର ନୱାଜ ପ୍ରମୁଖ ସାମିଲ ହୋଇଥିଲେ।

---

**ଛାତ୍ର କଂଗ୍ରେସର ଦୁଇଦିନିଆ ଅହୋରାତ୍ର ଧାରଣା ଶେଷ**

# ଶିକ୍ଷାମନ୍ତ୍ରୀଙ୍କ ବାସଭବନ ଘେରଉ ବେଳେ ପୁଲିସ ସହ ଧସ୍ତାଧସ୍ତି

ଭୁବନେଶ୍ୱର, ୯।୮ (ସମିସ): ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ବହିଷ୍କାର ଦାବିରେ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଦୁଇଦିନିଆ ଅହୋରାତ୍ର ଧାରଣା ଶେଷ ହୋଇଛି। ଏହି ଅବସରରେ ଲୋୟର ପିଏମଜି ସ୍ଥିତ ଧାରଣାସ୍ଥଳରୁ ଛାତ୍ର କଂଗ୍ରେସର ନେତୃବର୍ଗ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସରକାରୀ ବାସଭବନକୁ ଘେରାଉ କରିବାପାଇଁ ଏକ ରାଲି ଯୋଗେ ଯାଉଥିବା ବେଳେ ପୁଲିସ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନଙ୍କୁ ଘଟଣାସ୍ଥଳରୁ ଉଠାଇ ନେଇଥିଲା। ଦୁଇଦିନିଆ ଅହୋରାତ୍ର ଧାରଣାର ନେତୃତ୍ୱ ନେଇଥିବା ପ୍ରଦେଶ ଛାତ୍ର କଂଗ୍ରେସର ସଭାପତି ବିଭୁତି ଭୂଷଣ ମହାପାତ୍ର କହିଥିଲେ ଯେ ଏହାପରେ ଆମର ଆନ୍ଦୋଳନ କଲେଜ ସମ୍ମୁଖରେ ହେବ। ଓଡ଼ିଶାରେ ଛାତ୍ର ସଂସଦ ନିର୍ବାଚନକୁ ଅଗଣତାନ୍ତ୍ରିକ ଭାବେ ବନ୍ଦ କରିଦିଆଯାଇଛି। ନିର୍ବାଚନ କରିବାପାଇଁ ସରକାରଙ୍କ ପକ୍ଷରୁ କୁହାଯାଉଛି, କିନ୍ତୁ



ଏହା କାର୍ଯ୍ୟକାରୀ ହେଉନାହିଁ। ଓଡ଼ିଶାର ସରକାରୀ ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଥିବା ବେଳେ ଏହା ବରୋଧରେ ଛାତ୍ର ଆନ୍ଦୋଳନକୁ ଭୟ କରି ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରି ରଖାଯାଇଛି ବୋଲି ସେ କହିଛନ୍ତି। ଏଥିପାଇଁ ସେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସେହିଭଳି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଜଣେ ଅପାରଗ ମନ୍ତ୍ରୀ ବୋଲି ଓଡ଼ିଶାର ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଅନୁଭବ କରିଛନ୍ତି। ଓଡ଼ିଶାର ଗଣଶିକ୍ଷା ବ୍ୟବସ୍ଥାକୁ ସେ ଏଭଳି ପରିସ୍ଥିତିରେ ପହଞ୍ଚାଇ ଦେଇଛନ୍ତି ଯେ ଯାହାକି ଘରେ ଘରେ ଚର୍ଚ୍ଚା ହେଉଛି। ସ୍କୁଲ ପିଲାଙ୍କର ବହିକୁ ସେ ରଫ ଖାତାରେ ପରିଣତ କରିଦେଇଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ଦୁଇହଜାର ସାଂଘାତିକ ଭୁଲ ଗଣ୍ଡଙ୍କର ମୁର୍ଖାମୀର ପରିଚୟ ଦେଇଛି। ନିଜ ଦାୟିତ୍ୱକୁ ଠିକରେ ସମ୍ଭାଳିନପାରି ମଧ୍ୟ ମନ୍ତ୍ରୀ ପଦବୀରେ ଏବେବି ଗଣ୍ଡ ମଜବୁତ ହେଇ ବସିଛନ୍ତି। ବିଜେପି ଦଳ ଓ ବିଜେପି ସରକାର କିଭଳି ଭାବରେ ରାଜ୍ୟର ଭବିଷ୍ୟତଙ୍କୁ ସହ ଖେଳଖେଳିପାରେ ତାହାର ଉଦାହରଣ ପାଠ୍ୟପୁସ୍ତକରେ ସ୍ପଷ୍ଟ ହୋଇପଡ଼ିଛି। ସୁତରାଂ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ତଥା ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର କଂଗ୍ରେସ ଦୃଢ଼ ଦାବି କରିଛି।

---

**ଶିକ୍ଷକ ଓ କର୍ମଚାରୀଙ୍କୁ ପ୍ରତାରଣା କରୁଛନ୍ତି ସରକାର**

# ଆସନ୍ତା ୧୬ରେ ରାଜଧାନୀରେ ଗର୍ଜିବେ ଶିକ୍ଷକ-ଅଧ୍ୟାପକ




ଭୁବନେଶ୍ୱର, ୯।୮ (ସମିସ): ଶିକ୍ଷକ ଓ ଅଧ୍ୟାପକମାନେ ସେମାନଙ୍କ ଦାବି ନେଇ ଆନ୍ଦୋଳନ କରୁଛନ୍ତି। ଦାବି ପୂରଣ କରିବାକୁ ସରକାର ପ୍ରତିଶ୍ରୁତି ଦେବାପରେ ଆନ୍‌ଦୋଳନ ପ୍ରତ୍ୟାହାର କରୁଛନ୍ତି। ମାତ୍ର ସରକାର କୌଣସି ଦାବି ପୂରଣ କରୁ ନାହାଁନ୍ତି। ବରମ୍ବାର ପ୍ରତାରଣାର

**ମହାସମାବେଶ ସହ ଅହୋରାତ୍ର ଗଣଧାରଣା ପାଇଁ ସମନ୍ୱୟ ସମିତିର ଚେତାବନୀ**

ଶିକାର ହେଉଥିବା ଶିକ୍ଷକମାନେ ଆସନ୍ତା ୧୬ ତାରିଖ ଶିକ୍ଷକ ଦାବି ଦିବସରେ ବିଧାନସଭା ସମ୍ମୁଖରେ ବିରାଟ ଆନ୍‌ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ଆଜି ଓଡିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ଘୋଷଣା କରାଯାଇଛି।

ସମନ୍ୱୟ ସମିତିର ଆବାହକ ରଞ୍ଜନ କୁମାର ଦାଶ କହିଛନ୍ତି ଯେ, ଅନୁଦାନ ଯୋଗ୍ୟ ବିଦ୍ୟାଳୟକୁ ଅନୁଦାନ, ଅବସର ନେଇଥିବା ଓ ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ୍, ଖାଲି ପଡିଥିବା ପଦରେ ନିଯୁକ୍ତି ଓ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ କରିବାକୁ ସମିତି ବାରମ୍ବାର ଦାବି କରୁଛି। ସରକାର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବାରୁ ଗତ ୫ ତାରିଖରେ ରାଜ୍ୟର ସମସ୍ତ ବ୍ଲକରୁ ବିଡିଓଙ୍କ ଜରିଆରେ, ଅଗଷ୍ଟ ୭ ରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ୪ ଦଫା ଦାବିପତ୍ର ସରକାରଙ୍କୁ ଦିଆଯାଇଛି। ଆସନ୍ତା ୧୬ ତାରିଖ ମଧ୍ୟରେ ସେମାନଙ୍କ ଦାବି ପୂରଣ ନହେଲେ ମହାସମାବେଶ କରିବା ସହିତ ଦାବି ହାସଲ ପର୍ଯ୍ୟନ୍ତ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ସମିତି ପକ୍ଷରୁ ସେ ଚେତାବନୀ ଦେଇଛନ୍ତି।

ସେହିପରି ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ୬ଟି ନୋସନାଲ୍ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ, ଗ୍ରେଡପେ ଅସଙ୍ଗତି ଦୂରୀକରଣ, ଅବସର ବୟସସୀମା ୬୨ କୁ ବୃଦ୍ଧି, ପୁରୁଣା ପେନସନ୍ ଲାଗୁ କରିବା ଏବଂ ସମସ୍ତ ଅନୁଦାନଯୋଗ୍ୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ସମିତି ଦାବି ରଖିଛି। ଏହି ସାମ୍ବାଦିକ ସମ୍ମିଳନୀରେ ସମିତିର ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଡ. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଅଜୟ କୁମାର ପତି, ରଞ୍ଜନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମଧୁସୂଦନ ଦେଙ୍କ ସମେତ ବହୁ ଶିକ୍ଷକ ପ୍ରତିନିଧି ସାମିଲ ହୋଇଥିଲେ।

ସକାଳ
THE SAKALA



**ବର୍ଷକରେ ପେଭର୍ ରାସ୍ତାର ଦୁରବସ୍ଥା**

# ଉନ୍ନୟନ କାମରେ ମହାଘୋଟାଲାର ଚିତ୍ର

ଚମ୍ପୁଆ, ୯।୮ (ସମିସ)



ଉନ୍ନୟନ ନାଁରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ, ହେଲେ ବର୍ଷକ ନପୁରୁଣୁ ରାସ୍ତାର ଅବସ୍ଥା ବେହାଲ। ନିର୍ମାଣ ସମୟରେ ଜଳ ନିଷ୍କାସନ ବ୍ୟବସ୍ଥା ପ୍ରତି ଦୃଷ୍ଟି ଦିଆ ନଯିବାରୁ ଲଗାଣ ବର୍ଷାରେ ଧୋଇଗଲା ପେଭର୍ ରାସ୍ତା। ଏଭଳି ଅଭିଯୋଗକୁ ନେଇ ଚମ୍ପୁଆ ଏନ୍‌ଏସି ଅଧୀନ ୪ ନମ୍ବର ୱାର୍ଡରେ ଅସନ୍ତୋଷ ତୀବ୍ର ହୋଇଛି। ରାସ୍ତା ତଳ ଦେଇ ବର୍ଷାଜଳ ପ୍ରବାହିତ ହୋଇ ମାଟି ଧୋଇନେବାରୁ ପେଭର୍ ଉଠିଯାଇଛି। ରାସ୍ତା ମଝିରେ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିଛି। ଏବେ ୱାର୍ଡବାସୀ ବାଲି ବସ୍ତା ପକାଇ ଅସ୍ଥାୟୀ ଭାବେ ରାସ୍ତା ପାରି ହେଉଛନ୍ତି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ରାସ୍ତା ତିଆରି ପୂର୍ବରୁ ପାଣି କେଉଁ ବାଟେ ଯିବ, ତାହାର ହିସାବ ରଖିନଥିଲେ ଅଧିକାରୀ ଓ ଠିକାଦାର। ଫଳରେ ଅଳ୍ପ ବର୍ଷାରେ ହିଁ ରାସ୍ତାର ଦୁର୍ଦ୍ଦଶା ପଦାକୁ ଆସିଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାର ଏଭଳି ଅବସ୍ଥା ହେବା ପରେ କାମର ମାନ ଓ ଯୋଜନା ପ୍ରସ୍ତୁତିକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଏନେଇ ଏନ୍‌ଏସି ଯନ୍ତ୍ରୀ ଅଭିଳାଷ ମାଡୁଆଳ କହିଛନ୍ତି ଯେ ତୁରନ୍ତ ହ୍ୟୁମ୍‌ପାଇପ୍ ପକାଇ ରାସ୍ତାକୁ ଠିକ୍ କରାଯିବ। ପରବର୍ତ୍ତୀ ସମୟରେ ସ୍ଥାୟୀ ଭାବେ କଲଭର୍ଟ ନିର୍ମାଣ କରାଯିବ। ତେବେ ୱାର୍ଡବାସୀଙ୍କ ପ୍ରଶ୍ନ ଯେ ରାସ୍ତା ତିଆରି ବେଳେ କଲଭର୍ଟ କଥା ମନେ ପଡ଼ିଲା ନାହିଁ କାହିଁକି? ରାସ୍ତା ଭାଙ୍ଗିବା ପରେ ଏବେ ପୁଣି ସରକାରୀ ଅର୍ଥରେ ପାଇପ୍ ଓ କଲଭର୍ଟ କାମ କରାଯିବାକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ଉନ୍ନୟନ ନାଁରେ ଟଙ୍କା ଖର୍ଚ୍ଚ ହେଉଛି, କିନ୍ତୁ କାମର ଦୂରଦୃଷ୍ଟି କେଉଁଠି? ଏବେ ଏହି ପ୍ରଶ୍ନ ଚମ୍ପୁଆ ୪ ନମ୍ବର ୱାର୍ଡବାସୀଙ୍କ ମୁହଁରେ। ରାସ୍ତା ନିର୍ମାଣର ମାନ ଯାଞ୍ଚ କରିବା ସହ ତୁରନ୍ତ ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଦର୍ଶ ବିଦ୍ୟାଳୟ ପଛପଟେ ଜଙ୍ଗଲ; ଆଶଙ୍କାରେ ଛାତ୍ରଛାତ୍ରୀ

ଚମ୍ପୁଆ, ୯।୮ (ସମିସ): ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ନେଇ ଚମ୍ପୁଆ ଆଦର୍ଶ ବିଦ୍ୟାଳୟରେ ଚିନ୍ତା ବଢ଼ିଛି। ବିଦ୍ୟାଳୟର କ୍ଲାସ୍‌ରୁମ୍ ପଛପଟେ ଘଞ୍ଚ ଘାସ, ଜଙ୍ଗଲି ଗଛଲତା ଓ ବଡ଼ ବଡ଼ ଗଛ ମାଡ଼ି ରହିଥିବାରୁ ପରିବେଶ ଏବେ ଅସୁରକ୍ଷିତ ହୋଇପଡ଼ିଛି। ଏପରି ସ୍ଥିତିରେ ବିଷଧର ସାପ କିମ୍ବା ଅନ୍ୟ ସରୀସୃପ ଯେକୌଣସି ସମୟରେ ଝରକା ଦେଇ କ୍ଲାସ୍‌ରୁମ୍ ଭିତରକୁ ପଶିଯିବାର ଆଶଙ୍କା ଦେଖା ଦେଇଛି। କ୍ଲାସ୍‌ରୁମ୍‌ର ଝରକା ନିକଟରେ ଘଞ୍ଚ ଜଙ୍ଗଲି ଗଛଲତା ଓ ଘାସ ବଢ଼ି ରହିଛି। ବର୍ଷା ଋତୁରେ ଏହି ଅଞ୍ଚଳ ଆହୁରି ଘଞ୍ଚ ହୋଇଯାଇଥିବାରୁ ସାପ, ବିଛା ଭଳି ସରୀସୃପ ଲୁଚି ରହିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଏହି କ୍ଲାସ୍‌ରୁମ୍‌ରେ ପ୍ରତିଦିନ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଅସାବଧାନତାର ସାମାନ୍ୟ ତ୍ରୁଟି ମଧ୍ୟ ଏକ ବଡ଼ ଅଘଟଣର କାରଣ ହୋଇପାରେ। ଏଭଳି ପରିସ୍ଥିତି ପାଇଁ ଦାୟୀ କିଏ ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦାୟିତ୍ୱ କାହାର ? ଏନେଇ ଅଭିଭାବକ ମହଲରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ ମୁର୍ମୁ କହିଛନ୍ତି, ପୂର୍ବରୁ ଘାସ ଓ ଜଙ୍ଗଲ ସଫା କରାଯାଇଥିଲା। ଏବେ ପୁଣି ଥରେ ଘାସ ଓ ଗଛଲତା ବଢ଼ିଯାଇଛି। ଅନ୍ୟପକ୍ଷରେ, ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଏନ୍‌ଏସିକୁ ଚିଠି କରାଯାଇଥିବା ଜଣାପଡ଼ିଛି। ତେବେ ଚିଠି ପରେ କେବେ ସଫେଇ ହେବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା ସହ ଜଡ଼ିତ ଏଭଳି ଗୁରୁତର ସମସ୍ୟାକୁ ଆଉ ବିଳମ୍ବ ନକରି ତୁରନ୍ତ ସଫା କରିବା ସହ ବିଦ୍ୟାଳୟ ପରିସରକୁ ସୁରକ୍ଷିତ କରିବାକୁ ଦାବି ହେଉଛି।



## ସଶସ୍ତ୍ର ଡକାୟତି ଗ୍ୟାଙ୍ଗ୍‌ର ପର୍ଦ୍ଦାଫାସ୍; ୩ ଗିରଫ

ବଡ଼ବିଲ, ୯।୮ (ସମିସ): ବଡ଼ବିଲ ଥାନା ପୁଲିସ ଏକ ସଶସ୍ତ୍ର ଡକାୟତି ଘଟଣାର ପର୍ଦ୍ଦାଫାସ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ ଭୁଜାଲି ଓ ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ସକାଳ ପ୍ରାୟ ୯ଟା ସମୟରେ ଧାନବାଦ ଜିଲ୍ଲା ସୁଦାମଡିହ ଅଞ୍ଚଳର ପଙ୍କଜ କୁମାର ସିଂହ (୨୮) ଗାଡ଼ି ନମ୍ବର ଓଡି୧୬ଇ୦୯୬୯ ଯୋଗେ ଟାଟାରୁ କୋଇରା ଅଭିମୁଖେ ଯାଉଥିବା ବେଳେ ଭଦ୍ରାସାହି ରୋଇଡା ଛକ ନିକଟରେ ସେ ଗାଡ଼ି ଅଟକାଇଥିବା ସମୟରେ ୪ ଜଣ ବ୍ୟକ୍ତି ସେମାନଙ୍କ ମଧ୍ୟରୁ ଦୁଇଜଣ ମୁହଁରେ ମାସ୍କ ପିନ୍ଧି ତାଙ୍କ ପାଖକୁ ଆସିଥିଲେ। ଅଭିଯୋଗ ଅନୁସାରେ, ଖଣ୍ଡା ଓ ଭୁଜାଲି ଧରିଥିବା ଦୁଇ ଜଣ ଅଭିଯୁକ୍ତ ପଙ୍କଜଙ୍କୁ ନିକଟସ୍ଥ ଜଙ୍ଗଲ ଅଞ୍ଚଳକୁ ନେଇ ତାଙ୍କ ହାତ ଓ ଗୋଡ଼ ବାନ୍ଧି ଦେଇଥିଲେ। ପରେ ତାଙ୍କ ମୋବାଇଲ ଫୋନ୍ ଓ ନଗଦ ୫ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଘଟଣା ସମ୍ପର୍କରେ ପୁଲିସକୁ ଜଣାଇଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ୍ୟ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ବଡ଼ବିଲ ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ନରେଶ ପିଙ୍ଗୁଆ (୨୫), ସନ୍ଦୀପ ମହାରଣା (୧୯) ଓ ଅଜାଦ ଡାଙ୍ଗ (୧୯)। ସମସ୍ତେ ଯୋଡ଼ା ଥାନାଞ୍ଚଳର। ପୁଲିସ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଅନ୍ୟ ଚୋରି ସାମଗ୍ରୀ ଜବତ ହୋଇପାରିବ କି ନାହିଁ, ସେନେଇ ତଦନ୍ତ ଜାରି ରହିଛି। ପୁଲିସ ପକ୍ଷରୁ ଏନ୍‌ଏଚ୍-୫୨୦ ଓ ଅନ୍ୟ ନିର୍ଜନ ରାସ୍ତାରେ ବିଶେଷକରି ଭୋର ଓ ବିଳମ୍ବିତ ସମୟରେ ଯାତାୟାତ କରୁଥିବା ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସନ୍ଦେହଜନକ ବ୍ୟକ୍ତି କିମ୍ବା ଅସ୍ତ୍ରଶସ୍ତ୍ର ସହ କାହାରି ଗତିବିଧି ଦେଖିଲେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବାକୁ କୁହାଯାଇଛି।



## ଓଷ୍ଟା ସଦର ବ୍ଲକ୍‌ର ସାମ୍ବିଧାନିକ ସମ୍ମିଳନୀ



କେନ୍ଦୁଝର, ୯।୮ (ସମିସ): ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସଦର ବ୍ଲକର ସାମ୍ବିଧାନିକ ସମ୍ମିଳନୀ ଲକ୍ଷ୍ମୀପାଟ ଉଚ୍ଚ ବିଦ୍ୟାଳୟ, ତେରଣ୍ଟିଠାରେ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ଓଷ୍ଟାର ସଭାପତି ଲକ୍ଷ୍ମଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବିଧାନିକ ସମ୍ମିଳନୀରେ ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଓଷ୍ଟାର ଉପଦେଷ୍ଟା ରଘୁନାଥ ବେହେରା, କାର୍ଯ୍ୟକାରୀ ସଭାପତି ସୁଧାକର ପଣ୍ଡା, ଯୁଗ୍ମ ସମ୍ପାଦକ ଅଜ୍ଞାନ କୁମାର ଚାନ୍ଦ ତଥା ନିମନ୍ତ୍ରିତ ଅତିଥି ଭାବେ ଓଷ୍ଟାର ପ୍ରାକ୍ତନ ସମ୍ପାଦକ କାହ୍ନୁଚରଣ ସାମଲ, ଉପସଭାପତି ମନୋଜ କୁମାର ପଣ୍ଡା, ବ୍ଲକ ସମ୍ପାଦକ ବସନ୍ତ କୁମାର କର,ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରାୟ ଶତାଧିକ ଶିକ୍ଷକ,ଶିକ୍ଷୟିତ୍ରୀ ଯୋଗ ଦେଇ ଆଗାମୀ ତିନି ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନରେ ଭାଗ ନେଇଥିଲେ। ନୂତନ ସଭାପତି ଭାବେ ଲକ୍ଷ୍ମଣ ସାହୁ, ଉପସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ କୁସୁମିତା ମହାନ୍ତ,ସମ୍ପାଦକ ଭାବେ ପ୍ରଦୀପ ବାରିକ, ଯୁଗ୍ମ ସମ୍ପାଦକ ଭାବେ ବିଜୟ ବେହେରା, ପରମାନନ୍ଦ ମହାନ୍ତ, ଲକ୍ଷ୍ୟପ୍ରଭା ମହାନ୍ତ, ରାଜ୍ୟ ପରିଷଦ ସଭ୍ୟ ଭାବେ କେଦାରନାଥ ଗିରି, ଜୟପ୍ରକାଶ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଭାବେ ବିଜୟ ମହାନ୍ତ, ପୁରନ୍ଦର ମହାନ୍ତ ଏବଂ ଦୟାନିଧି ମହାନ୍ତ ମନୋନୀତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଲହଣ୍ଡାରେ ଗଞ୍ଜେଇ ଚାଲାଣ: ଦୁଇ ଗିରଫ; ଗଞ୍ଜେଇ ଜବତ



ଯୋଡ଼ା, ୯।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନାଞ୍ଚଳରେ ବେଆଇନ ଗଞ୍ଜେଇ କାରବାର ବିରୋଧରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଦ୍ୱୟ ହେଲେ ଯୋଡ଼ା ହନୁମାନ ହଟିଂର ଯୋଗେନ ପ୍ରଧାନ (୫୯) ଏବଂ ପଶ୍ଚିମବଙ୍ଗର ଦୁଲାଲଚନ୍ଦ୍ର ସରକାର (୫୫)। ସବ୍‌ଇନ୍ସପେକ୍ଟର ନିତେଶ ବେହେରାଙ୍କ ନେତୃତ୍ୱରେ ଯୋଡ଼ା ପୁଲିସ ଟିମ୍ ସହର ଅଞ୍ଚଳରେ ନିୟମିତ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ଲହଣ୍ଡା ଅଞ୍ଚଳରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ବସ୍ ପ୍ରତୀକ୍ଷାଳୟ ନିକଟରେ ଅଭିଯାନ ଚଳାଇ ଦୁଇ ଅଭିଯୁକ୍ତଙ୍କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ନିକଟରୁ ମୋଟ ୧୦ କେଜି ୧୮୦ ଗ୍ରାମ ଗଞ୍ଜେଇ ଠାବ ହୋଇଥିଲା। ଯାହାର ଅନୁମାନିକ ମୂଲ୍ୟ ଏକ ଲକ୍ଷ ଟଙ୍କା ହେବ। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଜବତ ପ୍ରକ୍ରିୟା ସମ୍ପନ୍ନ କରାଯାଇଥିଲା। ପୁଲିସ ଅନୁଯାୟୀ, ଯୋଗେନ ପ୍ରଧାନଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଓ ୧,୫୦୦ ଟଙ୍କା ନଗଦ ଏବଂ ଦୁଲାଲଚନ୍ଦ୍ର ସରକାରଙ୍କ ନିକଟରୁ ଗୋଟିଏ ମୋବାଇଲ ଫୋନ୍ ଓ ୫,୨୦୦ ଟଙ୍କା ନଗଦ ଜବତ କରାଯାଇଛି। ଏନେଇ ଯୋଡ଼ା ଥାନାରେ କେସ୍ ନମ୍ବର ୨୬୫/୨୦୨୬ ରୁଜୁ କରାଯାଇ ଶନିବାର ରାତି ପ୍ରାୟ ୧୦ଟା ୩୦ ମିନିଟ୍‌ରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ରବିବାର ସେମାନଙ୍କୁ ସମ୍ପୃକ୍ତ ଏନ୍‌ଡିପିଏସ୍ ଧାରାରେ କୋର୍ଟ ଚାଲାଣ କରାଯାଇଛି। ଗଞ୍ଜେଇର ଉତ୍ସ, ଚାଲାଣର ଉଦ୍ଦେଶ୍ୟ ଓ ଏହି କାରବାରରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ଦିଗରେ ପୁଲିସ ତଦନ୍ତ ଜାରି ରଖିଛି।

## ଘସିପୁରା ବ୍ଲକ୍ ଆବାସ ଜାଲିଆତି; ପୁନଃ ସର୍ବେକ୍ଷଣ ନିର୍ଦ୍ଦେଶ

ଆନନ୍ଦପୁର, ୯।୮ (ସମିସ): ଘସିପୁରା ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ବଣ୍ଟନ ବ୍ୟବସ୍ଥାରେ ବିଭ୍ରାନ୍ତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଯେଉଁଥିପାଇଁ ପୁରୁଷ ଏବଂ ମହିଳା ହିତାଧିକାରୀ ଘସିପୁରା ବ୍ଲକରେ ହକ୍ ମାଗୁଥିଲେ ଏବଂ ନ୍ୟାୟ ଦାବି କରୁଥିଲେ। ଏ ସମସ୍ତକୁ ଅନୁଧ୍ୟାନ କରି ଘସିପୁରା ନିର୍ବାଚନମଣ୍ଡଳୀର ବିଜେପି ନେତା ଡକ୍ଟର ଶମ୍ଭୁନାଥ ରାଉତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଲୋକଙ୍କୁ ବୁଝାସୁଝା କରି ବ୍ଲକ ପ୍ରଶାସନ ସହିତ ବିଭିନ୍ନ ଆଲୋଚନା ମଧ୍ୟ କରିଥିଲେ। ସେହି ଆଲୋଚନା ମାଧ୍ୟମରେ ଯେଉଁ ଯେଉଁ ପରିସମାପ୍ତିର ଆବଣ୍ଟନ ନୀତି ହୋଇଥିଲା, ତାହାକୁ ବନ୍ଦ କରିବା ପାଇଁ ସେ କେନ୍ଦୁଝର ଜିଲ୍ଲାପାଳ ଏବଂ କେନ୍ଦୁଝରର ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନ ସହ ବ୍ଲକ ପ୍ରଶାସନ ମିଳିତ ଭାବେ ଆବାସ ଯୋଜନାର ଗୃହ ବଣ୍ଟନକୁ ପୁନଃସର୍ଭେ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସମସ୍ତ ହିତାଧିକାରୀ ବ୍ଲକ ପରିସରରୁ ଫେରିଯାଇଥିଲେ। ପରମୁହୂର୍ତ୍ତରେ ଡକ୍ଟର ରାଉତ କେନ୍ଦୁଝର ଜିଲ୍ଲାପାଳଙ୍କ ଅଫିସକୁ ଯାଇ ସେଥିରେ ଜିଲ୍ଲାପାଳ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ସହିତ ପୂର୍ଣ୍ଣ ଭାବରେ ଆଲୋଚନା କରିଥିଲେ। ପ୍ରକାଶ ଥାଉ କି, ବିଶେଷ ଭାବରେ ତିନି ତାରିଖ ଦିନ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ଆନନ୍ଦପୁର ବନ୍ୟାଞ୍ଚଳ ପରିଦର୍ଶନ କାଳରେ ପ୍ରଶାସନ ସହ ଆଲୋଚନା କରି ଜିଲ୍ଲା ଓ ବ୍ଲକ ଅଧିକାରୀମାନଙ୍କୁ ସଜାଗ ରହିବା ପାଇଁ ଏବଂ ପୁନଃତଦାରଖ କରିବା ପାଇଁ ମଧ୍ୟ ଆଦେଶ ଦେଇଥିଲେ। ଘସିପୁରା ବ୍ଲକର ସମସ୍ତ ପଞ୍ଚାୟତକୁ ତିନିଜଣିଆ କମିଟି ଗସ୍ତ କରି ପୁନର୍ବାର ଯୋଗ୍ୟ ହିତାଧିକାରୀଙ୍କୁ ବାଛିବେ। ସମସ୍ତ ରିପୋର୍ଟ ବ୍ଲକରେ ଦାଖଲ ହେବା ପରେ ବ୍ଲକରେ ହୋଇଥିବା କମିଟି ତଦାରଖ ରିପୋର୍ଟକୁ ପୁନର୍ବାର ସମୀକ୍ଷା କରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ତାଲିକା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି।

## ସାପ କାମୁଡ଼ାରେ କଲେଜ ଛାତ୍ର ମୃତ

ଆନନ୍ଦପୁର, ୯।୮ (ସମିସ): ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ମହାବିଦ୍ୟାଳୟର +୨ ପ୍ରଥମ ବର୍ଷ ଛାତ୍ର ସିପୁନ ମଢେଇଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଯାଇଛି। ଆନନ୍ଦପୁର ବ୍ଲକ ସୀମାନ୍ତବର୍ତ୍ତୀ ଝଟିକିଟିଆ ଗ୍ରାମର ନିର୍ମଳ ମଢେଇଙ୍କ ପୁଅ ସିପୁନ ଘରେ ଶୋଇଥିବା ବେଳେ ବିଷାକ୍ତ ସାପ କାମୁଡି ଦେବାରୁ ଚିକିତ୍ସା ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ଅଣାଯାଇଥିଲା। ଚିକିତ୍ସା ଚାଲିଥିବା ବେଳେ ତାଙ୍କ ମୃତ୍ୟୁ ହୋଇଥିଲା। ସେ ୨୦୨୫-୨୦୨୬ ଶିକ୍ଷାବର୍ଷରେ ସ୍ଥାନୀୟ କୋଡପଡା ଲକ୍ଷ୍ମୀନାରାୟଣ ଉଚ୍ଚବିଦ୍ୟାଳୟରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଖବର ପାଇ କୋଡାପଡା ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ଘଡେଇ ଡାକ୍ତରଖାନାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ଶାଳବଣି ମହାବିଦ୍ୟାଳୟରେ ଶୋକ ପ୍ରକାଶ ପାଇଛି।

## ମା’ ଧନେଇ ସେବାସଂଘ ପକ୍ଷରୁ ସଫେଇ



ଆନନ୍ଦପୁର, ୯।୮ (ସମିସ): ସ୍ୱାଧୀନତା ଦିବସ ଉପଲକ୍ଷେ ବାରିଗାଁ ମା’ ଧନେଇ ସେବା ସଂଘ ପକ୍ଷରୁ ଆଜି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଘ ପକ୍ଷରୁ ହେବାକୁ ଥିବା ପତାକା ଉତ୍ତୋଳନ ପାଇ ଏହି ସ୍ଥାନକୁ ସଫେଇ କରାଯାଇଥିଲା। ସଫେଇ କାର୍ଯ୍ୟକ୍ରମରେ ସଂଘର ସଭାପତି ବିଷ୍ଣୁପ୍ରସାଦ ବାରିକ, ସମ୍ପାଦକ ବିଦ୍ୟୁଭୂଷଣ ବାରିକ, ନରେଶ କୁମାର ସାହୁ, ରାମକାନ୍ତ ଜେନା, ଅରୁଣ କୁମାର ଜେନା, କରଣ ପ୍ରସାଦ ସାଉ, ଧର୍ମପଦ ସାହୁ, ଦିବ୍ୟପ୍ରକାଶ ସେଠୀ, ସ୍ମୃତିରଞ୍ଜନ ବାରିକ, ଶତ୍ରୁଘ୍ନ ସେଠୀ, ମୁରଲୀ ବାରିକ ଓ ବିକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ପ୍ରତି ନିଜର ଦାୟିତ୍ୱବୋଧକୁ ପ୍ରତିପାଦନ କରିବା ପାଇଁ ସର୍ଭିସ୍ ରୋଡ୍‌ରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସଂଘ କହିଛି।

## ସହରକୁ ପଶିଲେ ହାତୀପଲ; ଲୋକେ ଆତଙ୍କିତ



ଚମ୍ପୁଆ, ୯।୮ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ସହରରେ ଶନିବାର ରାତିରେ ୧୮ଟିକିଆ ହାତୀପଲ ପଶିଯିବାରୁ ସହରବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ବୈତରଣୀ ନଦୀରେ ଜଳସ୍ତର ଅଧିକ ଥିବାରୁ ହାତୀପଲ ନଦୀ ପାର ହୋଇପାରି ନଥିଲେ। ଫଳରେ ସେମାନେ ରାତିସାରା ଚମ୍ପୁଆ ସହର ଭିତରେ ବିଭିନ୍ନ ସ୍ଥାନରେ ବୁଲିବା ସହ ଲୋକଙ୍କ ମନରେ ଭୟ ସୃଷ୍ଟି କରିଥିଲେ। ହାତୀପଲ ସହରରେ ଥିବା ଖବର ପାଇ ବନ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସତର୍କତା ଅବଲମ୍ବନ କରିଥିଲେ। ହାତୀମାନଙ୍କ ଗତିବିଧି ଉପରେ ନଜର ରଖିବା ସହ ସ୍ଥାନୀୟ ଲୋକଙ୍କୁ ଘରୁ ବାହାରକୁ ନ ଆସିବା ଓ ହାତୀଙ୍କ ନିକଟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା। ବନ ବିଭାଗ ସଜାଗ ଥିଲେ ମଧ୍ୟ ସହର ମଧ୍ୟରେ ରାତିସାରା ହାତୀପଲର ଉପସ୍ଥିତି ଧନଜୀବନ ହାନିର ଆଶଙ୍କାକୁ ବଢ଼ାଇ ଦେଇଥିଲା। ହାତୀପଲକୁ ସୁରକ୍ଷିତ ଭାବେ ଜଙ୍ଗଲମୁହାଁ କରାଇବା ପାଇଁ ବନ ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ଶିଶୁ ସାହିତ୍ୟିକ ରତ୍ନାକରଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା



ଆନନ୍ଦପୁର, ୯।୮ (ସମିସ): ବରିଷ୍ଠ ଶିଶୁ ସାହିତ୍ୟିକ ରତ୍ନାକର ଦାସଙ୍କୁ ତାଙ୍କର ସାମଗ୍ରିକ କୃତି ଓ ସାଙ୍ଗଠନିକ ଦକ୍ଷତାକୁ ବିଚାରକୁ ନିଆଯାଇ ଗାନ୍ଧୀ ଭବନ ସଭାକକ୍ଷରେ ମା’ ମଙ୍ଗଳା ଫାଉଣ୍ଡେସନ କଟକ ଓ ଦୈନିକ ଅପରାହ୍ଣ ବାଲେଶ୍ୱରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ଅପରାହ୍ଣର ଜିଲ୍ଲା ସଂଯୋଜକ ରମେଶଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବରିଷ୍ଠ ବିଦ୍ୱାନ ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ମୁଖ୍ୟବକ୍ତା ସମାଜର ପ୍ରାକ୍ତନ ସଂପାଦକ ଡକ୍ଟର ପ୍ରଭାସ ଆଚାର୍ଯ୍ୟ, ଅନ୍ୟତମ ଅତିଥି ଭାବେ ପ୍ରଫେସର ଦୀନବନ୍ଧୁ ବେହେରା, ଡକ୍ଟର ଆଦିତ୍ୟ ମିଶ୍ର ଓ ଅପରାହ୍ଣ ସଂପାଦକ ବଂଶୀଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। ତାଙ୍କର ଏ ସଫଳତା ପାଇଁ ତାଙ୍କୁ ହାଟଡିହୀ ବ୍ଲକ ମିଳିତ ସାହିତ୍ୟ ମଞ୍ଚ ସମେତ ଆନନ୍ଦପୁର ଉପଖଣ୍ଡର ବହୁ ଅନୁଷ୍ଠାନର କର୍ମକର୍ତ୍ତାଗଣ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ୧୦୪ ବର୍ଷରେ ମାଗୁଣି ଚଳଚଞ୍ଚଳ

ଆନନ୍ଦପୁର, ୯।୮ (ସମିସ): ବୟସ ୧୦୪ ବର୍ଷ ହେଲାଣି, ତଥାପି ଚଳଚଞ୍ଚଳ ଅଛନ୍ତି କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ପୌରାଞ୍ଚଳ ୧୪ ନମ୍ବର ୱାର୍ଡ ଘସିପୁରାର ମାଗୁଣି ଚରଣ ବେହେରା। ନିଜ କାମ ନିଜେ କରିବା ସହ ନାତିନାତୁଣୀଙ୍କ ଗହଣରେ ଖୁସିରେ ଅଛନ୍ତି। ମାଗୁଣିଙ୍କ ଜନ୍ମ ୧୯୨୨ରେ ଏବଂ ସେ ୧୯୪୮ରେ ପୁଲିସରେ ଭର୍ତ୍ତି ହୋଇଥିଲେ। ପ୍ରଥମ ଦରମା ଥିଲା ମାତ୍ର ୨୪ ଟଙ୍କା। ପ୍ରଥମେ ସେ କେନ୍ଦୁଝର ରାଜଉଆସରେ ସୁରକ୍ଷା କର୍ମଚାରୀ ଭାବେ ଡିଉଟି କରିଥିଲେ। ପରେ ଡ୍ରାଇଭର ଭାବେ କାର୍ଯ୍ୟ କରିଥିଲେ। ସେ କେନ୍ଦୁଝର ଜିଲ୍ଲାର ୧୭ ଜଣ ଏସ୍‌ପିଙ୍କ ଗାଡ଼ି ଚଳାଇଛନ୍ତି। ହାବିଲଦାର ଭାବେ ୧୯୮୨ରେ ଅବସର ଗ୍ରହଣ କରିଥିଲେ। ପରେ ମଧ୍ୟ ସେ କାର୍ ଚଳାଉଥିଲେ। ଘସିପୁରାରେ ଜଣେ ଦକ୍ଷ ଡ୍ରାଇଭର ଭାବରେ ମଧ୍ୟ ତାଙ୍କର ପରିଚୟ ରହିଛି। କିଛିବର୍ଷ ତଳେ ସେ ନିଜର ଦୈନନ୍ଦିନ କାର୍ଯ୍ୟ ସାଇକଲ ଚଳାଇ ବଜାରକୁ ଆସିବା ହଉ କି ଘର କାମ ସବୁ ନିଜେ ଭଲସେ କରିପାରନ୍ତି। ଏହି କିଛି ଦିନ ହେଲା ସେ ଆଉ ବିଶେଷ ବାହାରକୁ ବାହାରୁ ନଥିଲେ ବି ଚଳଚଞ୍ଚଳ ରହିଛନ୍ତି। ନାତିନାତୁଣୀଙ୍କ ଗହଣରେ ଦିନ କଟିଯାଉଛି ବୋଲି ସେ କହିଛନ୍ତି। ବର୍ଷକ ତଳେ ପତ୍ନୀ ପୂର୍ଣ୍ଣିମା ବେହେରାଙ୍କ ଦେହାନ୍ତ ହୋଇଛି। ପତ୍ନୀଙ୍କ ଦେହାନ୍ତ ତାଙ୍କୁ ଦୁଃଖ ଦେଇଥିଲେ ବି ସେ ସୁସ୍ଥ ରହିଛନ୍ତି। ଏବେ ବି ଅବସରପ୍ରାପ୍ତ ପେନସନ ଟଙ୍କା ପାଇଁ ଯାଉଛନ୍ତି। ଘଷିପୁରା ଗ୍ରାମରେ ଦୀର୍ଘ ଦିନ ଧରି ମୁଖିଆ ଥିଲେ। କିପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ସେଥିପ୍ରତି ଗୁରୁତ୍ୱ ଦେବା ସେଇଟା ହେଲା ମୂଳ ଲକ୍ଷ୍ୟ ବୋଲି ସମସ୍ତଙ୍କୁ ଅନୁରୋଧ କରିଥିଲେ। ଭଗବାନଙ୍କ ପ୍ରତି ଦୃଢ଼ ଆଶା ଓ ବିଶ୍ୱାସ କରି ଆଧ୍ୟାତ୍ମିକ ଓ ପରୋପକାରୀ ବ୍ୟକ୍ତି ଭାବେ ନିଜ ଗ୍ରାମରେ ପରିଚୟ ସୃଷ୍ଟି କରିଛନ୍ତି। ତାଙ୍କ ବୁଢ଼ାବାପାଙ୍କୁ ନେଇ ସେମାନେ ଏବେ ବି ଉତ୍ସାହିତ ଏବଂ ଗର୍ବିତ ବୋଲି ନାତି ଆଶିଷ ବେହେରା କହିଛନ୍ତି।



**ଫେଲ୍ ମାରିଛି ସ୍ୱଚ୍ଛ ଭାରତ**

## ଶୌଚାଳୟ ଅଭାବରୁ ଲୋକେ ହନ୍ତସନ୍ତ; ପ୍ରଶାସନ ନିରବ

ହାଟଡ଼ିହୀ, ୯।୮ (ସମିସ): ସରକାର ବିଭିନ୍ନ ଛକ ବଜାରରେ ଶୌଚାଳୟ ନିର୍ମାଣ ସହ ସ୍ୱଚ୍ଛ ଭାରତ ମିଶନ ଜରିଆରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକରେ ଏହି ଯୋଜନା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ଦେଖିବାକୁ ମିଳିଛି। ବ୍ଲକର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବେ ଛେନାପଦୀ ଛକ, ମରେିଗାଁ ଛକ, ବିଦ୍ୟାଧରପୁର ବଜାର, ଶାଳଣିଆଁ ବଜାରରେ ଗୋଟିଏ ହେଲେ ଶୌଚାଳୟ ନଥିବାରୁ ବ୍ୟବସାୟୀ, ମହିଳା, ଛାତ୍ରୀ ଓ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛେନାପଦୀ ଛକ ଉପରେ ହାଟଡିହୀ ବ୍ଲକର ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ପ୍ରତିଦିନ ସକାଳ ୫ଟାରୁ ୧୧ଟା ଯାଏଁ ଏଠାରେ ବୃହତ ପରିବା ହାଟ ଲାଗୁଥିବାରୁ ଶହ ଶହ ଲୋକଙ୍କ ଭିଡ଼ ଲାଗିଥାଏ। ଏଥିସହ ଏଠାରେ ପ୍ରସିଦ୍ଧ ମାଆ ବିଶ୍ୱତାରିଣୀଙ୍କ ମନ୍ଦିର ଥିବାରୁ ଦୈନିକ ଶତାଧିକ ଭକ୍ତଙ୍କ ଆଗମନ ହୋଇଥାଏ। ନିକଟରେ ବିଶ୍ୱତାରିଣୀ ମହିଳା କଲେଜରେ ୫ ଶହରୁ ଛାତ୍ରୀ ପାଠ ପଢୁଥିବାରୁ ସେମାନେ ବସରେ ଯିବାଆସିବା ଲାଗି ଏହି ଛକରେ ଅପେକ୍ଷା କରିଥାନ୍ତି। ମାତ୍ର ଶୌଚାଳୟ ସହ ବିଶ୍ରାମ ଗୃହଟିଏ ମଧ୍ୟ ନଥିବାରୁ ମହିଳା, ଛାତ୍ରୀ, ଯୁବତୀ, ବୃଦ୍ଧାମାନେ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଏତେ ବଡ଼ ଗୁରୁତ୍ୱପୂର୍ଣ୍ଣ ଛକରେ ଶୌଚାଳୟ ସହ ବିଶ୍ରାମ ଗୃହଟିଏ ନିର୍ମାଣ ହୋଇପାରିଲା ନାହିଁ। ସେହିପରି ହାଟଡିହୀରେ କୋର୍ଟ, ତହସିଲ, ବ୍ୟାଙ୍କ, ଟ୍ରେଜେରୀ, ବ୍ଲକ୍ ଆଦି ସରକାରୀ ଅଫିସଗୁଡ଼ିକରେ ଗୋଷ୍ଠୀ ଶୌଚାଳୟଟିଏ ନିର୍ମାଣ ହୋଇପାରିଲା ନାହିଁ।

ଅନ୍ୟମଧ୍ୟରେ ଚାରି ଛକି ବଜାର କୁହାଯାଉଥିବା ମରେିଗାଁ ଛକକୁ ଲାଗି ଥାନା, ପଶୁ ଡାକ୍ତରଖାନା, କୃଷି ଅଫିସ, ଆରଆଇ ଅଫିସ, କ୍ଷୀର ସୋସାଇଟି, ସେବା ସମବାୟ ସମିତି ଆଦି ଅଫିସ ରହିଥିବା ବେଳେ ଏଠାରେ ଶୌଚାଳୟଟିଏ ନଥିବା ଅତ୍ୟନ୍ତ ଦୁର୍ଭାଗ୍ୟ ବୋଲି କୁହାଯାଇଛି। ମରେିଗାଁ ଛକରେ ଏକ ଯାତ୍ରୀ ବିଶ୍ରାମ ଗୃହ ରହିଥିଲେ ସୁଦ୍ଧା ସ୍ଥାନଟି ଅତ୍ୟନ୍ତ ପରିତ୍ୟକ୍ତ ହୋଇଥିବାରୁ ତାହା ବ୍ୟବହାର ଉପଯୋଗୀ ହୋଇପାରୁନି। ଯାହାଫଳରେ ବର୍ଷା ହେଲେ ଯାତ୍ରୀମାନେ ଗଛମୂଳ କିମ୍ବା ଦୋକାନରେ ଆଶ୍ରୟ ନେଇଥାନ୍ତି। ସେହିପରି ଶାଳଣିଆଁ ବଜାର ମଧ୍ୟ ସେହି ଅଞ୍ଚଳ ପାଇଁ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ବଜାର ଭାବେ ପରିଚିତ। ଏହି ବଜାର ଉପରେ ଶାଳଣିଆଁ ସହ ଡଅଁର, ହାବଳେଶ୍ୱର, ଗେଡ଼ମା, ଆଇତିପୁର, ସଡଙ୍ଗ, ଅଁରା, କଳିଗାଁ ଆଦି ପଞ୍ଚାୟତର ଲୋକେ ନିର୍ଭର କରୁଥିବା ବେଳେ ଏଠାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜଳସେଚନ ଅଫିସ ଏବଂ ପ୍ରସିଦ୍ଧ ମାଆ ଭାଟିଆଣୁଣୀଙ୍କ ମନ୍ଦିର ଥିବାରୁ ପ୍ରତିଦିନ ଏଠାକୁ ଶହ ଶହ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ଏଠାରେ ଶୌଚାଳୟ ନଥିବାରୁ ବିଶେଷ କରି ମହିଳା, ଛାତ୍ରୀ, ଯୁବତୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ବିଦ୍ୟାଧରପୁର ବଜାର ଉପରେ ବିଶେଷ କରି ଅନୁସୂଚିତ ଜନଜାତି ଶ୍ରେଣୀର ଲୋକେ କିଣାବିକାକୁ ନେଇ ନିର୍ଭର କରୁଥିବା ବେଳେ ଏଠାରେ ଗୋଷ୍ଠୀ ଶୌଚାଳୟଟିଏ ନିର୍ମାଣ ନହେବା ଦୁର୍ଭାଗ୍ୟ ବୋଲି କୁହାଯାଇଛି। ଏଠାକୁ ବିଶେଷ କରି ଅନୁସୂଚିତ ଜନଜାତି ଶ୍ରେଣୀର ମହିଳାମାନେ କିଣାବିକା କରିବାକୁ ଆସୁଥିବା ବେଳେ ସେମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଏହି ବଜାରକୁ ଲାଗି ହଦଗଡ଼ ଜଳସେଚନ ବିଭାଗର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହିପରି ଢେଙ୍କା ବଜାରକୁ ଲାଗି ପଞ୍ଚାୟତ କାର୍ଯ୍ୟାଳୟ, କୃଷି ଅଫିସ, ଆୟୁର୍ବେଦିକ ମେଡିକାଲ ଆଦି ରହିଥିବା ବେଳେ ଏଠାକୁ ଅନେକ ଲୋକେ ଆସିଥାନ୍ତି। ଏହି ଛକରୁ ଅନେକ ମହିଳା ଯାତ୍ରୀ, ଛାତ୍ରୀ, ଯୁବତୀ ବସ୍ ଯୋଗେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାଉଥିବା ବେଳେ ସେମାନଙ୍କ ପାଇଁ ଶୌଚାଳୟଟିଏ ନଥିବା ପରିତାପର ବିଷୟ ପାଲଟିଛି। ଉକ୍ତ ସ୍ଥାନରେ ଜବର ଦଖଲରେ ଥିବା ସରକାରୀ ଜାଗାକୁ ଚିହ୍ନଟ କରାଯାଇ ଶୌଚାଳୟ ନିର୍ମାଣ କରାଗଲେ ବିଶେଷ କରି ମହିଳା, ଛାତ୍ରୀ, ଯୁବତୀ, ବୃଦ୍ଧାମାନେ ଉପକୃତ ହୋଇପାରନ୍ତେ ବୋଲି ବିଭିନ୍ନ ମହଲରେ କୁହାଯାଇଛି। ପ୍ରଶାସନର ଦକ୍ଷତା ଅଭାବରୁ ଏସବୁ ସ୍ଥାନରେ ଶୌଚାଳୟ ନିର୍ମାଣ ହୋଇପାରୁ ନଥିବାରୁ କେନ୍ଦୁଝର ଜିଲ୍ଲାପାଳ ଏଦିଗରେ ଦୃଷ୍ଟି ଦେବାକୁ ବରିଷ୍ଠ ବିଜେଡ଼ି କର୍ମୀ ମାର୍କଣ୍ଡ ଓଝାଙ୍କ ସମେତ ବ୍ଲକ ମହିଳା ବିଜେଡ଼ି ସଭାପତି ସାବିତ୍ରୀ ସା, ବିଜେଡ଼ି ନେତା ବୀରେନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ରଣା, ପ୍ୟାରୀମୋହନ ମଲ୍ଲିକ, ମନୋରଞ୍ଜନ ପଣ୍ଡା, ସତ୍ୟନାରାୟଣ ସେଠୀ ପ୍ରମୁଖ ଦାବି କରିଛନ୍ତି।

## ଶୁକୁଳି ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା



ଶୁକୁଳି, ୯।୮ (ସମିସ): ଶୁକୁଳି ସ୍ନାତକ ମହାବିଦ୍ୟାଳୟରେ ନିଶାମୁକ୍ତି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସହଯୋଗରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶୁକୁଳି କେନ୍ଦ୍ରର ବିକେ ମଞ୍ଜୁ ଭଉଣୀ ଛାତ୍ରଛାତ୍ରୀଙ୍କୁ ନିଶା ସେବନର ଅପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ବିକେ କୁନି ଭଉଣୀ, ବିକେ ରବି ଭାଇ, ବିକେ ଶେଖର ଭାଇ, ବିକେ ଲମ୍ବୋଦର ଭାଇଙ୍କ ସହିତ ମହାବିଦ୍ୟାଳୟର ଅଧ୍ୟାପକ ନିର୍ମଳ କୁମାର ମଲ୍ଲ, ଅଧ୍ୟାପକ ସରୋଜ କୁମାର ପଲେଇ, ଅଧ୍ୟାପକ ବିଶ୍ୱରଞ୍ଜନ ମାଝୀ, ଅଧ୍ୟାପିକା ସୁପ୍ରଭା ପୃଷ୍ଟି, ଅଧ୍ୟାପିକା ଭୂମିଜା ଯାଜ୍ଞଦତା ନାୟକ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ଏନଏସଏସ, ରେଡକ୍ରସ, ସ୍କାଉଟ ସ୍ୱେଚ୍ଛାସେବୀଙ୍କ ସମେତ ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ସଚେତନତା କାର୍ଯ୍ୟକ୍ରମରେ ଶିକ୍ଷା ଗ୍ରହଣ କରିଥିଲେ।

### ବିବାହ ପ୍ରଲୋଭନ ଦେଖାଇ ୭୦ ହଜାର ଟଙ୍କା ଲୁଟ୍ ଓ ଅଶ୍ଳୀଳ ଭିଡିଓ ଭାଇରାଲ ଧମକ

## ଯୁବକଙ୍କ ବିରୋଧରେ ଅଭିଯୋଗ, ମାମଲା ରୁଜୁ

ବେତନଟୀ, ୯।୮ (ସମିସ): ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ନଗଦ ଟଙ୍କା ଓ ଅଳଙ୍କାର ଠକି ନେବା ସହ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ଧମକ ଦେବା ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନାରେ ଜଣେ ଯୁବକଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବୈଶିଙ୍ଗା ଥାନା ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମର ଜଣେ ଯୁବତୀ ଏ ନେଇ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ବେତନଟୀ ଥାନାରେ ହୋଇଥିବା ଏତଲା ଅନୁଯାୟୀ, ବୈଶିଙ୍ଗା ଥାନା ଅନ୍ତର୍ଗତ ଗଡ଼ଦେଉଳିଆ ଗ୍ରାମର ମୁନା ବେସ୍ରାଙ୍କ ପୁଅ ହେମନ୍ତ ବେସ୍ରା ଯୁବତୀଙ୍କୁ ବିବାହ କରିବା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲା। ଏପରିକି ଯୁବତୀଙ୍କ ନିକଟରୁ ୭୦,୦୦୦ ଟଙ୍କା ଓ ଗୋଟିଏ ରୂପା ଚେନ୍ ନେଇଥିଲା। ପରବର୍ତ୍ତୀ ସମୟରେ ହେମନ୍ତ ଯୁବତୀଙ୍କୁ ପ୍ରତାରିତ କରି ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ଅଭିଯୁକ୍ତ ହେମନ୍ତ ଯୁବତୀଙ୍କ କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ କରାଯାଇଛି। ସହ୍ୟ କରିବା ସୀମା ପାର ହେବାରୁ ପୀଡ଼ିତା ବାଧ୍ୟ ହୋଇ ବେତନଟୀ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ଥାନା ପୁଲିସ ୩୨୬/୨୬ରେ ମାମଲା ରୁଜୁ କରିଛି। ବେତନଟୀ ଥାନା ଆଇଆଇସି କ୍ରିଷ୍ଣା ପିଙ୍ଗୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ ଜାରି ରହିଛି। ପୁଲିସ ଘଟଣାର ସତ୍ୟାସତ୍ୟ ଯାଞ୍ଚ କରିବା ସହ ଅଭିଯୁକ୍ତକୁ ଧରିବା ପାଇଁ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରୁଛି ବୋଲି କହିଛି।

## ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ପ୍ରସ୍ତୁତି ବୈଠକ




ବାରିପଦା, ୯।୮ (ସମିସ): 'ଆମେ ବାରିପଦା' ନାଟ୍ୟସଂସ୍ଥା ପକ୍ଷରୁ ସେପ୍ଟେମ୍ବର ୨୨ରୁ ୩୦ ତାରିଖ ୯ ଦିନ ଧରି ମୟୂରଭଞ୍ଜର ବହୁଚର୍ଚ୍ଚିତ ଐତିହାସିକ ଦ୍ୱିତୀୟ ଜାତୀୟ ନାଟ୍ୟ ମହୋତ୍ସବ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆୟୋଜିତ ହେବାକୁ ଯାଉଛି। ଏଥିନିମନ୍ତେ ଡ ବିଜୟ କୁମାର ଅଗ୍ରୱାଲଙ୍କ ସଭାପତିତ୍ୱରେ ବାରିପଦାସ୍ଥ ଷ୍ଟାଡ଼ିୟମର ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ଆଭିମୁଖ୍ୟ ସଂପର୍କରେ ଆବାହକ ତଥା ସାଧାରଣ ସମ୍ପାଦକ ବିଶିଷ୍ଟ ଅଭିନେତା, ନାଟ୍ୟକାର ଓ ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଆଲୋକପାତ କରି କହିଥିଲେ, ଏହି ମହୋତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ପ୍ରତିଷ୍ଠିତ ନାଟ୍ୟ ଦଳ ସେମାନଙ୍କର ଉତ୍କୃଷ୍ଟ ନାଟକ ପରିବେଷଣ କରିବା ସହିତ ବିରଳ ପ୍ରତିଭାଧରଙ୍କୁ ସମ୍ବର୍ଦ୍ଧିତ କରାଯିବ। ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ଯୋଗଦେଇଥିବା ଜୟନ୍ତ ସେନାପତି, ଡ ପ୍ରକାଶ ଚନ୍ଦ୍ର ଦାଶ, ପ୍ରୟାସ ଶତପଥୀ ଓ ପ୍ରଦୀପ ସରଘରିଆ ଛାତ୍ରଛାତ୍ରୀଙ୍କ ପ୍ରତିଭା ସଂପର୍କରେ ପ୍ରକାଶ କରିଥିବାବେଳେ ଡ ଅସୀମା ସାହୁ ମହୋତ୍ସବ ଅବସରରେ ଅନୁଷ୍ଠିତ ହୋଇଯାଇଥିବା ନାଟ୍ୟ ଆଲୋଚନାଚକ୍ର ସଂପର୍କରେ ନିଜର ଅଭିଭାଷଣ ରଖିଥିଲେ। ବାରିପଦା କଳାକାର ପରିବାରର ସଭାପତି ସନ୍ତୋଷ ମହାନ୍ତି ଓ ବାସ୍ତବ ପରିବାରର ସଭାପତି ଶାନ୍ତନୁ ପାଢୀ ଜିଲ୍ଲାସ୍ତରୀୟ ନାଟକ ଲିଖନ ପ୍ରତିଯୋଗିତାର ଅଭିନବ ପରିକଳ୍ପନାକୁ ପ୍ରଶଂସା କରିଥିବାବେଳେ ବିଭିନ୍ନ ପ୍ରତିଯୋଗିତାରେ ବିଜେତାଙ୍କ ନାମ ଜାତୀୟ ନାଟ୍ୟ ମହୋତ୍ସବର ଅନ୍ତିମ ରଜନୀରେ ଘୋଷଣା କରାଯାଇ ପୁରସ୍କୃତ କରାଯିବ ବୋଲି ମିଡିଆ ସଂଯୋଜକ ସୋମନାଥ ସିଂହ ପ୍ରକାଶ କରିଥିଲେ। ଶେଷରେ କାର୍ଯ୍ୟକାରୀ ସମ୍ପାଦକ ରାଜୀବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା 'ସାତବିଡ଼ି'

- **ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି**
- **ଗୁଗୁଲରେ ମଶାଘାଟି ଜିରୋ ପଏଣ୍ଟ ବୋଲି ପରିଚିତ**

ଶରତ/ମହୁଲଡିହା, ୯।୮ (ସମିସ):



ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ନିର୍ବାଚନମଣ୍ଡଳୀ ଅଧୀନ ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଶାଳଚୁଆ ପଞ୍ଚାୟତର ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା 'ସାତବିଡ଼ି'। ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି। ପାହାଡ଼, ଜଙ୍ଗଲ, ଜଳଭଣ୍ଡାର ଓ ସବୁଜିମାର ମନୋରମ ପରିବେଶରେ ଭରପୂର ଏହି ସ୍ଥାନଟି ପର୍ଯ୍ୟଟନ ବିକାଶ ପାଇଁ ବେଶ୍ ସମ୍ଭାବନାମୟ ହୋଇଥିଲେ ମଧ୍ୟ ଏଯାବତ ସରକାରୀ ଅବହେଳାର ଶିକାର ହୋଇରହିଛି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

ଶାଳଚୁଆ ଗ୍ରାମପଞ୍ଚାୟତ ମୟୂରଭଞ୍ଜ ଜିଲ୍ଲାର ଏକ ସୀମାନ୍ତ ଅଞ୍ଚଳରେ ଅବସ୍ଥିତ। ଏହା କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକ ସୀମାକୁ ଲାଗି ରହିଛି। କେନ୍ଦୁଝର ଜିଲ୍ଲାରେ ଅବସ୍ଥିତ ବୃହତ ଜଳ ପ୍ରକଳ୍ପ ହଦଗଡ଼ ଜଳଭଣ୍ଡାରର ବିସ୍ତୃତ ଜଳରାଶି ଓ ଏହାର ଆଖପାଖ ପ୍ରାକୃତିକ ପରିବେଶ ଶାଳଚୁଆ ପଞ୍ଚାୟତର ଅନେକ ଅଞ୍ଚଳକୁ ସ୍ପର୍ଶ କରିଛି। ଏହି ପ୍ରାକୃତିକ ପରିବେଶ ମଧ୍ୟରେ ଥିବା 'ସାତବିଡ଼ି' ଅଞ୍ଚଳ ଶାଳଚୁଆ ପଞ୍ଚାୟତର ବାଲିଡିହା ରାଜସ୍ୱ ଗ୍ରାମରେ ଅବସ୍ଥିତ। ବାଲିଡିହା ରାଜସ୍ୱ ଗ୍ରାମ ଅନ୍ତର୍ଗତ ୧୦ ନମ୍ବର ୱାର୍ଡରେ ଅବସ୍ଥିତ ମଶାଘାଟି ପ୍ରାଥମିକ ବିଦ୍ୟାଳୟଠାରୁ ପ୍ରାୟ ୨ କିଲୋମିଟର ଦୂରତାରେ ଅବସ୍ଥିତ। ଏହି ସାତବିଡି ଅଞ୍ଚଳ, ଯାହା ଅତ୍ୟନ୍ତ ମନୋରମ ଓ ସୁନ୍ଦର। ଏହି ସାତବିଡି ସ୍ଥାନଟି ଗୁଗୁଲରେ ମଶାଘାଟି ଜିରୋ ପଏଣ୍ଟ ବୋଲି ଦେଖାଉଛି । ବିଶେଷକରି ଶୀତ ଓ ବର୍ଷାଋତୁରେ ଏଠାକାର ପ୍ରାକୃତିକ ଦୃଶ୍ୟ ଅଧିକ ଆକର୍ଷଣୀୟ ହୋଇଉଠେ। ଜଳଭଣ୍ଡାରର ନୀଳ ଜଳରାଶି, ଚାରିପଟେ ସବୁଜ ପାହାଡ଼ ଓ ଘଞ୍ଚ ଜଙ୍ଗଲ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ଏଠାରେ ପ୍ରକୃତିପ୍ରେମୀ, ଫଟୋଗ୍ରାଫର ଓ ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣୀୟ ପରିବେଶ ରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କ କହିବାନୁଯାୟୀ, ସାତବିଡ଼ିକୁ ପର୍ଯ୍ୟଟନ ସ୍ଥଳୀ ଭାବେ ମାନ୍ୟତା ଦେଇ ଆବଶ୍ୟକ ଭିତ୍ତିଭୂମିର ବିକାଶ କରାଗଲେ; ଏହି ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲାର ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଚିତ ହୋଇପାରିବ। ଏହାଦ୍ୱାରା ଦୁର୍ଗମ ଅଞ୍ଚଳର ଯୋଗାଯୋଗବ୍ୟବସ୍ଥାର ଉନ୍ନତି ସହିତ ସ୍ଥାନୀୟ ଯୁବକ/ଯୁବତୀଙ୍କ ପାଇଁ ରୋଜଗାର ଓ ଜୀବିକାର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ। ତେଣୁ ସାତବିଡ଼ିର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟଟନ ସମ୍ଭାବନାର ସରକାରୀ ସର୍ଭେ କରାଯାଇ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବା ସହ ରାସ୍ତାଘାଟ, ପାନୀୟଜଳ, ଶୌଚାଳୟ, ବସିବା ସ୍ଥାନ ଓ ଅନ୍ୟାନ୍ୟ ମୌଳିକ ସୁବିଧାର ବିକାଶ କରିବାକୁ ଅଞ୍ଚଳବାସୀ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି। ସରକାରଙ୍କ ପକ୍ଷରୁ ଉପଯୁକ୍ତ ପଦକ୍ଷେପ ନିଆଗଲେ 'ସାତବିଡ଼ି' କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ପ୍ରକୃତି ଓ ସ୍ଥାନୀୟ ଜୀବିକାର ସମନ୍ୱୟରେ ଏକ ଆଦର୍ଶ ଇକୋ-ଟ୍ୟୁରିଜମ୍ କେନ୍ଦ୍ର ଭାବେ ବିକଶିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଏହି 'ସାତବିଡି'କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ଉଭୟ ନିର୍ବାଚିତ ଜନପ୍ରତିନିଧିଙ୍କଠାରୁ ଆରମ୍ଭ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ଅଣ୍ଟା ଭିଡିବାକୁ ଶାଳଚୁଆ ଅଞ୍ଚଳର ଶ୍ରୀମତୀ କବିତା କୁଲଡି, ଝୁନା ବାନସିଂ, ଭଞ୍ଜ ଶୁଣ୍ଡି , ଉଦୟନାଥ ଶୁଣ୍ଡି ପ୍ରମୁଖ ଗାମାଏ ରୀମିଲ ସିଂ ଗୋଇପାଇଙ୍କ ଜରିଆରେ ଦୃଢ଼ ଦାବି ଉପସ୍ଥାପନା କରିଛନ୍ତି।

## ବାରିପଦା ରୋଟାରୀ କ୍ଲବ୍‌ର ସଂସ୍ଥାପନ ଉତ୍ସବ

ବାରିପଦା, ୯।୮ (ସମିସ): ରୋଟାରୀ କ୍ଲବ୍ ବାରିପଦା ମୟୂରର ତୃତୀୟ ସଂସ୍ଥାପନ ଉତ୍ସବ ବାରିପଦାର ଅମ୍ବିକା ମନ୍ଦିର ନିକଟ ସ୍ୱରୂପ ନଗରସ୍ଥ ଗାୟତ୍ରୀ ପୀଠରେ କ୍ଲବ୍‌ର ସଭାପତି ରୋଟାରିଆନ୍ ଏମ୍ ହିମବିନ୍ଦୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ରୋଟାରିଆନ୍ ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାର ମହାନ୍ତି ମୁଖ୍ୟଅତିଥି, ପୂର୍ବତନ ପ୍ରାନ୍ତପାଳ ରୋଟାରିଆନ୍ ଡ ଶାନ୍ତନୁ କୁମାର ପାଣି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ସଭାପତି ରୋଟାରିଆନ୍ ଜଗବନ୍ଧୁ ମିଶ୍ର ନୂତନ ସଭାପତି ରୋଟାରିଆନ୍ ଏମ୍ ହିମବିନ୍ଦୁଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଏ ବର୍ଷ ପାଇଁ ମଧ୍ୟ ରୋଟାରୀଆନ ଇଂ ସୌମ୍ୟରଂଜନ ମିଶ୍ର କ୍ଲବର ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଅନ୍ୟ ବିଶିଷ୍ଟ ଅତିଥିଙ୍କ ମଧ୍ୟରେ ରୋଟାରୀ କ୍ଲବ୍ ବାରିପଦା ମୟୂରର ଉପଦେଷ୍ଟା ତଥା ପୂର୍ବତନ ସଭାପତି ରୋଟାରିଆନ୍ ନିରୋଜ କୁମାର ପଣ୍ଡା ଓ ରୋଟାରୀ କ୍ଲବ୍ ବେତନଟୀର ପୂର୍ବତନ ସଭାପତି ରୋଟାରିଆନ୍ ଗିରିଧାରୀ ସାହୁ ମଧ୍ୟ ଉପସ୍ଥିତ ଥିଲେ। ସଭାକୁ ସମ୍ବୋଧିତ କରି ଅତିଥିଗଣ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ବନ୍ଧୁତା ଓ ଅର୍ଥପୂର୍ଣ୍ଣ ସମାଜସେବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିସହ ଦୀର୍ଘସ୍ଥାୟୀ ପ୍ରଭାବ ସୃଷ୍ଟି କରୁଥିବା କାର୍ଯ୍ୟକ୍ରମ ପାଇଁ ମିଳିମିଶି କାର୍ଯ୍ୟ କରିବାକୁ ସଦସ୍ୟଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ପ୍ରାୟ ୯ ଜଣ ନୂତନ ସଦସ୍ୟ ଡ ହେମନ୍ତ କୁମାର ସାହୁ, ଡ ଗାୟତ୍ରୀ ଦେ, ଡ ବିଶ୍ୱମିତ୍ର ରଣା, ଡ ଦେବବ୍ରତ ନନ୍ଦୀ, ଡା ଭବେଶ ରଞ୍ଜନ ବେହେରା, ପୀତାମ୍ବର ସାହୁ, ଭବାନୀ ଶଙ୍କର ରାମ, ପ୍ରବୀର କୁମାର କଳିଆ, ରବିନାରାୟଣ ପାତ୍ର ପ୍ରମୁଖ ବ୍ୟକ୍ତି ବିଶେଷଙ୍କୁ ପୂର୍ବତନ ପ୍ରାନ୍ତପାଳ ମାନପତ୍ର ଓ ରୋଟାରି ପିନ ଦେଇ କ୍ଲବକୁ ସ୍ୱାଗତପୂର୍ବକ ପ୍ରଶିକ୍ଷଣ




ମାଧ୍ୟମରେ ରୋଟାରୀ ଇଣ୍ଟରନ୍ୟାସନାଲ୍‌ର ଆଦର୍ଶ, ମୂଲ୍ୟବୋଧ ଓ ସେବାର ମାର୍ଗ ସମ୍ପର୍କରେ ଅବଗତ କରିଥିଲେ। କ୍ଲବ୍‌ର ଆଗାମୀ କାର୍ଯ୍ୟକ୍ରମ ଓ ସାମାଜିକ ପଦକ୍ଷେପରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଉତ୍ସାହିତ କରିଥିଲେ। ୨୦୨୪ ସେପ୍ଟେମ୍ବର ୪ ତାରିଖରେ ସ୍ଥାପିତ ହୋଇଥିବା ରୋଟାରୀ କ୍ଲବ୍ ବାରିପଦା ମୟୂର ଏହି ଅଞ୍ଚଳରେ ସେବା, ନେତୃତ୍ୱ ଓ ବନ୍ଧୁତାର ଏକ ସକ୍ରିୟ ମଞ୍ଚ ଭାବେ ଆଗେଇ ଚାଲିଛି।

## ଝରକା କବାଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି

ସାରସକଣା, ୯।୮ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ଘିଆଯୋଡ଼ି ଲୋକନାଥ ନଗରରେ ଏକ ଘରୁ ଲକ୍ଷାଧିକ ଟଙ୍କାର ସୁନାରୂପା ଅଳଙ୍କାର ସହ ନଗଦ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘର ମାଲିକ ସୁକୁମାର ସାହୁଙ୍କ ଘରେ ଦୀର୍ଘଦିନ ଧରି ଭଡ଼ାରେ ରହୁଥିବା ସୁନୀଲ ଦଣ୍ଡପାଟଙ୍କ ଘରେ ଏହି ଚୋରି ହୋଇଛି। ସୁନୀଲ ଦଣ୍ଡପାଟଙ୍କ ପୁଅ ଅସୁସ୍ଥ ଥିବାରୁ ଗତ ୮ ଦିନ ହେଲା ସେ ଭୁବନେଶ୍ୱରର ଏକ ବେସରକାରୀ ହସ୍ପିଟାଲରେ ଥିଲେ। ଏହାର ସୁଯୋଗ ନେଇ ଗତକାଲି ରାତି ପ୍ରାୟ ୧୨ଟାରୁ ୩ଟା ମଧ୍ୟରେ ଦୁର୍ବୃତ୍ତମାନେ ଘରେ ପଶିଥିବା ସନ୍ଦେହ କରାଯାଉଛି। ଭୁବନେଶ୍ୱରରୁ ରାତି ପ୍ରାୟ ୩ଟାରେ ଘରକୁ ଫେରି କବାଟ ଖୋଲିବା ପରେ ଆଲମିରା ଖୋଲାଥିବା ଓ ଘରର ଲୁଗାପଟା, ଜିନିଷପତ୍ର ଏଣେତେଣେ ପଡ଼ିଥିବା ଦେଖିଥିଲେ ସୁନୀଲ। ଆଲଣା ପଛପଟେ ଲୁଚାଇ ରଖିଥିବା ଗହଣା ବ୍ୟାଗ୍‌କୁ ମଧ୍ୟ ଦୁର୍ବୃତ୍ତ ନେଇଯାଇଥିବା ଅଭିଯୋଗ ହୋଇଛି। ବ୍ୟାଗ୍‌ରେ ପ୍ରାୟ ୬ ଲକ୍ଷ ଟଙ୍କା ମୂଲ୍ୟର ସୁନାରୂପା ଅଳଙ୍କାର ଥିବାବେଳେ ଆଲମିରାରୁ ପ୍ରାୟ ୧୦ ହଜାର ଟଙ୍କା ନଗଦ ଚୋରି ହୋଇଛି। ଖବରପାଇ ଝାରପୋଖରିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିବା ସହ ବାରିପଦା ସାଇଣ୍ଟିଫିକ୍ ଟିମ୍‌କୁ ଖବର ଦେଇଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଚୋରି ପଛରେ କିଏ ରହିଛି, ତାହା ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରଖିଛି।

## ବାଲ୍‌ଟିରେ ଆକ୍ରମଣ, ଯୁବକ ଗୁରୁତର

ବେତନଟୀ, ୯।୮ (ସମିସ): ବେତନଟୀ ଥାନା ଅନ୍ତର୍ଗତ ଗରୁଡ଼ବସା ଗ୍ରାମରେ ଜଣେ ଯୁବକଙ୍କୁ ବାଲ୍‌ଟି ଆକ୍ରମଣ କରାଯାଇଛି। ଏଥିରେ ଯୁବକ ଗୁରୁତର ଆହତ ହୋଇଛନ୍ତି। କାମ କରିବାକୁ ଯାଇଥିବାବେଳେ ଜଣେ ଯୁବକଙ୍କୁ ଏକ ବାଲ୍‌ଟିରେ ମରଣାନ୍ତକ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଗୁରୁତର ଆହତ ଯୁବକଙ୍କୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯିବା ପରେ ସେ ଏ ନେଇ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତ ୭ ତାରିଖ ସନ୍ଧ୍ୟାରେ ଗରୁଡ଼ବସା ଗ୍ରାମର ନିହାର ସିଂହ ନାମକ ଜଣେ ଯୁବକ ମଣ୍ଟୁ ଦେହୁରୀଙ୍କ ଘରକୁ କାମ କରିବାକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ସ୍ଥାନୀୟ ସବିତା ଦାସ ନାମକ ଜଣେ ମହିଳା ଅଚାନକ ନିହାରଙ୍କ ଉପରରେ ଏକ ବାଲ୍‌ଟିରେ ଆକ୍ରମଣ କରିଥିଲେ। ଆକ୍ରମଣ ଫଳରେ ନିହାରଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ସନ୍ଧ୍ୟା ପ୍ରାୟ ୭:୪୦ ମିନିଟ୍‌ରେ ନିହାର ବେତନଟୀ ଥାନାରେ ପହଞ୍ଚି ଏ ବାବଦରେ ଲିଖିତ ଅଭିଯୋଗ ଦେଇଥିଲେ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ବେତନଟୀ ଥାନା ଅଧିକାରୀ କ୍ରିଷ୍ଣା ପିଙ୍ଗୁଆଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ୩୨୫/୨୦୨୬ରେ ମାମଲା ରୁଜୁ କରିଛି। ଏହି ମାମଲାର ତଦନ୍ତ ଦାୟିତ୍ୱ ଏଏସଆଇ ମିନତୀ ମହାକୁଡ଼ଙ୍କୁ ଦିଆଯାଇଛି। ପୁଲିସ୍ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଜାରି ରଖିଛି।

## ଗୋପବନ୍ଧୁ ଉଚ୍ଚବିଦ୍ୟାଳୟ ପ୍ଲାଟିନମ ଜୁବୁଲି ପାଇଁ ଛାତ୍ର ସଂସଦ କମିଟି ଗଠନ

ମୋରଡା, ୯।୮ (ସମିସ): ମୋରଡାର ସର୍ବପୁରାତନ ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଅବସରରେ ପ୍ଲାଟିନମ ଜୁବୁଲି ପାଳନ ହେବାକୁ ଯାଉଛି। ଏ ନେଇ ରବିବାର ବିଦ୍ୟାଳୟର ପୁରାତନ ଛାତ୍ର ଏକାଠି ହୋଇ ମହାଆଡ଼ମ୍ବରରେ ଉତ୍ସବ ପାଳନ କରିବାକୁ ଆଲୋଚନା କରିବା ସହ ପ୍ଲାଟିନମ ଜୁବୁଲିର କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ଜୁବିଲି କମିଟିର କାର୍ଯ୍ୟକାରୀ କମିଟି ସଭାପତି ସୌମ୍ୟ ସଂଜୀବ ମହାପାତ୍ର ଓ ସାଧାରଣ ସମ୍ପାଦକ ସୌରଭ ମହାନ୍ତିଙ୍କ ଆହ୍ୱାନରେ ମୋରଡା ଗୋପବନ୍ଧୁ ଉଚ୍ଚବିଦ୍ୟାଳୟର ପୁରାତନ ଛାତ୍ର ସଂସଦ କମିଟି ଗଠନ କରାଯାଇଛି। ବରିଷ୍ଠ ଛାତ୍ର ଲକ୍ଷ୍ମୀନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ପ୍ଲାଟିନମ ଜୁବୁଲିକୁ ନେଇ ସମସ୍ତ ପୁରାତନ ଛାତ୍ର ଉତ୍ସାହିତ ଥିଲେ। ସର୍ବସମ୍ମତି କ୍ରମେ ପୁରାତନ ଛାତ୍ର ସଂସଦର ସଭାପତି ଭାବେ ଯୋଗେନ୍ଦ୍ର ନାଥ ମହାନ୍ତ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଧରମହାପାତ୍ର, ଉପସଭାପତି ଘାସିରାମ ବେହେରା, ସୁଧୀର କୁମାର ରାଜ, କୁନ୍ତୀମଣି ପାତ୍ର, ଜ୍ଞାନରଞ୍ଜନ ବାରିକ, ସାଧାରଣ ସମ୍ପାଦକ ଭାବେ ଲକ୍ଷ୍ମୀନାରାୟଣ ମହାନ୍ତି, ସମ୍ପାଦକ ଭାବେ ମାନସ ଜେନା, କାର ସୋରେନ, ଶାନ୍ତନୁ ମହାନ୍ତି, ସାଗର ମହାନ୍ତି, ବିବେକାନନ୍ଦ ବିନ୍ଧାଣି, ସାଗର ମହାନ୍ତି, କୋଷାଧ୍ୟକ୍ଷ ଭାବେ ରଞ୍ଜନ କୁମାର ମହାନ୍ତି ଓ ସ୍ମରଣିକାର ମୁଖ୍ୟ ପ୍ରକାଶକ ଭାବେ ପଦ୍ମଲୋଚନ ମହାନ୍ତଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ପ୍ଲାଟିନମ ଜୁବୁଲି ତିନିଦିନ ପାଳନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ଜାନୁଆରୀ ମାସରେ ପ୍ଲାଟିନମ ଜୁବୁଲି ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି।




### ମୟୂର ସାହିତ୍ୟ ସଂସଦର ୩୧ତମ ବାର୍ଷିକ ସାରସ୍ୱତ ସମାରୋହ

# 'ସାହିତ୍ୟ ସୃଷ୍ଟି ବୟସକୁ ଅପେକ୍ଷା କରେନି, ବାସ୍ତବର କଥା କହେ'

ବେତନଟୀ, ୯।୮ (ସମିସ):




ସାହିତ୍ୟ ସୃଷ୍ଟି ବୟସକୁ ଅପେକ୍ଷା କରେନାହିଁ, ବାସ୍ତବର କଥା କହେ ଉତ୍ତର ଓଡ଼ିଶାର ସ୍ୱନାମଧନ୍ୟ ସାରସ୍ୱତ ଅନୁଷ୍ଠାନ ମୟୂର ସାହିତ୍ୟ ସଂସଦ ବେତନଟୀର ୩୧ତମ ବାର୍ଷିକ ସାରସ୍ୱତ ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଏମ୍‌ପିସି ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ପର୍ଯ୍ୟାୟରେ ସମ୍ପାଦିତ ଏହି କାର୍ଯ୍ୟକ୍ରମକୁ ଏମ୍‌ପିସି ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅର୍ଜୁନ କୁମାର ସିଂ ଉଦ୍‌ଘାଟନ କରିଥିଲେ। କବୟିତ୍ରୀ ଡ. ମନ୍ଦାକିନୀ ସାହୁ ଏହି ଅବସରରେ ବେଦପାଠ କରିଥିଲେ। ସ୍ଥାନୀୟ ବିବେକାନନ ଶିକ୍ଷାକେନ୍ଦ୍ରର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଙ୍ଗୀତ ଗାନ ସହିତ ପ୍ରଥମ ଅଧିବେଶନ କବିଙ୍କ ସ୍ୱରଚିତ କବିତା ପାଠ ଆରମ୍ଭ ହୋଇଥିଲା। କବୟିତ୍ରୀ ସୌଦାମିନୀ ପଣ୍ଡା ମଞ୍ଚ ଆହ୍ୱାନ କରିଥିବାବେଳେ ସଂସଦର କାର୍ଯ୍ୟକାରୀ ସଭାପତି ସଚ୍ଚିଦାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ସବିତା ମହାନ୍ତି ଓ କବି ତାନଶ୍ରୀ ପାଣିଗ୍ରାହୀ କବିତାଗୁଡ଼ିକର ସଂଯୋଜନା କରିଥିଲେ। ଏହି ପର୍ଯ୍ୟାୟରେ ସମ୍ମାନିତ ଅତିଥି ଭାବେ ସୁନାଚାନ୍ଦର ସଂପାଦକ ଡ. କୁମାର ବାବୁଲି, ବଣମଲ୍ଲୀର ସମ୍ପାଦକ ପ୍ରଭାତ ଆଚାର୍ଯ୍ୟ, ତତ୍ତ୍ୱମସିର ସମ୍ପାଦକ ରାଜେନ୍ଦ୍ର ସାମଲ, ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ଶିକ୍ଷାବିତ୍ ସରୋଜ କୁମାର ଓଝା, ମୟୂର ସାହିତ୍ୟ ସଂସଦର ପୂର୍ବତନ ସଂପାଦକ ଯତୀନ୍ଦ୍ରନାଥ ସାହୁ ଯୋଗ ଦେଇଥିଲେ। କବୟିତ୍ରୀ ମିନତୀ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସଂସଦର ସଭାପତି ବିପ୍ଳବୀ କବି ଭାସ୍କର ଦ୍ୱିବେଦୀ ଅଧ୍ୟକ୍ଷତା କରି ସଂସଦର ଗୌରବମୟ କାର୍ଯ୍ୟକାରିତା ସଂପର୍କରେ ସୂଚନା ପ୍ରଦାନ କରିଥିବାବେଳେ ସଂସଦର ସାଧାରଣ ସମ୍ପାଦକ ନୀରଦ ସୁନ୍ଦର ଜେନା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସଂସଦର ଯୁଗ୍ମସମ୍ପାଦକ କବି ରତିକାନ୍ତ ବେହେରା ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗବେଷକ ଭୂମିପୁତ୍ର ଡ. ମୋହିତ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ପ୍ରଦୀପ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଡଃ ରମାକାନ୍ତ ସିଂହ ଓ ସମ୍ମାନିତ ବକ୍ତା ଭାବେ ବି.ବି. ମହାବିଦ୍ୟାଳୟ ଓଡ଼ିଆ ଭାଷା ବିଭାଗର ଅଧ୍ୟାପିକା ଜୟଶ୍ରୀ ଦାଶ ଯୋଗଦାନ କରି ସାହିତ୍ୟ ସୃଷ୍ଟି ବୟସ କି ସମୟର ଅପେକ୍ଷା କରେ ନାହିଁ ଓ ସାହିତ୍ୟ ବାସ୍ତବର କଥା କହେ ବୋଲି ଅଭିମତ ପ୍ରଦାନ କରିଥିଲେ। ଏ ଅବସରରେ ଅତିଥିଙ୍କ ଦ୍ୱାରା ସଂସଦର ବାର୍ଷିକ ମୁଖପତ୍ର 'ବନମୟୂରୀ' ଲୋକାର୍ପିତ ହେବା ସହିତ ଯୁବ କବି ପ୍ରିୟନାଥ ପାଣିଙ୍କ କବିତା ସଂକଳନ 'ନିଜଠୁ ନିଜର' ଓ କବି ପ୍ରଭାକର ସାହୁଙ୍କ କବିତା ସଂକଳନ 'ବଣମଲ୍ଲୀ' ଉନ୍ମୋଚିତ ହୋଇଥିଲା। ବନମୟୂରୀର ମୁଖ୍ୟ ସଂପାଦକ ପର୍ଶୁରାମ ସାହୁ ପତ୍ରିକା ସଂପର୍କରେ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିବାବେଳେ କବି ପ୍ରିୟନାଥ ପାଣି ଓ କବି ପ୍ରଭାକର ସାହୁ ନିଜ ନିଜ ପୁସ୍ତକର ଆଭିମୁଖ୍ୟ ପ୍ରକାଶ କରିଥିଲେ। ଏ ବର୍ଷ ସଂସଦ ଲତାସା ଖୁରାନାଙ୍କୁ ବନମୟୂରୀ ସମ୍ମାନ, ନିମାଇଁ ଚରଣ ବେହେରାଙ୍କୁ ମୟୂର ସାରସ୍ୱତ ସମ୍ମାନ, ସବିତା ମହାନ୍ତିଙ୍କୁ ମୟୂର ନାରୀଶ୍ରୀ ସମ୍ମାନ, ତାନଶ୍ରୀ ପାଣିଗ୍ରାହୀଙ୍କୁ ମୟୂର କବିଶ୍ରୀ ସମ୍ମାନ ଓ ଭାସ୍ୱତୀ ପଣ୍ଡାଙ୍କୁ ରାଧାନାଥ ଖଟୁଆ ସ୍ମୃତି ମୟୂର ଯୁବ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ କବି ଗୌତମ ଚନ୍ଦ୍ର ବେହେରା, ସହଦେବ ଗିରି, ରବୀନ୍ଦ୍ରନାଥ ଖଟୁଆ, ମୀନକେତନ ମହାନ୍ତି, ଉଷା ଶତପଥି, କମଳଲୋଚନ କର, ହରେନ୍ଦ୍ର ବାରିକ ପ୍ରମୁଖ ବିଶେଷ ସହଯୋଗ କରିଥିଲେ। ସଂସଦର ନିମନ୍ତ୍ରିତ ସଦସ୍ୟ ଅରୁଣ କୁମାର ଓତା ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ୟାରେ ବଡ଼ସାହିରେ ୫ ପଞ୍ଚାୟତର ୨୪ ଗାଁରେ ୨୪୧ ହେକ୍ଟର ଫସଲ କ୍ଷତି

## ପ୍ରଭାବିତ ଚାଷୀଙ୍କ ସହାୟତା ପାଇଁ ବିବରଣୀ ଦାଖଲ ନିର୍ଦ୍ଦେଶ

ବାରିପଦା/ବଡ଼ସାହି, ୯।୮ (ସମିସ): ବଡ଼ସାହି ବ୍ଲକରେ ବନ୍ୟା ଯୋଗୁଁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ବ୍ଲକ କୃଷି ଅଧିକାରୀଙ୍କୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ବଡ଼ସାହି ତହସିଲଦାରଙ୍କ ତରଫରୁ ଜାରି ହୋଇଥିବା ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି ଯେ, ବ୍ଲକ କୃଷି ଅଧିକାରୀଙ୍କ ଦ୍ୱାରା ଗଠିତ ଯୁଗ୍ମ ମୂଲ୍ୟାଙ୍କନ ଦଳର ରିପୋର୍ଟ ଅନୁଯାୟୀ ୫ଟି ଗ୍ରାମ ପଞ୍ଚାୟତର ୨୪ଟି ଗାଁରେ ମୋଟ ୨୪୧ ହେକ୍ଟର ଜମିରେ ଫସଲ କ୍ଷତି ହୋଇଛି। ଏହି କ୍ଷତିର ଆନୁମାନିକ ମୂଲ୍ୟ ପ୍ରାୟ ୨୦ ଲକ୍ଷ ୪୮ ହଜାର ୫୦୦ ଟଙ୍କା। ଜିଲ୍ଲା ପ୍ରଶାସନ ସରକାରୀ ସହାୟତା ବଣ୍ଟନ ପାଇଁ ପ୍ରସ୍ତାବ ପ୍ରକ୍ରିୟାକରଣ କରିବାକୁ ଯାଉଥିବାରୁ ବ୍ଲକ କୃଷି ଅଧିକାରୀଙ୍କୁ ତୁରନ୍ତ ଚାଷୀଭିତ୍ତିକ ଯାଞ୍ଚକୃତ ଲାଭାନ୍ୱିତ ତାଲିକା ଦାଖଲ କରିବାକୁ କୁହାଯାଇଛି। ଏହି ତାଲିକାରେ ଚାଷୀଙ୍କ ନାମ, ପିତା/ସ୍ୱାମୀଙ୍କ ନାମ, ଗାଁ ଓ ଗ୍ରାମପଞ୍ଚାୟତ, ଖାତା ନମ୍ବର, ପ୍ଲଟ ନମ୍ବର, କ୍ଷତିଗ୍ରସ୍ତ କ୍ଷେତ୍ରଫଳ, ଫସଲର ପ୍ରକାର, କ୍ଷତିର ପରିମାଣ, ବ୍ୟାଙ୍କ ନାମ, ଆକାଉଣ୍ଟ ନମ୍ବର, ଆଇଏଫସି କୋଡ୍, ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଥିବା ଆବଶ୍ୟକ।

ତହସିଲଦାର ବିଶ୍ୱନାଥ ବିଶ୍ୱାଳ କହିଛନ୍ତି ଯେ, ଜମି ରେକର୍ଡ, ଚାଷ ବିବରଣୀ ଓ ବ୍ୟାଙ୍କ ଆକାଉଣ୍ଟ ବିବରଣୀର ସମ୍ପୂର୍ଣ୍ଣ ଯାଞ୍ଚ କରାଯିବ। କୌଣସି ପ୍ରକୃତ ଲାଭାନ୍ୱିତ ବ୍ୟକ୍ତିଙ୍କୁ ଛାଡ଼ିବା କିମ୍ବା ଅଯୋଗ୍ୟ ବ୍ୟକ୍ତିଙ୍କୁ ତାଲିକାରେ ସାମିଲ କରିବା ଉଚିତ ନୁହେଁ। ଏହାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା, ସଠିକତା ଓ ଦାୟିତ୍ୱ ସହିତ କରାଯିବ। ଏହି ବିଜ୍ଞପ୍ତିର ନକଲ ସମସ୍ତ ସୁପରଭାଇଜିଂ ଅଫିସର, ସବ୍‌କଲେକ୍ଟର ବାରିପଦା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ସହକାରୀ ଜିଲ୍ଲାପାଳ (ଆପାତ୍ତକାଳୀନ) ଓ ଜିଲ୍ଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କୁ ପ୍ରେରଣ କରାଯାଇଛି। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ପ୍ରତି ମୂଲ୍ୟାଙ୍କନ ଦଳରେ ୩-୪ ଜଣ କୃଷକ ସାଥି ନିୟୋଜିତ କରି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି। ଏହି ବିଷୟକୁ ଅତ୍ୟନ୍ତ ଜରୁରୀ ଭାବେ ଗ୍ରହଣ କରି ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି।

ସକାଳ
THE SAKALA

# ସମ୍ପାଦକୀୟ



ବଡ଼ ସ୍ୱପ୍ନ, କଠିନ ପରିଶ୍ରମ, ବିନୟୀ, ସକାରାତ୍ମକ ଲୋକଙ୍କ ଗହଣ ହିଁ ସଫଳତାର ମନ୍ତ୍ର।
-ସୁନିତା ୱିଲିୟମସ୍

## ସାମ୍ବାଦିକଙ୍କୁ ପ୍ରତାରଣା!

ଓଡ଼ିଶାରେ କାର୍ଯ୍ୟରତ ପେସାଦାର ସାମ୍ବାଦିକଙ୍କ ପାଇଁ ପ୍ରଚଳିତ 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'କୁ 'ଆୟୁଷ୍ମାନ ଭାରତ' ଯୋଜନାରେ ବିଲୟ କରିବା ପାଇଁ ମସୁଧା ଚାଲିଥିବା ଜଣାପଡ଼ିବା ପରେ ସାମ୍ବାଦିକ ସଂଘମାନେ ଏହାର ତୀବ୍ର ବିରୋଧ କରି ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ପୂର୍ବ ସରକାର ଅମଳରେ ୨ ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ଏହି ବୀମା ଯୋଜନା ୨୦୨୩ରେ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ଏମିତି କ'ଣ ଅସୁବିଧା ହେଲା ଯେ ଏହାକୁ ଏବେ କେନ୍ଦ୍ର ସରକାରଙ୍କ 'ଆୟୁଷ୍ମାନ ଯୋଜନା' ସହିତ ସାମିଲ୍ କରିବାକୁ ପଡ଼ିବ - ଏହି ପ୍ରଶ୍ନ ସାମ୍ବାଦିକ ମହଲରେ ଉଠିଛି।

୨୦୨୪ରେ ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରଠାରୁ ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନର ଧାରା ଆରମ୍ଭ ହୋଇଛି। ଏହିକ୍ରମରେ ଯଦି କେବଳ ଉପରୋକ୍ତ ଯୋଜନାର ନାମ ବଦଳି ଯାଇଥା'ନ୍ତା ତେବେ ଆପତ୍ତି ନ ଥା'ନ୍ତା। କିନ୍ତୁ ଏହି ବହୁଳ ଆଦୃତ ଯୋଜନାକୁ 'ଆୟୁଷ୍ମାନ ଭାରତ'ରେ ବିଲୟ କରାଯିବାକୁ ନିଷ୍ପତ୍ତି ଚୂଡ଼ାନ୍ତ ହୋଇସାରିଥିବା ସୂଚନା ମିଳିବା ପରେ ବିବାଦ ଉଠିଛି। ବିବାଦ ପଛର ଯଥାର୍ଥତା ଓ ଯୌକ୍ତିକତା ମଧ୍ୟ ସୁସ୍ପଷ୍ଟ। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ଭଳି 'ଗୋପବନ୍ଧୁ ସାମ୍ବାଦିକ ବୀମା ଯୋଜନା'ରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାଧାରହିତ ଓ ସର୍ତ୍ତରହିତ ଚିକିତ୍ସା ସୁବିଧା ମିଳୁଥିଲା। ଆପତ୍କାଳୀନ ଚିକିତ୍ସା କ୍ଷେତ୍ରରେ ଟଙ୍କା ଦେଇ ଚିକିତ୍ସିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହାର ଭରଣା ହୋଇପାରୁଥିଲା। ଅଧିକନ୍ତୁ ଯେକୌଣସି ଜଟିଳ ରୋଗର ଉନ୍ନତ ମାନର ଚିକିତ୍ସା ସମ୍ଭବ ହୋଇପାରୁଥିଲା। କିନ୍ତୁ 'ଆୟୁଷ୍ମାନ ଭାରତ' ଯୋଜନାରେ ତାହା ଆଉ ଉପଲବ୍ଧ ହେବ ନାହିଁ।

'ଆୟୁଷ୍ମାନ ଭାରତ' ଯୋଜନା ଏତେ ସର୍ତ୍ତ ସମ୍ବଳିତ ଯେ ଆଶୁ ଚିକିତ୍ସା ସୁବିଧା ସବୁବେଳେ ମିଳିବା ତ ଦୂରର କଥା ଅନେକ ରୋଗର ଚିକିତ୍ସା ଏହି ଯୋଜନା ଅଧୀନରେ ଆସୁନାହିଁ। ଯେଉଁଗୁଡ଼ିକ ଆସୁଛି ତାହାର ଚିକିତ୍ସା ମଧ୍ୟ ନିମ୍ନମାନର। କ୍ୟାସ୍ ବା ଅନ୍ୟ ବୀମାଧାରୀ ରୋଗୀଙ୍କୁ ଯେଉଁମାନର ଚିକିତ୍ସା ସୁବିଧା, ଔଷଧ, କ୍ୟାବିନ୍, ଆଇସିୟୁ ଆଦି ଉପଲବ୍ଧ ତାହା 'ଆୟୁଷ୍ମାନ ଭାରତ' ଯୋଜନାରେ କ୍ୱଚିତ ସମ୍ଭବ। ଚିକିତ୍ସା ପ୍ରକ୍ରିୟା ମଧ୍ୟ ଜଟିଳ। ଏଣୁ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ ହେଲେ ସାମ୍ବାଦିକମାନେ କ୍ଷତିଗ୍ରସ୍ତ ହେବେ; ଅପରପକ୍ଷରେ ସରକାର ଲାଭରେ ରହିବେ। ତେଣୁ ବିରୋଧାଭାସ ଉଠିବା ସ୍ୱାଭାବିକ।

ସରକାର ଶ୍ରୀମନ୍ଦିର ସେବାୟତଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଣୟନ କରିଥିବା ବେଳେ ଆଇନଜୀବୀମାନଙ୍କ ପାଇଁ ୫ ଲକ୍ଷ ଟଙ୍କାର 'ମଧୁବାବୁ ସ୍ୱାସ୍ଥ୍ୟ ବୀମା' ଯୋଜନା କାର୍ଯ୍ୟକାରୀ କରିବାକୁ ସବୁଜ ସଙ୍କେତ ଦେଇଛନ୍ତି। ଆଇନଜୀବୀମାନଙ୍କୁ ବ୍ୟକ୍ତିଗତ ଅବସର ଓ ଅନୁକମ୍ପାମୂଳକ କ୍ଷତିଭରଣା ରାଶି ୯ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ତେବେ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ, ଯୋଜନା ଓ ନୀତିଗତ ନିଷ୍ପତ୍ତିକୁ ଲୋକମାନଙ୍କ ପାଖରେ ପହଞ୍ଚାଉଥିବା କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ସରକାରଙ୍କ ଏହି ପ୍ରତାରଣା କ'ଣ ପାଇଁ ବୋଲି ପ୍ରଶ୍ନ ଉଠୁଛି। ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଁ ସାମ୍ବାଦିକମାନେ କରୁଥିବା ଦାବିକୁ ଗ୍ରହଣ କରିବା ବଦଳରେ 'ଆୟୁଷ୍ମାନ ଭାରତ' ଯୋଜନାରେ ସାମିଲ୍ କରି ସଂକୁଚିତ କରିବାରେ ସରକାରଙ୍କ ବୈମାତୃକ ମନୋଭାବ କେବଳ ଯାହା ପ୍ରତିଫଳିତ ହେଉଛି।

## ସଶକ୍ତୀକରଣ ପ୍ରହସନ

ରାଜ୍ୟରେ ଧାନସଂଗ୍ରହ ଦାୟିତ୍ୱରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ରାଜ୍ୟ ସରକାର ମୁକ୍ତ କରିଛନ୍ତି। ଏହାବଦଳରେ ଚାଷୀମାନଙ୍କଠାରୁ ପ୍ୟାକ୍ସ, ଲ୍ୟାମ୍ପସ ଓ ପାଣି ପଞ୍ଚାୟତ ଧାନ ସଂଗ୍ରହ କରିବେ। ଆସନ୍ତା ଖରିଫ୍ ଧାନ ସଂଗ୍ରହ ଋତୁରୁ ଏହା କାର୍ଯ୍ୟକାରୀ ହେବ। ଏଥିସହିତ ପଞ୍ଜିକରଣ ପ୍ରକ୍ରିୟାରେ ମଧ୍ୟ ସରକାର କେତେକ ପରିବର୍ତ୍ତନ କରିଛନ୍ତି। କିନ୍ତୁ ଏହି ନିଷ୍ପତ୍ତି ପରିବର୍ତ୍ତନ ପଛରେ କୌଣସି ଦୃଢ଼ ଯୁକ୍ତି ବା ପୂର୍ବ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ସରକାର ଦର୍ଶାଇ ନାହାନ୍ତି। ତେଣୁ ଏହି ନିଷ୍ପତ୍ତି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ ହେଉଛି।

ମହିଳମାନଙ୍କୁ ସ୍ୱାବଲମ୍ବୀ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ସଶକ୍ତ କରିବା ପାଇଁ ପୂର୍ବ ସରକାର ଅମଳରେ 'ମିଶନ୍ ଶକ୍ତି' ଗଠନ କରାଯାଇ ତା' ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)ମାନଙ୍କୁ ବିଭିନ୍ନ ଦାୟିତ୍ୱ ଆବଣ୍ଟନ କରାଯାଇଥିଲା। ଏଥିମଧ୍ୟରୁ ଅନ୍ୟତମ ଥିଲା ଜଞ୍ଜାଳବହୁଳ ଧାନ ସଂଗ୍ରହ କାର୍ଯ୍ୟ। ରାଜ୍ୟରେ କୃଷି କ୍ଷେତ୍ରରେ ମହିଳାମାନଙ୍କର ଯୋଗଦାନ ଉଲ୍ଲେଖନୀୟ ହେଲେ ମଧ୍ୟ ବାସ୍ତବକ୍ଷେତ୍ରରେ ସେମାନେ ଶ୍ରେୟର ହକ୍‌ରୁ ବଞ୍ଚିତ। ତେଣୁ କୃଷିରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ଓ ସମ୍ମାନ ଦେବା ସହିତ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବା ପାଇଁ ତତ୍କାଳୀନ ରାଜ୍ୟ ସରକାର ନେଇଥିବା ଉକ୍ତ ପଦକ୍ଷେପକୁ ସବୁମହଲରୁ ସ୍ୱାଗତ କରାଯାଇଥିଲା। ଏଥିସହିତ ଆନୁଷଙ୍ଗିକ କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣରେ ସେମାନଙ୍କ ଅଂଶଦାନକୁ ପ୍ରୋତ୍ସାହିତ କରାଯାଉଥିଲା। ମହିଳା ଏସ୍ଏଚ୍ଜିମାନେ ଧାନ ସଂଗ୍ରହ ଦାୟିତ୍ୱ ନେବା ପରେ କଟ୍‌ନିଛଟ୍‌ନି ଅଭିଯୋଗ ପ୍ରାୟତଃ ହ୍ରାସ ପାଇଥିଲା ଏବଂ ମିଲରମାନଙ୍କର ମନମୁଖି କାରବାର ମଧ୍ୟ କମିଥିଲା। କିନ୍ତୁ ୨୦୨୪ରେ ରାଜ୍ୟରେ ସରକାର ବଦଳିବା ପରେ ମହିଳା ସଶକ୍ତୀକରଣର ଚିତ୍ର ଧୀରେ ଧୀରେ ନିଷ୍ପ୍ରଭ ହୋଇଆସୁଛି। ଏହାର ସଦ୍ୟତମ ଉଦାହରଣ ଭାବେ ଧାନ ସଂଗ୍ରହ ପ୍ରକ୍ରିୟାରୁ ମହିଳା ଏସ୍ଏଚ୍ଜିକୁ ବାଦ୍ ଦିଆଯାଇଛି।

କେବଳ ଟଙ୍କା କିମ୍ବା ଲକ୍ଷ୍ମୀ ପୁରାଣ ବାଣ୍ଟି ମହିଳା ସଶକ୍ତୀକରଣ ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଏଥିପାଇଁ ଲୋଡ଼ା ଦୂରଦୃଷ୍ଟି ସମ୍ପନ୍ନ ଦୀର୍ଘମିଆଦୀ ଉତ୍ପାଦଭିତ୍ତିକ ଯୋଜନା। ଗତ ଦୁଇବର୍ଷରେ ମହିଳା ସଶକ୍ତୀକରଣକୁ ତ୍ୱରାନ୍ୱିତ କଲା ଭଳି ସରକାରୀ କାର୍ଯ୍ୟକ୍ରମ ଦୃଷ୍ଟିଗୋଚର ହେଉନାହିଁ। ଅଧିକନ୍ତୁ ରାଜନୈତିକ ପଶପାଲିରେ ମହିଳା ସଶକ୍ତୀକରଣ ଦୁର୍ବଳ ହେଉଥିବା ଅଭିଯୋଗ ଓ ଅନୁଭବ ହେଉଛି। ତେଣୁ ସରକାର ସ୍ଲୋଗାନ୍ ପ୍ରସହନ ବନ୍ଦ କରି ବାସ୍ତବବାଦୀ ହୁଅନ୍ତୁ।

# ଖାଦ୍ୟ ସୁରକ୍ଷାର ବଦଳୁଥିବା ସ୍ଥିତି

**ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ**

ଓଡ଼ିଶାରେ ଖାଦ୍ୟ ସୁରକ୍ଷା କହିଲେ ଆମେ ସାଧାରଣତଃ ଭଲ ବର୍ଷା, ଭଲ ମାଟି ଓ ସ୍ଥାନୀୟ ଚାଷକାର୍ଯ୍ୟକୁ ବୁଝୁଥିଲୁ। କିନ୍ତୁ ଏହି ପୁରୁଣା ଚିନ୍ତାଧାରା ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି। ଆଜିର ଚାଷକାର୍ଯ୍ୟ ବିଶ୍ୱର ରାଜନୀତି ଓ ବିଶ୍ୱବଜାର ସହିତ ସିଧାସଳଖ ଯୋଡ଼ି ହୋଇରହିଛି। ସେଥିପାଇଁ ବିଦେଶରେ ଘଟୁଥିବା ଘଟଣା ଆମ ଓଡ଼ିଶାର ଗାଁ ଗହଳିର ଚାଷୀ ଉପରେ ସିଧାସଳଖ ପ୍ରଭାବ ପକାଉଛି। ଉଦାହରଣ ସ୍ୱରୂପ, ପଶ୍ଚିମ ଏସିଆ ଅଞ୍ଚଳରେ ଯୁଦ୍ଧର ପ୍ରଭାବ ଯୋଗୁଁ ଆମ ଓଡ଼ିଶାର ଗାଁରେ ସାର ବସ୍ତାର ଦାମ ବଢ଼ିଯାଉଛି। ସେହିପରି ପ୍ରଶାନ୍ତ ମହାସାଗରରେ ପାଣିପାଗର ପରିବର୍ତ୍ତନ ଯୋଗୁଁ ଆମ ରାଜ୍ୟରେ ଖରା ଓ ବର୍ଷା ଅନିୟମିତ ହେଉଛି। ଏହିପରି ଭାବେ ଓଡ଼ିଶାର ଚାଷ କାର୍ଯ୍ୟ ଏବେ ବିଶ୍ୱର ଯୁଦ୍ଧ ଏବଂ ଜଳବାୟୁ ପରିବର୍ତ୍ତନ ଭିତରେ ଫସି ରହିଛି। ଏହି ସମସ୍ୟାରୁ ଓଡ଼ିଶାକୁ ରକ୍ଷା କରିବା ପାଇଁ ଆମକୁ ଏକ ସ୍ଥାୟୀ ଓ ସ୍ୱାଧୀନ ଯୋଜନା ପ୍ରସ୍ତୁତ କରିବାକୁ ହେବ।

ଆମର ଆଧୁନିକ ଚାଷ ସମ୍ପୂର୍ଣ୍ଣ ଭାବେ ରାସାୟନିକ ସାର, ବିଶେଷକରି ୟୁରିଆ, ଉପରେ ନିର୍ଭର କରେ। ୟୁରିଆ ତିଆରି କରିବା ପାଇଁ ପ୍ରାକୃତିକ ଗ୍ୟାସର ପ୍ରମୁଖ ଆବଶ୍ୟକତା ରହିଥାଏ। ସାର ତିଆରି ଖର୍ଚ୍ଚର ପ୍ରାୟ ୮୦% ରୁ ୯୦% ଭାଗ କେବଳ ଏହି ଗ୍ୟାସ ଓ ଶକ୍ତି ପାଇଁ ଖର୍ଚ୍ଚ ହୋଇଥାଏ। ସେଥିପାଇଁ ବିଶ୍ୱ ବଜାରରେ ଗ୍ୟାସର ଦାମ ବଢ଼ିଲେ ସାରର ଦାମ ମଧ୍ୟ ବଢ଼ିଯାଏ। ବିଶ୍ୱର ପ୍ରାୟ ୩୫% ଗ୍ୟାସ ଏବଂ ଏକ-ତୃତୀୟାଂଶ ସାର ପଶ୍ଚିମ ଏସିଆର ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ସାମୁଦ୍ରିକ ରାସ୍ତା ଦେଇ ଯାତାୟାତ କରିଥାଏ। ଯଦି ସେହି ଅଞ୍ଚଳରେ ଯାତାୟାତ ବନ୍ଦ ହୁଏ, ବିଶ୍ୱ ବଜାରରେ ୟୁରିଆ ଦାମ ହଠାତ ୪୬% ପର୍ଯ୍ୟନ୍ତ ବଢ଼ିଯାଏ। ବିଶ୍ୱବ୍ୟାଙ୍କର ତଥ୍ୟ ଅନୁସାରେ ଚଳିତ ବର୍ଷ ସାରର ଦାମ ଟନ୍ ପିଛା ୮୩,୫୦୦ଟଙ୍କା ରୁ ୯୭,୦୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ିଯାଇପାରେ। ଓଡ଼ିଶାର ପ୍ରାୟ ୪୫% ଲୋକ ଚାଷ ଉପରେ ନିର୍ଭର କରନ୍ତି ଏବଂ ରାଜ୍ୟ ଆୟର ୧୮% ଭାଗ ଚାଷରୁ ଆସେ। ତେଣୁ ଅନ୍ତର୍ଜାତୀୟ ବଜାରରେ ସାର ଦାମ ବଢ଼ିଲେ ଆମ ରାଜ୍ୟର ଗରିବ ଚାଷୀମାନେ ଅଧିକ ଟଙ୍କା ଖର୍ଚ୍ଚ କରି ସାର କିଣିପାରନ୍ତି ନାହିଁ। ଏହାଦ୍ୱାରା ଆମର ଖରିଫ ଓ ରବି ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଓଡ଼ିଶାର ପ୍ରାୟ ୭୦% ରୁ ୮୦% ଚାଷୀ ହେଉଛନ୍ତି ନାମମାତ୍ର ବା କ୍ଷୁଦ୍ର ଚାଷୀ। ସେମାନଙ୍କ ପାଖରେ ୨ ହେକ୍ଟରରୁ କମ୍ ଜମି ଥାଏ। ସେମାନଙ୍କର ଆର୍ଥିକ ସ୍ଥିତି ବହୁତ ଦୁର୍ବଳ। ସେଥିପାଇଁ ସାରର ଦାମ ବଢ଼ିଲେ ସେମାନେ କମ୍ ସାର ବ୍ୟବହାର କରନ୍ତି କିମ୍ବା ଚାଷ ଜମିର ପରିମାଣ କମାଇ ଦିଅନ୍ତି। କେତେକ ଚାଷୀ ଭଲ ବିହନ ବଦଳରେ କମ୍ ଅମଳ ଦେଉଥିବା ପୁରୁଣା ବିହନ ବ୍ୟବହାର କରନ୍ତି। ଏହାଦ୍ୱାରା ରାଜ୍ୟରେ ମୋଟ ଖାଦ୍ୟ ଉତ୍ପାଦନ କମିଯାଏ।

ଅନ୍ୟପଟେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଆମ ପାଣିପାଗରେ ବଡ଼ ସମସ୍ୟା ଦେଉଛି। ଆଜିକାଲି କେବଳ ବର୍ଷାର ପରିମାଣ କମିବା ବଡ଼ କଥା ନୁହେଁ, ବରଂ ବାୟୁମଣ୍ଡଳରେ ଜଳୀୟବାଷ୍ପର ଅଭାବ ଆଉ ଏକ ପ୍ରମୁଖ ସମସ୍ୟା। ଏହାକୁ ଆମେ ବାୟୁମଣ୍ଡଳର 'ଶୋଷ' ବୋଲି କହିପାରିବା। ପୃଥିବୀର ତାପମାତ୍ରା ବଢ଼ିବା ଯୋଗୁଁ ବାୟୁମଣ୍ଡଳ ମାଟି ଓ ଫସଲରୁ ଅତିଶୀଘ୍ର ପାଣି ଶୋଷିନେଉଛି। ଏହାଦ୍ୱାରା ବର୍ଷା ଠିକ୍ ହେଲେ ମଧ୍ୟ ମାଟି ଖୁବ୍ ଶୀଘ୍ର ଶୁଖିଯାଉଛି। ଓଡ଼ିଶାର ପ୍ରଧାନ ଖାଦ୍ୟ ଚାଉଳ। କିନ୍ତୁ ଧାନ ଦାନା ଧୋଇବା ସମୟରେ ଯଦି ଦିନର ତାପମାତ୍ରା ୩୫ ଡିଗ୍ରୀରୁ ଅଧିକ ହୁଏ, ତେବେ ଧାନ ଫସଲର ପରାଗସଙ୍ଗମ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଏହାକୁ ବୈଜ୍ଞାନିକ ଭାଷାରେ 'ସ୍ପାଇକଲେଟ୍ ଷ୍ଟେରିଲିଟି'(ଅଗାଡ଼ି) କୁହାଯାଏ। ବାହାରକୁ ବିଲ ସବୁଜ ଦେଖାଗଲେ ମଧ୍ୟ ଭିତରେ ଧାନଗୁଡ଼ିକ ଅଗାଡ଼ି ହୋଇଯାଏ। ପାଣିପାଗର ଏହି ନୂଆ ସମସ୍ୟା ଏବେ ଓଡ଼ିଶା ଭଳି ଉପକୂଳ ଅଞ୍ଚଳରେ ଅଧିକ ଦେଖିବାକୁ ମିଳୁଛି। ଏହାଛଡ଼ା ଓଡ଼ିଶା ବଙ୍ଗୋପସାଗର କୂଳରେ ଥିବାରୁ ଏଠାରେ ସମୁଦ୍ରର ତାପମାତ୍ରା ବଢ଼ିବାରେ ଲାଗିଛି। ଏଥିଯୋଗୁଁ ଧାନ ପାକଳ ହେବା ସମୟରେ ବଡ଼ ବଡ଼ ବାତ୍ୟା ମାଡ଼ି ଆସୁଛି। ଏହି ବାତ୍ୟା ଯୋଗୁଁ ବିଲରେ ଧାନ ଫସଲ ଶୋଇପଡ଼େ, ଲୁଣାପାଣି ମାଡ଼ିଯାଏ ଏବଂ ଅମଳ ହେବାକୁ ଥିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଏ। ଏହା ଗାଁର ବଜାର ଓ ଗମନାଗମନ ବ୍ୟବସ୍ଥାକୁ ମଧ୍ୟ ସମ୍ପୂର୍ଣ୍ଣ ଉଜାଡ଼ି ଦିଏ।

ଯେତେବେଳେ ବଜାରରେ ଖାଦ୍ୟ ପଦାର୍ଥର ଦାମ ବଢ଼ିଯାଏ, ସେତେବେଳେ ଗରିବ ପରିବାରଗୁଡ଼ିକ ପେଟ ଭରିବା ପାଇଁ କେବଳ ସରକାରୀ ଚାଉଳ ଉପରେ ନିର୍ଭର କରନ୍ତି। ମହଙ୍ଗା ମାଡ଼ ଯୋଗୁଁ ସେମାନେ ଡାଲି, କ୍ଷୀର, ପନିପରିବା ଏବଂ ଫଳ ଖାଇବା ବନ୍ଦ କିମ୍ବା କମ କରିଦିଅନ୍ତି। ଏହାଦ୍ୱାରା ଶରୀରକୁ କ୍ୟାଲୋରୀ ମିଳିଯାଏ, କିନ୍ତୁ ଜୀବସାର ଓ ପୁଷ୍ଟିସାର ମିଳେନାହିଁ। ଏହାକୁ 'ହିଡେନ୍ ହଙ୍ଗର' କୁହାଯାଏ। ଏହାର ପ୍ରଭାବରେ ଗାଁର ମହିଳା ଓ ପିଲାମାନେ ପୁଷ୍ଟିହୀନତାର ଶିକାର ହୁଅନ୍ତି ଏବଂ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ବାଧାପ୍ରାପ୍ତ ହୁଏ। ଅନ୍ୟପଟେ ଚାଷରେ କ୍ଷତି ହେବା ଯୋଗୁଁ ଗାଁର ପୁରୁଷମାନେ କାମ ସନ୍ଧାନରେ ବାହାର ରାଜ୍ୟକୁ ପଳାଉଛନ୍ତି। ଏଥିଯୋଗୁଁ ଗାଁରେ ମହିଳାମାନେ ହିଁ ସମସ୍ତ ଚାଷ କାର୍ଯ୍ୟ ବୁଝୁଛନ୍ତି। କିନ୍ତୁ ଓଡ଼ିଶାରେ ୧୫% ରୁ କମ୍ ମହିଳାଙ୍କ ନାମରେ ଜମିର ପଟ୍ଟା ରହିଛି। ଜମି ପଟ୍ଟା ନଥିବାରୁ ଏହି ମହିଳା ଚାଷୀମାନଙ୍କୁ ବ୍ୟାଙ୍କରୁ ସହଜରେ ଋଣ ମିଳେନାହିଁ କିମ୍ବା ସେମାନେ ସରକାରୀ ସାହାଯ୍ୟ ଓ ଫସଲ ବୀମା ପାଇପାରନ୍ତି ନାହିଁ। ଶେଷରେ ସେମାନେ ଗାଁର ମହାଜନମାନଙ୍କଠାରୁ ଚଢ଼ା ସୁଧରେ ଋଣ ଆଣି ଋଣଯନ୍ତା ଭିତରେ ଫସିଯାଆନ୍ତି।

ଏହିସବୁ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ସମସ୍ୟାରୁ ଓଡ଼ିଶାର ଖାଦ୍ୟ ସୁରକ୍ଷାକୁ ରକ୍ଷା କରିବା ପାଇଁ ଆମକୁ କେତେକ ଦୀର୍ଘସ୍ଥାୟୀ ଓ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ହେବ। ପ୍ରଥମେ, ସାର ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ନିଜସ୍ୱ 'ସାର ବ୍ୟାଙ୍କ' ବା ଗୋଦାମ ପ୍ରତିଷ୍ଠା କରିବା ଆବଶ୍ୟକ। ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ବରଗଡ଼ ଓ ବାଲେଶ୍ୱର ଭଳି ପ୍ରମୁଖ ଚାଷ ଅଞ୍ଚଳରେ ୬ ମାସ ପାଇଁ ଆଗୁଆ ୟୁରିଆ ଓ ଡି.ଏ.ପି. ସାର ମହଜୁଦ ରଖିବାକୁ ହେବ। ଯଦି ବିଦେଶରେ ଯୁଦ୍ଧ ହେତୁ ବଜାରରେ ସାର ଦାମ ଅଧିକ ହୋଇଯାଏ, ସରକାର ନିଜ ମହଜୁଦ ପାଣ୍ଠିରୁ ଚାଷୀଙ୍କୁ ନିଶ୍ଚିତ ଭାବେ ବସ୍ତା ପ୍ରତି ୩୦୦ଟଙ୍କା ଭଳି ଏକ ସ୍ଥିର ଦାମରେ ସାର ଯୋଗାଇ ଦେବେ। ଏହାଦ୍ୱାରା ବିଶ୍ୱ ବଜାରର ପ୍ରଭାବ ଆମ ଚାଷୀ ଉପରେ ପଡ଼ିବ ନାହିଁ। ଦ୍ୱିତୀୟରେ, ଓଡ଼ିଶାର କୃଷି ବିଶ୍ୱବିଦ୍ୟାଳୟ ଏବଂ କଟକର ଜାତୀୟ ଧାନ ଗବେଷଣା କେନ୍ଦ୍ର ମିଶି କମ୍ ଦିନରେ ଅମଳ ହେଉଥିବା ଏବଂ ଜଳବାୟୁ ସହନଶୀଳ ବିହନ ପ୍ରସ୍ତୁତ କରିବା ଉଚିତ୍। ଉଦାହରଣ ସ୍ୱରୂପ, 'ସ୍ୱର୍ଣ୍ଣ ସବ୍-୧' ଏବଂ 'ସି.ଆର୍ ଧାନ ୮୦୨' ଭଳି ବିହନ ବ୍ୟବହାର କରାଯିବା ଦରକାର। ଏହି ବିହନରୁ ଉତ୍ପନ୍ନ ଫସଲ ୧୪ ଦିନ ପର୍ଯ୍ୟନ୍ତ ପାଣି ଭିତରେ ବୁଡ଼ି ରହିଲେ ନଷ୍ଟ ହୁଏନାହିଁ ଏବଂ ଏହା ମରୁଡ଼ି ମଧ୍ୟ ସହ୍ୟ କରିପାରେ। ଏହା ସହିତ ଏପରି ବିହନ ପ୍ରସ୍ତୁତ କରିବାକୁ ହେବ, ଯାହାର ଫୁଲ ଆସିବା ପ୍ରକ୍ରିୟା ସକାଳୁ ସକାଳୁ ଶେଷ ହୋଇଯାଉଥିବ, ଯାହାଦ୍ୱାରା ଦିନର ଖରା ଓ ୩୫ଡିଗ୍ରୀରୁ ଅଧିକ ତାପମାତ୍ରା ଯୋଗୁଁ ଧାନ ଅଗାଡ଼ି ହେବାର ଆଶଙ୍କା ରହିବ ନାହିଁ।

ତୃତୀୟରେ, ଡିଜେଲ ପମ୍ପ ବଦଳରେ ସରକାର ସୌରଶକ୍ତି ଚାଳିତ ଜଳସେଚନ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। 'କୃଷକ ପୋଖରୀ' ଯୋଜନା ମାଧ୍ୟମରେ ଗଞ୍ଜାମ ଭଳି ଜିଲ୍ଲାରେ ପୋଖରୀ ଖୋଳାଯାଇ ସେଥିରେ ସୋଲାର ପମ୍ପ ଲଗାଯାଇପାରିବ। ଯୁଦ୍ଧ ହେତୁ ଯଦି ବିଶ୍ୱରେ ଅଶୋଧିତ ତୈଳ ଦାମ ବଢ଼େ ଆମ ଚାଷୀର ଜଳସେଚନ ଖର୍ଚ୍ଚ ବଢ଼ିବ ନାହିଁ। ଚତୁର୍ଥରେ, ବ୍ଲକ ସ୍ତରରେ ଆଧୁନିକ ପାଣିପାଗ କେନ୍ଦ୍ର ସ୍ଥାପନ କରି ଚାଷୀଙ୍କୁ ୭୨ ଘଣ୍ଟା ଆଗରୁ ମୋବାଇଲ୍ ମାଧ୍ୟମରେ ସୂଚନା ଦେବାକୁ ହେବ। ଯଦି ଧାନ ଦାନା ଧୋଇବା ସମୟରେ ଅନୁଗୁଳ ଭଳି ଅଞ୍ଚଳରେ ୩୫ଡିଗ୍ରୀରୁ ଅଧିକ ଖରା ହେବାର ସମ୍ଭାବନା ଥାଏ, ତାହା ଚାଷୀଙ୍କୁ ଆଗୁଆ ଜଣାଇ ଦିଆଯିବ। ସୂଚନା ପାଇ ଚାଷୀ ବିଲରେ ସାମାନ୍ୟ ପାଣି ଜମେଇ ରଖିବେ, ଯାହାଦ୍ୱାରା ଫସଲ ଚାରିପାଖ ଥଣ୍ଡା ରହିବ ଏବଂ ନଷ୍ଟ ହେବନାହିଁ। ପଞ୍ଚମରେ, ମହିଳା ଚାଷୀମାନଙ୍କୁ ସରକାରୀ ସ୍ୱୀକୃତି ଦେବା ପାଇଁ 'କୃଷକ ସହାୟତା କାର୍ଡ' ପ୍ରଦାନ କରାଯିବା ଉଚିତ୍। ଜମି ପଟ୍ଟା ନଥିଲେ ମଧ୍ୟ ସେମାନଙ୍କର ଚାଷ ଚୁକ୍ତିପତ୍ରକୁ ଗ୍ରହଣ କରି ବ୍ୟାଙ୍କଗୁଡ଼ିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ଯୌଥ ଦାୟିତ୍ୱ ଗୋଷ୍ଠୀ ମାଧ୍ୟମରେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ କେବଳ ୪% ସୁଧରେ ଦେବା ଆବଶ୍ୟକ। ଏହାଦ୍ୱାରା ମହିଳାଚାଷୀମାନେ ସାହୁକାରଙ୍କ କବଳରୁ ରକ୍ଷା ପାଇବେ। ଷଷ୍ଠରେ, ପରିବାରକୁ ପୁଷ୍ଟିହୀନତାରୁ ରକ୍ଷା କରିବା ପାଇଁ ସରକାରୀ ରାସନ ବ୍ୟବସ୍ଥାରେ ଚାଉଳ ସହିତ ୨୦% ମାଣ୍ଡିଆ ଏବଂ ଶସ୍ତାରେ ହରଡ଼ ଡାଲି (କିଲୋ ପିଛା ୪୦ଟଙ୍କା) ଯୋଗାଇ ଦେବା ଆବଶ୍ୟକ। ଓଡ଼ିଶା ମାଣ୍ଡିଆ ମିଶନର ସଫଳତାକୁ ଏଥିରେ ବ୍ୟବହାର କରାଯାଇପାରିବ। ମାଣ୍ଡିଆ ଚାଷ ପାଇଁ କମ୍ ପାଣି ଓ ଶୂନ ରାସାୟନିକ ସାର ଆବଶ୍ୟକ ହେଉଥିବାରୁ ଏହା ଉପରେ ବିଶ୍ୱ ବଜାରର କୌଣସି ପ୍ରଭାବ ପଡ଼େନାହିଁ। ଏହାଦ୍ୱାରା ଗରିବ ଲୋକଙ୍କୁ ସହଜରେ ପୁଷ୍ଟିସାର ମିଳିପାରିବ ଏବଂ ଓଡ଼ିଶାରୁ ପୁଷ୍ଟିହୀନତା ସମ୍ପୂର୍ଣ୍ଣ ଦୂର ହେବ।

ଭୁବନେଶ୍ୱର, ମୋ:୭୭୩୫୩୭୪୯୭

# ପରିତ୍ୟକ୍ତ ପିତାମାତା

**ବୈଷ୍ଣବ ମେହେର**



ନିକଟରେ ଖବରକାଗଜରେ ଆମ ରାଜ୍ୟର ଏପରି କିଛି ଅବାଞ୍ଛିତ ଓ ଅମାନବୀୟ ଘଟଣା ଦେଖିବାକୁ/ପଢ଼ିବାକୁ ମିଳିଛି। ଗୋଟିଏ ଖବରରେ ଜଣେ ବୃଦ୍ଧଙ୍କୁ ତାଙ୍କ ପୁଅମାନେ ଖାଇବାକୁ ନଦେବାରୁ ସେ ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ଏହି ଘଟଣାର ଦୁଇଦିନ ପରେ ଚଳପ୍ରଚଳ କରିପାରୁ ନ ଥିବା ଜନୈକା ପକ୍ଷାଘାତ ମହିଳାଙ୍କୁ ତାଙ୍କ ପରିବାର ବୋଧେ ପୁଅବୋହୂମାନେ ଆଣି ବାଲେଶ୍ୱର ଜିଲ୍ଲାର ସୋର ଅଞ୍ଚଳର ଏକ ପୋଲ ତଳେ ଫିଙ୍ଗି ଦେଇ ଚାଲିଯାଇଥିଲେ। ପୋଲ ତଳେ ନଖାଇ ନପିଇ ପଡ଼ି ରହିଥିବା ମହିଳାଙ୍କୁ କିଛି ବୁଲା କୁକୁର ଆକ୍ରମଣ କରୁଥିବା ବେଳେ ସ୍ଥାନୀୟ କିଛି ସ୍ୱେଚ୍ଛାସେବୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ଏହି ଘଟଣାର ପ୍ରାୟ ଗୋଟିଏ ସପ୍ତାହ ପରେ କଟକ ସ୍ଥିତ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଘଟିଥିବା ଆଉ ଏକ ଅମାନବୀୟ ଘଟଣାରେ ପୁଅ ପ୍ରତି ବାପାର ଆଶା ଓ ବିଶ୍ୱାସକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଛି। ପଡ଼ୋଶୀ ଛତିଶଗଡ଼ ବିଳାସପୁରରୁ ଚିକିତ୍ସା ପାଇଁ ନିଜ ଦୁଇ ପୁଅଙ୍କ ସହିତ ଆସିଥିବା ବାପାଙ୍କ କର୍କଟ ରୋଗ ଚିହ୍ନଟ ପରେ ଉଭୟ ପୁଅ ତାଙ୍କୁ ଡାକ୍ତରଖାନାରେ ଛାଡ଼ିଦେଇ କୁଆଡ଼େ ଫେରାର ହୋଇଗଲେ। ଡାକ୍ତରଖାନା କର୍ତ୍ତୃପକ୍ଷ ଯେତେ ଚେଷ୍ଟା କଲେ ମଧ୍ୟ ପୁଅମାନଙ୍କ ସହିତ ଯୋଗାଯୋଗ ହୋଇପାରିଲା ନାହିଁ। ତେଣୁ ବାଧ୍ୟ ହୋଇ ଡାକ୍ତରଖାନା କର୍ତ୍ତୃପକ୍ଷ ବୃଦ୍ଧଙ୍କୁ 'ପରିତ୍ୟକ୍ତ' ଘୋଷଣା କରି 'ଡେଷ୍ଟିଚ୍ୟୁଟ ୱାର୍ଡ'ର ୮ ନମ୍ବର ଶଯ୍ୟାରେ ରଖି ଚିକିତ୍ସା କରୁଛନ୍ତି। ସମସ୍ତେ ଥାଇ କେହି ନଥିବା ବୁଢ଼ାବାପାର ପରବର୍ତ୍ତୀ ଅବସ୍ଥା କ'ଣ ହେବ, ଭଗବାନଙ୍କୁ ଜଣା।

ଆମ ଶାସ୍ତ୍ରରେ ଅଛି, 'ମାତୃ ଦେବୋ ଭବ, ପିତୃ ଦେବୋ ଭବ'। ବାପାମାଆ ତଥା ବରିଷ୍ଠଙ୍କ ଆଶୀର୍ବାଦ ଥିଲେ ପଥର ବି ପାଣି ହୁଏ। ଆଜି ଯିଏ ପୁଅ କାଲି ସେ ବି ବାପା ହେବ। ଆଜି ଆମେ ଯେମିତି କରିବା, କାଲି ଆମ ପିଲାମାନେ ସେମିତି ଶିଖିବେ, ସେପରି କରିବେ। ଏସବୁ ଭାବୁଭାବୁ ସାମାଜିକ ଗଣମାଧ୍ୟରେ ଏକ ଭିଡିଓ ଉପରେ ନଜର ପଡ଼ିଲା, ଯେଉଁଠି ଦୀର୍ଘଦିନ ପରେ ଗାଁରେ ରହୁଥିବା ବୁଢ଼ାବାପା ସହରରେ ଥିବା ପୁଅ ପାଖକୁ ଆସିଛି। ପ୍ରଥମେ ବୋହୂ ବୁଢ଼ାକୁ ଘରକୁ ଆସୁଥିବା ଦେଖି ମନେମନେ ପ୍ରମାଦ ଗଣୁଛି ଯେ ବୁଢ଼ା ନିହାତି କିଛି ଟଙ୍କା ମାଗିବାକୁ ଆସିଥିବ। ଅବଶ୍ୟ ସହରରେ ପୁଅବୋହୂର ଆର୍ଥିକ ଅବସ୍ଥା ଆଦୌ ଠିକ ନଥିଲା। ବାପା ଆସିଥିବା ଖବର ବୋହୂଟି ପୁଅକୁ ଦେବା ସହ ତାଗିଦ ବି କରିଦେଲା ଯେ, 'ଦେଖ ବୁଢ଼ା କିଛି ଟଙ୍କା ମାଗିପାରନ୍ତି, ତୁମେ କିନ୍ତୁ ସିଧା ମନା କରିଦେବ।'

ଏତିକି ବେଳେ ବାପା ଘରକୁ ଆସିଲେ, ଉଦାସ ପୁଅ ଏକ ଚୌକି ଦେଇ ବାପାଙ୍କୁ ବସିବାକୁ କହିଲା। ବୋହୂଟି ଘରକୋଣରେ ରହି ବାପପୁଅର କଥା ଶୁଣିବାକୁ ଚେଷ୍ଟା କରୁଥାଏ। ପୁଅର ଉଦାସପଣ ଓ ବୋହୂର ନିରୀହ ଚେହେରା ଏବଂ ଘରଦ୍ୱାରର ଅବସ୍ଥାକୁ ଦେଖି ପୁଅବୋହୂର ଆର୍ଥିକ ସମସ୍ୟାକୁ ନେଇ ଅଭିଜ୍ଞ ବୁଢ଼ାବାପାଙ୍କର କୌଣସି ସନ୍ଦେହ ରହିଲା ନାହିଁ। ସେ ଏକଥା ମଧ୍ୟ ଜାଣିପାରିଲେ ଯେ, ସେ ଏଠାକୁ କିଛି ଅର୍ଥ ମାଗିବାକୁ ଆସିଥିବା ଭାବି ପୁଅବୋହୂ ଭୟଭୀତ ଅଛନ୍ତି। ସବୁକଥା ଠଉରାଇଲା ପରେ ଗାଁରେ ଭଲ ଫସଲ ହୋଇଥିବା ଏବଂ ସେ ଓ ତାଙ୍କ ପତ୍ନୀ ଖୁସିରେ ଥିବା କହି ପୁଅର ହାତକୁ ଦୁଇ ବିଡ଼ା ନୋଟ ବଢ଼ାଇ ଦେଇ କହିଲେ ଯେ, 'ତୁମେ ଦୁହେଁ ଚାହିଁଲେ ଯେତେବେଳେ ବି ଗାଁକୁ ଫେରି ଆସିପାର। ଆମେ ଉଭୟ ବୁଢ଼ାବୁଢ଼ି ତୁମ ସ୍ୱାଗତ ଅପେକ୍ଷାରେ ଅଛୁ।' ଏକଥା ଶୁଣି ଉଭୟ ପୁଅବୋହୂ କାନ୍ଦି ପକାଉଛନ୍ତି।

ଏ ଘଟଣାରୁ ସ୍ପଷ୍ଟ ହୁଏ ଯେ, ପୁଅବୋହୂଙ୍କ ପ୍ରତି ବାପାମାଆଙ୍କ ଉଦାରତା ବାସ୍ତବରେ ଅପରିସୀମ। ତାଙ୍କ ହୃଦୟ ସଦା ବିସ୍ତାରିତ। ସେମାନେ ପୁଅବୋହୂର ମୁହଁକୁ ଦେଖି ସେମାନଙ୍କ ମନର କଥା ଅଚିରେ ବୁଝିଯାଆନ୍ତି। ଅପରପକ୍ଷେ ପୁଅବୋହୂମାନେ ବାପାମାଆଙ୍କ ସବୁ କଥା ଜାଣିବୁଝି ନଜାଣିପାରିବା, ନବୁଝିପାରିବା ଭଳି ହେବା ସମ୍ପ୍ରତି ଆମ ସମାଜର ବଡ଼ ବିଡ଼ମ୍ବନା। ଏବେ ଅନେକ ବାପାମାଆ ସନ୍ଦୀହାନ ହୋଇପଡ଼ିଛନ୍ତି ଯେ, ଶେଷ ସମୟରେ ପୁଅବୋହୂ ତାଙ୍କ ନିକଟରେ ଉପସ୍ଥିତ ରହିବେ କି ନାହିଁ। ସେଥିପାଇଁ ତ ଗତ କିଛିବର୍ଷ ତଳେ ଆମ ଗଞ୍ଜାମ ଜିଲ୍ଲାରେ ନିଜ ପୁଅବୋହୂଙ୍କୁ ନେଇ ବିମୁଖ ପିତାମାତା ଜୀବିତ ଅବସ୍ଥାରେ ନିଜ ପାଇଁ ନିଜର କବର ତିଆରି କରିବା ବେଶ ଚର୍ଚ୍ଚାର ବିଷୟ ହୋଇଥିଲା।

ବାସ୍ତବରେ ବାପାମାଆଙ୍କୁ କୌଣସି ଧନସମ୍ପତ୍ତି ଦରକାର ନଥାଏ। ସେମାନଙ୍କୁ କିଛି ସମୟ ଓ ପୁଅବୋହୁଙ୍କ ଶ୍ରଦ୍ଧାର ଆବଶ୍ୟକ ଥାଏ। ସେମାନେ ଅଣଦେଖାକୁ ସହିପାରନ୍ତି ନାହିଁ। କିନ୍ତୁ କାହାକୁ କିଛି କହି ବି ପାରନ୍ତି ନାହିଁ ଏଥିପାଇଁ ଯେ ଅଣଦେଖା କରୁଥିବା ମଣିଷମାନେ ତାଙ୍କ ଜୀବନ ଠାରୁ ବି ବଡ଼। ଖାସ ସେଥିପାଇଁ ତ ଯେତେ କଷ୍ଟ ହେଲେ ବି କେବେ ଅଭିଶାପ ଦିଅନ୍ତି ନାହିଁ। କିନ୍ତୁ ତାଙ୍କ ଆଖିରୁ ଝରୁଥିବା ନିରବ ଲୁହକୁ ଭଗବାନ ନିଶ୍ଚୟ ଦେଖନ୍ତି। ଏକଥାକୁ କୌଣସି ପୁଅବୋହୂ ଭୁଲିଯିବା ଉଚିତ ନୁହେଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

# ଆମ ବୃକ୍ଷଲତା ଆମ ଜୀବନ

**ମାଣ୍ଡିଆ**
Finger Millet or Ragi-
Eleusine coracana

**ପ୍ରକୃତି-ପରିବେଶ**

**ସୌଭାଗ୍ୟସୁନ୍ଦର**

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ଅନେକ ଅତ୍ୟାବଶ୍ୟକୀୟ ପୁଷ୍ଟିକାରକ ଦ୍ରବ୍ୟ, ଖାଦ୍ୟ ଫାଇବର ବା ତନ୍ତୁ ଏବଂ ମିଥିଓନାଇନ୍ ଭଳି ଆମିନୋ ଏସିଡ୍ ସହିତ ମାଣ୍ଡିଆକୁ ଏକ ପୁଷ୍ଟିକର ଶକ୍ତିଗୃହ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରାୟ ୬୫-୭୫% କାର୍ବୋହାଇଡ୍ରେଟ୍ ବା ଶ୍ୱେତସାର, ୫-୮% ପ୍ରୋଟିନ୍, ୧-୨% ଚର୍ବି, ୧୫-୨୦% ଖାଦ୍ୟ ତନ୍ତୁ ଏବଂ ୨.୫-୩.୫ % ଖଣିଜ ପଦାର୍ଥ ବା ପୁଷ୍ଟିକର ଉପାଦାନ ରହିଛି। ଏଥିରେ ମୋଟ ଶକ୍ତି ପରିମାଣ ୩୦୦-୩୫୦ କିଲୋ କ୍ୟାଲେରି ରହିଛି। ଏହା ଫାଇଟୋକେମିକାଲ୍ସ, ପଲିଫେନୋଲ୍ସ, ଫ୍ଲାଭୋନଏଡ୍ସ, ଟାନିନ୍ସ, ରେଟିନୋଲ (ଭିଟାମିନ୍ ଏ), ଥିୟାମିନ୍ (ବି ୧), ରାଇବୋଫ୍ଲାଭିନ୍ (ବି ୨), ନିଆସିନ୍ (ବି ୩), ଓକୋଫେରଲ୍ (ଇ), କ୍ୟାଲସିୟମ୍, ପୋଟାସିୟମ୍, ଫସଫରସ୍, ମ୍ୟାଗ୍ନେସିୟମ୍ ଓ ଲୌହ ଧାତୁରେ ଭରପୂର।

ଅନେକ ଲୋକଙ୍କ ପାଇଁ, ବିଶେଷକରି ଜନଜାତି ଏବଂ ଗରିବଙ୍କ ପାଇଁ, ମାଣ୍ଡିଆ ଏକ ମୁଖ୍ୟ ଖାଦ୍ୟ। ସାମ୍ପ୍ରତିକ ଦଶନ୍ଧିରେ 'ଗରିବ ବ୍ୟକ୍ତିଙ୍କ ମୁଖ୍ୟ ଖାଦ୍ୟ'ରୁ 'ପୁଷ୍ଟିକର ଶସ୍ୟ' ପର୍ଯ୍ୟନ୍ତ ଏହାର ଉଦୟ ଏହି ଫସଲକୁ ବ୍ୟାପକ ସ୍ତରରେ ଅନୁସନ୍ଧାନ କରିବାର ଆବଶ୍ୟକତାକୁ ଉତ୍ସାହିତ କରିଛି। ସୁସ୍ଥ ଶସ୍ୟ ପ୍ରତି ଖାଉଟିଙ୍କ ବର୍ଦ୍ଧିତ ଆଗ୍ରହ ଯୋଗୁଁ ବିଶ୍ୱରେ ମିଲେଟ ଚାହିଦା ବୃଦ୍ଧି ପାଉଛି। ବର୍ତ୍ତମାନ ବିଶ୍ୱ ମିଲେଟ ଉତ୍ପାଦନ ମୋଟ ୩୦.୭୩ ନିୟୁତ ଟନ୍, ଯେଉଁଥିରେ ଭାରତ ୧୧.୪୨ ନିୟୁତ ଟନ୍ (୩୭%) ଯୋଗଦାନ ଦେଇ ବିଶ୍ୱବ୍ୟାପୀ ଅଗ୍ରଣୀ ଉତ୍ପାଦକ ଭାବରେ ନିଜର ସ୍ଥାନ ସୁରକ୍ଷିତ କରୁଛି।

ମିଲେଟ କହିଲେ ମାଣ୍ଡିଆ, ଜହ୍ନା, ବାଜରା, ସୁଆଁ, ଇତ୍ୟାଦି ଛୋଟ ଦାନାକୁ ବୁଝାଏ। ମାଣ୍ଡିଆର ବଂଶବିସ୍ତାର ମୁଖ୍ୟତଃ ବିହନ ଦ୍ୱାରା କରାଯାଏ। ଭାରତରେ ମାଣ୍ଡିଆ ଏକ ସାଧାରଣ ରବି (ଶୁଷ୍କ, ଶୀତକାଳୀନ) ଫସଲ। ଏହା ବିଭିନ୍ନ ମାଟିରେ ବଢ଼ିପାରେ, ଯେଉଁଥିରେ ଅତ୍ୟଧିକ ପାଗ ପ୍ରଭାବିତ ଉଷ୍ମମଣ୍ଡଳୀୟ ଲାଟେରିଟିକ୍ ମାଟି ଅନ୍ତର୍ଭୁକ୍ତ। ଏହା ସ୍ଥିର ଆର୍ଦ୍ରତା ସ୍ତର ସହିତ ମୁକ୍ତ-ନିଷ୍କାସନକାରୀ ମାଟିରେ ବଢ଼ିଥାଏ। ଏହା ଅଧିକ ପରିମାଣ ପର୍ଯ୍ୟନ୍ତ ମାଟିର ଲବଣାକ୍ତତା ସହ୍ୟ କରିପାରେ। ଜଳବନ୍ଦୀ ସହ୍ୟ କରିବାର ଏହାର କ୍ଷମତା ସୀମିତ। ତେଣୁ ମାଟିର ଭଲ ଜଳ ନିଷ୍କାସନ ଏବଂ ମଧ୍ୟମ ଜଳଧାରଣ କ୍ଷମତା ସର୍ବୋତ୍ତମ। ମାଣ୍ଡିଆ ମଧ୍ୟମ ଅମ୍ଳୀୟ ମାଟି (ପିଏଚ୍୫) ଆବଶ୍ୟକ କରେ। କିନ୍ତୁ ମଧ୍ୟମ କ୍ଷାରୀୟ ମାଟି (ପିଏଚ୍ ୮.୨) ମଧ୍ୟ ସହ୍ୟ କରିପାରେ।

ବର୍ଷାକାଳୀନ ଫସଲରେ ଚାରୋଟି ବିହନ ପଦ୍ଧତି ବ୍ୟବହାର କରାଯାଏ ଯେପରିକି ପ୍ରସାରଣ, ଧାଡ଼ି ବୁଣା, ଧାଡ଼ିରେ ଖୋଳା ଏବଂ ଚାରା ରୋପଣ। ମାଣ୍ଡିଆକୁ ହରଡ଼ ଡାଲି, ଶିମ୍ବ, ଫାଇଲ, ଜହ୍ନା, ସୁଆଁ, ବାଜରା, ମକା, ମୁଗ, ଷୋରିଷ ଭଳି ଉଦ୍ଭିଦ ସହିତ ଅନ୍ତଃଫସଲ କରାଯାଇପାରିବ। ଫସଲ ସମାନ ଭାବରେ ପରିପକ୍ୱ ହୁଏ ନାହିଁ। ତେଣୁ ଫସଲ ଦୁଇଟି ପର୍ଯ୍ୟାୟରେ ଗ୍ରହଣ କରାଯାଏ। ଯେତେବେଳେ ମୁଖ୍ୟ ଡାଳରେ ବିହନ ୫୦% ବାଦାମୀ ରଙ୍ଗର ହୋଇଯାଏ, ଫସଲ ପ୍ରଥମ ଅମଳ ପାଇଁ ପ୍ରସ୍ତୁତ ହୁଏ। ପ୍ରାୟ ସାତ ଦିନ ପରେ ଦ୍ୱିତୀୟ ଅମଳ କରାଯାଏ। ଏହାକୁ ଶୁଖାଇ ଝଡ଼ା କରି ଶସ୍ୟ ସଫା କରାଯାଏ। ଆକାରରେ ଛୋଟ ହୋଇଥିବାରୁ ବିହନର ଅମଳ ଓ ଝଡ଼ା ପ୍ରାୟତଃ ହାତରେ କରାଯାଏ।

ଅମଳ ହେବା ପରେ ବିହନ ପ୍ରାୟତଃ ସୁସ୍ଥ ରହେ ଏବଂ କୀଟପତଙ୍ଗ ଦ୍ୱାରା କ୍ୱଚିତ୍ ଆକ୍ରମଣ ହୁଏ। ଏହାକୁ ଅମଳ କରି ୧୦ ବର୍ଷ ପର୍ଯ୍ୟନ୍ତ ଗଚ୍ଛିତ ରଖାଯାଇପାରିବ। ଦୀର୍ଘ ସଂରକ୍ଷଣ କ୍ଷମତା ଚାଷୀ ସମ୍ପ୍ରଦାୟ ପାଇଁ ଦୁର୍ଭିକ୍ଷ ଫସଲ ଭାବରେ ବିପଦ-ନିବାରଣ ରଣନୀତିରେ ମାଣ୍ଡିଆ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ବିଭିନ୍ନ ମିଲେଟ ମଧ୍ୟରୁ ମାଣ୍ଡିଆ ସର୍ବାଧିକ ଉତ୍ପାଦନକ୍ଷମତା (୧୫୯୧ କିଲୋଗ୍ରାମ/ହେକ୍ଟର)। ଘାଣ୍ଟିଆ ବା ବାଜରା (୧୧୩୦ କିଲୋଗ୍ରାମ/ହେକ୍ଟର)। ଭାରତରେ ଜାତୀୟ ଉଦ୍ଭିଦ ଜେନେଟିକ୍ ରିସୋର୍ସେସ୍ ବ୍ୟୁରୋ ଦ୍ୱାରା ସର୍ବାଧିକ ସଂଖ୍ୟକ ମାଣ୍ଡିଆ ଆସେସନ୍ (୧୦, ୦୦୦) ରେକର୍ଡ ହୋଇଛି। ଏହା ପରେ ଅର୍ଦ୍ଧ-ଶୁଷ୍କ ଟ୍ରପିକ୍ସ ବା କ୍ରାନ୍ତୀୟ ଶସ୍ୟ ପାଇଁ ଅନ୍ତର୍ଜାତୀୟ ଫସଲ ଗବେଷଣା ପ୍ରତିଷ୍ଠାନ (୭, ୫୧୯ ଆସେସନ୍) ରିପୋର୍ଟ କରିଛି।

ଜାତିସଂଘ ସାଧାରଣ ପରିଷଦ ୨୦୨୩ କୁ 'ଅନ୍ତର୍ଜାତୀୟ ମାଣ୍ଡିଆ ବର୍ଷ' ଘୋଷଣା କରିଛି। ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ମିଲେଟ ମିଶନ' ଜରିଆରେ ଅନେକ ସୁଯୋଗ ସୃଷ୍ଟି କରୁଛନ୍ତି। ମିଲେଟ ହେଉଛି ଭବିଷ୍ୟତ ପାଇଁ ସୁରକ୍ଷିତ ଖାଦ୍ୟଶସ୍ୟ। (ସମାପ୍ତ)

ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାଷୀଙ୍କୁ ଅଡୁଆ ସରକାରୀ ନିୟମ

# ବାପାଙ୍କ ନାଁରେ ଜମି ଥିଲେ ପୁଅ କରିପାରୁ ନାହାନ୍ତି ପଞ୍ଜୀକରଣ

ଭୁବନେଶ୍ୱର, ୯।୮ (ସମିସ): ରାଜ୍ୟରେ ଧାନ କିଣା ପଞ୍ଜିକରଣ ପ୍ରକ୍ରିୟାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏଥିର ପଞ୍ଜିକରଣ ପାଇଁ ବହୁ ଜଟିଳ ବ୍ୟବସ୍ଥା କରାଯାଇ ଥିବାରୁ, ଚାଷୀଙ୍କୁ ନାକେଦମ୍ ହେବାକୁ ପଡୁଛି। ଏଗ୍ରୀଷ୍ଟେକ୍ ଆଇଡି ସାଙ୍ଗକୁ ବାପାଙ୍କ ନାମରେ ଜମି ଥିଲେ ପୁଅ ମଧ୍ୟ ପଞ୍ଜିକରଣପାଇଁ ଅଯୋଗ୍ୟ ବିବେଚିତ ହେଉଛନ୍ତି। ଏହାସହିତ ଭାଗଚାଷୀଙ୍କ ପାଇଁ ବ୍ୟବସ୍ଥା ଏତେ ଜଟିଳ ହୋଇଯାଇଛି ଯେ, ସେମାନେ ପଞ୍ଜିକରଣ କରିପାରିବେ କି ନାହିଁ ତାକୁ ନେଇ ପ୍ରଶ୍ନ ଉଠିଛି। ସରକାର ଓ ଯୋଗାଣ ବିଭାଗର ଏଭଳି ଜଟିଳ ବ୍ୟବସ୍ଥାକୁ ଦେଖି, କେବଳ ଚାଷୀଙ୍କଠାରୁ ଧାନ ନ କିଣିବା ପାଇଁ ସରକାର ଏହି ବ୍ୟବସ୍ଥାକୁ ଆପଣାଇଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ବଡ଼ କଥା ହେଉଛି ଯେ ଆଗ୍ରୀଷ୍ଟେକ୍ ଆଇଡି ପାଇଁ ନିଜ ନାମରେ ଜମି ପଟ୍ଟା ଥିବା ଆବଶ୍ୟକ। ତେଣୁ ଯେଉଁମାନଙ୍କ ବାପାଙ୍କ ନାମରେ ଜମି ଅଛି, ଓ ଆର୍‌ଓଆର୍‌ରେ ପୁଅଙ୍କ ନାମ ନାହିଁ ସେମାନଙ୍କ ପାଇଁ ଏବେ ଅଡୁଆ ବଢ଼ିଛି।

ଅନ୍ୟପଟେ ଘଡ଼ିକେ ଘୋଡ଼ା ଛୁଟିଲା ଭଳି ଏବେ ଭାଗଚାଷୀଙ୍କ ଧାନ ବିକ୍ରି ପଞ୍ଜୀକରଣ ପ୍ରକ୍ରିୟା ପାଇଁ ଖୁବଶୀଘ୍ର ଏକ ଆପ୍ ଆସିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି ଆପ୍ ଜରିଆରେ ଜମି ମାଲିକ ନିଜେ ନ ଆସିଲେ ମଧ୍ୟ ସମ୍ମତି ଦେଇପାରିବେ, ଯାହାଦ୍ୱାରା ଭାଗଚାଷୀମାନଙ୍କୁ ପଞ୍ଜୀକରଣ କରିବାରେ ଆଉ କୌଣସି ଅସୁବିଧା ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ହେଲେ କେବେ ଏହି ଆପ୍ ଆସିବ ଓ ଭାଗଚାଷୀମାନେ ପଞ୍ଜିକରଣ କରିବେ ତାକୁ ନେଇ ପ୍ରଶ୍ନ ଉଠିଛି। କାରଣ ଖରିଫ ପଞ୍ଜାକରଣ

■ ଚାଷୀଙ୍କୁ ଗୋଲକଧନ୍ଦାରେ ଫସାଇଛନ୍ତି ସରକାର

■ ପଞ୍ଜୀକରଣ ବଦଳରେ ପଟ୍ଟା ସଂଶୋଧନ ପାଇଁ ଦୌଡୁଛି ଚାଷୀ

ପାଇଁ ଅଗଷ୍ଟ ୩୧ ତାରିଖକୁ ଶେଷ ତାରିଖ ଭାବେ ଧାର୍ଯ୍ୟ ହୋଇଛି। ହାତରେ ଆଉ ମାତ୍ର ୨୦ ଦିନ ସମୟ ରହିଥିବାରୁ ଆପ୍ କେବେ ଆସିବ ଓ ରାଜ୍ୟର ଲଘ ଲଘ ଭାଗଚାଷୀ ପଞ୍ଜିକରଣ କରିବେ ତାହା ଏବେ ପ୍ରଶ୍ନ ଘେରରେ ରହିଛି। ଅନ୍ୟପଟେ ମନ୍ତ୍ରୀ ଆହୁରି କହିଛନ୍ତି, ବର୍ତ୍ତମାନ ପଞ୍ଜୀକରଣ ପାଇଁ ଏଗ୍ରୀଷ୍ଟେକ୍ ଆଇଡି ବାଧ୍ୟତାମୂଳକ ନୁହେଁ। ବିନା ଆଇଡିର ମଧ୍ୟ ଚାଷୀମାନେ ନାମ ପଞ୍ଜୀକରଣ କରିପାରିବେ। ତେବେ ଟୋକନ୍ ମିଳିବା ପୂର୍ବରୁ ଅର୍ଥାତ୍ ନଭେମ୍ବର ମାସ ସୁଦ୍ଧା ଏହି ଆଇଡି ପ୍ରଦାନ କରିବାକୁ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନା ଥାଉ କି ଖରିଫ୍ ଧାନ ସଂଗ୍ରହ ପାଇଁ ପଞ୍ଜୀକରଣ ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ହେଲେ ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ର, ନିୟମକୁ ନେଇ ଚାଷୀ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଭାଗ ଚାଷୀମାନେ ପଞ୍ଜୀକରଣ ପାଇଁ ଜମି ମାଲିକଙ୍କ ସହମତି ପତ୍ର କେମିତି ଆଣିବେ? ସେ ନେଇ ଚିନ୍ତାରେ ପଡିଛନ୍ତି। ସେହିପରି ଆଗ୍ରୀଷ୍ଟେକ୍ ନମ୍ବର ଅଡୁଆ ବଢ଼ାଇଛି। ଧାନ ବିକ୍ରି କରିବାକୁ ଚାଷୀ ବାରମ୍ବାର ଅସୁବିଧାର ସମ୍ମୁଖୀନ ହେଉଥିଲେ ବି ସରକାରଙ୍କ ଚେତା ପଶୁନି। ଖରିଫରେ ଯାହା ହୋଇଥିଲା ରବି ଋତୁରେ ବି ସମାନ ଚିତ୍ର ଦେଖିବାକୁ ମିଳିଥିଲା। ପଞ୍ଜିକରଣ ଆରମ୍ଭରୁ କାଗଜପତ୍ର ଦାଖଲ କରିନପାରି ଚାଷୀ ଅସୁବିଧାରେ ପଡିଥିଲା। ତାପରେ ଟୋକନ ସମସ୍ୟା ଯୋଗୁଁ ଧାନ ବିକ୍ରି କରିବାକୁ ଚାଷୀ ନୟାନ୍ତ ହୋଇଥିଲେ। ଏତେ ପରେ ବି ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ବିଭାଗ, ସମବାୟ ବିଭାଗ ଓ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମଧ୍ୟରେ ସାମାନ୍ୟ ସମନ୍ୱୟ ରହୁନାହିଁ। ଫଳସ୍ୱରୂପ ବର୍ଷକୁ ବର୍ଷ ଧାନ ବିକ୍ରି, ପାଇଁ ଚାଷୀଙ୍କ ଚିନ୍ତା ବଢ଼ି ବଢ଼ି ଚାଲିଛି। କୃଷକ ରେଜିଷ୍ଟ୍ରି ସଂଖ୍ୟା ପାଇଁ ଅଧିକାଂଶ ଚାଷୀଙ୍କୁ ପଟ୍ଟା ସଂଶୋଧନ କରିବାକୁ ପଡ଼ିବ। ଯାହାଫଳରେ ଏଥର ଖରିଫରେ ଚାଷୀ ଟୋକନରେ ଧାନ ବିକ୍ରି କରିପାରିବେ ନା ନାହିଁ ସନ୍ଦେହ ସୃଷ୍ଟି ହୋଇଛି।

■ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀରେ ଶ୍ରଦ୍ଧାସୁମନ ଅର୍ପଣ

# ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡ଼ିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୯।୮ (ସମିସ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ଓଡ଼ିଶା ବିଧାନସଭା ପାର୍ଶ୍ୱରେ ଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହ ସ୍ୱଭାବ କବିଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, "ଓଡିଆ ସାହିତ୍ୟ ଜଗତର ଅମର ସାଧକ ସ୍ୱଭାବ କବି ଗଙ୍ଗାଧର ମେହରଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଗଙ୍ଗାଧରଙ୍କ କାଳଜୟୀ ସୃଷ୍ଟିରାଜି ଆମ ଓଡିଆ ଅସ୍ମିତା ଓ ଜାତୀୟ ଚେତନାର ପ୍ରତୀକ। ତାଙ୍କର ପ୍ରକୃତିପ୍ରେମୀ ଓ ମାନବବାଦୀ ସାହିତ୍ୟ ଆଜି ବି ପ୍ରତ୍ୟେକ ଓଡିଆଙ୍କ ହୃଦୟକୁ ସ୍ପର୍ଶ କରେ। ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଚସ୍ପତି ସୁରମା ପାଢୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ବିଧାୟକ ବାବୁ ସିଂ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଛନ୍ତି।

# ଆମେରିକୀୟ ବାନ୍ଧବୀଙ୍କୁ ହତ୍ୟା କରି ଜର୍ମାନୀରେ ଭାରତୀୟ ଯୁବକ ଗିରଫ

ବର୍ଲିନ, ୯।୮ (ଏଜେନ୍ସି): ଆମେରିକାର ଆରିଜୋନାଠାରେ ନିଜର ୧୯ ବର୍ଷୀୟା ଆମେରିକୀୟ ବାନ୍ଧବୀଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିବା ପରେ ଜର୍ମାନୀକୁ ଫେରାର ହୋଇଯାଇଥିବା ଭାରତୀୟ ଯୁବକ ବରୁଣ ବାଚିଗାରୀଙ୍କୁ ପୁଲିସଗିରଫ କରିଛି। କୋଡ଼ିଏ ବର୍ଷୀୟ ବରୁଣ ଆରିଜୋନା ବିଶ୍ୱବିଦ୍ୟାଳୟର ଛାତ୍ରୀ ଜୁଲିସା ରୁବି ସାଲାଜାରଙ୍କ ସହ ସମ୍ପର୍କରେ ଥିଲେ। ପୂର୍ବରୁ ହିଂସାତ୍ମକ ଆଚରଣ ଯୋଗୁଁ ଜୁଲିସା ତାଙ୍କ ସହ ସମ୍ପର୍କ ଭାଙ୍ଗିବାକୁ ନିଷ୍ପତ୍ତି ନେଇଥିଲେ। ଗତ ଅଗଷ୍ଟ ୬ ତାରିଖରେ ଜୁଲିସାଙ୍କ ଘରୁ ତାଙ୍କ ମୃତଦେହ ମିଳିଥିଲା, ଯାହାଙ୍କ ବେକରେ ଆଘାତର ଚିହ୍ନ ରହିଥିଲା। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ବରୁଣ ଜୁଲିସାଙ୍କ ବ୍ୟାଙ୍କ କାର୍ଡ ବ୍ୟବହାର କରି ବିମାନବନ୍ଦର ପହଞ୍ଚିବା ସହ ହ୍ୟୁଷ୍ଟନ୍ ଦେଇ ଜର୍ମାନୀର ବର୍ଲିନ୍ ପଳାଇଥିଲେ। ସେଠାରୁ ସେ ଭାରତ ଆସିବାକୁ ଯୋଜନା କରୁଥିବା ବେଳେ ଆମେରିକୀୟ ସଂସ୍ଥା ଏବଂ ଜର୍ମାନୀ ପୋଲିସର ମିଳିତ ସହଯୋଗରେ ତାଙ୍କୁ ଧରାଯାଇଛି। ତାଙ୍କୁ ପ୍ରତ୍ୟର୍ପଣ ପ୍ରକ୍ରିୟା ମାଧ୍ୟମରେ ଆରିଜୋନା ଆଣି ପ୍ରଥମ ଶ୍ରେଣୀ ହତ୍ୟାକାଣ୍ଡ ମାମଲାରେ ବିଚାର କରାଯିବ। ଅଭିଯୁକ୍ତ ବରୁଣଙ୍କ ବିରୋଧରେ ପୂର୍ବରୁ ମଧ୍ୟ ମାଡ଼ପିଟ୍ ଓ ହିଂସା ଅଭିଯୋଗ ରହିଥିବା ବେଳେ ଏହି ନୃଶଂସ ହତ୍ୟାକାଣ୍ଡ ପରେ ଅନ୍ତର୍ଜାତୀୟ ପୁଲିସସହଯୋଗରେ ତାଙ୍କୁ ଗିରଫ କରାଯାଇଛି।

# ପାକିସ୍ତାନରେ ଲସ୍କର କମାଣ୍ଡର ଅବଦୁଲ ଅଜିଜଙ୍କ ସନ୍ଦେହଜନକ ମୃତ୍ୟୁ

ଇସଲାମାବାଦ, ୯।୮ (ଏଜେନ୍ସି): ପାକିସ୍ତାନର ରାଜଧାନୀ ଇସଲାମାବାଦସ୍ଥିତ ଏକ ମସଜିଦରେ ଆତଙ୍କବାଦୀ ସଂଗଠନ 'ଲସ୍କର-ଏ-ତୋଇବା'ର ବରିଷ୍ଠ କମାଣ୍ଡର କାରୀ ସୟାଦ ଅବଦୁଲ ଅଜିଜଙ୍କ ସନ୍ଦେହଜନକ ପରିସ୍ଥିତିରେ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ଲସ୍କର କମାଣ୍ଡର କାରୀ ସୟାଦ ଅବଦୁଲ ଅଜିଜ ନମାଜ ପାଠ ପାଇଁ କୁବା ମସଜିଦକୁ ଯିବା ପୂର୍ବରୁ ଏକ ଅଜଣା ରେସ୍ତୋରାଁରେ ଭୋଜନ କରିଥିଲେ। ଏହାପରେ ସେ ମସଜିଦର ପ୍ରବେଶ ଦ୍ୱାର ନିକଟରେ ହଠାତ୍ ଅସୁସ୍ଥ ହୋଇ ଟଳି ପଡ଼ିଥିଲେ ଏବଂ ତାଙ୍କର ମୃତ୍ୟୁ ଘଟିଥିଲା। ସୟାଦ ଜମ୍ମୁ-କାଶ୍ମୀରରେ ନିହତ ହେଉଥିବା ଆତଙ୍କବାଦୀଙ୍କ ପରିବାରବର୍ଗଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଯୋଗାଇବାର ପ୍ରମୁଖ ଦାୟିତ୍ୱ ସମ୍ଭାଳୁଥିଲେ। ନିକଟରେ ଲସ୍କରର ଅନ୍ୟ ଜଣେ କ୍ୟାଡର ରିଜୱାନ୍ ହନିଫ୍ ଗୋଟିଏ ଭିଡିଓ ମାଧ୍ୟମରେ ଦାବି କରିଥିଲେ ଯେ ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀର (ପିଓକେ) ର ବିଭିନ୍ନ ସ୍ଥାନରେ ଗତ କିଛି ବର୍ଷ ମଧ୍ୟରେ 'ଅଜଣା ଆତତାୟୀ'ଙ୍କ ଆକ୍ରମଣରେ ସେମାନଙ୍କ ସଂଗଠନର ୩୦ରୁ ଅଧିକ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ପରେ ସୟାଦଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ସନ୍ଦେହ ଆହୁରି ବୃଦ୍ଧି ପାଇଛି। ସୟାଦଙ୍କ ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପାକିସ୍ତାନ ମାଟିରେ ଜଣକ ପରେ ଜଣେ କୁଖ୍ୟାତ ଆତଙ୍କବାଦୀଙ୍କ ସନ୍ଦେହଜନକ ମୃତ୍ୟୁ ହେବା ସଂଗଠନର ସଦସ୍ୟଙ୍କ ମଧ୍ୟରେ ଗଭୀର ଭୟ ସୃଷ୍ଟି କରିଛି।

ସୁପ୍ରିମ୍‌କୋର୍ଟ କଲେଜିୟମ୍‌ଙ୍କ ସୁପାରିସ

# ଓଡ଼ିଶା ହାଇକୋର୍ଟରୁ ଦୁଇ ବିଚାରପତିଙ୍କ ବଦଳି

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମ୍ କୋର୍ଟ କଲେଜିୟମ୍ ଦେଶର ୪ଟି ହାଇକୋର୍ଟରେ ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ସୁପାରିସ କରିଛନ୍ତି। ଦିଲ୍ଲୀ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି କାମେଶ୍ୱର ରାଓଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ବଦଳି କରାଯିବାକୁ ପ୍ରସ୍ତାବ ଦିଆଯାଇଛି। ସେହିପରି ବମ୍ବେ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ରବୀନ୍ଦ୍ର ବିଠଲରାଓ ଘୁଗେଙ୍କୁ କଲିକତା ହାଇକୋର୍ଟର ମୁଖ୍ୟ ବିଚାରପତି, ଆଲାହାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ମହେଶ ଚନ୍ଦ୍ର ତ୍ରିପାଠୀଙ୍କୁ ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ପଞ୍ଜାବ ଓ ହରିୟାଣା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ

**୪ଟି ହାଇକୋର୍ଟରେ ନୂଆ ମୁଖ୍ୟ ବିଚାରପତି**

ବିଚାରପତି ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରଙ୍କୁ ସେହି ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ କରିବାକୁ ସୁପାରିସ କରାଯାଇଛି। ଏହାସହିତ ଓଡ଼ିଶା ହାଇକୋର୍ଟର ଦୁଇ ଜଣ ବିଚାରପତିଙ୍କ ବଦଳି ଲାଗି ମଧ୍ୟ ସୁପାରିସ କରାଯାଇଛି। ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କୁ ଗୁଜରାଟ ହାଇକୋର୍ଟ ଏବଂ ଜଷ୍ଟିସ କୃଷ୍ଣ ରାମ ମହାପାତ୍ରଙ୍କୁ ଛତିଶଗଡ଼ ହାଇକୋର୍ଟକୁ ବଦଳି ଲାଗି ସୁପାସରିସ କରିଛି କଲେଜିୟମ୍। ଏହି ସୁପାରିସଡ଼ିକୁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଛି ଏବଂ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହା କାର୍ଯ୍ୟକାରୀ ହେବ। ବର୍ତ୍ତମାନ ଦେଶର ୨୫ଟି ହାଇକୋର୍ଟ ମଧ୍ୟରୁ ୭ଟି ହାଇକୋର୍ଟରେ ସ୍ଥାୟୀ ମୁଖ୍ୟ ବିଚାରପତି ନଥିବା ବେଳେ କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ମଞ୍ଜୁରୀ ଦେଲେ ୫ଟି ସ୍ଥାନରେ ପୂର୍ଣ୍ଣକାଳୀନ ମୁଖ୍ୟ ବିଚାରପତି ନିଯୁକ୍ତ ହୋଇପାରିବେ।

## ମଧ୍ୟପ୍ରଦେଶରେ ଭୟଙ୍କର ସଡ଼କ ଦୁର୍ଘଟଣା

# କଣ୍ଟେନର-କାର୍ ମୁହାଁମୁହିଁ ଧକ୍କାରେ ୬ ମୃତ

ଭୋପାଳ, ୯।୮ (ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି କଣ୍ଟେନର ଟ୍ରକ୍ ଏବଂ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୬ ଜଣଙ୍କର ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁସାରେ, ବଦନାବର ସହରଠାରୁ ପ୍ରାୟ ୪ କିଲୋମିଟର ଦୂର ପଞ୍ଚକ ଭାସା ନିକଟରେ ଅପରାହ୍ନ ପ୍ରାୟ ୧.୩୦ ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଉଜ୍ଜୟିନୀ ପଟୁ ଆସୁଥିବା ଏକ କଣ୍ଟେନର ଟ୍ରକ୍ ସାମ୍ନାରୁ ଆସୁଥିବା କାର୍‌କୁ ସଜୋରରେ ଧକ୍କା ଦେଇଥିଲା। ଏହି ଆକସ୍ମିକ ଧକ୍କା ଯୋଗୁଁ କାର୍‌ରେ ଯାତ୍ରା କରୁଥିବା ସମସ୍ତ ୬ ଜଣ ଯାତ୍ରୀଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ମୃତକମାନେ ଗୁଜରାଟର ବାସିନ୍ଦା ବୋଲି ଜଣାପଡ଼ିଛି। ଆରକ୍ଷୀ ବାହିନୀ କଣ୍ଟେନର ଚାଳକଙ୍କୁ ଗିରଫ କରି ନିଜ ହାଜତକୁ ନେଇଛି। ଘଟଣାସ୍ଥଳରେ ଆରକ୍ଷୀ ବାହିନୀ ପହଞ୍ଚି ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏହି ଦୁର୍ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଭାରତ ସହ...

ଇରାନ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ହର୍ମୁଜ ପ୍ରଣାଳୀରେ ପରିବହନ ବାଧାପ୍ରାପ୍ତ ହୋଇଛି। ଏହା ବିଶ୍ୱର ୨୫ ପ୍ରତିଶତ ତୈଳ ବ୍ୟବସାୟକୁ ପ୍ରଭାବିତ କରିଛି। ଏହି ସ୍ଥିତିରେ ରୁଷିଆ ଓ ଭାରତ ମଧ୍ୟରେ ସିଧାସଳଖ ସ୍ଥଳ ପରିବହନ ପାଇଁ ଏହି ରେଳ ଯୋଜନା ସହାୟକ ହେବ ବୋଲି ସେ କହିଛନ୍ତି। ସାମ୍ପ୍ରତିକ ବିଶ୍ୱ କୂଟନୈତିକ ଓ ସାମରିକ ଉତ୍ତେଜନା ମଧ୍ୟରେ ଭାରତ ଓ ରୁଷିଆ ମଧ୍ୟରେ ବାଣିଜ୍ୟିକ ସମ୍ପର୍କ ସୁଦୃଢ଼ ରଖିବା ପାଇଁ ଏହି ସ୍ଥଳ ରେଳପଥ ନିର୍ମାଣ ପ୍ରସ୍ତାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି।

### ଉତ୍ତର ୨୪ ପ୍ରଗଣାରେ...

"ଗାଡ଼ି ଉପରେ ଯେପରି ଭାବେ କାଚକୁ ଆକ୍ରମଣ ହୋଇଥିଲା, ଯଦି କାଚ ଖୋଲାଥାନ୍ତା, ତେବେ ମୋ ମୁଣ୍ଡ ଫାଟିଯାଇଥାନ୍ତା। ମାତେ ହତ୍ୟା କରିବା ଲାଗି ସେମାନେ ଷଡ଼ଯନ୍ତ୍ର କରିଥିଲେ। ଏହାପଛରେ ବିଜେପି କର୍ମୀଙ୍କ ହାତ ଥିବା ସେ ଅଭିଯୋଗ କରିବା ସହିତ ପୋଲିସର ନିଷ୍କ୍ରିୟତାକୁ ନିନ୍ଦା କରିଛନ୍ତି। ପୋଲିସ ବିଜେପିକୁ ସୁରକ୍ଷା ଯୋଗାଉଥିବା ଅଭିଯୋଗ କରିଛନ୍ତି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି। ପୋଲିସ ସମ୍ମୁଖରେ ଏପରି ଘଟଣା ଘଟିବାକୁ ନେଇ ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ରାଜ୍ୟ ବିଜେପି ସଭାପତି ଏହି ଆକ୍ରମଣ ଘଟଣାର ନିନ୍ଦା କରିବା ସହିତ କହିଛନ୍ତି ଯେ ତାଙ୍କ ଦଳ ଏଭଳି କାଣ୍ଡକୁ ପସନ୍ଦ କରେନାହିଁ।

### ଓଡ଼ିଶା ଭାଗରେ...

ଓ କୌଣସି ଅନୁଦାନ ମିଳିନାହିଁ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ବାଣିଜ୍ୟ ସକ୍ଷମତା ଓ ବଜାର ବିସ୍ତାର ପାଇଁ ଚାଲିଥିବା ଯୋଜନାରେ ୨୦୨୨ରୁ ଜୁଲାଇ ୨୦୨୬ ମଧ୍ୟରେ ଓଡ଼ିଶାର ୨,୦୭୪ଟି କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। କିନ୍ତୁ ସେଥିରୁ ମାତ୍ର ୫୨୦ଟି ଉଦ୍ୟୋଗକୁ ବାଣିଜ୍ୟ ନେଟ୍‌ୱର୍କରେ ସାମିଲ କରାଯାଇଛି। ଅର୍ଥାତ୍ ପଞ୍ଜିକରଣ ପରେ ମଧ୍ୟ ଅଧିକାଂଶ କ୍ଷୁଦ୍ର ଉଦ୍ୟୋଗ ବଜାର ପ୍ରବେଶ ବା କାରବାର କରିପାରୁ ନାହାନ୍ତି।

ଆତ୍ମନିର୍ଭର ଭାରତ ଗଠନ ପାଇଁ କେନ୍ଦ୍ର ସରକାର ଉଦ୍ୟୋଗୀ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ତାଙ୍କ ବଜେଟ୍ ଅଭିଭାଷଣରେ କହିଛନ୍ତି। ସେମାନଙ୍କ ପାଇଁ ଋଣ ଗ୍ୟାରେଣ୍ଟି, ବଜାର ସଂଯୋଗ ଓ ବିଳମ୍ବିତ ଦେୟ ସମାଧାନ ପାଇଁ ଏକାଧିକ ଯୋଜନା କରାଯାଉଥିବା ମଧ୍ୟ ଉଲ୍ଲେଖ କରିଛନ୍ତି। ଏହା ସତ୍ତ୍ୱେ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କାହିଁକି ଅବହେଳିତ ରହିଛି ଓ କାହିଁକି ଓଡ଼ିଶାକୁ ଏ ସଂକ୍ରାନ୍ତ ସହାୟତା ମିଳୁନାହିଁ; ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ଖଣିଜ ସମ୍ପଦ ଓ ଶିଳ୍ପରେ ଦେଶକୁ ବଡ଼ ଅବଦାନ ଦେଉଥିବା ଓଡ଼ିଶାର କ୍ଷୁଦ୍ର ଉଦ୍ୟୋଗ ଯଦି ପୁଞ୍ଜି, ପ୍ରଯୁକ୍ତି ଓ ବଜାର ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ ରହିବ, ତେବେ 'ଆତ୍ମନିର୍ଭର ଭାରତ'ର ଲକ୍ଷ୍ୟ ସଫଳ ହେବା ଆଦୌ ସମ୍ଭବ ନୁହେଁ। ସେହିପରି କେନ୍ଦ୍ରୀୟ ଯୋଜନାରେ ଯଦି ରାଜ୍ୟର ୩୦ଟି ଜିଲ୍ଲାକୁ ସମାନ ସୁଯୋଗ ନମିଳେ, ତେବେ ଓଡ଼ିଶାର ଆଞ୍ଚଳିକ ଶିଳ୍ପ ବିକାଶ କେବଳ ଘୋଷଣା ଓ ପ୍ରଚାରରେ ସୀମିତ ରହିଯିବ ବୋଲି ତଥ୍ୟାଭିଜ୍ଞ ମହଲରେ ମତପ୍ରକାଶ ପାଇଛି।

### ଉତ୍ତର ଓଡ଼ିଶାକୁ...

ଯାଉଛି। ବୈତରଣୀ ସମେତ ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଆଦି ନଦୀରେ ଜଳସ୍ତର ଅଧିକ ରହିଥିବା ବେଳେ ସମ୍ଭାବ୍ୟ ଲଘୁଚାପ ଜନିତ ବର୍ଷା ଯୋଗୁଁ ପୁଣି ବନ୍ୟା ଆଶଙ୍କା ବୃଦ୍ଧି ପାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୩୬ ଘଣ୍ଟା ମଧ୍ୟରେ ଗୋଟିଏ ଷ୍ଟେସନରେ ଅତି ପ୍ରବଳ ବର୍ଷା ରେକର୍ଡ ହୋଇଥିବା ବେଳେ ୨୧ଟି ଷ୍ଟେସନରେ ପ୍ରବଳ ବର୍ଷା ରେକର୍ଡ ହୋଇଛି। ବଲାଙ୍ଗିରର ଆଗଲପୁରରେ ସର୍ବାଧିକ ୧୩୨ ମିମି ବର୍ଷା ରେକର୍ଡ ହୋଇଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ସ୍ୱାଭାବିକ ବର୍ଷାର ପରିମାଣ ୧୦.୦ ମିମି ଥିବା ବେଳେ ୨୦.୨ ମିମି ଅର୍ଥାତ ସ୍ୱାଭାବିକ ତୁଳନାରେ ୧୦୨ ପ୍ରତିଶତ ଅଧିକ ବର୍ଷା ଅନୁଭୂତ ହୋଇଛି।

### କାନ୍ଥ ପଡ଼ି...

ନିଜ ଘରର ଏପରି ଅବସ୍ଥା ପାଇଁ ସେ ବାରମ୍ବାର ବ୍ଲକ ପ୍ରଶାସନ ଓ ରାଜନେତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଁ ନେହୁରା ହୋଇ ନିରାଶ ହୋଇଥିଲେ। ୫ଦିନ ପୂର୍ବେ ଲଗାଣ ବର୍ଷା ଆରମ୍ଭ ଦେଖି ସେ ନିଜ ଫେସବୁକରେ ଏକ ବାର୍ତ୍ତା ପୋଷ୍ଟ କରିଥିଲେ। ଏବେ ଏହି ପୋଷ୍ଟ ପ୍ରଶାସନିକ କଳର ମୁଖା ଖୋଲିଦେଇଛି। ତାଙ୍କ ପୋଷ୍ଟରେ ସେ ଲେଖିଥିଲେ 'ଜଣେ ସାମ୍ବାଦିକ ସମ୍ବାଦ ପରିବେଷଣ କରି ଜନସାଧାରଣରେ ଆତ୍ମସନ୍ତୋଷ ପାଇଥାଏ। କିନ୍ତୁ ଯେତେବେଳେ ସେ ନିଜେ ଏକ ସମ୍ବାଦ ପାଲଟିଯାଏ, ସେତେବେଳେ ସେ କ'ଣ ପାଏ ? କେବଳ କିଛି ଓ ଓ, ଚୁ ଚୁ, ଇସ୍ କ'ଣ ହେଲାରେ ! ନୁହେଁ ତ ଆଉ କ'ଣ!?' ଯାହା ଆଜି ତାଙ୍କର ମୃତ୍ୟୁ ଖବର ସହିତ ଭାଇରାଲ ହେବାରେ ଲାଗିଛି। ତାଙ୍କୁ ଆବାସ ଗୃହଟିଏ ମିଳିଥିଲେ, ବୋଧହୁଏ ଏଭଳି ମୃତ୍ୟୁ ଘଟି ନ ଥା'ନ୍ତା। ସ୍ୱର୍ଗତ ଶ୍ରୀ କର ଆଜକୁ ପ୍ରାୟ ୪୦ ବର୍ଷ ଧରି ପ୍ରଜାତନ୍ତ୍ର, ସମାଜ, ଧରିତ୍ରୀ, ପ୍ରଗତିବାଦୀ, ପ୍ରମେୟ ଆଦିର ସମ୍ବାଦଦାତା ଥିବାବେଳେ ବର୍ତ୍ତମାନ ସେ ଦୈନିକ 'ପ୍ରବାହ'ର ବ୍ଲକ ପ୍ରତିନିଧି ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ମେଳାପୀ ଓ ମିଷ୍ଟଭାଷୀ ବ୍ୟକ୍ତି ହୋଇଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ଶେଷ ଦର୍ଶନ ସହ ଶୋକ ସନ୍ତପ୍ତ ପତ୍ନୀ, ଭାଇଭଉଣୀ ଓ ଆତ୍ମୀୟଙ୍କୁ ସଭିଏଁ ସମବେଦନା ଜ୍ଞାପନ କରିଛନ୍ତି। ପ୍ରଶାସନ ସାମ୍ବାଦିକ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ ପାଇଁ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଅରୁଣ ଓତା ଓ ସମ୍ପାଦକ ସଞ୍ଜୟ ଅଗ୍ରଓ୍ୱାଲା ଦାବି କରିଛନ୍ତି।

### କେବିସି ମଞ୍ଚରେ...

ମାଲକାନଗିରିର ସେରପଲ୍ଲୀ ଗାଁରେ ତାଙ୍କ ପିଲାଦିନ କଟିଥିଲା। ଛୋଟବେଳେ ସେ ମା'ଙ୍କ ସହ ଜଙ୍ଗଲକୁ ଯାଇ ଜାଳେଣି କାଠ ସଂଗ୍ରହ କରୁଥିଲେ, ଗୋରୁ ଚରାଉଥିଲେ ଓ ମହୁଲ ଫୁଲ ସଂଗ୍ରହ କରୁଥିଲେ। ଗାଁର ଏକମାତ୍ର ସ୍କୁଲରେ ପଢ଼ିବା ସମୟରେ ଦୁଇଜଣ ଶିକ୍ଷକ ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲେ। ଦଶମ ଶ୍ରେଣୀ ପରୀକ୍ଷାରେ ନିଜ ଶ୍ରେଣୀର ୧୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଏକମାତ୍ର ଝିଅ ଭାବେ ଉତ୍ତୀର୍ଣ୍ଣ ହୋଇଥିଲେ ଜୟନ୍ତୀ। ପରେ ସେ ସାମ୍ବାଦିକତା କ୍ଷେତ୍ରକୁ ଆସି ମାଲକାନଗିରିର ଆଦିବାସୀ ସମାଜର ଅନେକ ଅକୁହା କାହାଣୀକୁ ସାମ୍ନାକୁ ଆଣିଥିଲେ। ତାଙ୍କ କାର୍ଯ୍ୟ ଓ ସାମାଜିକ ପ୍ରୟାସ ତାଙ୍କୁ 'ଜଙ୍ଗଲ ରାଣୀ' ଭାବେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।

କେବିସିର ହଟ୍ ସିଟ୍‌ରେ ବସିବା ଜୟନ୍ତୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା। ଏଥିପାଇଁ ସେ ଏକାଧିକଥର ଚେଷ୍ଟା କରିଥିଲେ। ଶେଷରେ ଦେଶର ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ସ୍ଥାନ ପାଇବା ସହ ଅମିତାଭ ବଚ୍ଚନ ସହ ସାକ୍ଷାତ ଓ ଆଲୋଚନାର ସୁଯୋଗ ପାଇଛନ୍ତି। ଶେଷ ପର୍ଯ୍ୟାୟରେ ହଟ୍ ସିଟ୍ ପାଇଁ ଯୋଗ୍ୟତା ହାସଲ କରିପାରିନଥିଲେ ହେଁ ସେ ନିରାଶ ହୋଇ ନାହାନ୍ତି। ଜୟନ୍ତୀ କହିଛନ୍ତି ଯେ ଦେଶର ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇବା ମଧ୍ୟ ତାଙ୍କ ପାଇଁ ଏକ ବଡ଼ ଉପଲବ୍ଧି। ଭବିଷ୍ୟତରେ ପୁଣିଥରେ ସୁଯୋଗ ପାଇଲେ ନି ସ୍ୱପ୍ନ ପୂରଣ କରିବେ।

### ଆଦିବାସୀ ଭାଇଭଉଣୀଙ୍କ...

ବର୍ଗର ବିକାଶ ପାଇଁ ଅନେକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଉଚ୍ଚଶିକ୍ଷା ଠାରୁ ଆରମ୍ଭ କରି ସେମାନଙ୍କ ଜୀବନ ଜୀବିକା ଆଦି ବିଭିନ୍ନ କ୍ଷେତ୍ରର ବିକାଶ କରି ସେମାନଙ୍କୁ ସଶକ୍ତ କରିବାକୁ ବିଜେଡି ସରକାର ପଦକ୍ଷେପ ନେଇଥିଲା। ଆଦିବାସୀ ଭାଇ ଭଉଣୀଙ୍କ ଶ୍ରେଷ୍ଠ ବନ୍ଧୁ ବିଜୁ ଜନତା ଦଳ। ଆଦିବାସୀ ସଶକ୍ତିକରଣ ବିଜୁ ଜନତା ଦଳର ଲକ୍ଷ୍ୟ। ଆଦିବାସୀ ମାନଙ୍କ ବିକାଶ ପାଇଁ ବିଜୁ ଜନତା ଦଳ ସର୍ବଦା ବଦ୍ଧ ପରିକର ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଜନଜାତିଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଜଣାଇ ଅନୁଷ୍ଠିତ ବିଶ୍ୱ ଆଦିବାସୀ ଦିବସ ଓ ମହାନ କ୍ରାନ୍ତି ଦିବସ ଶଙ୍ଖ ଭବନରେ ଦଳର ଆଦିବାସୀ ସେଲର ଆବାହକତ୍ୱରେ ଅନୁଷ୍ଠିତ ହୋଇଛି। ବିଭିନ୍ନ ସ୍ଥାନରେ ଥିବା ଆଦିବାସୀ ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ଶଙ୍ଖ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗଣମାଧ୍ୟମ ସଂଯୋଜକ ତଥା ଆଦିବାସୀ ନେତା ଡ. ପ୍ରିୟବ୍ରତ ମାଝୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଆଦିବାସୀ ସେଲର ଅଧ୍ୟକ୍ଷ ମଙ୍ଗଳା କିଷାନ, ମୟୂରଭଞ୍ଜ ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ପୂର୍ବତନ ବିଧାୟକ ତଥା କୋରାପୁଟ ଜିଲ୍ଲା ସଭାପତି ମାନସ ମାଡକାମୀ ପ୍ରମୁଖ ନିଜ ବକ୍ତବ୍ୟରେ ଆଦିବାସୀ ମାନଙ୍କ ଉନ୍ନତି ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ଅଦମ୍ୟ ନେତୃତ୍ୱରେ ଜନଜାତିଙ୍କ ବିକାଶକୁ ନୂଆ ପରିଭାଷା ଦେବାକୁ ବିଜୁ ଜନତା ଦଳ ସଦା ସଂକଳ୍ପବଦ୍ଧ ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରମିଳା ମଲ୍ଲିକ, ସଞ୍ଜୟ କୁମାର ଦାସବର୍ମା, ଅତନୁ ସବ୍ୟସାଚୀ ନାୟକ, ସୁଜାତା ରାଉତ, ଟୁକୁନି ସାହୁ, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ମଞ୍ଜୁଲତା କହଁର, ଡା. ଦେବାଶିଷ ମାରାଣ୍ଡି, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ଲେନିନ ମହାନ୍ତି, ବିଜୟ ନାୟକ, ପ୍ରୀତି ରଞ୍ଜନ ଘଡେଇ, ରାଜେନ୍ଦ୍ର ସାହୁ, ପ୍ରଦୀପ ସାହୁ, ସାରଦା ଜେନା, ଶର୍ମିଷ୍ଠା ସେଠୀ, ରଞ୍ଜିତା ସାହୁ, ଦମୟନ୍ତୀ ମାଝୀ, ରମାରଞ୍ଜନ ବଳିଆରସିଂହ, ମାଧବ ସର୍ଦ୍ଦାର, ବାସନ୍ତୀ ସିଂ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ଭାରତୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୁବପିଢ଼ିଙ୍କୁ ବିପଥଗାମୀ...

କେଶରୀ ରଙ୍ଗ ସାହସ ଓ ତ୍ୟାଗ, ଶ୍ୱେତ ରଙ୍ଗ ଶାନ୍ତି ଓ ସତ୍ୟ, ସବୁଜ ରଙ୍ଗ ସମୃଦ୍ଧି ଏବଂ ମଝିରେ ଥିବା ଅଶୋକ ଚକ୍ର ନିରନ୍ତର କର୍ତ୍ତବ୍ୟପଥରେ ଆଗେଇ ଚାଲିବାର ଶିକ୍ଷା ଦିଏ। ଏହି ପବିତ୍ର ଜାତୀୟ ଉତ୍ସବକୁ ସମ୍ପୂର୍ଣ୍ଣ ପରିବେଶ-ଅନୁକୂଳ କରିବା ପାଇଁ ପ୍ଲାଷ୍ଟିକ୍ ପତାକାକୁ ସମ୍ପୂର୍ଣ୍ଣ ବର୍ଜନ କରି କେବଳ କପଡ଼ା ପତାକା ବ୍ୟବହାର କରିବାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଏକ ବର୍ଣ୍ଣାଢ୍ୟ ପଦଯାତ୍ରା ଆୟୋଜିତ ହୋଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍କାଉଟ୍ସ ଆଣ୍ଡ ଗାଇଡ୍ସ, ଏନ୍‌ସିସି ଏବଂ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନେ ହାତରେ ତ୍ରିରଙ୍ଗା ଧରି ପଦଯାତ୍ରା କରିଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାଂସ୍କୃତିକ ଦଳ ନିଜର ପାରମ୍ପରିକ ଲୋକନୃତ୍ୟ ଓ କଳା ପ୍ରଦର୍ଶନ କରିଥିଲେ। ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ ସୁରେଶ ପୂଜାରୀ, ବିଭୂତି ଭୂଷଣ ଜେନା, ନିତ୍ୟାନନ୍ଦ ଗଣ୍ଡ ସୂର୍ଯ୍ୟବଂଶୀ ସୂରଜଙ୍କ ସମେତ ବିଧାୟକ ଏବଂ ନିମନ୍ତ୍ରିତ ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

■ ରୁଷ-ୟୁକ୍ରେନ ଆକ୍ରମଣ

# ବେଲଗୋରୋଡ, ଖାର୍କିଭ, ଓଡେସାରେ ବ୍ୟାପକ କ୍ଷତି, ଅନେକ ମୃତାହତ

ମସ୍କୋ/କିଭ୍, ୯।୮ (ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ରାତ୍ରିପାଳିରେ ହୋଇଥିବା ପ୍ରତ୍ୟାକ୍ରମଣ ଓ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଉଭୟ ପାର୍ଶ୍ୱରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ରୁଷର ସୀମାନ୍ତ ବେଲଗୋରୋଡ ଅଞ୍ଚଳରେ ୟୁକ୍ରେନର ଡ୍ରୋନ୍ ଆକ୍ରମଣରେ ଜଣେ ଚାରି ବର୍ଷର ଶିଶୁ ସମେତ ୫ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୨୪ ଜଣ ଆହତ ହୋଇଛନ୍ତି। ଅପରପକ୍ଷରେ, ୟୁକ୍ରେନର ଖାର୍କିଭ୍‌ରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ ଏକ ବହୁତଳ ଆବାସିକ ଭବନ କ୍ଷତିଗ୍ରସ୍ତ ହୋଇ ୨ ଜଣଙ୍କର ପ୍ରାଣହାନି ଘଟିଛି ଓ ୧୩ ଜଣ ଆହତ ହୋଇଛନ୍ତି। ସେହିପରି ଓଡେସା ସହର ଉପରେ ରୁଷର ଅନେକ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼ରେ ୮ ଜଣ ଆହତ ହୋଇଛନ୍ତି। ୟୁକ୍ରେନ ନିକଟରେ ଆକାଶ ସୁରକ୍ଷା ପାଇଁ ପାଟ୍ରିଅଟ୍ କ୍ଷେପଣାସ୍ତ୍ରର ଅଭାବ ରହିଥିବାରୁ ରୁଷିଆ ଏହାର ସୁଯୋଗ ନେଇ କ୍ରମାଗତ ଆକ୍ରମଣ କରୁଥିବା କୁହାଯାଇଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଆମେରିକା ଏବଂ ଅନ୍ୟ ସହଯୋଗୀ ଦେଶଗୁଡ଼ିକୁ ଅଧିକ ପାଟ୍ରିଅଟ୍ ପ୍ରତିରକ୍ଷା ପ୍ରଣାଳୀ ଯୋଗାଇଦେବାକୁ ନିବେଦନ କରିଛନ୍ତି। ସୀମାପାର ସଂଘର୍ଷ ଏବଂ ଡ୍ରୋନ-କ୍ଷେପଣାସ୍ତ୍ର ଆକ୍ରମଣ ବୃଦ୍ଧି ପାଉଥିବାରୁ ଉଭୟ ଦେଶରେ ସାଧାରଣ ନାଗରିକଙ୍କ ନିରାପତ୍ତା ଓ ଜୀବନଜୀବିକା ଅତ୍ୟନ୍ତ ସଙ୍କଟାପନ୍ନ ହୋଇପଡ଼ିଛି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ସଂ. ETELCONBBST-384E
କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ତାଳଚେର-ବିମଳଗଡ଼ ନୂତନ BG ଲାଇନ ସମ୍ବନ୍ଧୀୟ ଖୋର୍ଦ୍ଧା-ମହୁଲଡିହ HT/LT ପାୱାର ଲାଇନ କ୍ରସିଙ୍ଗର ରୂପାନ୍ତରଣ / ସ୍ଥାନାନ୍ତରଣ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 4,79,51,717.58, EMD(ଟଙ୍କାରେ): 9,59,000/-, ଶେଷ ହେବା ଅବଧି : 9 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2026 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.03.09.2026 ରିଖ 1200 ଘଟିକାରେ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।
ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ)/ ଭୁବନେଶ୍ୱର
PR-167/CJ/26-27

**ସାର୍ବଜନିକ ସୂଚନା**
ସର୍ବସାଧାରଣ ଙ୍କୁ ସୂଚିତ କରାଯାଉଅଛି କି, 04/08/2026 ତାରିଖ ରେ ପ୍ରସ୍ତାବ ସଂଖ୍ୟା: 578928/621-MINB2/05-2026, ମାଧମ ରେ ପର୍ଯ୍ୟାବରଣ ଏବଂ ପରିବେଶ ମଞ୍ଜୁରୀ ପ୍ରସ୍ତାବ ଉପରେ ବିଚାର କରି ମୂଲ୍ୟାଙ୍କନ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଶ୍ରୀ ଆନନ୍ଦ ଭାରତୀ, S / o - ରାଧେ ଶ୍ୟାମ ଅଗ୍ରୱାଲ, 14-1-14 / 1, ନୋରୋଜି ରୋଡ୍, ଓପ କଷ୍ଟମ୍ସ କ୍ୱାର୍ଟର୍ସ, ମହାରାଣୀ ପେଟା, ବିଶାଖାପାଟନମ୍ (Urban), ଆନ୍ଧ୍ରପ୍ରଦେଶ -530002, ବେନିପୋଖରୀ ପଥର ଖଣି-୪ ରୁ ୧୦.୩୦ ଏକର କିମ୍ବା ୪.୧୬ ହେକ୍ଟର (କ୍ଲଷ୍ଟର ପଦ୍ଧତି ଅଧୀନରେ ମୋଟ କ୍ଲଷ୍ଟର କ୍ଷେତ୍ରଫଳ - ୫୭.୩୬ ଏକର କିମ୍ବା ୨୩.୧୮ ହେକ୍ଟର) ଗ୍ରାମ - ବେନିପୋଖରୀ, ତହସିଲ - ଲାଞ୍ଜିଗଡ଼, ଜିଲ୍ଲା - କଳାହାଣ୍ଡି, I EC Identification No.: EC26C108OR5118060N ଅନୁଯାୟୀ ରାଜ୍ୟ ପରିବେଶ ମୂଲ୍ୟାଙ୍କନ ପ୍ରାଧିକରଣ (SEIAA), ଓଡ଼ିଶାଙ୍କ ଦ୍ୱାରା ପର୍ଯ୍ୟାବରଣ ଜନିତ ପ୍ରାକ୍ ମଞ୍ଜୁରୀ ପ୍ରଦାନ କରାଯାଇଛି। ସମ୍ପୃକ୍ତ ମଞ୍ଜୁରୀ ପତ୍ର SPCB, ଓଡ଼ିଶା, MoEF & CC ଏବଂ SEIAA, ଓଡ଼ିଶାଙ୍କ ନିକଟରେ ଉପଲବ୍ଧ ଅଛି।
ଆନନ୍ଦ ଭାରତୀ
ଖଣିଜ ମାଲିକ / ପଟ୍ଟାଧାରୀ

## ଖର୍ଚ୍ଚ ହେଉଛି ସରକାରୀ ଅର୍ଥ, ସୁଧୁରୁନି ଅବସ୍ଥା

# ରୋଜଗାରର ମାଧ୍ୟମ ପାଲଟିଛି ରାଣୀତାଲ-କୁପାରୀ ରାସ୍ତା

ଖଇରା, ୯।୮ (ସମିସ)



ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଥିବା କୁପାରୀ-ରାଣୀତାଲ ରାସ୍ତାର ଚନ୍ଦନପୁର ଓ ଜଳଙ୍ଗ ଛକ ନିକଟରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇ ଯାତ୍ରୀଙ୍କ ପାଇଁ ଏବେ ଯମଦଣ୍ଡ ପାଲଟିଛି। ୧୫ଶହ ମିଟର ରାସ୍ତାରେ ପାଖାପାଖି ୨ଶହରୁ ଊର୍ଦ୍ଧ୍ୱ ଗର୍ତ୍ତ ପ୍ରତିମୁହୂର୍ତ୍ତରେ ବିପଦକୁ ନିମନ୍ତ୍ରଣ କରୁଛି। ଏହି ରାସ୍ତାରେ ପୂର୍ତ୍ତ ବିଭାଗ ବାରମ୍ବାର ମରାମତି କରୁଥିଲେ ହେଁ ଏହା କେବଳ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କୁ ରୋଜଗାର ଦେବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ହେଲେ କୌଣସି ସମୟରେ ଯାତ୍ରୀଙ୍କ ହିତରେ ଆସୁନାହିଁ। ୫ବର୍ଷ ତଳେ ରାଣୀତାଲରୁ ଧୋବାଗଡିଆ ରାସ୍ତାର ନିର୍ମାଣ କାର୍ଯ୍ୟ କରାଯାଇଥିଲା। ପାଖାପାଖି ୨୦କୋଟି ଟଙ୍କା ବ୍ୟୟ କରାଯାଇଥିଲା। ପୂର୍ବରୁ ଚନ୍ଦନପୁର ଓ ଅଡ଼ା ଛକ ମଝାମଝି ତଥା ଜଳଙ୍ଗ ନିକଟରେ ପାଣିଜମି ରହୁଥିବା ଯୋଗୁଁ ବାରମ୍ବାର ରାସ୍ତା ଧୋଇଯାଉଥିବା ସ୍ଥାନକୁ କଂକ୍ରିଟ କରିବାକୁ ସ୍ଥାନୀୟ ଗ୍ରାମବାସୀ ମାନେ ଦାବୀ କରିଥିଲେ ହେଁ ବିଭାଗ କେବଳ ପିଚୁ ରାସ୍ତାରେ ଏହାକୁ ଶେଷ କରିଥିଲେ। ବିଭାଗର ଖାମଖିଆଲି ନିତି ପାଇଁ ଗତ ୫ବର୍ଷ ହେଲା ଯାତ୍ରୀମାନେ ଏକ ପ୍ରକାର ନିର୍ଯାତନାର ଶିକାର ହେଉଥିବା ନେଇ ଜଳଙ୍ଗ ଗ୍ରାମର ପ୍ରଫୁଲ୍ଲ ଦାସ ଓ ପୂର୍ଣ୍ଣଚନ୍ଦ୍ର ଦାସ କହିଛନ୍ତି। ପ୍ରତ୍ୟେକ ଦିନ ଛୋଟମୋଟ ଦୁର୍ଘଟଣା ଲାଗି ରହିଥିବା ନେଇ ଗ୍ରାମବାସୀ କହିଛନ୍ତି। ସେହିଭଳି ନେତା ଓ ଯନ୍ତ୍ରୀ ମାନଙ୍କ ବାର୍ଷିକିଆ ରୋଜଗାର ପାଇଁ ପ୍ରତିବର୍ଷ ଏଭଳି ମରାମତି କରାଯାଉଛି ସତ ଯାତ୍ରୀଙ୍କର ଏଥିରେ ସାମାନ୍ୟତମ ଉପକାର ହେଉନାହିଁ ବୋଲି ଚନ୍ଦନପୁର ଗ୍ରାମର ବନମାଳି ରାଉଳ ଓ ରମେଶ ଚନ୍ଦ୍ର ରାଉଳ ଅଭିଯୋଗ କରିଛନ୍ତି। ଏହା ମଧ୍ୟରେ ଗ୍ରାମବାସୀ ୨ଥର ଜିଲାପାଳଙ୍କୁ ଅଭିଯୋଗ କରିସାରିଥିବା ବେଳେ ପୁନଶ୍ଚ ସମସ୍ତେ ଏକଜୁଟ ହୋଇ ରାସ୍ତାରେ ଅନଶନରେ ବସିବାକୁ ମସୁଧା ଚଳାଇଛନ୍ତି। ଏହି ରାସ୍ତା ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀଙ୍କର ପିସି ଲୋଭ ପାଇଁ ଠିକାଦାର ମାନେ ମଧ୍ୟ ଠିକ ଢଙ୍ଗରେ କାମ କରିପାରୁନଥିବା ନେଇ କିଛି ଠିକାଦାର ଅଭିଯୋଗ ମଧ୍ୟ କରିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ସଙ୍ଗୀତା ସାହୁଙ୍କ ପ୍ରତିକ୍ରିୟା ନେବାରେ ବାରମ୍ବାର ନଷ୍ଟ ହେଉଥିବା ସ୍ଥାନରେ କଂକ୍ରିଟ କରାଯିବାକୁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

## ସହଦେବଙ୍କୁ 'ହେଲ୍ପ ଫର ୟୁ'ର ସହାୟତା



**ବିଦ୍ୟୁତ୍ ଆଘାତରେ ହରାଇଥିଲେ ହାତ**

**ଜଳେଶ୍ୱର ବ୍ଲକ୍,୯।୮ (ସମିସ):** ସତରେ ଦୁଃଖ କ'ଣ ଏମିତି ବି ଆସେ, ଆଜି ଏ ପରିବାରକୁ ଦୁଃଖ ଯେମିତି ଛାଡ଼ି ଯିବା ପାଇଁ ପ୍ରସ୍ତୁତ ନୁହେଁ। ଆଜି ରୋଜଗାର କରିବା ବୟସରେ ଯେପରି ସହଦେବ ଭାଙ୍ଗି ପଡ଼ିଛନ୍ତି। କାରଣ ବିଦ୍ୟୁତ୍ ଆଘାତରେ ପ୍ରଥମେ ତାଙ୍କର ଡାହାଣ ହାତ ହରାଇଲେ ଏବେ ବାମ ହାତ ଅସ୍ତ୍ରୋପଚାର ପାଇଁ ଅର୍ଥ ସାଜିଛି ବାଧକ, ବାପା ମାଆଙ୍କର ଆଖିରେ ଲୁହ ସରୁ ନାହିଁ, ପୁଅକୁ ସୁସ୍ଥ କରିବା ପାଇଁ ଆଉ ପାଖରେ କିଛି ସମ୍ବଳ ନାହିଁ। ଏହି ଘଟଣାଟି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ, କରଞ୍ଜଗଡ଼ିଆ ଗ୍ରାମର ଚରେଇ ସାହିର। ତାଙ୍କ ଦୁର୍ଦ୍ଦଶା ସମ୍ପର୍କରେ ଅଞ୍ଚଳବାସୀଙ୍କଠାରୁ ଖବର ପାଇବା ପରେ 'ହେଲ୍ପ ଫର ୟୁ' ଫାଉଣ୍ଡେସନ ସହାୟତାର ହାତ ବଢ଼ାଇଛି। ସହଦେବଙ୍କ ଚିକିତ୍ସା ପାଇଁ ଆର୍ଥିକ ସହାୟତା ସହ କିଛିଦିନ ପାଇଁ ରାସନ ସାମଗ୍ରୀ, ପରିବାରକୁ ନୂତନ ବସ୍ତ୍ର ଆଦି ପ୍ରଦାନ କରାଯାଇଛି।

## ଘନଶ୍ୟାମ ବେଜ୍‌ଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ

**ବାଲେଶ୍ୱର, ୯।୮ (ସମିସ):** ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ସହଦେବଖୁଣ୍ଟାସ୍ଥିତ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଲ୍ୟାର୍ପଣ କରାଯାଇ ସ୍ୱର୍ଗତ ବେଜଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଏହା ସହିତ ମିଶନ କମ୍ପେ୍ଲକ୍ସରେ ଥିବା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା।



ସ୍ମୃତିସଭାରେ ଉପସ୍ଥିତ ଅତିଥି ଓ ସମାଜସେବୀମାନେ ସ୍ୱର୍ଗତ ଘନଶ୍ୟାମ ବେଜଙ୍କ ଜୀବନ ଓ ମୂଲ୍ୟବୋଧକୁ ସ୍ମରଣ କରିଥିଲେ। ପରିବାର ପକ୍ଷରୁ ତାଙ୍କ ସ୍ମୃତିକୁ ସେବା, ସହଯୋଗ ଓ ସାମାଜିକ ଦାୟିତ୍ୱ ସହିତ ଯୋଡ଼ିବାର ଏହି ପ୍ରୟାସକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗୌରାଙ୍ଗ ପାଣିଗ୍ରାହୀ, କାର୍ତ୍ତିକ ଚନ୍ଦ୍ର ବାରିକ, ସରସ୍ୱତୀ ପଣ୍ଡା, ଆଇନଜୀବୀ ନିରଞ୍ଜନ ପରିଡ଼ା ଏବଂ କାଉନସିଲର୍ ଦେବାଶିଷ ସିଂହ ପ୍ରମୁଖ ବହୁ ସମାଜସେବୀ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ବେଜଙ୍କ ପୁତ୍ର ପ୍ରଶାନ୍ତ କୁମାର ବେଜ ଓ ସୁଶାନ୍ତ କୁମାର ବେଜ ଏବଂ କନ୍ୟା ତୁଳସୀ ବେଜଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଜାମକୁଣ୍ଡା ପଞ୍ଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବାଲିଆପାଳ, ୯।୮ (ସମସ):** ବାଲିଆପାଳ ବ୍ଲକ୍ ଜାମକୁଣ୍ଡା ପଞ୍ଚାୟତରେ ଥିବା କୋଷ୍ଟ କେନାଲ ନିକଟସ୍ଥ ନବନିର୍ମିତ ସ୍ୱର୍ଗଦ୍ୱାରଠାରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ପକ୍ଷରୁ ବାଣିଜ୍ୟ ବିଭାଗର ଅଧ୍ୟାପକ ଡା. ପ୍ରେମାନନ୍ଦ ସେଠୀଙ୍କ ନେତୃତ୍ୱରେ ମାର୍ଗଦର୍ଶକ ଚଉମୁଖ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧାଂଶୁ ଶେଖର ଫଞ୍ଜାଙ୍କ ଉଦ୍ୟମ ରେ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଜାମକୁଣ୍ଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ପରିବେଶ ପ୍ରଦୂଷଣ ଓ ତାର ନିରାକରଣ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଙ୍କୁ ଅବଗତି କରାଇବା ନିମନ୍ତେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଉକ୍ତ ପଞ୍ଚାୟତରେ ଶଙ୍କରଜିଉ ସାଂସ୍କୃତିକ କଳା ପରିଷଦର ସମ୍ପାଦକ ଜାମିନୀକାନ୍ତ ରାଉତ, ଉପଦେଷ୍ଟା ବିନୋଦ ବିହାରୀ ଜେନା, ସମାଜସେବୀ ନଗେନ୍ଦ୍ର ବିଶ୍ୱାଳ, କେନ୍ଦୁଆଡିଆ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜ୍ୟୋତିପ୍ରକାଶ ଜେନା ତଥା ପରିଷଦର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଛାତ୍ର ଜୟପ୍ରକାଶ ଦାସ, ଆନନ୍ଦ ଦାସ, ଇପ୍ସିତା ଦାସ, ରଞ୍ଜିତା ନାୟକ, କ୍ରିଷ୍ଣା ଦାସ, ସଂଜିତା ରଣା, ପ୍ରତିମା ସାହୁ, ବୈଶାଖୀ ଜେନା, ଅଲିସା ପାଳ ଓ ବର୍ଷାରାଣୀ ପାତ୍ର ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳିଲେ ଯୁବନେତା

**ଲକ୍ଷ୍ମଣେଶ୍ୱର ୯।୮ (ସମିସ ):** ଆଜିର ସମାଜରେ ଯେଉଁଠାରେ ଜନ୍ମଦିନ ପାଳନ କେକ୍ କାଟିବା ଓ ଆଡମ୍ବରପୂର୍ଣ୍ଣ ଉତ୍ସବରେ ସୀମିତ ରହିଯାଉଛି, ସେଠାରେ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି ଯୁବ ଗୋଷ୍ଠୀ। ଯୁବ ନେତା ପ୍ରମର୍ଥ ମଣ୍ଡଳଙ୍କ ଜନ୍ମଦିନ ଅବସରରେ ବାଲିକୁଟି ସ୍ଥିତ 'ଶ୍ରଦ୍ଧା' ବୃଦ୍ଧାଶ୍ରମରେ ବୃଦ୍ଧ ବାପା-ମାଆଙ୍କ ସହ ସମୟ ବିତାଇଥିଲେ। ପରେ ସେମାନଙ୍କୁ ଖାଦ୍ୟ ବଣ୍ଟନ କରିବା ସହ ଜନ୍ମଦିନ ପାଳନ କରାଯାଇଥିଲା। ବୃଦ୍ଧାଶ୍ରମରେ ଥିବା ବୟସ୍କମାନଙ୍କ ମୁହଁରେ ହସ ଫୁଟାଇବା ସହ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରି ସେ ସମାଜ ପାଇଁ ଏକ ସକାରାତ୍ମକ ବାର୍ତ୍ତା ଦେଇଥିଲେ। ଏହି ନିଆରା ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଯୁବନେତା ସୁଶାନ୍ତ ବେହେରା, ପ୍ରିୟରଞ୍ଜନ ଦାସ, ଉମେଶ ଗିରି, ବିକି ମହାଲିକ, ପପୁ ରାଉଳ ଓ ରବି ସାହୁ ପ୍ରମୁଖ ସହଯୋଗ କରିଥିଲେ।



## ବାଲିଆପାଳରେ ଯୁବ କଂଗ୍ରେସର ପ୍ରତିଷ୍ଠା ଦିବସ



**ବାଲିଆପାଳ, ୯।୮ (ସମସ):** ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାଲିଆପାଳ ରାଜାରାଣୀ ଛକରେ ଦେଶର ସର୍ବବୃହତ୍ ଗଣତାନ୍ତ୍ରିକ ଯୁବ ସଂଗଠନ ଭାବେ ପରିଚିତ ଯୁବ କଂଗ୍ରେସ ପକ୍ଷରୁ ଆଜି ଏହାର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। କେନ୍ଦ୍ରୀୟ କାର୍ଯ୍ୟାଳୟ ତଥା ବିଭିନ୍ନ ରାଜ୍ୟ ମୁଖ୍ୟାଳୟରେ ସଂଗଠନର ପତାକା ଉତ୍ତୋଳନ କରାଯାଇଥିବା ବେଳେ ବାଲିଆପାଳରେ ମଧ୍ୟ ପାଳନ କରାଯାଇଛି। ବସ୍ତା ନିର୍ବାଚନ ମଣ୍ଡଳୀ ର ଯୁବ କଂଗ୍ରେସ ସଭାପତି ତିର୍ଥ କୁମାର ନାଗ ଙ୍କ ଆହ୍ୱାନ ରେ ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାଷ ନାୟକ ଙ୍କ ନେତୃତ୍ୱରେ ବାଲିଆପାଳ ବ୍ଲକ୍‌ରୁ ବହୁ ଯୁବ କଂଗ୍ରେସ ନେତା ଆସି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଦେଶର ଯୁବବର୍ଗ କେବଳ ଭବିଷ୍ୟତ ନୁହଁନ୍ତି, ବରଂ ବର୍ତ୍ତମାନର ମଜବୁତ ଶକ୍ତି। ବେରୋଜଗାର, ଦରବୃଦ୍ଧି ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହେଉଥିବା ଆକ୍ରମଣ ବିରୋଧରେ ଯୁବ ସମାଜର ସ୍ୱରକୁ ଆହୁରି ଜୋରଦାର କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।କଂଗ୍ରେସର ବରିଷ୍ଠ ନେତା ବିଜନ ନାୟକ, ନରହରି ଜେନା, ବ୍ଲକ କଂଗ୍ରେସ ସଭାପତି ମୂରଲୀ ମୋହନ ସାହୁ,ଜଗନ୍ନାଥ ବିଶ୍ୱାଳ, ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସରୋଜ ପିଲା ଓ ଅନ୍ୟାନ୍ୟ ନେତାମାନେ ସମସ୍ତ ଯୁବ କର୍ମୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସମାଜ ସେବା ଓ ନେତୃତ୍ୱ ଗଠନ ଦିଗରେ ଆଗେଇ ଆସିବାକୁ ଆହ୍ୱାନ କରିଛନ୍ତି। ଶେଷରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

## ବନ୍ୟା ପ୍ରଭାବିତ ୧୦୦ ପରିବାରଙ୍କୁ ରାସନ୍ ସାମଗ୍ରୀ ବଣ୍ଟନ



**ବାଲେଶ୍ୱର, ୯।୮ (ସମିସ):** ବାଲେଶ୍ୱର ପୋରାଇନୀ ଗ୍ରୁପ୍ ଆଦିବାସୀ ସଂଘ ପକ୍ଷରୁ ଆଜି ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପରିଖି ପଞ୍ଚାୟତର ବଉଳାବେଣୀ ଗ୍ରାମରେ ବନ୍ୟା ପ୍ରଭାବିତ ୧୦୦ଟି ପରିବାରଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରାଯାଇଛି। ସମ୍ପ୍ରତି ବନ୍ୟା ପରିସ୍ଥିତିରେ ପ୍ରଭାବିତ ପରିବାରଗୁଡ଼ିକୁ ତୁରନ୍ତ ଖାଦ୍ୟ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ପୋରାଇନୀ ଗ୍ରୁପ୍ ପକ୍ଷରୁ ଏହି ମାନବିକ ପଦକ୍ଷେପ ନିଆଯାଇଥିଲା। ଗ୍ରୁପ୍‌ର ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ଗ୍ରାମରେ ପହଞ୍ଚି ପ୍ରଭାବିତ ପରିବାରମାନଙ୍କୁ ଖାଦ୍ୟ ପ୍ୟାକେଟ୍ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାରଥୀ ମୁର୍ମୁ, ଶକୁନ୍ତଳା ମାଝୀ, ଲକ୍ଷ୍ମୀପ୍ରିୟା ସୋରେନ୍, ଦୁର୍ଗୀ ସୋରେନ୍, ବୁଦୁନି ସୋରେନ୍, ଆରତୀ ମାରାଣ୍ଡି, ଅମ୍ବିକା ବେଶ୍ରା, ଜ୍ୟୋତିରାଣୀ ହେମ୍ବ୍ରମ, ସମ୍ବାରି ମାରାଣ୍ଡି ଏବଂ ସଲମା ହାଁସଦା ଉପସ୍ଥିତ ରହି ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ପୋରାଇନୀ ଗ୍ରୁପ୍ ସଦସ୍ୟମାନେ କହିଥିଲେ ଯେ, ବିପଦ ସମୟରେ ଅସହାୟ ଓ ପ୍ରଭାବିତ ପରିବାରଙ୍କ ପାଖରେ ଠିଆ ହେବା ସମାଜର ପ୍ରତ୍ୟେକ ବ୍ୟକ୍ତିଙ୍କ ସାମାଜିକ ଦାୟିତ୍ୱ। ଆଗାମୀ ଦିନରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ପ୍ରଭାବିତ ଓ ଅସହାୟ ପରିବାରମାନଙ୍କୁ ସହଯୋଗ ଜାରି ରଖିବାକୁ ଗ୍ରୁପ୍ ପକ୍ଷରୁ କୁହାଯାଇଛି। ପୋରାଇନୀ ଗ୍ରୁପ୍‌ର ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ବାସିନ୍ଦା ଓ ହିତାଧିକାରୀମାନେ ପ୍ରଶଂସା କରିବା ସହ ଗ୍ରୁପ୍‌ର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଡାକ କର୍ମଚାରୀ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ



**ବାଲେଶ୍ୱର, ୯।୮ (ସମିସ):** ଓଡ଼ିଶା ରାଜ୍ୟସ୍ତରୀୟ ଡାକ କର୍ମଚାରୀ ସଂଘର ତୃତୀୟ ଶ୍ରେଣୀ କର୍ମଚାରୀମାନଙ୍କର ୧୩ତମ ଦ୍ୱିବାର୍ଷିକ ସମ୍ମିଳନୀ ଓ ବାଲେଶ୍ୱର ଡିଭିଜନ୍‌ର ତୃତୀୟ ଶ୍ରେଣୀ ପୋଷ୍ଟମ୍ୟାନ, ଏମ୍‌ଟିଏସ୍ କର୍ମଚାରୀ ସଂଘର ମିଳିତ ସମ୍ମିଳନୀ ସ୍ଥାନୀୟ ଗାନ୍ଧିସ୍ମୃତି ଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ ସମ୍ମିଳନୀର ଉଦ୍‌ଘାଟନ ଉତ୍ସବ ଦିନ ପ୍ରତିନିଧି ଅଧିବେଶନରେ ଆସନ୍ତା ଦୁଇବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଂଘର ସଭାପତି ଶିବାନନ୍ଦ ଦାଶ, ସମ୍ପାଦକଭାବେ ରାଜେଶ ବହିଦାର ଓ କୋଷାଧ୍ୟକ୍ଷ ଭାବେ ସୁରଥ ଖୁଣ୍ଟିଆ ନିର୍ବାଚିତ ହୋଇଥିବାବେଳେ ବାଲେଶ୍ୱର ଡିଭିଜନର ତୃତୀୟଶ୍ରେଣୀ ଡାକ କର୍ମଚାରୀ ସଂଘର ସଭାପତି ଅଜୟ ନାରାୟଣ ଦାସ, ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ଦାସ, କୋଷାଧ୍ୟକ୍ଷ ଭାବେ ଦୈପନ ସାହୁ ଏବଂ ପୋଷ୍ଟମ୍ୟାନ୍ ସଂଘର ସଭାପତି ଭାବେ ଭାସ୍କରଚନ୍ଦ୍ର ମଲ୍ଲିକ, ସମ୍ପାଦକ ରବିନାରାୟଣ ସାହୁ ଓ କୋଷାଧ୍ୟକ୍ଷ ଭାବେ ଗୋବିନ୍ଦ ଚନ୍ଦ୍ର ଘୋଷ ସର୍ବସମ୍ମତ କ୍ରମେ ନିର୍ବାଚିତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବର ଖୋଲା ଅଧିବେଶନରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ଶ୍ରମିକ ନେତା ପ୍ରଦୀପ୍ତ ପଣ୍ଡା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଏଆଇଟିୟୁସିର ଜିଲ୍ଲା ୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ ଓ ମୁଖ୍ୟବକ୍ତା ଭାବେ ସର୍ବଭାରତୀୟ ସଂଘର ଉପସାଧାରଣ ସମ୍ପାଦକ ଇନ୍ଦ୍ରଜିତ୍ ପାଣ୍ଡେ, ସମ୍ମାନିତ ଅତିଥିଭାବେ ସର୍ବଭାରତୀୟ ସଂଘର ନେତା ରମେଶ ଚନ୍ଦ୍ର ମିଶ୍ର, ବୃହସ୍ପତି ସାମଲ, ସପନ କୁମାର ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ରବିନାରାୟଣ ମହାନ୍ତି ଓ ଆଲୋକ କୁମାର ମଲ୍ଲିକ ଯୋଗଦେଇ ଡାକକର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଡାକବିଭାଗରେ ଖାଲିଥିବା ସମସ୍ତ ପଦବୀକୁ ପୂରଣ କରିବା, ଅଷ୍ଟମ ବେତନ କମିଶନର ରିପୋର୍ଟ ତୁରନ୍ତ ପ୍ରକାଶ କରିବା, ପୁନଶ୍ଚ ପୁରୁଣା ପେନସନ୍, ଆଇନ୍ କାର୍ଯ୍ୟକାରୀ କରିବା, ଚାକିରି ପରେ ସମସ୍ତଙ୍କୁ ପେନସନ୍ ପ୍ରଦାନ, ସବୁଶ୍ରେଣୀର କର୍ମଚାରୀଙ୍କୁ ଗୋଟିଏ ନୀତିରେ ପେନସନ୍ ଦେବାକୁ ସେମାନେ ଦୃଢ଼ ଦାବି କରିଥିଲେ। ଡାକବିଭାଗକୁ ଘରୋଇକରଣରୁ ମୁକ୍ତ କରିବା, ଟାର୍ଗେଟ୍ ଆଳରେ କର୍ମଚାରୀମାନଙ୍କ ଶ୍ରମଶୋଷଣ ବନ୍ଦ କରିବା, ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥର ଦରଦାମ ବୃଦ୍ଧି ବନ୍ଦ କରିବା, ୪ଟି ଶ୍ରମ ସଂହିତା ବାତିଲ କରିବାକୁ ବକ୍ତାମାନେ ଦାବିକରିଥିଲେ। ରବିବାର ପୂର୍ବାହ୍ନରେ ବାଲେଶ୍ୱର ରେଳଷ୍ଟେସନରୁ ଏକ ଶୋଭାଯାତ୍ରାରେ କର୍ମଚାରୀମାନେ ସହର ପରିକ୍ରମା କରି ସମ୍ମିଳନୀ ସ୍ଥଳରେ ପହଞ୍ଚିଥିଲେ। ଖୋଲା ଅଧିବେଶନରେ ଅତିଥିମାନଙ୍କୁ ପୂର୍ବତନ ସମ୍ପାଦକ ଅକ୍ଷୟ କୁମାର ତ୍ରିପାଠୀ ମଞ୍ଚକୁ ନିମନ୍ତ୍ରଣ ଜଣାଇଥିଲେ। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ଡାକ କର୍ମଚାରୀ ନେତା ନିରଞ୍ଜନ ରାଉତ ଅତିଥି ଓ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଗୌରାଙ୍ଗ ପାଣିଗ୍ରାହୀ ଓ ଶ୍ୟାମ ସୁନ୍ଦର ଜେନା ପ୍ରମୁଖ ସମ୍ମିଳନୀର ସଫଳତା କାମନା କରିଥିଲେ। ଟ୍ରେଡ୍ ୟୁନିୟନ୍ କାର୍ଯ୍ୟରେ ବିଶେଷ ଅବଦାନ ପାଇଁ ୧୫ଜଣ କର୍ମଚାରୀଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟନାରାୟଣ ମହାନ୍ତି, ସରୋଜ କୁମାର ସାହୁ, ବୁଦ୍ଧିରାମ ସିଂ, ଅଜିତ୍ କୁମାର ମହାନ୍ତି, ସୁନୀଲ ଆଚାର୍ଯ୍ୟ, ଗୀତାରାଣୀ ଜେନା, ଶୁଭଶ୍ରୀ ନାୟକ, ସୁରଜା ପାତ୍ର, ରବୀନ୍ଦ୍ର କୁମାର ଧଳ ପ୍ରମୁଖ ସହାୟତା ପ୍ରଦାନ କରିଥିଲେ। ରାଜେଶ ବହିଦାର ଧନ୍ୟବାଦ ଦେଇଥିଲେ।

## ବିଦ୍ୟାଳୟରେ ଭୋଜିକୁ ନେଇ ଅସନ୍ତୋଷ



**ଲକ୍ଷ୍ମଣେଶ୍ୱର, ୯।୮ (ସମିସ):** ବିଦ୍ୟାଳୟ ଏକ ପବିତ୍ର ମନ୍ଦିର। ତେଣୁ ରାଜ୍ୟ ସରକାର ବିଦ୍ୟାଳୟରେ ଶାନ୍ତି ଶୃଙ୍ଖଳା ଓ ନିୟମ କାନୁନ ବଜାୟ ରଖିବା ପାଇଁ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରିଛନ୍ତି। କିନ୍ତୁ ଏହି କମିଟି କେତେକ ଜାଗାରେ ଠିକ୍‌ଠାକ୍ କାମ କରୁଥିବା ବେଳେ କିଛି ବିଦ୍ୟାଳୟର ରାଜନୀତିକରଣ କରାଯାଉଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏମିତି ଏକ ଘଟଣା ଘଟିଛି ବାଲିଆପାଳ ବ୍ଲକ୍ ଛଡ଼ା ଗ୍ରାମ କ୍ଷେମ ରାଧାଶ୍ୟାମ ଉଚ୍ଚ ବିଦ୍ୟାଳୟରେ। ବିଦ୍ୟାଳୟରେ ବାରମ୍ବାର ମଧ୍ୟାହ୍ନ ଭୋଜନ ଚାଉଳ ଓ ଟଙ୍କା ହଡ଼ପ କରି ମାଛ ମାଂସ ଭୋଜି କରି କ୍ଲବ୍ ଘରରେ ପରିଣତ କରିଛନ୍ତି ଶିକ୍ଷକ ଓ ପରିଚାଳନା କମିଟି। ଯାହାଫଳରେ ବିଦ୍ୟାଳୟର ଶୈକ୍ଷିକ ପରିବେଶ ନଷ୍ଟ ହୋଇସାରିଲାଣି ବୋଲି ଛାତ୍ର ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଶନିବାର ସ୍କୁଲ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଛୁଟି କରିଦେଇ ଭୋଜି ଚାଲିଥିଲା। କିଛି ଅଭିଭାବକ ଏସ୍‌କେ କୁମୁରୁଦ୍ଦିନ, ଦୀନବନ୍ଧୁ କମିଲା, ଅମଲେନ୍ଦୁ ମଣ୍ଡଳ, ସେକ ଗଫୁର୍ଦ୍ଦିନ, ଏସ୍ କେ ଜମିରୁଦ୍ଦିନ ପ୍ରମୁଖ ବିଦ୍ୟାଳୟକୁ ଯାଇ ଭୋଜିକୁ ବିରୋଧ କଲା ପରେ ଭୋଜି ବନ୍ଦ ହୋଇଥିଲା। କିଛି ସମୟ ଧରି ବିଦ୍ୟାଳୟ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ପ୍ରଧାନଶିକ୍ଷକ ରଖାଲ ଚନ୍ଦ୍ର ଜେନାଙ୍କୁ ପଚାରିବାରୁ ପରିଚାଳନା କମିଟି ମିଟିଂ ହେଉଛି। କମିଟିର ସଭାପତି ଭୋଜି ଦେଉଛନ୍ତି ବୋଲି ସ୍ୱୀକାର କରିଥିଲେ। ଏ ବାବଦରେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୋମା ରାଣୀ ସେଠୀଙ୍କୁ ପଚାରିବାରୁ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ଓ ଉତ୍ସବ ଛଡ଼ା କୌଣସି ଭୋଜି ହେବାର ନିୟମ ନାହିଁ କିମ୍ବା ଏଇ ଭୋଜି ବାବଦରେ ତାଙ୍କ ପାଖରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ସଭାପତି ଓ ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରିଛନ୍ତି।

## ପରିବେଶ ସପ୍ତାହର ଉଦ୍‌ଯାପନୀ ସମାରୋହ



**ବାଲେଶ୍ୱର, ୯।୮ (ସମିସ):** ସହଦେବଖୁଣ୍ଟାସ୍ଥିତ ଡ୍ରିମ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ପକ୍ଷରୁ ପରିବେଶ ସପ୍ତାହ ପାଳନର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପରିବେଶ ସୁରକ୍ଷା ଓ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସପ୍ତାହବ୍ୟାପୀ ବିଭିନ୍ନ ଶିକ୍ଷଣୀୟ ଓ ସୃଜନଶୀଳ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବୋଲି ସ୍କୁଲର ନିର୍ଦ୍ଦେଶିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରକାଶ କରିଥିଲେ। ଏହି ଅବସରରେ ପରିବେଶ ସଚେତନତା, ପରିବେଶ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ୍, ବୃକ୍ଷରୋପଣ ଓ ଗଛରେ ପାଣି ଦେବା, ବ୍ଲୁ ଡେ'ରେ ସ୍ୟାଣ୍ଡୱିଚ୍ ମେକିଂ, ୟେଲୋ ଡେରେ "ବେଷ୍ଟ ଆଉଟ୍ ଅଫ୍ ୱେଷ୍ଟ', ରେଡ୍ ଡେ'ରେ ରାଖୀ ଓ ରାଖୀ କାର୍ଡ ତିଆରି ଏବଂ ପୋଷ୍ଟର ତିଆରି ପ୍ରତିଯୋଗିତା ଆଦି ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପୋଷ୍ଟର ପ୍ରଦର୍ଶନୀ, ରାଖୀ ପ୍ରଦର୍ଶନୀ, ଫୁଲ ପ୍ରଦର୍ଶନୀ ଓ କ୍ରାଫ୍ଟ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀ ପୃଥିବୀକୁ ବଞ୍ଚାଇବା ଓ ପରିବେଶର ସୁରକ୍ଷା ପାଇଁ ଏକ ସଚେତନତାମୂଳକ ନାଟକ ପରିବେଷଣ କରିଥିଲେ। ଏଥିସହ 'ଗଛଟିଏ ମୁଁ ଗଛ ଟିଏ' ଗୀତରେ ଛାତ୍ରଛାତ୍ରୀଙ୍କ ଆକର୍ଷଣୀୟ ନୃତ୍ୟ ପରିବେଶ ସୁରକ୍ଷାର ଗୁରୁତ୍ୱକୁ ଉଜାଗର କରିଥିଲା। ପ୍ରିୟଜ୍ୟୋତି ସେବା ଫାଉଣ୍ଡେସନ୍ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ପରିବେଶ ସୁରକ୍ଷା, ବୃକ୍ଷରୋପଣ ଓ ପୃଥିବୀ ପ୍ରତି ଦାୟିତ୍ୱବୋଧର ବାର୍ତ୍ତା ପହଞ୍ଚାଇଥିଲା। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରକାନ୍ତ ରାଉତ, ରତନ କୁମାର ଘୋଷ, ଦୟାନନ୍ଦ ଶତପଥୀ, ସୂର୍ଯ୍ୟକାନ୍ତ ବେହେରା, ସ୍ମିତାରାଣୀ ବାଲ୍, ଇପ୍ସିତା କର ଓ ମନୀଷା ସୋ ପ୍ରମୁଖ ଶିକ୍ଷକ ପରିଚାଳନା କରିଥିଲେ। ସହକାରୀ କର୍ମଚାରୀ କଳ୍ପନା ବେହେରା ଓ ମଧୁମିତା ଦାଶ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବକ ଯୋଗଦେଇ ଛାତ୍ରଛାତ୍ରୀଙ୍କ ସୃଜନଶୀଳ ପ୍ରତିଭା ଓ ପରିବେଶ ପ୍ରତି ସଚେତନତାକୁ ପ୍ରଶଂସା କରିଥିଲେ।

## ମହିଳାଙ୍କୁ ରୋଜଗାର ସହ ସ୍ୱତନ୍ତ୍ର ପରିଚୟ ଦେଇଛି ହସ୍ତଶିଳ୍ପ

ବାଲିଆପାଳ, ୯।୮ (ସମିସ)



ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଶ୍ରୀରାମପୁର ପିଜି ଗ୍ରୁପରେ ଥିବା ସଦସ୍ୟାମାନେ କଠିନ ପରିଶ୍ରମ ଓ ଆତ୍ମବିଶ୍ୱାସ ବଳରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଶ୍ରୀରାମପୁର ଗ୍ରାମର ଚନ୍ଦ୍ରକାନ୍ତି ଜେନା ଜିଲ୍ଲା ହସ୍ତଶିଳ୍ପ କେନ୍ଦ୍ରରୁ ୬ମାସ ତାଲିମ ନେଇ ନିଜ ଘରେ ଆରମ୍ଭ କରିଥିଲେ ହସ୍ତଶିଳ୍ପ। ବିଭିନ୍ନ ହସ୍ତଶିଳ୍ପରୁ ଅଧିକ ଆତ୍ମବିଶ୍ୱାସ ଆଣିଦେଇଥିଲା ଚାନ୍ଦୁଆ। ପ୍ରଥମେ ହାତରେ ତିଆରି କରି ଭଲ ଦୁଇ ପଇସା ରୋଜଗାର କରିବା ସହିତ ଚାନ୍ଦୁଆ କାରିଗରର ପରିଚୟ ପାଇଥିଲେ ଚନ୍ଦ୍ରକାନ୍ତି। ପରେ ନିଜର ରୋଜଗାର ବୃଦ୍ଧି ଏବଂ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ୨୨ ଟି ସ୍ୱୟଂ ସହାୟିକା ଗୋଷ୍ଠୀକୁ ଏକଜୁଟ କରି ୧୩୮ ସଦସ୍ୟାଙ୍କୁ ନେଇ ଗଠନ କରିଥିଲେ ଶ୍ରୀରାମପୁର ପିଜି ଗ୍ରୁପ। ସେହିଦିନଠାରୁ ପଛକୁ ଫେରି ଚାହିଁନାହାନ୍ତି ପିଜି ଗ୍ରୁପର ମହିଳାମାନେ। ହସ୍ତଶିଳ୍ପରେ ବିଭିନ୍ନ ସାମଗ୍ରୀ ଯଥା ଚାନ୍ଦୁଆ, କୁସନକଭର, ବେଡ୍‌ସିଟ୍ ଦ୍ୱରଣ, ସୋଫା କଭର, ବ୍ୟାଗ୍, ରାକ୍ଷୀ ଏମିତି ୨୦ରୁ ୩୦ ପ୍ରକାର ସାମଗ୍ରୀ ତିଆରି କରି ବିଭିନ୍ନ ଜାଗାରେ ବିକ୍ରି କରି ମାସକୁ ୧୦ ହଜାରରୁ ଊର୍ଦ୍ଧ୍ୱ ରୋଜଗାର କରିପାରୁଛନ୍ତି। ୨୦୨୨ ମସିହାଠାରୁ ମହିଳାଙ୍କୁ ସାହାଯ୍ୟର ହାତ ବଢ଼ାଇଛି ଟାଟା ପ୍ରାଇଭେଟ୍ ଲିମିଟେଡ। କାରିଗରମାନଙ୍କୁ ନିଃଶୁଳ୍କ ଟ୍ରେନିଂ, ମେଶିନ, କପଡ଼ା, ସୂତା, ବିଭିନ୍ନ କାରୁକାର୍ଯ୍ୟ ସମ୍ବନ୍ଧୀୟ ସାମଗ୍ରୀ ଯୋଗାଇ ଦେଇ ମହିଳାଙ୍କ ରୋଜଗାର ଦ୍ୱିଗୁଣିତ କରିଛି। ଟାଟା ଏହିସବୁ ଯୋଗାଇ ଦେଇଥିବାରୁ ପୂର୍ବ ଅପେକ୍ଷା ସହଜରେ ଏବଂ ଅଧିକ ଦୁଇ ପଇସା ରୋଜଗାର କରିପାରୁଛନ୍ତି ବୋଲି କହିଛନ୍ତି ଗୀତା ରାଣୀ ଦେ, ସଙ୍ଗୀତା ପାତ୍ର, ରଞ୍ଜିତା ଦାସ, ବୈଶାଖୀ ପାତ୍ର, ମାତଙ୍ଗିନୀ ଦେ, ମମତା ଦେ, ଶର୍ମିଷ୍ଠା ଦେ ପ୍ରମୁଖ ମହିଳା। ଏବେ ତିଆରି ହେଉଥିବା ଚାନ୍ଦୁଆ କିମ୍ବା ଅନ୍ୟ ସାମଗ୍ରୀ ଚାହିଦା ଏତେ ବଢ଼ିଯାଇଛି ଯେ ଓଡିଶାର ବିଭିନ୍ନ ପ୍ରାନ୍ତରେ ଏବଂ ଚେନ୍ନାଇ, ହାଇଦ୍ରାବାଦ, ବେଙ୍ଗାଲୁର, ପୁନେ, ମୁମ୍ବାଇ ଆଦି ସ୍ଥାନରେ ଏହାକୁ ଲୋକେ ଅଧିକ ପସନ୍ଦ କରୁଛନ୍ତି। ତେଣୁ ବିକ୍ରି କରିବାରେ କୌଣସି ଅସୁବିଧା ମଧ୍ୟ ହେଉନାହିଁ। ବିଭିନ୍ନ ହସ୍ତଶିଳ୍ପ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ମଧ୍ୟ ଚାନ୍ଦୁଆ କାରିଗରୀ ଭାବେ ସମ୍ମାନିତ ହୋଇ ବେଶ ପ୍ରଶଂସିତ ହେଉଛନ୍ତି ମହିଳାମାନେ।

ଓଡ଼ିଶାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ପଢ଼ିଲେ ନର୍ସିଂ ପାଠ

# ପଶ୍ଚିମବଙ୍ଗରେ ମିଳୁନି ଚାକିରି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର



- ରହିଛି ରେସିପ୍ରୋକାଲ ପଞ୍ଜୀକରଣ ସମସ୍ୟା
- ୱେବସାଇଟ୍‌ରେ ନାହିଁ ବିଶ୍ୱବିଦ୍ୟାଳୟ ନାମ

ବାରିପଦା, ୯ ।୮ (ସମିସ):

ଶିକ୍ଷା ନାଁରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ । ହାତରେ ଡିଗ୍ରୀ, କିନ୍ତୁ ଚାକିରି ଶୂନ୍ୟ । ଏହା କୌଣସି ସିନେମାର କାହାଣୀ ନୁହେଁ, ବରଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଅଧୀନରେ ଘରୋଇ ନର୍ସିଂ କଲେଜରୁ ଉତ୍ତୀର୍ଣ୍ଣ ଶତାଧିକ ପଶ୍ଚିମବଙ୍ଗ ଛାତ୍ରଛାତ୍ରୀଙ୍କ ବାସ୍ତବ ଚିତ୍ର । ତିନିବର୍ଷ ଧରି ରେସିପ୍ରୋକାଲ୍ ପଞ୍ଜୀକରଣ ସମସ୍ୟାର ସମାଧାନ ନ ହେବାରୁ ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି ଏହି ଛାତ୍ରଛାତ୍ରୀ । ତେବେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଏହି ଖେଳ ପାଇଁ ସେମାନେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଦାୟୀ କରି କୁଳସଚିବଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

ବାପାମାଆ କଷ୍ଟ ଉପାର୍ଜିତ ଧନ ଓ ଋଣ କରି ସନ୍ତାନଙ୍କୁ ପାଠ ପଢାଇଥିଲେ । ଆଶା ଥିଲା ନର୍ସିଂ ପାସ୍ କରି ସରକାରୀ ଚାକିରି ପାଇବ ପିଲା । କିନ୍ତୁ ଆଜି ସେହି ସ୍ୱପ୍ନ ଭାଙ୍ଗିଥିବାରୁ ସମସ୍ତେ ଆନ୍ଦୋଳନକୁ ଆପଣାଇଛନ୍ତି । କାରଣ ପଶ୍ଚିମବଙ୍ଗ ନର୍ସିଂ କାଉନସିଲ୍‌ର ଅନଲାଇନ୍ ପୋର୍ଟାଲରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନାମ ନ ଥିବାରୁ ରେସିପ୍ରୋକାଲ୍ ପଞ୍ଜୀକରଣ ହେଉନାହିଁ । ଫଳରେ ସରକାରୀ ନିଯୁକ୍ତିରେ ଆବେଦନ କରିବା ସୁଯୋଗ ମଧ୍ୟ ମିଳୁନାହିଁ । ସବୁଠାରୁ ବଡ଼ ପ୍ରଶ୍ନ ଯେ ନାମଲେଖା ସମୟରେ କଲେଜ ଓ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଇଏନସି ଅନୁମୋଦନ ଥିବା କଥା କୁହାଯାଇଥିଲା । ତେବେ ଶିକ୍ଷା ଗ୍ରହଣ ସାରି କୃତକାର୍ଯ୍ୟ ହେବା ପରେ କାହିଁକି ଉପୁଜିଲା ଏହି ସମସ୍ୟା? ଯଦି ବ୍ୟବସ୍ଥାରେ ତ୍ରୁଟି ଥିଲା, ତେବେ ଛାତ୍ରଛାତ୍ରୀଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଫି' କାହିଁକି ନିଆଗଲା? ଏପରି ସମସ୍ୟା ଗତ ତିନିବର୍ଷ ଧରି ଦେଖାଯାଉଥିବାବେଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ କେବଳ ପ୍ରତିଶ୍ରୁତି ଦିଆଯାଇଛି । ପରନ୍ତୁ ସମାଧାନ ଶୂନ୍ୟ । ଏବେ ପ୍ରଶାସନିକ ଅବହେଳାର ମୂଲ୍ୟ ଦେଉଛନ୍ତି ପଡୋଶୀ ରାଜ୍ୟର ନିରୀହ ଛାତ୍ରଛାତ୍ରୀ । ମଧୁଶ୍ରୀ ପାଲ, ମୃଣ୍ମୟ ଦେ ଓ କମଲିକା ବାନାର୍ଜୀଙ୍କ କହିବାନୁଯାୟୀ, ୩ଟି ପାସ୍ ଆଉଟ ବ୍ୟାଚର ପଶ୍ଚିମବଙ୍ଗ ଛାତ୍ରଛାତ୍ରୀ ଉପରୋକ୍ତ ସମସ୍ୟା ପାଇଁ ବିଶେଷତଃ ନିଜ ରାଜ୍ୟରେ ସରକାରୀ ଚାକିରି ପାଇଁ ଯୋଗ୍ୟ ବିବେଚିତ ହେଇପାରୁନାହାଁନ୍ତି । ଏପଟେ ବିଶ୍ୱବିଦ୍ୟାଳୟ କୁଳସଚିବ ସୁମିତା ସିଂ କହିଛନ୍ତି, ଏହି ସମସ୍ୟା ସମ୍ପର୍କରେ ଆଇଏନସି ଓ ସମ୍ପୃକ୍ତ ନର୍ସିଂ କାଉନସିଲ୍‌କୁ ବାରମ୍ବାର ଚିଠି ଲେଖାଯାଇଛି । କିନ୍ତୁ ଏଯାଏଁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଇନାହିଁ । ୧୩ ତାରିଖରେ ଏ ସମ୍ବନ୍ଧରେ ଏକ ବୈଠକ ରଖାଯାଇଛି, ସମାଧାନ ହୋଇଯିବ । ତେବେ ପ୍ରଶ୍ନ ହେଉଛି, ୩ ବର୍ଷ ଧରି ଚିଠି ଲେଖି ଦାୟିତ୍ୱ ସରାଗଲା ବୋଲି ଭାବିବା ଫଳରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷାରେ ବିଫଳତା ପାଇଁ ପଶ୍ଚିମବଙ୍ଗରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବଦନାମ ହେଉଛି । ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ମୟୂରଭଞ୍ଜ ଜିଲ୍ଲାରେ ଅନେକ ନର୍ସିଂ କଲେଜ ଚାଲିଛି । ସେମାନଙ୍କର ସିଂହ ଭାଗ ଛାତ୍ରଛାତ୍ରୀ ପଶ୍ଚିମବଙ୍ଗରୁ ଆସି ନାମ ଲେଖାଇଥା'ନ୍ତି । ତେବେ ବିଶ୍ୱବିଦ୍ୟାଳୟ ବା ଆଇଏନସି ଓ ରାଜ୍ୟ ନର୍ସିଂ କାଉନସିଲ୍ ମଧ୍ୟରେ ସମନ୍ୱୟ ଅଭାବରୁ ସମାଧାନ ହୋଇପାରୁନି । ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ଥିବାବେଳେ ଉଭୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ବୋଲି ମତ ପ୍ରକାଶ ପାଉଛି ।

- ସ୍କାଉଟ୍ସ ଓ ଗାଇଡ ସଂଗଠନ ନିର୍ବାଚନ ଯୋଜନାବଦ୍ଧ ଭାବେ ଦୁଇଥର ସ୍ଥଗିତ

# ପ୍ରାଥମିକ ସଦସ୍ୟ ନ ଥାଇ ଆମଦାନୀ ନେତା ଥଇଥାନ ଯୋଜନା



ବାରିପଦା, ୯ ।୮ (ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ ସଂଗଠନର ଏକ ସ୍ୱତନ୍ତ୍ର ପରିଚୟ ରହିଆସିଛି । ବର୍ଷ ବର୍ଷ ଧରି କୋମଳମତି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚରିତ୍ର ଗଠନଠାରୁ ଆରମ୍ଭ କରି ଗୋଷ୍ଠୀମାନଙ୍କ ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବାରେ ଏହି ସ୍କାଉଟ୍ସ ଓ ଗାଇଡ ସଂଗଠନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏପରି ସମୟରେ ଏହି ସଂଗଠନକୁ ହାତବାରିସୀ କରି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ରାଜନୈତିକ ଫାଇଦା ହାସଲ କରିବାକୁ ଉଦ୍ୟମ କରୁଛନ୍ତି । ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଉଛି, ଯେଉଁମାନେ ଏହି ସଂଗଠନର ପ୍ରାଥମିକ ସଦସ୍ୟ ନ ଥାଇ ସୁଦ୍ଧା ନିର୍ବାଚନରେ ସଭାପତି ପଦ ହାସଲ କରିବାକୁ ରାଜନୈତିକ ପ୍ରଚେଷ୍ଟା ଜାରି ରଖିଛନ୍ତି । ଏଥିପାଇଁ ଛାତ୍ରଛାତ୍ରୀଙ୍କ ସମେତ ସଚେତନ ଅଭିଭାବକ ମହଲରେ ମଧ୍ୟ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳୁଛି ।

ପ୍ରତି ୫ ବର୍ଷରେ ଥରେ ଏହି ସଂଗଠନର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥାଏ । ସେଥିରେ କେବଳ ପ୍ରାଥମିକ ସଦସ୍ୟଙ୍କ ମଧ୍ୟରୁ ଦକ୍ଷ ପ୍ରତିନିଧି ଭାବେ ସଭାପତି ନିର୍ବାଚିତ ହୋଇଥା'ନ୍ତି । ମାତ୍ର ରାଜ୍ୟର କ୍ଷମତାସୀନ ଦଳର ଅନଭିଜ୍ଞ ବ୍ୟକ୍ତିଙ୍କୁ ଭାରତ ସ୍କାଉଟ୍ସ ଓ ଗାଇଡର ଜଣେ ପ୍ରାଥମିକ ସଦସ୍ୟ ନ ଥିବା ରାଜନୈତିକ ବ୍ୟକ୍ତିଙ୍କୁ ଏହି ପଦରେ ଆସୀନ କରିବାକୁ ମସୁଧା କରି ବିଫଳ ହେଉଥିବାରୁ ନିର୍ବାଚନକୁ ଯୋଜନାବଦ୍ଧ ଭାବେ ଦୁଇ ଦୁଇଥର ସ୍ଥଗିତ ରଖାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ପ୍ରତି ୫ ବର୍ଷରେ ଥରେ ଏହି ନିର୍ବାଚନ ଅନୁଷ୍ଠିତ ହେବାର ବ୍ୟବସ୍ଥା ରହିଥିବାବେଳେ ଚଳିତ ବର୍ଷ ନିର୍ବାଚନ ସଠିକ ସମୟରେ ଅନୁଷ୍ଠିତ ହୋଇ ନ ପାରିବାରୁ ସଂଗଠନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟ ଦଳରୁ ଆସି ବିଜେପିରେ ମିଶିଥିବା ଜଣେ ରାଜନୈତିକ ବ୍ୟକ୍ତିଙ୍କୁ ଏହି ସମ୍ମାନଜନକ ଆସନରେ ଥଇଥାନ କରିବାକୁ ସରକାରଙ୍କ ପକ୍ଷରୁ ମସୁଧା କରାଯାଉଛି । ଯାହାକୁ ନେଇ ସଗଠନ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ପୂର୍ବରୁ ଏହି ସମ୍ମାନଜନକ ପଦବୀରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବସନ୍ତ ବିଶ୍ୱାଳ, ବିଷ୍ଣୁ ଦାସ ଓ ଅତନୁ ସବ୍ୟସାଚୀଙ୍କ ଭଳି ଦକ୍ଷ ପ୍ରତିନିଧିତ୍ୱ ରହି ଆସିଥିବାବେଳେ ଅନଭିଜ୍ଞ ପ୍ରତିନିଧିତ୍ୱ ପାଇଁ ରାଜନୈତିକ ଚାପ ପଡୁଥିବା ଯୋଗୁଁ ଏହି ସଙ୍ଗଠନ ନିଜର ଗୁରୁତ୍ୱ ହରାଇବାର ଆଶଙ୍କା ରହିଛି ବୋଲି ସଂଗଠନର ସଦସ୍ୟମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି ।

# ଇନରହ୍ୱିଲ କ୍ଲବ୍‌ର ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ




ବାରିପଦା, ୯ ।୮ (ସମିସ): ବାରିପଦା ଇନରହ୍ୱିଲ କ୍ଲବ୍ ଆନୁକୂଲ୍ୟରେ ଅଙ୍ଗଦାନ ଓ ବିଶ୍ୱ ସ୍ତନ୍ୟପାନ ଦିବସ ସ୍ଥାନୀୟ ବେଲଗଡିଆସ୍ଥ ଆଧାର ସ୍ୱେଚ୍ଛାସେବୀ ଆନୁଷ୍ଠାନ ସମ୍ମିଳନୀ କକ୍ଷରେ ୬୦ ଜଣ ସ୍ୱୟଂସହାୟିକା ମାଆମାନଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି । ଇନରହ୍ୱିଲ କ୍ଲବର ସଭାପତି ସୁପ୍ରୀତି ଦଳବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ସମାଜସେବୀ ଡା କୈଳାସ ଚନ୍ଦ୍ର ମହାନ୍ତି ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାର ଦୁଇ ପ୍ରାକ୍ତନ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରୀତିସୁଧା ତ୍ରିପାଠୀ ଓ ମିନତୀ ଦାସ ଯୋଗଦେଇ ଉଭୟ ଗର୍ଭାବସ୍ଥା ଓ ଜନ୍ମ ପରେ ପ୍ରସୂତୀ ମାଆ ଓ ନବଜାତ ଶିଶୁର ଯତ୍ନ, ଲାଳନପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ଆରମ୍ଭରେ ସଦସ୍ୟା ପ୍ରଣତି ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଇନରହ୍ୱିଲ କ୍ଲବର ସମ୍ପାଦିକା ସଂଯୁକ୍ତା ଚାନ୍ଦଙ୍କ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ରୋଟାରିଆନ୍ ଡ. ପୁଷ୍ପା ପାତ୍ର ଅଙ୍ଗଦାନ ଓ ସ୍ତନ୍ୟପାନର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ବାରିପଦା ଇନରହ୍ୱିଲ କ୍ଲବର ଆଇଏସଓ ଦୁର୍ଗାବତୀ ମହାପାତ୍ର, ଯୁଗ୍ମସମ୍ପାଦିକା ସୁସ୍ମିତା ଘୋଷାଲ, କୋଷାଧ୍ୟକ୍ଷା ଶ୍ରାବଣୀ ଦାସ, କାର୍ଯ୍ୟକାରୀ ସମିତି ସଦସ୍ୟା ସ୍ୱପ୍ନା ଦାସ, ଆରତୀ ପଟ୍ଟନାୟକ, ମିନତୀ ସେଠୀ, ସୁଜାତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନାରେ ସହଯୋଗ କରିଥିଲେ ।

ବିଶ୍ୱ ଆଦିବାସୀ ଦିବସ

# ଆଦିବାସୀଙ୍କ ଅସ୍ତିତ୍ୱ ସୁରକ୍ଷା ପାଇଁ ସେଙ୍ଗେଲର ଗର୍ଜନ










ବାରିପଦା, ୯ ।୮ (ସମିସ):

ଆଦିବାସୀ ସେଙ୍ଗେଲ ଅଭିଯାନର ରାଷ୍ଟ୍ରୀୟ ସଭାପତି ପୂର୍ବତନ ମୟୂରଭଞ୍ଜ ସାଂସଦ ସାଲଖାନ ମୁର୍ମୁଙ୍କ ମାର୍ଗଦର୍ଶନରେ ରାଜ୍ୟ ସେଙ୍ଗେଲ ସଭାପତି ନାରାନ ମୁର୍ମୁଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ବିଶ୍ୱ ଆଦିବାସୀ ଦିବସରେ ଧାରଣା ଦିଆଯାଇ ଆଦିବାସୀମାନଙ୍କ ଅସ୍ତିତ୍ୱ ଓ ବାସ୍ତବିକ ପରିଚୟର ସୁରକ୍ଷା, ସମୃଦ୍ଧ ସହ ଭାଗୀଦାରୀକୁ ବଞ୍ଚାଇବା ପାଇଁ ଗର୍ଜିଛନ୍ତି । ଅଧିବାସୀମାନଙ୍କର ବିକାଶ ନାମରେ ରାଜନୀତି କରୁଥିବା ରାଜ୍ୟ ଓ କେନ୍ଦ୍ର ସରକାର ଏକତ୍ରିତ ହୋଇ ଆଦିବାସୀମାନଙ୍କର ଅସ୍ତିତ୍ୱକୁ ସମାପ୍ତ କରିବା ପାଇଁ ଷଡ଼ଯନ୍ତ୍ର ସହ କାର୍ଯ୍ୟ ଚଳାଇଛନ୍ତି । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ବର୍ଷ ବିଶ୍ୱ ଆଦିବାସୀ ଦିବସ ପାଳନ ସହ ସମ୍ମାନ ଦେବାରର ପ୍ରତୀକ ଦେଖିବାକୁ ରହିନାହିଁ । ବାରମ୍ବାର ସାର୍ନା ଧର୍ମ କୋଡ ମାନ୍ୟତା ପାଇଁ ଦାବି କରାଯିବା ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ମାନ୍ୟତା ନ ଦେବା ଆଦିବାସୀ ବିରୋଧୀ ବୋଲି ଏକ ଜ୍ୱଳନ୍ତ ଉଦାହରଣ ଅଟେ । ଜୋର୍ ଜବରଦସ୍ତ ହିନ୍ଦୁ, ଖ୍ରୀଷ୍ଟିଆନ ଧର୍ମରେ ଧର୍ମାନ୍ତରୀକରଣ କରି ଆଦିବାସୀଙ୍କୁ ସମାପ୍ତ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଶ୍ୱ ଆଦିବାସୀ ଦିବସକୁ ଘୃଣା କରନ୍ତି ବୋଲି ଶ୍ରୀ ମୁର୍ମୁ କହିଛନ୍ତି । ତେଣୁ ବିଶ୍ୱ ଆଦିବାସୀ ଦିବସ ଅବସରରେ ଧାରଣା ଦେଇ ୬ ଦଫା ଦାବି ପୂରଣ ପାଇଁ ଦୃଢ଼ ଦାବି କରାଯାଇଛି । ଆଦିବାସୀ ଭାଷା ଦଶକ ଅନୁଯାୟୀ ସାନ୍ତାଳୀକୁ ଝାଡ଼ଖଣ୍ଡରେ ପ୍ରଥମ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ସହିତ ସାର୍ନା ଧର୍ମ କୋଡ ମାନ୍ୟତା ଦେଇ ଅବିଳମ୍ବେ ଆଦିବାସୀଙ୍କୁ ଧାର୍ମିକ ପରିଚୟ ଦିଆଯିବା ସମେତ ୬ (ଛଅ) ଦଫା ଦାବିଗୁଡ଼ିକର ଦାବିପତ୍ର ୧୦ ଅଗଷ୍ଟ ସୋମବାର ଦିନ ଭାରତର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମସ୍ତ ବିଡ଼ିଓଙ୍କୁ ପ୍ରଦାନ କରାଯିବ । ଧାରଣାରେ ଜୋନାଲ ପାର୍ଗାନା ମାଧବ ଚନ୍ଦ୍ର ମୁର୍ମୁଙ୍କ ସହ ଯୁବା ସଭାପତି ଉଦୟନାଥ ହେମ୍ବ୍ରମ, ଭୋଳାଗୋଡିଆ ପଞ୍ଚାୟତର ସରପଞ୍ଚ ନନ୍ଦକିଶୋର ହାଁସଦା, ବିକାଶ ଚନ୍ଦ୍ର ହେମ୍ବ୍ରମ, ଅନନ୍ତ ମାରାଣ୍ଡି, ଚୈତନ୍ୟ ହେମ୍ବ୍ରମ ଓ ମହିଳା ମୋର୍ଚ୍ଚା ସଭାପତି ରୂପଶ୍ରୀ ମୁର୍ମୁ ପ୍ରମୁଖ ନେତାମାନେ ଉପସ୍ଥିତ ଥିଲେ ।

**ବାରିପଦା:** ଶ୍ୟାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ରାଙ୍ଗାମାଟିଆ ଗ୍ରାମସ୍ଥ ମୁଣ୍ଡା ସଂସ୍କୃତି ଭବନ ଗୃହରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଆୟୋଜିତ ଅଧିବେଶନରେ ଅତିଥି ଭାବେ ବିର୍ସା ମୁଣ୍ଡା ମେମୋରିଆଲ କାଲଚରାଲ ଫାଉଣ୍ଡେସନର ସଭାପତି ପୂର୍ଣ୍ଣଚନ୍ଦ୍ର ସିଂ, ଶ୍ୟାମାଖୁଣ୍ଟା ବ୍ଲକ ୪୯ ନମ୍ବର ଜୋନ୍ ଜିଲ୍ଲା ପରିଷଦ ସଦସ୍ୟ ମଧୁସୂଦନ ସିଂ, ରାଙ୍ଗାମାଟିଆ ପଞ୍ଚାୟତର ସରପଞ୍ଚ ରୋହିଦାସ ସିଂ, ବଡ଼ସାହି ବ୍ଲକ ୨୨ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ଦଶରଥ ସିଂ, ବଡ଼ସାହି ବ୍ଲକ ଖାନୁଆ ଗ୍ରାମପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସିଂ, ମୁଣ୍ଡାରୀ ଚଳଚ୍ଚିତ୍ର ନିର୍ଦ୍ଦେଶକ ବିଲକାନ ପ୍ରଭୁଦୟାଲ ନାଗ, ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର କେନ୍ଦ୍ରୀୟ ଆବାହକ ବିରବଲ ସିଂ ପ୍ରମୁଖ ବିଶ୍ୱ ଆଦିବାସୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ବକ୍ତୃତା ଦେଇଥିଲେ । ଏଥିସହିତ ଆଦିବାସୀମାନଙ୍କ ପରିଚୟର ସୁରକ୍ଷା ଓ ସଂରକ୍ଷଣ, ଆଦିବାସୀମାନଙ୍କର ଜୀବନ ଜୀବିକା, ଶିକ୍ଷାର ସ୍ଥିତି, ଆଦିବାସୀମାନଙ୍କର ସାମ୍ବିଧାନିକ ଅଧିକାର ସମ୍ବନ୍ଧରେ ସଚେତନତା ଓ ଲୋକମାନଙ୍କ ପାଖକୁ ପହଞ୍ଚାଇବା, ଆଦିବାସୀମାନଙ୍କର ରୋଜଗାର ଓ ଭବିଷ୍ୟତ ପାଇଁ ସଞ୍ଚୟ କରିବା ପ୍ରଭୃତି ବିଷୟରେ ଆଲୋଚନା କରିଥିଲେ । ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଆବାହକ ବିରବଲ ସିଂ ଏହି ଅଧିବେଶନରେ ସଭାପତିତ୍ୱ କରିଥିଲେ ଓ ସଂଗଠନର ସାଧାରଣ ସମ୍ପାଦକ ଙ୍କ ସୁନାରାମ ସିଂ ସଭା ପରିଚାଳନା କରିଥିଲେ । ଏ ଅବସରରେ ଗତ ଜୁନ୍ ମାସ ୧୩ ତାରିଖରେ ଅନୁଷ୍ଠିତ ମୁଣ୍ଡାରୀ ଭାଷା ବାର୍ଷିକ ପରୀକ୍ଷାର ଫଳାଫଳ ଘୋଷଣା କରାଯାଇଥିଲା । ମୁଣ୍ଡାରୀ ଶିକ୍ଷା ପରିଷଦର ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ ଚଳିତ ବର୍ଷର ମୁଣ୍ଡାରୀ ବାନି ବିଦ୍ୟାଳୟ ତଥା ସାକ୍ଷରତାର ପ୍ରଗତି ବିବରଣୀ ପାଠ କରିଥିଲେ । ଏଥିରେ ଏ ବର୍ଷ ବିଶ୍ୱ ଆଦିବାସୀ ଦିବସ ପାଳନର ବିଷୟ ଆଦିବାସୀ ଧାତ୍ରୀମାନଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଆଦିବାସୀ ଆଶା ଦିଦିଙ୍କୁ ସମ୍ମାନିତ କରାଯାଇଥିଲା । ଏଥିରେ ବିଭିନ୍ନ ବ୍ଲକରୁ ସଂଗଠନର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ବଡ଼ସାହି ବ୍ଲକ ଆବାହକ ବୈଦ୍ୟ ନାଥ ସିଂ ଧନ୍ୟବାଦ ଦେଇଥିଲେ ।

**ବଡ଼ସାହି:** ବଡ଼ସାହି ବ୍ଲକ୍‌ସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ସ୍ଥାନୀୟ ବିର୍ସା ମୁଣ୍ଡାଙ୍କ ପୀଠରେ ବୁରୁବଙ୍ଗା ଯୁବକ ସଂଘ, ବୁରୁବଙ୍ଗା ସାସାଂକିର କମିଟି, ବୁରୁବଙ୍ଗା ମୁଣ୍ଡାରୀ ବିଦ୍ୟାଳୟ, ବଡ଼ସାହି ସେବା କମିଟି ଓ ବଡ଼ସାହି ପେସା କମିଟିର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଆଦିବାସୀ ପୂର୍ବପୁରୁଷ ଓ ବୀର ସହିଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ବିଧିବଦ୍ଧ ଭାବେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିରେ ବୁରୁବଙ୍ଗା ସାସାଂକିର କମିଟି ସଭାପତି ପାର୍ଗାନ ଗୁରୁ ବସନ୍ତ କୁମାର ସିଂ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ପେସା ଯୁବ ସଂଯୋଜକ ଦୁଲା ରାମ ମୁର୍ମୁ ଓ ମୁଖ୍ୟବକ୍ତା ଭାବେ ବଡ଼ସାହି ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ସେବା ସଙ୍ଗଠନର ସଭାପତି ଚୈତନ୍ୟ ସୋରେନ ଯୋଗଦାନ କରି ଆଦିବାସୀଙ୍କ ଜୀବନ ଜୀବିକା ଜଳ, ଜମି, ଜଙ୍ଗଲ ଓ ସାମ୍ବିଧାନିକ ଅଧିକାର ବିଷୟରେ ବକ୍ତୃତା ପ୍ରଦାନ କରିଥିଲେ । ଏଥିରେ ଅନେକ ଆଦିବାସୀ ପୁରୁଷ/ମହିଳା, ଯୁବକ/ଯୁବତୀ ଅଂଶଗ୍ରହଣ କରିଥିଲେ । ଶେଷରେ ବାଦଲ ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।

**କରଞ୍ଜିଆ:** ମିଳିତ ଆଦିବାସୀ ମଞ୍ଚ, ପାଞ୍ଚପିଢ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି । ଏ ଅବସରରେ ଆଦିବାସୀ ସମାଜର ବିଭିନ୍ନ ସମସ୍ୟା, ଅଧିକାର ଓ ଦୀର୍ଘଦିନର ଦାବିକୁ ନେଇ ଏକ ବିସ୍ତୃତ ଦାବିପତ୍ର ପ୍ରସ୍ତୁତ କରାଯାଇଛି । ପାଞ୍ଚପିଢ ଉପଖଣ୍ଡର ସବ୍‌କଲେକ୍ଟରଙ୍କ ଜରିଆରେ ସରକାରଙ୍କ ନିକଟରେ ଏହି ଦାବିଗୁଡ଼ିକ ଉପସ୍ଥାପନ କରାଯାଇଛି । ମଞ୍ଚ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ପେସା ଆକ୍ଟ-୧୯୯୬, ଫରେଷ୍ଟ ରାଇଟ୍ସ ଆକ୍ଟ ୨୦୦୬/୨୦୧୨, ନ୍ୟାସନାଲ ଏଜ୍ୟୁକେସନ ପଲିସ-୨୦୨୦ ସମେତ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୧ଇ, ୨୫, ୨୬, ୨୭, ୨୮, ୨୯, ୩୫୦ ଓ ୩୫୦ଇ ଓ ଓଡ଼ିଶା ସରକାରଙ୍କ ସମ୍ପର୍କିତ ନିୟମର ଉଚିତ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ଗ୍ରାମସଭାର ଭୂମିକାକୁ ଅଧିକ ସଶକ୍ତ କରିବାକୁ ମଞ୍ଚ ଦାବି କରିଛି । ପେସା ଆକ୍ଟ ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର ଅଧିକାର ଓ କ୍ଷମତାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ସହିତ ଗ୍ରାମସଭାର ସମ୍ମତି ବିନା ଆଦିବାସୀ ଅଞ୍ଚଳରେ ବିଭିନ୍ନ ନିଷ୍ପତ୍ତି ନ ନେବା ପାଇଁ ଦାବି ଉଠାଯାଇଛି । ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ସହିତ ଜଡ଼ିତ ପାରମ୍ପରିକ ଅଧିକାରର ସୁରକ୍ଷା ଓ ସେମାନଙ୍କ ଜୀବନଜୀବିକା ଉପରେ ପ୍ରଭାବ ପକାଉଥିବା କୌଣସି ପଦକ୍ଷେପ ନେବା ପୂର୍ବରୁ ଆଦିବାସୀ ସମୁଦାୟଙ୍କ ମତାମତକୁ ଗୁରୁତ୍ୱ ଦେବାକୁ ମଞ୍ଚ ଦାବି କରିଛି । ରକ୍ଟକ୍ସରଗ୍ଯ୍ ଜସଶଷଗ୍ସ୍ ଇମଗ୍ସ୍ ଅନୁଯାୟୀ ଆଦିବାସୀ ଓ ପାରମ୍ପରିକ ଭାବେ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଅଧିକାରକୁ ସୁନିଶ୍ଚିତ କରିବାକୁ ମଞ୍ଚ ଦାବି କରିଛି । ଦାବିପତ୍ରରେ ଫେରା ସେଲ ମାଧ୍ୟମରେ ଅଧିକାର ଦାବିର ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିୟମାନୁସାରେ କରିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ତାଙ୍କର ଅଧିକାର ପ୍ରଦାନ କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ଆଦିବାସୀ ମାତୃଭାଷାରେ ଶିକ୍ଷା ପାଇପାରିବା ଭଳି ପରିବେଶ ସୃଷ୍ଟି କରିବା ଉପରେ ମଧ୍ୟ ଜୋର ଦିଆଯାଇଛି । ଆଦିବାସୀ ଅଞ୍ଚଳରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାକୁ ମଞ୍ଚ ଦାବି କରିଛି । ଏଥିସହ ଆଦିବାସୀ ଅଞ୍ଚଳରେ ନିଯୁକ୍ତି ସୁଯୋଗ, ମୌଳିକ ସୁବିଧା ଓ ସାମାଜିକ ସୁରକ୍ଷାକୁ ଆହୁରି ମଜବୁତ କରିବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି । ଦାବିପତ୍ରରେ ଆଦିବାସୀଙ୍କ ସାମ୍ବିଧାନିକ ଅଧିକାର ଓ ସ୍ୱତନ୍ତ୍ର ପରିଚୟର ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି । ଆଦିବାସୀ ସମାଜର ସାମାଜିକ, ଶିକ୍ଷାଗତ, ଆର୍ଥିକ ଓ ସାଂସ୍କୃତିକ ବିକାଶ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ନେବାକୁ ମଞ୍ଚ ଦାବି କରିଛି । ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ଆଦିବାସୀଙ୍କ ଅଧିକାର ସମ୍ପର୍କିତ




ଶିଶୁଙ୍କ ଶିକ୍ଷା ବ୍ୟବସ୍ଥାକୁ ନେଇ ମଧ୍ୟ ଦାବିପତ୍ରରେ ଅନେକ ପ୍ରସଙ୍ଗ ଉଠାଯାଇଛି । ଆଦିବାସୀ ଭାଷାରେ ଶିକ୍ଷାଦାନ ପାଇଁ ଆବଶ୍ୟକ ଶିକ୍ଷକ ଓ ଶିକ୍ଷା ସାମଗ୍ରୀ ଯୋଗାଇବା, ଆଦିବାସୀ ଭାଷାର ସୁରକ୍ଷା ଓ ବିକାଶ ପାଇଁ ପଦକ୍ଷେପ ନେବାକୁ ମଞ୍ଚ ଦାବି କରିଛନ୍ତି । ସମ୍ବିଧାନର ଭାଷାଗତ ଅଧିକାରକୁ ଉଲ୍ଲେଖ କରି ଆଦିବାସୀ ଓ ଅଳ୍ପସଂଖ୍ୟକ ଭାଷାର ସୁରକ୍ଷା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ମଞ୍ଚ ଦାବି କରିଛି । ଆଦିବାସୀ ଅଞ୍ଚଳରେ ଶିଶୁମାନେ ନିଜ ଆଇନ ଓ ସମ୍ବିଧାନିକ ବ୍ୟବସ୍ଥା କେବଳ କାଗଜରେ ସୀମିତ ନ ରହି ତାହାର ଠିକ୍ ଭାବେ ଭୂମିସ୍ତରରେ କାର୍ଯ୍ୟକାରିତା ହେବା ଆବଶ୍ୟକ । ଏହି ଦାବିଗୁଡ଼ିକ ଉପରେ ସରକାର ଓ ପ୍ରଶାସନ ଗୁରୁତ୍ୱର ସହ ବିଚାର କରି ଶୀଘ୍ର ପଦକ୍ଷେପ ନେବେ ବୋଲି ମିଳିତ ଆଦିବାସୀ ମଞ୍ଚ ଆଶା ପ୍ରକାଶ କରିଛି । ଦାବିପତ୍ରରେ ମଞ୍ଚର ସାଧାରଣ ସମ୍ପାଦକ ରଞ୍ଜିତ କିଶୋର ସାନ୍ତାଳଙ୍କ ସମେତ ଆଦିବାସୀ ସଂଗଠନର ପ୍ରତିନିଧିଙ୍କ ସ୍ୱାକ୍ଷର ରହିଛି ।

**ଶ୍ରାବଣ ସୋମବାର**

# କାଉଡ଼ିଆ କାନ୍ଧରେ ୧୨୮ ଲିଟର ପାଣି ଭାର

ବାରିପଦା, ୯ ।୮ (ସମିସ)

ଶ୍ରାବଣ ସୋମବାରରେ ମହାଦେବଙ୍କୁ ଜଳ ଅର୍ପଣ ପାଇଁ ଜଣେ କାଉଡ଼ିଆ କାନ୍ଧରେ ୧୨୮ ଲିଟର ଜଳ (ଆନୁମାନିକ ଓଜନ ଏକ କ୍ୱିଣ୍ଟାଲ ୭୦ କିଲୋରୁ ଅଧିକ) ଭାରରେ ନେଇ ବାହାରିଛନ୍ତି। ସେ ହେଉଛନ୍ତି ମୂଷାଗଡିଆ ଗ୍ରାମର କାଉଡ଼ିଆ। ସେ ବାରିପଦାରୁ ଚାଲି ଚାଲି ୩୦ କିଲୋମିଟର ଦୂର ସିମଳେଶ୍ୱର ଯିବେ ଓ ମହାଦେବଙ୍କ ଜଳାଭିଷେକ କରିବେ। ମନରେ ଅଛି ଅସରନ୍ତି ଭକ୍ତିର ସମ୍ଭାର। ତିଳେ ହେଲେ ନାହିଁ କଷ୍ଟ। ହର-ହର ମହାଦେବ ଧ୍ୱନି ଦେଇ ଚାଲିଛନ୍ତି ସମସ୍ତ କାଉଡ଼ିଆ। ଏଭଳି ଏକ ଦୃଶ୍ୟ ଯାହା ଆତ୍ମାକୁ ପବିତ୍ର କରିଦେବ। ଶ୍ରାବଣର ପବିତ୍ର ବେଳାରେ, ଭକ୍ତିର ଅସୀମ ଆବେଗ ନେଇ ବାହାରିଛନ୍ତି ଶିବଭକ୍ତ। ବୋଲ୍ ବମ୍ ଧ୍ୱନିରେ କମ୍ପୁଛି ଚତୁର୍ଦ୍ଦିଗ। ଆଉ ସମସ୍ତଙ୍କ ମୁଖରେ କେବଳ ଗୋଟିଏ ନାମ 'ହର ହର ମହାଦେବ'। ମୂଷାଗଡିଆ ଗ୍ରାମର ଏହି କାଉଡ଼ିଆ ଜଣକ କହିଛନ୍ତି, ଆମେ ପ୍ରଭୁଙ୍କ ପାଖକୁ ଜଳ ନେଇଯାଉଛୁ, ଯାହା ଗତ ତିନିବର୍ଷ ଧରି ଚାଲିଆସିଛି। ଆମ ସାଙ୍ଗରେ ବଜରଙ୍ଗବାଲିଙ୍କ ଆଶୀର୍ବାଦ ରହିଛି। ଆମକୁ କୌଣସି କଷ୍ଟ ଜଣାପଡୁନି, କେବଳ ପ୍ରଭୁଙ୍କ ଦର୍ଶନ ପାଇଁ ଉତ୍ସାହ ରହିଛି। ୧୨୮ ଲିଟର ପାଣି ଓ ଯାହାକି ଏକ କ୍ୱିଣ୍ଟାଲ ୭୦ କିଲୋରୁ ଅଧିକ ଭାର ନେଇ ଆମେ ମହାଦେବଙ୍କୁ ଅଭିଷେକ କରିବୁ। ଆମକୁ ଏ କଷ୍ଟ ବରଦାନ ଭଳି ଲାଗୁଛି। ଏହି ଯାତ୍ରା କେବଳ ପାଦରେ ଚାଲିବାର ଯାତ୍ରା ନୁହେଁ, ଏହା ହେଉଛି ଭକ୍ତିର ସମର୍ପଣ। ଏତେ ଭାରି ଜଳଭାର ନେଇ ୩୦ କିଲୋମିଟର ପଥ ଅତିକ୍ରମ କରିବାର ସାହସ କେବଳ ଭଗବାନଙ୍କ ପ୍ରତି ଅଟଳ ବିଶ୍ୱାସରୁ ହିଁ ମିଳିଥାଏ। ଆମର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସଂସାରର ମଙ୍ଗଳ କାମନା କରିବା। ମହାଦେବଙ୍କ ଆଶୀର୍ବାଦରେ ଆମେ ରବିବାର ରାତି ସୁଦ୍ଧା ପହଞ୍ଚିବାକୁ ଆଶା ରଖିଛୁ। ଉତ୍ସାହ ଓ ଭକ୍ତିରେ ଉବୁଟୁବୁ ଏହି ଯୁବକଙ୍କ ସାହସ ସତରେ ପ୍ରଶଂସନୀୟ। ସମାଜ ପାଇଁ ଏଭଳି ଭାବାତ୍ମକ ସମର୍ପଣ ଆଧ୍ୟାତ୍ମିକତାର ଏକ ନୂତନ ସନ୍ଦେଶ ଦେଉଛି।



## ବନ୍ୟଜନ୍ତୁ ଶିକାର ଅଭିଯୋଗରେ ଜଣେ ଗିରଫ




ତେଲକୋଇ, ୯।୮ (ସମିସ): ବିଦ୍ୟୁତ୍ ଫାସ ବସାଇ ବନ୍ୟପ୍ରାଣୀ ଶିକାର କରିବା ଅଭିଯୋଗରେ ତେଲକୋଇ ବନ ବିଭାଗ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲା ସ୍ଥାନୀୟ ଗୋଳାଗାଡିଆ ଗ୍ରାମର ନକୁଳ ନାୟକଙ୍କ ପୁଅ ଗୁରୁଚରଣ ଓରଫ ଅଛାଲୁ। ନିକଟସ୍ଥ ଜଙ୍ଗଲରେ ବିଦ୍ୟୁତ୍ ଫାସ ଦ୍ୱାରା ଏକ ବାରହା ଶିକାର କରାଯାଇଥିବା ଘଟଣାରେ ଅଭିଯୁକ୍ତ ଗୁରୁ ଚରଣ ସମ୍ପୃକ୍ତ ଥିବା ବନ ବିଭାଗ କହିଛି। ପୂର୍ବରୁ ଏହି ଘଟଣାରେ ଅନ୍ୟଜଣେ ଅଭିଯୁକ୍ତକୁ ବନ ବିଭାଗ ଗିରଫ କରିଥିଲା। ଗିରଫ ଅଭିଯୁକ୍ତ ପାଖରୁ ଶିକାରରେ ବ୍ୟବହୃତ ଜିଆଇ ତାର ଓ କିଛି କାଚ ବୋତଲ ବନ ବିଭାଗ ଜବତ କରିଛି। ତାକୁ ଆଜି କୋର୍ଟ ଚାଲାଣ କରାଯାଇଛି।

## ଦାଦନ ଖଟିବାକୁ ଯାଇ ଯୁବକ ନିଖୋଜ ଅଭିଯୋଗ



ମୋରଡା, ୯।୮ (ସମିସ): ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ମୋରଡା ଥାନା ଅଞ୍ଚଳର ଜଣେ ଯୁବକ ନିଖୋଜ ହୋଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପଟାକୁଣ୍ଡିଆ ଗ୍ରାମର ଗୋବିନ୍ଦ ଦେହୁରୀ (୪୬) ଦୁଇମାସ ତଳେ ମହାରାଷ୍ଟ୍ରର ଏକ ଘରୋଇ କମ୍ପାନୀକୁ କାର୍ଯ୍ୟ କରିବାକୁ ଯାଇଥିଲେ। ତେବେ ଚଳିତ ମାସ ୧ ତାରିଖ ଦିନ ଟ୍ରେନ ଯୋଗେ ଗୋବିନ୍ଦ ଘରକୁ ଫେରିବା ସମୟରେ ପରିବାର ସହିତ ଯୋଗାଯୋଗରେ ଥିଲେ। କିନ୍ତୁ ଝାରସୁଗୁଡା ଷ୍ଟେସନରେ ପହଞ୍ଚିବା ପରେ ଗୋବିନ୍ଦଙ୍କ ସହିତ ପରିବାର ଲୋକେ ଆଉ ଯୋଗାଯୋଗ କରିପାରିନାହାନ୍ତି। ତେଣୁ ଗତକାଲି ଶନିବାର ଦିନ ଗୋବିନ୍ଦଙ୍କ ସ୍ତ୍ରୀ ସୁଜାତା ଦେହୁରୀ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାସଗୋବିନ୍ଦପୁର ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର କାମିନୀକାନ୍ତ ଜେନାଙ୍କ ଜରିଆରେ ଗୋବିନ୍ଦ ମହାରାଷ୍ଟ୍ରକୁ କାମ କରିବାକୁ ଯାଇଥିବାବେଳେ ବର୍ତ୍ତମାନ ତାଙ୍କ ସମ୍ପର୍କରେ ମଧ୍ୟ କେହି ସୂଚନା ଦେଉନାହାନ୍ତି। ତେବେ ଦଲାଲ ଦ୍ୱାରା ବାହାରକୁ ଯାଇ ଅନେକ ଯୁବକ ପୂର୍ବରୁ ମଧ୍ୟ ନିଖୋଜ ଥିବା ଜଣାପଡିଛି।

## ଚମ୍ପୁଆ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ଚମ୍ପୁଆ, ୯।୮ (ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର କରଞ୍ଜିଆ ଶିଶୁ ବିଦ୍ୟା ମନ୍ଦିରଠାରେ ଚମ୍ପୁଆ ସଂକୁଳର ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ସମ୍ମାନିତ ଅତିଥି ଭାବେ ବିଜେପି ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଲକ୍ଷ୍ମଣ ରାଉତ, ମୁଖ୍ୟବକ୍ତା ଭାବେ ସଂକୁଳ ପ୍ରମୁଖ ତଥା ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ନନ୍ଦ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି କୈଳାସଚନ୍ଦ୍ର ମହାନ୍ତ, ଉପସଭାପତି ଗୁରୁଚରଣ ମୁଖାର୍ଜୀ, କୋଷାଧ୍ୟକ୍ଷ ଭଗବାନ ମହାନ୍ତ, ସଂକୁଳ ସଂଯୋଜକ ଶରତଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବ୍ରଜକିଶୋର ମହାନ୍ତ ମଞ୍ଚାସୀନ ଥିଲେ। ଏଥିରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ବିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ଜ୍ଞାନ ପ୍ରଶ୍ନମଞ୍ଚ, ବୈଦିକ ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରୟୋଗ, ଗଣିତ ପ୍ରୟୋଗ, ମୂର୍ତ୍ତି କଳା, ସଂସ୍କୃତି ଜ୍ଞାନ କଥା କଥନ, ବୈଦିକ ଗଣିତ ପତ୍ରବାଚନରେ ଶିଶୁ, ବାଲ, କିଶୋର ବର୍ଗର ୨୫ଟି ବିଭାଗରେ ମୋଟ ୨୫୨ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ମୋଟ ୫୯ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ କାଶୀନାଥ ମହାନ୍ତ, ବିଜୟ ଗିରି, ଜୀବନ କିଶୋର ମହାନ୍ତ, ହରିହର ଚୌଧୁରୀ, ରବୀନ୍ଦ୍ର ଗିରି, ଚୈତନ୍ୟ ଚରଣ ମହାନ୍ତ, ନୀଳାମ୍ବର ମହାନ୍ତ, ଭୁବନେଶ୍ୱର ମହାନ୍ତ, ବିଜୟ ବାରିକ, ସାରଦା ପ୍ରସାଦ ବେହେରା, ହୃଷୀକେଶ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ସମ୍ଭାଗସ୍ତରୀୟ ପ୍ରତିଯୋଗିତା ତୁରୁମୁଙ୍ଗା ଓ ରାଇରଙ୍ଗପୁରଠାରେ ଯୋଗ ଦେବାପାଇଁ ସୂଚନା ରହିଛି।

## ରାଜଗାଳ ଜାହେର ଆୟୋ ମହିଳା ସମିତି ଓ ଫାଗୁନ ପକ୍ଷରୁ ଆଦିବାସୀ ଦିବସ

ବାରିପଦା, ୯ ।୮ (ସମିସ): ଭୁବନେଶ୍ୱରର ଅଗ୍ରଣୀ ସାନ୍ତାଳୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ରାଜଗାଳ ଜାହେର ଆୟୋ ମହିଳା ସମିତି ଓ ମାସିକ ସାନ୍ତାଳୀ ଖବରକାଗଜ ଫାଗୁନର ମିଳିତ ସହଯୋଗରେ ଭୁବନେଶ୍ୱର ପଟିଆସ୍ଥ ଆଦର୍ଶ ବିହାରରେ ଉତ୍ସାହ ଓ ଉଦ୍ଦୀପନାର ସହ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ରାଜଗାଳ ଜାହେର ଆୟୋ ମହିଳା ସମିତି ସଭାନେତ୍ରୀ ଦେଲହ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଆଦିବାସୀ ସମାଜର ଗୌରବମୟ ଇତିହାସ, ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା, ପ୍ରକୃତି ସହ ଆଦିବାସୀଙ୍କ ନିବିଡ଼ ସମ୍ପର୍କ ଓ ସାମାଜିକ ଅଧିକାର ସୁରକ୍ଷା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।



ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଧୀନତା ସଂଗ୍ରାମ, ସାମାଜିକ ନ୍ୟାୟ ଓ ଆଦିବାସୀ ଅସ୍ମିତାର ସୁରକ୍ଷା ପାଇଁ ଅବିସ୍ମରଣୀୟ ଅବଦାନ ରଖିଥିବା ମହାନ ବ୍ୟକ୍ତିତ୍ୱଙ୍କୁ ସ୍ମରଣ କରାଯାଇଥିଲା। ଅତିଥି ଓ ଉପସ୍ଥିତ ସଦସ୍ୟ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ବାବା ତିଲକା ମାଝୀ, ବୀର ସିଦୋ ମୁର୍ମୁ, ବୀର କାହ୍ନୁ ମୁର୍ମୁ, ବିର୍ସା ମୁଣ୍ଡା, ସମ୍ବିଧାନ ପ୍ରଣେତା ବାବା ସାହେବ ଡ. ଭୀମରାଓ ଆମ୍ବେଦକର, ଆଦିବାସୀ ନେତା ଜୟପାଲ ସିଂ ମୁଣ୍ଡା, ସୁନାରାମ ସୋରେନ ପ୍ରମୁଖଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଓ ପୁଷ୍ପାଞ୍ଜଳି ଅର୍ପଣ କରି ସେମାନଙ୍କ ସଂଘର୍ଷ ଓ ଅବଦାନକୁ ସ୍ମରଣ କରିଥିଲେ। ଅତିଥିମାନେ ବିଶ୍ୱ ଆଦିବାସୀ ଦିବସ ପାଳନର ଐତିହାସିକ ପୃଷ୍ଠଭୂମି ଓ ଏହାର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଆଦିବାସୀ ସମାଜର ପରିଚୟ କେବଳ ତାହାର ପାରମ୍ପରିକ ବେଶଭୂଷା, ନୃତ୍ୟ ଓ ସଙ୍ଗୀତରେ ସୀମିତ ନୁହେଁ; ବରଂ ନିଜସ୍ୱ ଭାଷା, ଲିପି, ସାହିତ୍ୟ, ଜୀବନଶୈଳୀ, ସାମାଜିକ ବ୍ୟବସ୍ଥା, ପ୍ରକୃତିକେନ୍ଦ୍ରିକ ଜୀବନଦର୍ଶନ ଓ ପାରମ୍ପରିକ ଜ୍ଞାନ ଏହାର ମୂଳ ଆଧାର ବୋଲି ମତ ପ୍ରକାଶ ପାଇଥିଲା। ବିଶେଷକରି ଦ୍ରୁତ ପରିବର୍ତ୍ତନଶୀଳ ଆଧୁନିକ ସମାଜରେ ଆଦିବାସୀ ଭାଷା ଓ ସଂସ୍କୃତିର ସଂରକ୍ଷଣ, ନୂତନ ପିଢ଼ିକୁ ନିଜ ମାତୃଭାଷା ଓ ପରମ୍ପରା ସହ ଯୋଡ଼ିବା, ଶିକ୍ଷା ଓ ପ୍ରଯୁକ୍ତି କ୍ଷେତ୍ରରେ ଆଦିବାସୀ ଭାଷାର ବ୍ୟବହାର ବୃଦ୍ଧି କରିବା ଉପରେ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଜଳ, ଜଙ୍ଗଲ ଓ ଜମି ସହ ଆଦିବାସୀ ସମାଜର ପାରମ୍ପରିକ ସମ୍ପର୍କ ଓ ପ୍ରକୃତି ସୁରକ୍ଷାରେ ସେମାନଙ୍କ ଅବଦାନ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରାଜଗାଳ ଜାହେର ଆୟୋ ମହିଳା ସମିତି ସଭାନେତ୍ରୀ ଦେଲହ ସୋରେନ, ଉପସଭାନେତ୍ରୀ ଦାନଗୀ ମୁର୍ମୁ, ସମ୍ପାଦିକା ପ୍ରିୟାମଣି ଟୁଡୁ, କାର୍ଯ୍ୟକାରୀ ସଦସ୍ୟା ଗୟାମଣି ବେଶ୍ରା, ମିନାକ୍ଷୀ ହାଁସଦା, ସଲମା ମାରାଣ୍ଡି ଓ ପୁଷ୍ପଲତା ସୋରେନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ମାସିକ ସାନ୍ତାଳୀ ପତ୍ରିକା "ଫାଗୁନ" ପକ୍ଷରୁ ସହସମ୍ପାଦିକା ସୁରୁକୁନୀ ମୁର୍ମୁ, ସଂସ୍ଥାପକ ମାଙ୍ଗାତ ମୁର୍ମୁ, ଆଜୀବନ ସଦସ୍ୟ ଆର୍. ଅଶ୍ୱନୀ ମୁର୍ମୁ, ରାଇମୋହନ ଟୁଡୁ, ଅନୁପ ମାଝୀ, ଫୁଦାନ ସୋରେନ ଓ ହାରାଧନ ମାରାଣ୍ଡିଙ୍କ ସମେତ ବହୁ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯୋଗଦେଇଥିଲେ। ଅତିଥିମାନେ ଆଦିବାସୀ ଦିବସକୁ କେବଳ ଏକ ଉତ୍ସବ ଭାବେ ପାଳନ ନ କରି ଆଦିବାସୀ ସମାଜର ଭାଷା, ସଂସ୍କୃତି, ପ୍ରକୃତି ଓ ଅସ୍ତିତ୍ୱର ସୁରକ୍ଷା ପାଇଁ ସାମୂହିକ ସଂକଳ୍ପର ଦିବସ ଭାବେ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ନିଜ ଭାଷା ଓ ସାଂସ୍କୃତିକ ମୂଳକୁ ସୁଦୃଢ଼ ରଖିବା ସହ ଶିକ୍ଷା, ସାମାଜିକ ସଚେତନତା ଓ ନୂତନ ପ୍ରଯୁକ୍ତିକୁ ଆପଣାଇ ଆଗାମୀ ପିଢ଼ି ପାଇଁ ଆଦିବାସୀ ଐତିହ୍ୟକୁ ସୁରକ୍ଷିତ ରଖିବା ଆଜିର ସମୟର ଆହ୍ୱାନ ବୋଲି ମତ ପ୍ରକାଶ ପାଇଥିଲା।

## ଘରବାଡ଼ିରେ ୨୦ ଟିକିଆ ହାତୀପଲର ଆତଙ୍କ



ତୁରୁମୁଙ୍ଗା, ୯।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜର ବିଭିନ୍ନ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ୨ଟି ପୃଥକ ଦଳରେ ମୋଟ ୨୬ ଟିକିଆ ହାତୀପଲ ସହ ଏକ ଗୋଠଛଡ଼ା ଦନ୍ତାର ଉପଦ୍ରବ ଉଭୟ ବନ ବିଭାଗ ଓ ସ୍ଥାନୀୟ ଲୋକଙ୍କ ନିଦ ହଜାଇ ଦେଇଛି। ୨୦ ଟିକିଆ ହାତୀପଲ ମଙ୍ଗଳପୁର ନିକଟରେ ଥିବା ବେଳେ ଆଉ ଏକ ୬ ଟିକିଆ ହାତୀପଲ ଏରେଣ୍ଡେଇ ନିକଟରେ ଡେରା ପକାଇ ଚାଷ ଜମିରେ ପଶି ଧାନ ଫସଲ ନଷ୍ଟ କରିଦେଇଛନ୍ତି। ୨୦ ଟିକିଆ ହାତୀପଲ ପାଟଣା ବଜାରଠାରୁ ମାତ୍ର ୫ ଶହ ମିଟର ଦୂରରେ ଥିବାରୁ ଗତବର୍ଷ ଭଳି ବଜାର ମୁହାଁ ହେବା ଆଶଙ୍କା ଥିବାରୁ ବନବିଭାଗ ଏଥିପ୍ରତି ସତର୍କ ଦୃଷ୍ଟି ରଖିଛି। ଅନ୍ୟପଟେ ନିକଟରେ ଜନ୍ମିତ ହାତୀ ଶାବକକୁ ଦେଖିବା ପାଇଁ ମଧ୍ୟ ଲୋକଙ୍କ ଭିଡ଼ ଜମିଥିବାରୁ ହାତୀପଲଙ୍କୁ ଘଉଡାଇବା ବନ ବିଭାଗକୁ ନକେଦମ ହେବାକୁ ପଡୁଛି। ବନପାଳ ନିରଞ୍ଜନ ସେଠୀ ଓ ହାତୀ ସ୍କ୍ୱାଡ୍ ଏହି ହାତୀପଲଙ୍କ ଉପରେ ନଜର ରଖିଛନ୍ତି। ହାତୀପଲ ଧାନଚାଷ ନଷ୍ଟ କରିବା ସହିତ ମକା ଓ ପରିବା ଚାଷ ଖାଇ ଯାଉଥିବା ଦେଖା ଦେଇଛି। ସେହିପରି ଆଉ ଏକ ଗୋଠଛଡ଼ା ଦନ୍ତା ସାହାରପଡା ସେକ୍ସନ ଅଞ୍ଚଳରେ ବିଳମ୍ବିତ ରାତିରେ ଦୁଇଟି ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ଗୋଠଛଡ଼ା ଦନ୍ତା କଟାବେଡା ଗ୍ରାମର ଚନ୍ଦ୍ର ମୁଣ୍ଡା ଏବଂ କପୁଣ୍ଡି ଗ୍ରାମର ଭୂତନାଥ ପଇଦାଙ୍କ ଘର ଭାଙ୍ଗିଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ଫକୀରପୁର ହନୁମାନ ଛକ ସେତୁ ଦବିଲା



ଆନନ୍ଦପୁର, ୯।୮ (ସମିସ): ଶାଳବଣି ହାଟ ଛକରୁ ଫକୀରପୁର ଯିବା ରାସ୍ତାରେ ଥିବା ହନୁମାନ ଛକ ନିକଟରେ ଥିବା ପୋଲ ଦବିଯାଇ ବିପଦ ସୃଷ୍ଟି ହୋଇଛି। ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ ମଧ୍ୟ ସତର୍କ ସୂଚନା ନଥିବାରୁ କୌଣସି ଅଘଟଣକୁ ଏଡାଯାଇନପାରେ ବୋଲି ଆଶଙ୍କା କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ସାହୁ ଟ୍ୱିଟ ମାଧ୍ୟମରେ ସ୍ଥାନୀୟ ପ୍ରଶାସନକୁ ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି।

**● ବେଆଇନ ଓ ଅବାଧ ଗାଡ଼ି ପାର୍କିଂ**

## ଝୁମ୍ପୁଡ଼ି ହୋଟେଲ ନିକଟ ବୁଲାଣି ଦୁର୍ଘଟଣା ପ୍ରବଣ

ବଡ଼ବିଲ, ୯ ।।୮ (ସମିସ): ବଡ଼ବିଲ ଥାନାଞ୍ଚଳର ଝୁମ୍ପୁଡି ହୋଟେଲ ନିକଟରେ ଥିବା ବୁଲାଣି ରାସ୍ତାରେ ଅବ୍ୟବସ୍ଥିତ ଭାବେ ଭାରୀଯାନ ପାର୍କିଂ ଓ ବ୍ରେକ୍‌ଡାଉନ୍ ହୋଇ ରହୁଥିବା ଗାଡ଼ି ଯୋଗୁଁ ଦୁର୍ଘଟଣା ଆଶଙ୍କା ବଢ଼ିବାରେ ଲାଗିଛି। ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୩ ତାରିଖରେ ଉକ୍ତ ବୁଲାଣି ରାସ୍ତାର ଡାହାଣ ପଟେ ଏକ ଟ୍ରକ ପାର୍କିଂ କରି ରଖାଯାଇଥିବା ବେଳେ ସେଠାରେ ଏକ ଦୁର୍ଘଟଣା ଘଟିଥିଲା। ଏହାପରେ ମଧ୍ୟ ପରିସ୍ଥିତିରେ ସୁଧାର ଆସି ନଥିବା ଅଭିଯୋଗ ହୋଇଛି। ପୁଣି ଗତ ଦୁଇଦିନ ଧରି ଉକ୍ତ ସ୍ଥାନର ରାସ୍ତା ଡାହାଣ ପଟେ ଏକ ଟ୍ରେଲର ଯେଏଚ୦୫ଡିଏଚ୫୬୩୧ ବ୍ରେକ୍‌ଡାଉନ୍ ହୋଇ ପଡ଼ିରହିଛି। ବୁଲାଣି ହୋଇଥିବାରୁ ଦୂରରୁ ଆସୁଥିବା ଯାନବାହନ ଚାଳକମାନେ ରାସ୍ତାରେ ଥିବା ଗାଡ଼ିକୁ ଠିକ୍ ଭାବେ ଦେଖିପାରୁ ନଥିବାରୁ ଯେକୌଣସି ସମୟରେ ବଡ଼ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଏପରି ଗୁରୁତ୍ୱପୂର୍ଣ୍ଣ ବୁଲାଣି ରାସ୍ତାରେ ଭାରୀଯାନ ପାର୍କିଂ ଓ ବ୍ରେକ୍‌ଡାଉନ୍ ଗାଡ଼ି ଦୀର୍ଘ ସମୟ ଧରି ରହିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଏଯାବତ୍ କୌଣସି ଦୃଢ଼ ପଦକ୍ଷେପ ନିଆଯାଇ ନଥିବା ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରାସ୍ତାରୁ ତୁରନ୍ତ ବ୍ରେକ୍‌ଡାଉନ୍ ଟ୍ରେଲରକୁ ହଟାଇବା ସହ ଉକ୍ତ ସ୍ଥାନରେ ଅବୈଧ ଓ ବିପଜ୍ଜନକ ପାର୍କିଂ ଉପରେ କଟକଣା ଲଗାଇବାକୁ ସାଧାରଣରେ ଦାବି ହୋଇଛି।



## ସାରଥୀ ସାହୁଙ୍କ ଦେହାନ୍ତ

ଆନନ୍ଦପୁର, ୯।୮ (ସମିସ): ଆନନ୍ଦପୁର ବ୍ଲକ ବେଲବାହାଲି ଗ୍ରାମର ଧର୍ମପ୍ରାଣ ବ୍ୟକ୍ତି ସାରଥୀ ସାହୁଙ୍କର ଦେହାନ୍ତ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ସକାଳୁ ହଠାତ ଅସୁସ୍ଥ ହୋଇ ପଡିବା ପରେ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା।



ମୃତ୍ୟୁ ଖବର ପାଇ ବେଲବାହାଲି ସମେତ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଆନନ୍ଦପୁର ପୂର୍ବତନ ସୈନିକ ସଂଘର ସଭାପତି ତ୍ରିଲୋଚନ ଦାଶ ସମ୍ପାଦକ ରବୀନ୍ଦ୍ର ସାହୁ ଜଗବନ୍ଧୁ ଜେନା ଗଗନ ସିଂହ ପ୍ରଭାକର ସାହୁ ରବୀନ୍ଦ୍ର ସାହୁ ମଣିଭଦ୍ର ସାହୁ ବିଶ୍ୱନାଥ ଖୁଣ୍ଟିଆ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ବେଳକୁ ପୁଅ ହାଡ଼ିବନ୍ଧୁ, ଝିଅ ଜୟନ୍ତି ସାହୁ ସରସ୍ୱତୀ ସାହୁ ମିନତୀ ସାହୁ ମନୁବତୀ ସାହୁ ଉପସ୍ଥିତ ଥିଲେ।

## ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ ତାଲିମ ଉଦ୍‌ଯାପିତ



କେନ୍ଦୁଝର, ୯।୮ (ସମିସ): ପିଏମ୍‌ଶ୍ରୀ ଡିଏନ୍ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ଜୁନିୟର ରେଡକ୍ରସ ଉତ୍ତର ଜୋନ ଜିଲ୍ଲା ସଂଯୋଜକଙ୍କ ତିନିଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଛି। ୭ଟି ଜିଲ୍ଲାରୁ ୮୦ ଜଣ ଗୋଷ୍ଠୀ ସମନ୍ୱୟକାରୀ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଯୁଗ୍ମ ସଂପାଦକ ରେଡକ୍ରସ ଏଆର୍ ଖାନ, ଓଷ୍ଟା କେନ୍ଦୁଝର ସଭାପତି ମନ୍ମଥନାଥ ମହାନ୍ତ, ମୟୂରଭଞ୍ଜ ଜୁନିୟର ରେଡକ୍ରସ ଅଫିସର ସ୍ମୃତିରଞ୍ଜନ ପାଣି, ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ଲକ୍ଷ୍ମଣ ସ୍ୱାଇଁ, ସହାୟକ ଶିକ୍ଷକ ସରୋଜ କୁମାର ବେହେରା ଯୋଗ ଦେଇଥିଲେ। ଜିଲ୍ଲା ଶାରିରୀକ ଶିକ୍ଷାଧିକାରୀ ରାମକ୍ରିଷ୍ଣ ବେହେରା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ଜୁନିୟର ରେଡକ୍ରସ ଅଫିସର ତଥା ମାଷ୍ଟର ଟ୍ରେନର ଲକ୍ଷ୍ମଣ ସ୍ୱାଇଁଙ୍କୁ ଜିଲ୍ଲା ଜୁନିୟର ରେଡକ୍ରସ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରୁଷୋତ୍ତମ ସିଂହ, ସମରଜିତ ସିଂହ, କ୍ଷୀରୋଦଚନ୍ଦ୍ର ବେହେରା, ଲକ୍ଷ୍ମୀନାରାୟଣ ସି, ପ୍ରଜ୍ଞାବତୀ ସିଂହ, ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ତୃପ୍ତିମୟୀ ବାରିକ ମଞ୍ଚ ପରିଚାଳନା କରିଥିବାବେଳେ ଜୁନିୟର ରେଡକ୍ରସ ଅଫିସର ପ୍ରଶାନ୍ତ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାଠକଟା ଜଙ୍ଗଲରେ ୨୦୦୦ ସିଡ୍‌ବଲ୍ ନିକ୍ଷେପ




ଆନନ୍ଦପୁର, ୯।୮ (ସମିସ): ଆନନ୍ଦପୁର ବ୍ଲକ୍ କାଠକଟା ପଞ୍ଚାୟତ ସୂଜୁନାପାଳ ଗ୍ରାମ ନିକଟରେ ଥିବା ଜଙ୍ଗଲରେ ୨୦୦୦ ବିଭିନ୍ନ ସିଡ୍ ବଲ୍ ନିକ୍ଷେପ କରାଯାଇଛି। ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ କାଠକଟା ସେକ୍ସନର ଫରେଷ୍ଟର ଲକ୍ଷ୍ମୀଧର କିସ୍କୁ, ସୂଜୁନାପାଳ ଗ୍ରାମର ବନ ସୁରକ୍ଷା ସମିତିର ସଦସ୍ୟ ଓ ସଦସ୍ୟା, ସ୍ୱେଚ୍ଛାସେବୀ ରାଜକିଶୋର ବାରିକ ଏବଂ ସୂଜୁନାପାଳ ଗ୍ରାମବାସୀଙ୍କ ସହଯୋଗରେ ୧୭୦୦ ବାଉଁଶ, ୨୦୦ ଜାମ୍ବୁ ଏବଂ ୧୦୦ ପଣସ ମଞ୍ଜି ବଲ୍ ବିଭିନ୍ନ ସ୍ଥାନରେ ନିକ୍ଷେପ କରାଯାଇଛି। ଦର୍ଶନ ହେମ୍ବ୍ରମ, ପ୍ରକାଶ ନାୟକ, ଭରତ ନାୟକ, ସୁମିତ୍ରା ନାୟକ, ଯଶୋଦା ନାୟକ ସହଯୋଗ କରିଥିଲେ। ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ପ୍ରାୟ ୧୦ ହଜାର ସିଡ୍ ବଲ୍ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସହାୟତାରେ ନିଜେ ପ୍ରସ୍ତୁତ କରିଛନ୍ତି। ଆନନ୍ଦପୁର ଉପଖଣ୍ଡ ତଥା କେନ୍ଦୁଝର ଜିଲ୍ଲାରେ ଥିବା ବିଭିନ୍ନ ଜଙ୍ଗଲରେ ଏହାକୁ ବ୍ୟବହାର କରାଯିବା ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ଏହି ପ୍ରୟାସ ଦ୍ୱାରା ହାତୀ ଏବଂ ଅନ୍ୟାନ୍ୟ ବନ୍ୟପ୍ରାଣୀ ମାନଙ୍କର ବାସସ୍ଥାନକୁ ପୁନଃସ୍ଥାପନ କରିବାରେ ସହାୟକ ହୋଇପାରିବ ବୋଲି ଶ୍ରୀ ସାହୁ କହିଛନ୍ତି।

**ଆନ୍ତର୍ଜାତିକ ଆଦିବାସୀ ଦିବସରେ ବିଶ୍ୱବିଦ୍ୟାଳୟରେ ୱେବିନାର**

# ସହଯୋଗୀ ଇକୋସିଷ୍ଟମ ପାଇଁ କୁଳପତିଙ୍କ ଆହ୍ୱାନ

ବାରିପଦା, ୯ ।୮ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ବିଶ୍ୱର ଆଦିବାସୀ ଲୋକଙ୍କ ଆନ୍ତର୍ଜାତିକ ଦିବସ ପାଳନ ପାଇଁ ଏକ ୱେବିନାର ଆୟୋଜନ କରିଥିଲା। ଏହି ଭର୍ଚୁଆଲ ଇଭେଣ୍ଟ 'ଆଦିବାସୀ ଧାଇମା'ମାନଙ୍କୁ ସମ୍ମାନ: ଜୀବନ ଓ କଲ୍ୟାଣକୁ ସୁରକ୍ଷା ଦେବା' ବିଷୟବସ୍ତୁ ଉପରେ କେନ୍ଦ୍ରିତ ଥିଲା। ଯାହା ଉତ୍ତର ଓଡ଼ିଶାର ଆଦିବାସୀ ଜନଜାତି, ସାମାଜିକ-ଅର୍ଥନୈତିକ ଓ ଜନସଂଖ୍ୟାଗତ ଦୃଷ୍ଟିକୋଣ ଉପରେ ଘନିଷ୍ଠ ଭାବେ ଧ୍ୟାନ ଦେଇଥାଏ। ଶିକ୍ଷା ଅଧିବେଶନ ଆରମ୍ଭ କରି ନୃବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗର ମୁଖ୍ୟ ଡ ବସନ୍ତ କୁମାର ମହାନ୍ତ ସ୍ୱାଗତ ଭାଷଣ ଦେଇଥିଲେ। ଡକ୍ଟର ମହାନ୍ତ ପାରମ୍ପରିକ ଆଦିବାସୀ ଜ୍ଞାନ ପ୍ରଣାଳୀ ସହିତ ଆଧୁନିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସନ୍ତୁଳିତ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶେଷକରି ମାତୃ ଓ ଶିଶୁ ସ୍ୱାସ୍ଥ୍ୟରେ ଆଦିବାସୀ ଧାଇମା'ମାନଙ୍କ ଦ୍ୱାରା ନିର୍ବାହ କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା। ଏମଏସସିବି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ତାଙ୍କ ସଭାପତିତ୍ୱ ଭାଷଣରେ ସ୍ଥାୟୀ ଆଦିବାସୀ ବିକାଶ ପାଇଁ ଏକ ରଣନୈତିକ ରୋଡମ୍ୟାପ୍ ରୂପରେଖ ପ୍ରଦାନ କରିଥିଲେ। ପ୍ରଫେସର ମହାନ୍ତି ଗୁରୁତ୍ୱାରୋପ କରିଥିଲେ ଯେ, ଦୀର୍ଘକାଳୀନ ପ୍ରଗତି ଆଦିବାସୀ ଜନସଂଖ୍ୟା ପାଇଁ ସ୍ଥାୟୀ କୃଷି ଓ ସ୍ଥାୟୀ ଜୀବିକା ମଡେଲ ସୁରକ୍ଷିତ କରିବା ଉପରେ ବହୁତ ନିର୍ଭର କରେ। ପିଭିଟିଜି ପାଇଁ ସ୍ୱତନ୍ତ୍ର ନୀତିଗତ ହସ୍ତକ୍ଷେପ ସହିତ ତାଙ୍କ ଭାଷଣର ଏକ ମୁଖ୍ୟ ଆକର୍ଷଣ ଥିଲା ଜାତୀୟ ଶିକ୍ଷାନୀତି (ଏନଇପି ୨୦୨୦)କୁ ଭାରତୀୟ ଜ୍ଞାନ ପ୍ରଣାଳୀ (ଆଇକେଏସ) ସହିତ ସମନ୍ୱୟ କରିବା। ପ୍ରଫେସର ମହାନ୍ତି ଏକ ସହଯୋଗୀ ଇକୋସିଷ୍ଟମ ପାଇଁ ଆହ୍ୱାନ କରିଥିଲେ। ଯେଉଁଠାରେ ଶିକ୍ଷାନୁଷ୍ଠାନ, ସରକାରୀ ସଂସ୍ଥା ଓ ଅଣସରକାରୀ ସଂଗଠନ (ଏନଜିଓ) ମିଳିତ ଭାବେ କାର୍ଯ୍ୟ କରିବେ। ସେ ଉଲ୍ଲେଖ କରିଥିଲେ ଯେ ମାତୃଭାଷା-ଆଧାରିତ ଶିକ୍ଷା କାର୍ଯ୍ୟକାରୀ କରିବା ଓ ପାରମ୍ପରିକ ଆଦିବାସୀ ଚିକିତ୍ସା ଓ ପରିବେଶଗତ ଜ୍ଞାନକୁ ଆନୁଷ୍ଠାନିକ ଭାବେ ବୈଧ କରିବା ଅର୍ଥପୂର୍ଣ୍ଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଜାତୀୟ ୱେବିନାରର ଗୁରୁତ୍ୱପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରି ମୁଖ୍ୟବକ୍ତା କିସ୍ ୟୁନିଭରସିଟିର ପ୍ରଫେସର ନିର୍ମଳ ଚନ୍ଦ୍ର ଦାଶ କହିଥିଲେ, ଉତ୍ତର ଓଡ଼ିଶାର ଆଦିବାସୀ ଇକୋସିଷ୍ଟମର ଏକ ବ୍ୟାପକ, ତଥ୍ୟଚାଳିତ ବିଶ୍ଳେଷଣ ଉପସ୍ଥାପନ କରିବା ପାଇଁ ତାଙ୍କର ଦଶନ୍ଧିର ବିଶେଷଜ୍ଞତାକୁ ବ୍ୟବହାର କରିଥିଲେ। ସେ ମୟୂରଭଞ୍ଜର ଅନନ୍ୟ ମାନବଶାସ୍ତ୍ରୀୟ ଦୃଶ୍ୟପଟ ଉପରେ ଆଲୋକପାତ କରିଥିଲେ। ଏକ ଜିଲ୍ଲା ଯେଉଁଠାରେ ଜନସଂଖ୍ୟାର ୫୮ ଶତକଡାରୁ ଅଧିକ ଆଦିବାସୀ ସମ୍ପ୍ରଦାୟର। ଯେଉଁଥିରେ ସାନ୍ତାଳ, କୋଲ୍‌ହ, ଭୂୟାଁ ଓ ମୁଣ୍ଡା ଭଳି ପ୍ରମୁଖ ଜନଜାତି, ଲୋଧା, ମାଙ୍କିଡିଆ ଓ ଖଡିଆ ଭଳି ବିଶେଷ ଭାବେ ଦୁର୍ବଳ ଜନଜାତି ଗୋଷ୍ଠୀ (ପିଭିଟିଜି) ଅନ୍ତର୍ଭୁକ୍ତ। ପ୍ରଫେସର ଦାଶ ବୟସ-ଲିଙ୍ଗ ରଚନା ଓ ପ୍ରଜନନ-ମୃତ୍ୟୁ ଢାଞ୍ଚାର ପରିବର୍ତ୍ତନ ବିଶ୍ଳେଷଣ କରିଥିଲେ। ସ୍ଥାନୀୟ ପିଭିଟିଜି ମଧ୍ୟରେ ଗମ୍ଭୀର ଜନସଂଖ୍ୟାଗତ ଭଙ୍ଗୁରତା ଓ ଉଚ୍ଚ ମାତୃ ମୃତ୍ୟୁହାରକୁ ଆଲୋକିତ କରିଥିଲେ। ଯାହା ସ୍ଥାନୀୟ, ସାଂସ୍କୃତିକ ଭାବେ ସମନ୍ୱିତ ସ୍ୱାସ୍ଥ୍ୟସେବା ହସ୍ତକ୍ଷେପ ଆବଶ୍ୟକ କରେ। ଅର୍ଥନୈତିକ ଗଠନକୁ ବାରି ସେ କିପରି ପାରମ୍ପରିକ ଜୀବିକା ଯେପରିକି ସ୍ଥାନାନ୍ତର ଚାଷ (ପୋଡୁ ଚାସା) ଓ କ୍ଷୁଦ୍ର ବନ ଉତ୍ପାଦ ସଂଗ୍ରହ, ପରିବେଶଗତ ଓ ନିୟାମକ ପରିବର୍ତ୍ତନ ଦ୍ୱାରା ବାଧାପ୍ରାପ୍ତ ହୁଏ। ଯାହା ଆଦିବାସୀ ଯୁବପିଢ଼ିଙ୍କ ମଧ୍ୟରେ କଷ୍ଟକର ଋତୁକାଳୀନ ସ୍ଥାନାନ୍ତର ଓ ବ୍ୟାପକ ସାକ୍ଷରତା ବ୍ୟବଧାନ ସୃଷ୍ଟି କରେ। ସେ ଏକ ସାଂରଚନିକ ଢାଞ୍ଚା ଉପସ୍ଥାପନ କରି ଶେଷ କରିଥିଲେ। ଯାହା ଦର୍ଶାଉଛି ଯେ କିପରି କଠୋର ଜାତିଗତ ତଥ୍ୟକୁ ଲକ୍ଷ୍ୟଭିତ୍ତିକ କଲ୍ୟାଣ ଯୋଜନା ଡିଜାଇନ୍ କରିବା ପାଇଁ ବ୍ୟବହାର କରାଯିବା ଆବଶ୍ୟକ। ଯାହା ଊର୍ଦ୍ଧ୍ୱଗାମୀ ଗତିଶୀଳତାକୁ ଚାଳିତ କରିଥାଏ। ଅନଲାଇନ୍ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଗବେଷଣା ବିଦ୍ୱାନ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଙ୍କ ସମେତ ପ୍ରାୟ ୫୦ ଜଣ ଅଂଶଗ୍ରହଣକାରୀ ଉପସ୍ଥିତ ଥିଲେ। ୱେବିନାର ଡ ପ୍ରିୟଙ୍କା ଦାସଙ୍କ ପ୍ରାରମ୍ଭିକ ମନ୍ତବ୍ୟ ଓ ଡକ୍ଟର ମୋନାଲି ଗୋସ୍ୱାମୀଙ୍କ ଦ୍ୱାରା ଅତିଥିଙ୍କ ଆନୁଷ୍ଠାନିକ ପରିଚୟ ସହିତ ଆରମ୍ଭ ହୋଇଥିଲା। ଉପସ୍ଥାପନା ପରେ ଡ. ଭୁବନେଶ୍ୱର ସବରଙ୍କ ଦ୍ୱାରା ପ୍ରସ୍ତାବିତ ଏକ ଆନୁଷ୍ଠାନିକ ସମ୍ମାନିତ ଅଧିବେଶନ ଓ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ଯାହା ଉପସ୍ଥିତ ଲୋକଙ୍କ ମଧ୍ୟରେ ସକ୍ରିୟ ଅଂଶଗ୍ରହଣ ଓ ଜୀବନ୍ତ ଶୈକ୍ଷିକ ଆଦାନପ୍ରଦାନକୁ ସ୍ୱୀକାର କରିଥିଲା।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ସିଂହ:** ଆଜି ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟ ପାଇଁ ଚିନ୍ତାରେ ରହିପାରନ୍ତି। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଧାର୍ମିକ କାର୍ଯ୍ୟରେ ଯୋଗଦାନ ଦେବେ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ଧନୁ:** ମହିଳାମାନେ ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିପାରନ୍ତି। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ଯୋଜନା ମୁତାବକ କାର୍ଯ୍ୟ କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ:** ଦିନଟି ମିଶ୍ରିତ ଫଳ ପ୍ରଦାନ କରିବ। ବ୍ୟବସାୟରେ ବାଧା ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

## ଆଜିର ଇତିହାସ


- ୧୮୨୨- ସିରିଆରେ ବିନାଶକାରୀ ଭୂମିକମ୍ପ ଯୋଗୁଁ ୨୦ ହଜାର ଲୋକଙ୍କ ମୃତ୍ୟୁ।
- ୧୮୯୪- ଦେଶର ଚତୁର୍ଥ ରାଷ୍ଟ୍ରପତି ଭି.ଭି ଗିରିଙ୍କ ଜନ୍ମ।
- ୧୯୭୭- କଡ଼ା ସୁରକ୍ଷା ମଧ୍ୟରେ ମହାରାଣୀ ଏଲିଜାବେଥ୍ ୧୧ ବର୍ଷ ପରେ ଉତ୍ତର ଆୟରଲ୍ୟାଣ୍ଡ ଯାତ୍ରା କଲେ।
- ୧୯୭୯- ଉପଗ୍ରହ ପ୍ରକ୍ଷେପଣ ଯାନ ଏସ୍‌ଏଲ୍‌ଭି-୩ ପ୍ରକ୍ଷେପିତ।
- ୨୦୦୮- ଚେନ୍ନାଇର ଏକ ଲ୍ୟାବ୍‌ରେ ଆଣ୍ଟି ଏଡ୍‌ସ ଟିକାର ସଫଳ ପରୀକ୍ଷଣ କରାଗଲା।

## ୨୪ ବର୍ଷର ବିବାଦ ଭୁଲି ଏକାଠି କାମ କରିବେ ସଞ୍ଜୟ-କରିନା




ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ ଫିଲ୍ମ 'ଦେବଦାସ' ବଲିଉଡ୍‌ର ଏକ ଆଇକନିକ୍ ଫିଲ୍ମ ଭାବେ ପରିଗଣିତ ହୋଇଥାଏ। ଏଥିରେ ଶାହାରୁଖ୍ ଖାନ୍ (ଦେବଦାସ), ଐଶ୍ୱର୍ଯ୍ୟା ରାୟ (ପାରୋ) ଏବଂ ମାଧୁରୀ ଦୀକ୍ଷିତ (ଚନ୍ଦ୍ରମୁଖୀ) ଭୂମିକାରେ ଅଭିନୟ କରିଥିଲେ। ସଞ୍ଜୟ ଯେତେବେଳେ 'ଦେବଦାସ' ତିଆରି କରୁଥିଲେ, ସେତେବେଳେ 'ପାରୋ' ଭୂମିକା ପାଇଁ ତାଙ୍କର ପ୍ରଥମ ପସନ୍ଦ କରିନା କପୁର ଥିଲେ। କରିନା ଫିଲ୍ମ ସାଇନ୍ କରିବା ସହ ତାଙ୍କୁ ଏଥିପାଇଁ ଆଡଭାନ୍ସ ମଧ୍ୟ ମିଳିସାରିଥିଲା। କେବଳ ସେତିକି ନୁହେଁ, ସଞ୍ଜୟ ଏହି ଭୂମିକା ପାଇଁ ତାଙ୍କର ସ୍କ୍ରିନ୍ ଟେଷ୍ଟ ମଧ୍ୟ ନେଇଥିଲେ। ପରେ ସଞ୍ଜୟ ଅନୁଭବ କଲେ ଯେ, ଐଶ୍ୱର୍ଯ୍ୟା ରାୟ 'ପାରୋ' ଚରିତ୍ର ପାଇଁ ଅଧିକ ଉପଯୁକ୍ତ ଏବଂ ତାଙ୍କର ଚେହେରାରେ ଏକ ରାଜକୀୟ ଅନ୍ଦାଜ ରହିଛି। ଫିଲ୍ମ ସୁଟିଂ ଆରମ୍ଭ ହେବା ପୂର୍ବରୁ ସଞ୍ଜୟ କରିନାଙ୍କୁ ହଟେଇ ଐଶ୍ୱର୍ଯ୍ୟାଙ୍କୁ ପାରୋ ଭୂମିକା ପାଇଁ ସାଇନ୍ କରିଥିଲେ। ଏହି କାରଣରୁ କରିନା ଓ ସଞ୍ଜୟଙ୍କ ମଧ୍ୟରେ ମତଭେଦ ଦେଖାଗଲା। ସେବେଠୁ କରିନା ସଞ୍ଜୟଙ୍କ ସହ ଆଉ ଫିଲ୍ମ କରି ନ ଥିଲେ। ଏବେ ୨୪ ବର୍ଷ ପରେ ପୁଣି ଥରେ କରିନା, ସଞ୍ଜୟଙ୍କ ସହ ଏକାଠି କାମ କରିବାକୁ ଯାଉଛନ୍ତି। ସଞ୍ଜୟଙ୍କ ଏକ ପୌରାଣିକ ଫିଲ୍ମରେ କରିନା ଲିଡ୍ ରୋଲରେ ନଜର ଆସିବେ ବୋଲି ଜଣାପଡ଼ିଛି। ଏଥିରେ କରିନାଙ୍କ ବିପକ୍ଷରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଧନୁଷ୍ ନଜର ଆସିବେ। ଫିଲ୍ମର କାହାଣୀ କରିନାଙ୍କୁ ପସନ୍ଦ ଆସିଥିଲେ ବି ଏଯାବତ୍ ସେ ଫିଲ୍ମ ସାଇନ୍ କରିନାହାନ୍ତି। ଏବେ ସୁଟିଂ ସିଡ୍ୟୁଲକୁ ନେଇ ଫିଲ୍ମ ଅଟିକିଛି। ଯଦି ସବୁକିଛି ଯୋଜନା ମୁତାବିକ ହେଉଛି, ତେବେ ଦୀର୍ଘ ୨୪ ବର୍ଷ ପରେ କରିନା, ସଞ୍ଜୟଙ୍କ ସହ କାମ କରିବେ।

## ୧୫୦ ବର୍ଷ ପରେ ଫେରିଲା ବହି



ସାଧାରଣତଃ ଲାଇବ୍ରେରୀରରୁ ନିଆଯାଇଥିବା ବହିଗୁଡ଼ିକ ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଫେରାଇବାକୁ ହୋଇଥାଏ। ଏହି ପରିପ୍ରେକ୍ଷୀରେ ଅଷ୍ଟ୍ରେଲିଆରୁ ଏକ ଆଶ୍ଚର୍ଯ୍ୟ କଲା ଭଳି ଘଟଣା ସାମ୍ନାକୁ ଆସିଛି। କିଆମା ସରକାରୀ ପାଠାଗାରରୁ ପ୍ରାୟ ୧୫୦ ବର୍ଷ ତଳେ ନିଆଯାଇଥିବା ଏକ ବହି ଶେଷରେ ଫେରି ଆସିଛି। ୧୮୫୮ ମସିହାରେ ପ୍ରକାଶିତ 'ଏଣ୍ଟିକ୍ୱିଟିଜ୍ ଅଫ୍ ଏଥେନ୍ସ' ନାମକ ଏହି ବହିଟି ଅଷ୍ଟ୍ରେଲିଆର ଉପକୂଳବର୍ତ୍ତୀ ସହର କିଆମାସ୍ଥିତ ପାଠଗାରରୁ ନିଆଯାଇଥିଲା। ଗତ ସପ୍ତାହରେ ଜଣେ ବ୍ୟକ୍ତି ନିଜ ଘରର ମରାମତି ଏବଂ ନବୀକରଣ କାମ କରୁଥିଲେ। ଏହି ସମୟରେ ଏକ ସିଲ୍ ହୋଇଥିବା ଚିମିନି ଭିତରେ, ଇଟା ପଛରେ ଲୁଚି ରହିଥିବା ଏକ ଚା' ଡବା ଭିତରୁ ସେ ଏହି ପୁରୁଣା ବହିଟିକୁ ପାଇଥିଲେ ଏବଂ ଏହାକୁ ଆଣି ପାଠାଗାରକୁ ଫେରାଇ ଦେଇଥିଲେ। ବହିଟି ଏତେ ବିଳମ୍ବରେ ଫେରିଥିବାରୁ ଏହାର ଜରିମାନା ରାଶି ହିସାବ କରିବା ପରେ ପାଠାଗାର କର୍ତ୍ତୃପକ୍ଷ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ଏହି ଜରିମାନାର ପରିମାଣ ପାଖାପାଖି ୧୯ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। କିଆମା ପାଠାଗାରର ପରିଚାଳିକା ମିସେଲ୍ ହଡସନଙ୍କ ସୂଚନା ଅନୁଯାୟୀ, ୧୮୫୮ ମସିହାରେ ଯେତେବେଳେ ଏହି ପାଠାଗାର ପ୍ରତିଷ୍ଠା ହୋଇଥିଲା, ସେତେବେଳର ନିୟମ ଏବଂ ବହିର କଭର ଉପରେ ଲେଖାଥିବା ବ୍ରିଟିଶ୍ ନିୟମ 'ପ୍ରତି ସପ୍ତାହକୁ ୩ ପେନ୍ସ' ବିଳମ୍ବ ଶୁଳ୍କ ଆଧାରରେ ଏହି ଜରିମାନା ସ୍ଥିର କରାଯାଇଛି। ଆଜିର ସମୟ ଅନୁସାରେ ଏହା ଭାରତୀୟ ମୁଦ୍ରାରେ ପ୍ରାୟ ୧୯ ଲକ୍ଷ ହେବ। ତେବେ ଏହି ବହିଟିକୁ କିଏ ଏବଂ କେବେ ଉଧାର ନେଇଥିଲେ, ତାହାର କୌଣସି ପ୍ରମାଣ ଏବେ ପାଠାଗାର ପାଖରେ ନାହିଁ। କାରଣ ୧୮୭୦ ଦଶକର ପାଠାଗାରର ମୂଳ ରେକର୍ଡ ଖାତା ବହୁ ବର୍ଷ ପୂର୍ବରୁ ହଜିଯାଇଛି। ବହିଟିରେ ମଧ୍ୟ କୌଣସି ନାମ ଲେଖାଯାଇ ନାହିଁ। ଦୀର୍ଘ ଦଶନ୍ଧି ଧରି ଚିମିନି ଭିତରେ ରହିବା ଯୋଗୁଁ ବହିଟି ପାଣିରେ ସାମାନ୍ୟ ନଷ୍ଟ ହୋଇଯାଇଛି। ଏହି ବହିଟି ପାଠାଗାରର ସର୍ବପ୍ରଥମ ୧,୦୦୦ ବହିର ସଂଗ୍ରହ ମଧ୍ୟରୁ ୫୦୬ ନମ୍ବର ବହି ଥିଲା। ଏବେ ଏହାକୁ ପାଠାଗାରର ସ୍ଥାନୀୟ ଇତିହାସ ସଂଗ୍ରହରେ ସର୍ବସାଧାରଣଙ୍କ ପ୍ରଦର୍ଶନ ପାଇଁ ରଖାଯିବ। ଗ୍ରନ୍ଥାଗାର ପରିଚାଳିକା ହସି ସହ କହିଛନ୍ତି, "ଆମେ ଏହାକୁ ଆଉ କେବେ ହେଲେ ବାହାରକୁ ଯିବାକୁ ଦେବୁ ନାହିଁ। ଏହି ବହିଟି ଫେରିବା ପାଇଁ ଆମେ ଆଉ ୧୫୦ ବର୍ଷ ଅପେକ୍ଷା କରିବାକୁ ଚାହୁଁନାହୁଁ।" ହଡସନ୍ କହିଛନ୍ତି, "ଆମେ ଏହାକୁ ଆଉଥରେ ବାହାରକୁ ଯିବାକୁ ଦେବୁ ନାହିଁ। ଆମେ ଏହି ବହିଟି ଫେରିବା ପାଇଁ ଆଉ ୧୫୦ ବର୍ଷ ଅପେକ୍ଷା କରିବାକୁ ଚାହୁଁନାହୁଁ।"

## ଆଜି ଆସିଥିଲେ
## ସୁରମଣି ରଘୁନାଥ ପାଣିଗ୍ରାହୀ



ପଣ୍ଡିତ ରଘୁନାଥ ପାଣିଗ୍ରାହୀ ଓଡ଼ିଶୀ ସଙ୍ଗୀତ ଜଗତର ଜଣେ ଯୁଗପୁରୁଷ ଏବଂ ମହାନ ଗାୟକ ଥିଲେ। ବିଶ୍ୱ ଦରବାରରେ ଜୟଦେବଙ୍କ 'ଗୀତ ଗୋବିନ୍ଦ'କୁ ପହଞ୍ଚାଇବାରେ ତାଙ୍କର ଅତୁଳନୀୟ ଯୋଗଦାନ ରହିଥିଲା। ଜଣେ ଅଦ୍ୱିତୀୟ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ଓ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତି ଅର୍ଜନ କରିଥିଲେ। ଏକାଧାରରେ ଓଡ଼ିଶୀ, ହିନ୍ଦୁସ୍ତାନୀ ଓ କର୍ଣ୍ଣାଟକୀ ପଦ୍ଧତିରେ ସଙ୍ଗୀତ ଗାନ କରିବାରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା। ୧୯୩୨ ମସିହା ଆଜିର ଦିନରେ ରଘୁନାଥ ରାୟଗଡ଼ା ଜିଲ୍ଲାର ଗୁଣୁପୁର ସହରରେ ଜନ୍ମଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ପିତା ପଣ୍ଡିତ ନୀଳମଣି ପାଣିଗ୍ରାହୀଙ୍କଠାରୁ ସେ ୫ ବର୍ଷ ବୟସରେ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ପରେ ସେ ପଣ୍ଡିତ ବିଶ୍ୱନାଥ ଦାସ ଏବଂ ପଣ୍ଡିତ ନରସିଂହ ନନ୍ଦଶର୍ମାଙ୍କଠାରୁ ପାରମ୍ପରିକ ଓଡ଼ିଶୀ ସଙ୍ଗୀତ ଶିକ୍ଷା କରିଥିଲେ। ସଙ୍ଗୀତଜ୍ଞ ମଦୁ ପାପ୍ପା ରାଓଙ୍କଠାରୁ କର୍ଣ୍ଣାଟକୀ ସଙ୍ଗୀତ ଓ ପଣ୍ଡିତ ଡି. ଭି. ପାଲୁସକରଙ୍କଠାରୁ ହିନ୍ଦୁସ୍ତାନୀ ସଙ୍ଗୀତ ସେ ଶିକ୍ଷା ଲାଭ କରିଥିଲେ। ୧୯୪୮ ମସିହାରେ ସେ ଆକାଶବାଣୀ କଟକ କେନ୍ଦ୍ରରେ ଜଣେ ନିୟମିତ କଳାକାର ଭାବେ ଯୋଗ ଦେଇଥିଲେ। ସେ ତାଙ୍କ ଜୀବନକାଳରେ ଅନେକ ଭଜନ, ଜଣାଣ, ଓଡ଼ିଶୀ, ଛାନ୍ଦ, ଚମ୍ପୂ ଓ ଗଜଲ ଗାନ କରିଛନ୍ତି। ସେ କେତେକ ଓଡ଼ିଆ ଚଳଚ୍ଚିତ୍ରରେ ମଧ୍ୟ କଣ୍ଠଦାନ କରିଥିଲେ। ଆଉ ମଧ୍ୟ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ କଣ୍ଠଦାନ ସହିତ ସଂଗୀତ ନିର୍ଦ୍ଦେଶନା ଦେଇଥିଲେ। ସେ ଥିଲେ ୧୨ଟି ଭାଷାରେ ପ୍ରବୀଣ ସଙ୍ଗୀତଜ୍ଞ। ତାଙ୍କ ଖ୍ୟାତି ଓଡିଶା ବ୍ୟତୀତ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡ଼ୁ ସମେତ ପ୍ରାୟ ଅନେକ ରାଜ୍ୟରେ ରହିଥିଲା। 'ଆକାଶେ ଦିଶେ କି ସୁନ୍ଦର', 'ବିଶ୍ୱ ଦେଖ ମଧୁମୟରେ', 'ଚକାନୟନକୁ', 'ଧୀରେ ସମୀରେ ଯମୁନା ତୀରେ', 'କାଳିଆ ଧନ ତୋ ଲାଗି' ତାଙ୍କ କଣ୍ଠର ଶ୍ରେଷ୍ଠ ଗୀତଗୁଡ଼ିକ ଶ୍ରୋତାଙ୍କ ମନ ଜିଣିପାରିଥିଲା। ତାଙ୍କର ସୁମଧୁର ଗାୟନ ତାଙ୍କୁ 'ସୁରମଣି' ଭାବେ ପରିଚିତ କରିଥିଲା। ଓଡ଼ିଶୀ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ତାଙ୍କ ସହଧର୍ମିଣୀ ଥିଲେ। ସଞ୍ଜୁକ୍ତାଙ୍କ ଓଡ଼ିଶୀ ନୃତ୍ୟ ଏବଂ ରଘୁନାଥଙ୍କ ଓଡ଼ିଶୀ ଗାୟନର ଯୁଗଳବନ୍ଦୀ ଦେଶ-ବିଦେଶରେ ଓଡ଼ିଶୀ ନୃତ୍ୟ ସଙ୍ଗୀତର ପ୍ରସାର ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲା। ସଙ୍ଗୀତ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ୨୦୧୦ ମସିହାରେ ଭାରତ ସରକାର ସମ୍ମାନଜନକ ପଦ୍ମଶ୍ରୀ ଉପାଧି ପ୍ରଦାନ କରିଥିଲେ। ବିଶେଷକରି ୧୯୮୨ ମସିହାରେ ଗୀତଗୋବିନ୍ଦ ପାଇଁ ତାଙ୍କୁ ଫ୍ରାନ୍ସର ସର୍ବୋଚ୍ଚ ପୁରସ୍କାର ଗ୍ରାଁ. ପ୍ରି. ମିଳିଥିଲା। ସେତେବେଳେ ଏଭଳି ଗୌରବ ପାଇବାରେ ସେ ଏକମାତ୍ର ଭାରତୀୟ ଥିଲେ। ଓଡ଼ିଶୀ ସଙ୍ଗୀତକୁ ହିନ୍ଦୁସ୍ତାନୀ ଏବଂ କର୍ଣ୍ଣାଟକୀ ସଙ୍ଗୀତ ପରି ଏକ ସ୍ୱତନ୍ତ୍ର «ଶାସ୍ତ୍ରୀୟ ସଙ୍ଗୀତ»ର ମାନ୍ୟତା ଦେବା ପାଇଁ ସେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସ୍ୱର ଉତ୍ତୋଳନ କରିଥିଲେ। ତାଙ୍କର ପ୍ରତିଟି ଗାୟନରେ ଓଡ଼ିଶୀର ମୌଳିକତା, ବ୍ୟାକରଣ ଏବଂ ଶାସ୍ତ୍ରୀୟ ନିୟମ ସ୍ପଷ୍ଟ ବାରି ହୋଇପଡୁଥିଲା। ୨୦୧୩ ଅଗଷ୍ଟ ୨୫ରେ ଏହି ଅସାଧାରଣ ସ୍ୱରସାଧକଙ୍କ ପରଲୋକ ଘଟିଥିଲା।

## ସ୍ୱସ୍ତି

## ଚିତାଲାଗି ଅମାବାସ୍ୟା



ଶ୍ରାବଣ ମାସ ଅମାବାସ୍ୟା ତିଥିରେ ପାଳନ ହୁଏ ଚିତାଲାଗି ବା ଚିତଉ ଅମାବାସ୍ୟା। ଏହିଦିନ ଶ୍ରୀମନ୍ଦିରର ତିନିଠାକୁରଙ୍କ ପାଖରେ ଚିତାଲାଗି ହୋଇଥାଏ। ମହାପ୍ରଭୁଙ୍କ ଧୂପ ନୀତି ଶେଷ ହେବା ପରେ ଦଇତାପତିମାନେ ତିନିଠାକୁରଙ୍କ ଲଲାଟରେ ରତ୍ନଚିତା ଲାଗି କରିଥାନ୍ତି। ସେଥିପାଇଁ ଏହାର ନାଁ ଚିତାଲାଗି ଅମାବାସ୍ୟା। ଶ୍ରୀଜଗନ୍ନାଥ ମସ୍ତକରେ ହୀରା ଖଚିତ ଧଳା ଚିତା, ଶ୍ରୀବଳଭଦ୍ର ନୀଳାଖଚିତ ନୀଳ ଚିତା ଓ ଦେବୀ ସୁଭଦ୍ରା ମାଣିକ୍ୟ ଖଚିତ ନାଲି ଚିତା ଧାରଣ କରନ୍ତି। ସ୍ନାନଯାତ୍ରା ଦିନ ଠାକୁରଙ୍କ ମସ୍ତକରୁ ଏହି ଚିତାକୁ ଉଲାଗି କରାଯାଇଥାଏ। ଦେଢ଼ମାସ ପରେ ପୁନର୍ବାର ଏହି ଚିତା ଧାରଣ କରିଥାନ୍ତି।

ଏହିଦିନ ଘରେ ଘରେ ଚିତଉ ପଠା ତିଆରି କରି ଠାକୁରଙ୍କ ପାଖେ ଭୋଗ ଲାଗି କରାଯାଏ। ଚାଷୀମାନେ ଏହିଦିନ ଧାନ କିଆରିରେ ଚିତଉ ପିଠା ପୋତିଥାନ୍ତି। କୁହାଯାଏ, ବର୍ଷା ଋତୁ ସମୟରେ ଧାନ ଫସଲ କରିବା ସମୟରେ ବିଲରେ ଗେଣ୍ଡା ଯୋଗୁଁ ଗୋଡ଼ କାଟି ଦେଇଥାଏ। ଏଣୁ ଏଥିରୁ ରକ୍ଷା ପାଇବା ପାଇଁ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶ୍ରୟରେ ଭସାଯାଏ। ସେହିପରି ବାଲେଶ୍ୱର, ମୟୂରଭଞ୍ଜ ଓ କେଉଁଝର ଆଦି ଅଞ୍ଚଳରେ ଏହି ପର୍ବକୁ ଗେଣ୍ଡାକଟା ଅମାବାସ୍ୟା କୁହାଯାଏ। ଅନ୍ୟପକ୍ଷରେ ଏହିଦିନଠାରୁ ଓଡ଼ିଶାରେ ଓଷାବ୍ରତ ତଥା ପର୍ବପର୍ବାଣିର ପ୍ରାବଲ୍ୟତା ଦେଖା ଦେଇଥାଏ। ଯାହାର ପରିସମାପ୍ତି ଶାମ୍ବ ଦଶମୀରେ ଘଟିଥାଏ। ଏଥର ଚିତାଲାଗି ଅମାବାସ୍ୟା ଅଗଷ୍ଟ ୧୨ ତାରିଖରେ ପଡୁଛି।

## ଶ୍ରାବଣ ସୋମବାର
## ଶିବଲିଙ୍ଗରେ କେଉଁ ଜିନିଷ ଲାଗି କରିବେ



**ଆଜି ଶ୍ରାବଣ ମାସର ଦ୍ୱିତୀୟ ସୋମବାର। ଏହି ମାସରେ ଅନେକ ଲୋକ ଅଭିଷେକ କରନ୍ତି। ତେବେ ଏହି ମାସ ସୋମବାରେ କେଉଁ ମନୋକାମନା ଲାଗି କେଉଁ ଜିନିଷରେ ଶିବଲିଙ୍ଗରେ ଅଭିଷେକ କରିବା ଦରକାର, ସେ ସମ୍ପର୍କରେ ଜାଣିବା।**

**ଗଙ୍ଗାଜଳ:** ଶିବ ପୁରାଣ ଅନୁସାରେ ଗଙ୍ଗାଜଳରେ ଶିବଲିଙ୍ଗରେ ଅଭିଷେକ କରିବା ସମ୍ପର୍କରେ କୁହାଯାଇଛି। ଶିବଲିଙ୍ଗରେ ଗଙ୍ଗାଜଳ ଲାଗି କଲେ ମନୋକାମନା ପୂରଣ ହୁଏ ଓ ମୋକ୍ଷ ପ୍ରାପ୍ତି ହୁଏ।

**ଜଳ:** ମାନସିକ ଶାନ୍ତି ଓ ଶୁଦ୍ଧତା ବୃଦ୍ଧି ଲାଗି ଶିବଲିଙ୍ଗରେ ଜଳରେ ଅଭିଷେକ କରାଯାଏ।

**କ୍ଷୀର:** ଦୀର୍ଘ ଆୟୁ, ଉତ୍ତମ ସ୍ୱାସ୍ଥ୍ୟ, ରୋଗରୁ ମୁକ୍ତି ଲାଗି ଶିବଲିଙ୍ଗରେ କ୍ଷୀରରେ ଅଭିଷେକ କରିବା ଭଲ।

**ଚିନି ମିଶ୍ରିତ କ୍ଷୀର:** ଶିବଲିଙ୍ଗରେ କ୍ଷୀରରେ ଚିନି ମିଶାଇ ଅଭିଷେକ କରାଯାଏ। ଏପରି କରିବା ଦ୍ୱାରା ପାରିବାରିକ ସୁଖ ଓ ମାନସିକ ଶାନ୍ତି ମିଳେ।

**ଘିଅ:** ଉତ୍ତମ ସନ୍ତାନ ପ୍ରାପ୍ତି ଲାଗି ଘିଅରେ ଅଭିଷେକ କରିପାରିବେ। ଶାରୀରିକ ଶକ୍ତି ଏହା ଦ୍ୱାରା ବୃଦ୍ଧି ପାଏ।

**ମହୁ:** ଶିବ ପୁରାଣ ଅନୁସାରେ, ଶିବଲିଙ୍ଗରେ ମହୁ ଲାଗି କରିବା ଦ୍ୱାରା ରୋଗରୁ ମୁକ୍ତି ମିଳେ। ଋଣ ମୁକ୍ତ ଏବଂ ବୈବାହିକ ଜୀବନ ସୁଖମୟ ହେବା ଲାଗି ମହୁରେ ଅଭିଷେକ କରିବା ଶୁଭ। ଏହାବାଦ୍ ଶିକ୍ଷାରେ ସଫଳତା, ଉଚ୍ଚ ପଦ ଓ ସମ୍ମାନ ମିଳେ। ଏହା ଦ୍ୱାରା ଜାତକରେ ଶୁକ୍ର ଗ୍ରହ ବି ମଜଭୁତ ହୁଏ।

**ଆଖୁ ରସ:** ଶିବଲିଙ୍ଗରେ ଆଖୁରସ ଲାଗି କଲେ ଧନ, ସମ୍ପତ୍ତି ବୃଦ୍ଧି ପାଏ। ବୈବାହିକ ଜୀବନ ବି ସୁଖମୟ ହୁଏ।

**କେଶର ତଥା ହଳଦି କ୍ଷୀର:** ଜଳ ତଥା କ୍ଷୀରରେ ହଳଦି କିମ୍ବା କେଶର ମିଶାଇ ଅଭିଷେକ କଲେ ବିବାହରେ ଦେଖା ଦେଉଥିବା ବାଧା ଦୂର ହୁଏ। ଏହାସହିତ ମାତା ପାର୍ବତୀଙ୍କୁ ଶୃଙ୍ଗାର ଜିନିଷ ଅର୍ପଣ କରିବା ଭଲ।

**ପଞ୍ଚାମୃତ:** ଶ୍ରାବଣ ମାସରେ ପଞ୍ଚାମୃତରେ ଅଭିଷେକ କରିବାକୁ ଅତ୍ୟନ୍ତ ଶୁଭ ବୋଲି କୁହାଯାଇଛି। ଏଭଳି କରିବା ଦ୍ୱାରା ସମସ୍ତ ମନୋସ୍କାମନା ପୂରଣ ହୁଏ।

**ବେଲପତ୍ର:** ଶିବଙ୍କ ପ୍ରିୟ ବେଲପତ୍ର। ଏଣୁ ଭଗବାନ ଶିବଙ୍କୁ ବେଲପତ୍ର ଲାଗି କରିବା ଦ୍ୱାରା ସମସ୍ତ ପ୍ରକାର ଇଚ୍ଛା ପୂରଣ ହୁଏ। ଏହାସହ ତିନି ଜନ୍ମର ପାପ ନାଶ ହେବା ବିଶ୍ୱାସ କରାଯାଏ।

## ବାର ଅନୁସାରେ ଦୀପ ଜାଳିବା ଉପାୟ



**ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ବାର ଅନୁସାରେ କରାଯାଉଥିବା ଛୋଟ ଛୋଟ ଉପାୟ ଜୀବନରେ ସକାରାତ୍ମକ ଶକ୍ତି ଆଣେ। ସେହିପରି ଦୀପରେ ଠିକ୍ ଜିନିଷ ପକାଇ ଜାଳିବା ଦ୍ୱାରା ଘରେ ସୁଖ, ଶାନ୍ତି, ଧନ-ଲାଭ ହୋଇଥାଏ। ତେବେ କେଉଁ ବାରରେ ଦୀପରେ କେଉଁ ଜିନିଷ ପକାଇ ଜାଳିବା ଶୁଭ, ସେ ସମ୍ପର୍କରେ ଜାଣିବା।**

**ସୋମବାର:** ସୋମବାର ଦୀପରେ ଅକ୍ଷତ ପକାଇ ଜାଳିବା ଶୁଭ। ଏହା ଦ୍ୱାରା ଘରେ ଶାନ୍ତି ବଜାୟ ରହେ। ତା'ସହ ଘରେ ଦେବୀ ଦେବତା ବାସ କରନ୍ତି।

**ମଙ୍ଗଳବାର:** ଏହିଦିନ ଦୀପରେ ଲବଙ୍ଗ ପକାଇ ଜାଳନ୍ତୁ। ସଙ୍କଟ, ବାଧା ଓ ଶତ୍ରୁ ନାଶ ପାଇଁ ଏଭଳି କରିବା ଭଲ।

**ବୁଧବାର:** ବୁଧବାରରେ ଦୀପରେ ହଳଦି ମିଶାଇ ଜାଳନ୍ତୁ। ଏଭଳି କଲେ ମହାଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ଓ ଧନଲାଭ ହୋଇଥାଏ।

**ଗୁରୁବାର:** ସେହିପରି ଏହିଦିନ ଦୀପରେ ଉଭୟ ହଳଦି ଓ ଅକ୍ଷତ ମିଶାଇ ଜାଳିବାକୁ ଶୁଭ ବୋଲି କୁହାଯାଏ। ଏହା ଦ୍ୱାରା ଘରେ ସୁଖ ଶାନ୍ତି ବୃଦ୍ଧି ପାଏ। ଅର୍ଥାଭାବ ଦୂର ହୁଏ।

**ଶୁକ୍ରବାର:** ଏହିଦିନ ଦୀପରେ ଅକ୍ଷତ ଓ ଲବଙ୍ଗ ମିଶାଇ ଜାଳିବା ମଙ୍ଗଳଦାୟୀ। ଲକ୍ଷ୍ମୀଙ୍କ କୃପା ପ୍ରାପ୍ତି ହୁଏ।

**ଶନିବାର:** ଶନିବାର କଳା ରାଶି ଓ ଲବଙ୍ଗ ପକାଇ ଦୀପ ଜାଳିଲେ ଶନି ଦେବ ପ୍ରସନ୍ନ ହୁଅନ୍ତି। କଷ୍ଟ ଓ ବାଧା ଦୂର ହୁଏ।

**ରବିବାର:** ରବିବାରରେ ଦୀପରେ ସିନ୍ଦୂର ପକାଇ ଜାଳିବା ଲାଭଦାୟୀ। ଏହା ଦ୍ୱାରା ସମସ୍ତ ବାଧା ଦୂର ହୁଏ।

## ଶ୍ରାବଣରେ ଏ ଭୁଲ୍...

**ଶ୍ରାବଣ ମାସରେ ଶିବଭକ୍ତମାନେ ବ୍ରତ, ଉପବାସ କରନ୍ତି। ଶିବ ବ୍ରତ କେବଳ ଉପବାସ ନୁହେଁ, ଏହା ମନ, ବଚନ, କର୍ମ ଶୁଦ୍ଧିର ସଂକଳ୍ପ ହୋଇଥାଏ। ଶ୍ରଦ୍ଧାରେ କରାଯାଉଥିବା ଶିବ ବ୍ରତ ଜୀବନରେ ସକାରାତ୍ମକ ଶକ୍ତି ଓ ଆନ୍ତରିକ ଶାନ୍ତି ପ୍ରଦାନ କରେ।**

- ଶିବ ବ୍ରତ କରୁଥିଲେ ପିଆଜ, ରସୁଣ, ଆମିଷ ଓ ନିଶା ସେବନ କରିବା ଅନୁଚିତ।
- କାହା ସହିତ ଝଗଡ଼ା କରିବା ଅନୁଚିତ। ସେହିପରି କ୍ରୋଧ ପ୍ରକଟ କରିବା ଭଲ ନୁହେଁ।
- ଅନ୍ୟକୁ ଆଘାତ ତଥା ଦୁଃଖ ପହଞ୍ଚାଇବା ଭଳି କଥାବାର୍ତ୍ତା କରିବା ଅନୁଚିତ।
- ଏହି ମାସରେ ଶିବ ବ୍ରତଧାରୀଙ୍କୁ କେଶ ଓ ନଖ କାଟିବାକୁ ବାରଣ କରାଯାଏ।
- ଚମଡ଼ା ନିର୍ମିତ ଜିନିଷ ବ୍ୟବହାର କରିବା ଭଲ ନୁହେଁ।
- ବ୍ରତ କରୁଥିଲେ କୌଣସି ବ୍ୟକ୍ତିଙ୍କୁ ଅପମାନିତ କିମ୍ବା ତାଚ୍ଛଲ୍ୟ କରନ୍ତୁ ନାହିଁ।
- ସେହିପରି ଖାଦ୍ୟ ନଷ୍ଟ କରିବା ଅନୁଚିତ।



# କୋରିଆ ଓପନ ଜିତିଲେ ଅସ୍ମିତା

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତର ଅସ୍ମିତା ଚଲିହା କୋରିଆ ଓପନ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲରେ ସେ ୨-୧ ସେଟ୍‌ରେ ଚୀନ୍‌ର ହାନ୍ କିଆନ ଜୀ'ଙ୍କୁ ପରାସ୍ତ କରି ଏହି ଟାଇଟଲ ଜିତିଥିଲେ। ଗୁଆହାଟୀର ଏହି ୨୬ ବର୍ଷୀୟା ଖେଳାଳି ପ୍ରଥମ ଗେମରେ ହାରିବା ପରେ ପରବର୍ତ୍ତୀ ଦୁଇଟି ସେଟ୍‌କୁ ଜିତି ଇତିହାସ ସୃଷ୍ଟି କରିଛନ୍ତି। ପୂର୍ବରୁ ସେମିଫାଇନାଲରେ ସେ ନିଜ ଦେଶର ରକ୍ଷିତା ରାମରାଜଙ୍କୁ ୨-୧ ସେଟ୍‌ରେ ହରାଇଥିଲେ। ଏହା ପୂର୍ବରୁ କ୍ୱାର୍ଟର ଫାଇନାଲରେ ବିଶ୍ୱର ନଂ-୨୨ ଖେଳାଳି ତଥା ଏଠାରେ ଟପ୍ ସିଡ୍ ଥିବା ଜାପାନର ହିନା ଆକେଚିଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ବିଡବ୍ଲ୍ୟୁଏଫ୍ ସୁପର୍-୩୦୦ ଟାଇଟଲ୍ ଜିତିବାରେ ଅସ୍ମିତା ୫ମ ଭାରତୀୟ ମହିଳା ବ୍ୟାଡମିଣ୍ଟନ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ସାଇନା ନେହ୍ୱାଲ, ପିଭି ସିନ୍ଧୁ, ଦେବୀକା ସିହାଗ ଓ ତନଭୀ ଶର୍ମା ଏହି କ୍ଲବରେ ସାମିଲ ହୋଇଛନ୍ତି।




■ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ପଦକ ବିଜେତାମାନଙ୍କୁ ଭେଟିଲେ ମୋଦି


ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡାର ସମସ୍ତ ପଦକ ବିଜେତାଙ୍କୁ ଭେଟିଛନ୍ତି। ପ୍ରଧାନମନ୍ତ୍ରୀ ସେମାନଙ୍କ ସହିତ ଏକ ଭିଡିଓ କରି ଦେଶକୁ ଏକ ବାର୍ତ୍ତା ଦେଇଛନ୍ତି। ମୋଦି କହିଛନ୍ତି, "ଯେଉଁମାନେ ଖେଳନ୍ତି ସେମାନେ ଉନ୍ନତି କରିବେ। ଏହି ଅବସରରେ ଆଥଲେଟ୍ ସାକ୍ଷୀ ଚୌଧୁରୀ କହିଛନ୍ତି ଯେ ରାଜ୍ୟଗୋଷ୍ଠୀ କ୍ରୀଡାରେ ପଦକ ବିଜୟୀ ସମସ୍ତ ଖେଳାଳିଙ୍କୁ ଆଜି ଆମର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିମନ୍ତ୍ରଣ କରିଥିଲେ। ଆମେ ଏଥିରେ ବହୁତ ଗର୍ବିତ। ସେ ବହୁତ ବିନମ୍ର। ଶେଷରେ ପ୍ରଧାନମନ୍ତ୍ରୀଙ୍କ ସମେତ ସମସ୍ତ ଖେଳାଳି ଭାରତ ମାତା କି ଜୟ ସ୍ଲୋଗାନ ଦେଇଥିଲେ। ପ୍ରକାଶଯୋଗ୍ୟ ଗ୍ଲାସଗୋରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ମୋଟ ୩୯ଟି ପଦକ ଜିତିଥିଲା। ୧୩ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଥିଲା।



■ ଟରୋଣ୍ଟୋ ମାଷ୍ଟର୍ସ

# ପ୍ରି-କ୍ୱାର୍ଟରରେ ହାରିଲେ ସାବାଲେଙ୍କା, ନୋରି

ଟରୋଣ୍ଟୋ, ୯।୮ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଖେଳାଳି ଆରିନା ସାବାଲେଙ୍କା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ/କାନାଡିଆନ୍ ଓପନ୍‌ର ପ୍ରି-କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ରାଉଣ୍ଡ-୧୬ ମୁକାବିଲାରେ ସାବାଲେଙ୍କା ୬-୭ (୩/୭), ୬-୪, ୪-୬ ସେଟରେ ରୁଷିଆର ଏକତେରିନା ଆଲେକ୍ସଜାଣ୍ଡ୍ରୋଭାଙ୍କ ନିକଟରୁ ପରାସ୍ତ କରିଥିଲେ। ଅଢ଼େଇ ଘଣ୍ଟା ଲଢ଼େଇ କରିଥିଲେ ମଧ୍ୟ ମଧ୍ୟ ବେଲାରୁଷ ତାରକା ସାବାଲେଙ୍କାଙ୍କୁ ଶେଷରେ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ଖରାପ ପ୍ରଦର୍ଶନ ଦେଇ ଗତି କରୁଥିବା ସାବାଲେଙ୍କା ଏଥିପୂର୍ବରୁ ଫ୍ରେଞ୍ଚ ଓପନର କ୍ୱାର୍ଟର ଫାଇନାଲରୁ ଏବଂ ୱିମ୍ବଲଡନର ପ୍ରି-କ୍ୱାର୍ଟରରୁ ହାରି ମଧ୍ୟ ବିଦାୟ ନେଇଥିଲେ। ଇଗା ସ୍ୱିଆଟେକ ଓ ରୁଷିଆର ଡାଏନା ଶନାଇଦର ବିଜୟୀ ହୋଇ କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ଉଭୟ ମଧ୍ୟ ପରସ୍ପରକୁ ଭେଟିବେ। ଅପରପକ୍ଷରେ ପୁରୁଷ ପ୍ରି-କ୍ୱାର୍ଟରରେ ବ୍ରିଟେନର କାମେରନ ନୋରି ୨-୬, ୬-୭ (୧୦/୮) ସେଟରେ ୧୮ତମ ସିଡ୍ ଆର୍ଥର ଫିଲ୍ସଙ୍କ ନିକଟରୁ ହାରିଯାଇଥିଲେ।




## ଅଭ୍ୟାସ ମ୍ୟାଚ୍‌ରେ ହାରିଲା ଶ୍ରୀଲଙ୍କା ମିଳିତ ଏକାଦଶ

# ବିଜୟ ସହ ଟେଷ୍ଟ ସିରିଜ୍ ଲାଗି ଭାରତ ପ୍ରସ୍ତୁତ

କଲମ୍ବୋ, ୯।୮ (ଏଜେନ୍ସି)

ଶ୍ରୀଲଙ୍କା ମିଳିତ ଏକାଦଶକୁ ୬ ୱିକେଟରେ ପରାସ୍ତ କରି ଭାରତ ଅଗଷ୍ଟ ୧୫ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ପ୍ରସ୍ତୁତି କରିନେଇଛି। ଉଦୀୟମାନ ଖେଳାଳିଙ୍କୁ ନେଇ ଗଠିତ ଶ୍ରୀଲଙ୍କା ଏକାଦଶ ଲଢ଼ୁଆ ଖେଳ ପ୍ରଦର୍ଶନ କରି ଭାରତୀୟ ଖେଳାଳିଙ୍କୁ ସଂଘର୍ଷ କରିବାକୁ ବାଧ କରିଥିଲେ ମଧ୍ୟ ଶେଷରେ ପରାଜୟ ବରଣ କରିଛି। ଏହି ୩ ଦିନିଆ ମ୍ୟାଚ୍‌ର ତୃତୀୟ ତଥା ଶେଷ ଦିନରେ ରବିବାର ଭାରତର ଅଧିନାୟକ ଶୁବମନ ଗିଲ୍ ବ୍ୟାଟିଂ କରି ମ୍ୟାଚ୍ ପ୍ରାକ୍ଟିସ କରିନେଇଛନ୍ତି। ସେହିପରି ଆକିବ ନବିଙ୍କୁ ପ୍ରଥମଥର ଯେ କୌଣସି ଭାରତୀୟ ଟିମ୍ ଲାଗି ଖେଳିବାର ସୁଯୋଗ ମିଳିଥିଲେ ମଧ୍ୟ ୱିକେଟ ପାଇବାରେ ବିଫଳ ହୋଇଛନ୍ତି। ଭାରତର ଦ୍ୱିତୀୟ ଇନିଂସରେ ଓପନର ଯଶସ୍ୱୀ ଜୟସ୍ୱାଲ ୬୧, ଗିଲ୍ ୪୪, ୱିକେଟରକ୍ଷକ ଋଷଭ ପନ୍ତ ୬୮ ବଲ୍‌ରୁ ୨୮ ରନ୍ କରି ଭଲ ଅଭ୍ୟାସ କରିଛନ୍ତି। ମୋଟାମୋଟି ଭାବେ ଭାରତକୁ ଏହି ପ୍ରାକ୍ଟିସ ମ୍ୟାଚ୍ ଟେଷ୍ଟ ସିରିଜ୍ ଲାଗି ଭଲ ପ୍ରସ୍ତୁତି କରିନେଇଛି। ଗଲ୍‌ରେ ଅଗଷ୍ଟ ୧୫ରୁ ଦୁଇ ଦେଶ ମଧ୍ୟରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଖେଳାଯିବ। ସେହିପରି କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଅଗଷ୍ଟ ୨୩ରୁ ଅନୁଷ୍ଠିତ ହେବ।

### ସିରାଜ ଦେଲେ ନାଟକୀୟ ବିଜୟ

କଲମ୍ବୋର ନନ୍‌ଡେସକ୍ରିପ୍ଟସ କ୍ରିକେଟ କ୍ଲବ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଅଭ୍ୟାସ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଶ୍ରୀଲଙ୍କା ଏକାଦଶ ୮ ୱିକେଟରେ ୩୬୩ ରନ୍ କରି ପ୍ରଥମ ଇନିଂସ ସମାପ୍ତି ଘୋଷଣା କରିଥିଲା। ଜବାବରେ ଦେବଦତ୍ତ ପାଡିକଲଙ୍କ ଅପରାଜିତ ୧୪୨, ରବୀନ୍ଦ୍ର ଜାଡେଜାଙ୍କ ୬୩, ଲୋକେଶ ରାହୁଲଙ୍କ ୪୦ ରନ୍ ସହାୟତାରେ ଭାରତ ୬ ୱିକେଟରେ ୩୫୭ ରନ୍ କରି ଇନିଂସ ଶେଷ କରିଥିଲା। ଏହି ଦୁଇଟି ଇନିଂସ ପ୍ରଥମ ଦୁଇ ଦିନରେ ଖେଳାଯିବା ପରେ ଆଜି ଉଭୟ ଦଳ ୪୫ ଓଭର ଲେଖାଏଁ ଖେଳିବାକୁ ରାଜି ହୋଇଥିଲେ। ଏଥିରେ ଶ୍ରୀଲଙ୍କା ମିଳିତ ଏକାଦଶ ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୦୦ ରନ୍ କରିଥିଲା। ଓପନର ନିଶାନ ମଦୁସ୍କା ଦ୍ୱିତୀୟ ଅର୍ଦ୍ଧଶତକ ସହ ୬୩ରନ୍‌ରେ ରିଟାୟର୍ଡ ହୋଇଥିଲେ। ନିପୁନ ଧନଞ୍ଜୟ ୪୬ ଓ ଅଞ୍ଜଲା ବାନ୍ଦରା ୩୫ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ଓ ଗୁରନୁର ବ୍ରାର ୨ଟି ଲେଖାଏଁ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏଁ ୱିକେଟ ବାଣ୍ଟି ନେଇଥିଲେ।

ଏହାପରେ ଭାରତ ଆଗରେ ୨୦୭ ରନ୍‌ର ବିଜୟ ଲକ୍ଷ୍ୟ ରହିଥିଲା। ଭାରତ ଠିକ୍ ୪୫ତମ ଓଭରର ୩ୟ ବଲ୍‌ରେ ୪ ୱିକେଟ ହରାଇ ବିଜୟୀ ହେବା ସହ ଆତ୍ମବିଶ୍ୱାସ ଦୃଢ଼ କରିଥିଲା। ଦ୍ୱିତୀୟ ଇନିଂସରେ ଓପନ କରିଥିବା ଜୟସ୍ୱାଲ ୬୧ ଓ ଗିଲ ୪୪ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟରୁ ୧୦୫ ରନ୍ ଉଠାଇଥିଲେ। ପ୍ରଥମ ଇନିଂସରେ ଫେଲ୍ ମାରିଥିବା ଖେଳାଳିଙ୍କୁ ବ୍ୟାଟିଂ ସୁଯୋଗ ମିଳିଥିଲା। ନଂ-୩ରେ ବ୍ୟାଟିଂ କରିଥିବା ୱିକେଟରକ୍ଷକ ପନ୍ତ ୬୮ ବଲ୍‌ରୁ ୨୮, ଧ୍ରୁବ ଜୁରେଲ ୨୦ବଲ୍‌ରେ ୧୭ ଓ ଜାଡେଜା ରିଟାୟର୍ଡ ହୋଇ ୨୨ ରନ୍ କରିଥିଲେ। କିନ୍ତୁ ଦଳକୁ ଜିତାଇଥିଲେ ମହମ୍ମଦ୍ ସିରାଜ। ମାନବ ସୁତାର ୨୪ ବଲ୍‌ରେ ୪ ରନ୍ କରିବା ପରେ ତାଙ୍କୁ ଫେରାଇ ନିଆଯାଇଥିଲା। ବ୍ରାର୍ ୨ ରନ୍‌ରେ ଆଉଟ ହୋଇଥିଲେ। ତାଙ୍କ ଆଉଟ ପରେ ବ୍ୟାଟିଂ କରିବାକୁ ଆସି ସିରାଜ ମାତ୍ର ୧୫ଟି ବଲ୍‌ରୁ ଗୋଟିଏ ଚୌକା ଓ ୪ଟି ଛକା ସହ ଅପରାଜିତ ୩୨ରନ୍ କରିଥିଲେ। ମ୍ୟାଚ୍‌ର ଶେଷ ଓଭରରେ ସିରାଜ ୬ଟି ବଲ୍‌ରୁ ୩ଟି ଛକା ଓ ଗୋଟିଏ ଚୌକା ସହ ୨୩ରନ୍ ଉଠାଇ ଦଳକୁ ନାଟକୀୟ ବିଜୟ ଭେଟିଦେଇଥିଲେ।




## ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ

# ହାଇଜମ୍ପ୍‌ରେ ବସନ୍ତ ଜିତିଲେ ପ୍ରଥମ ପଦକ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ରାଜସ୍ଥାନର ବସନ୍ତ କୁମାର ମେଘୱାଲ ଆମେରିକାର ଓରେଗାଓଁଠାରେ ଚାଲିଥିବା ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ପୁରୁଷ ହାଇଜମ୍ପ ଇଭେଣ୍ଟରେ ପ୍ରଥମ ଭାରତୀୟ ଭାବେ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ଇଭେଣ୍ଟରେ ସେ ୨.୨୧ ମିଟର ଉଚ୍ଚତାକୁ ଡେଇଁ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ଜିତିଥିଲେ। ସେହିପରି ପୁରୁଷ ଲଙ୍ଗ ଜମ୍ପରେ ସାହନୱାଜ ୭.୮୪ ମିଟରକୁ ଡେଇଁ ତୃତୀୟ ହେବା ସହ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଫଳରେ ଚଳିତ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍‌ରେ ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ଗୋଟିଏ ଦିନ ଆଗରୁ ପୁରୁଷ ଜାଭେଲିନ୍ ଥ୍ରୋ'ରେ ଆଶିଷ କୁମାର ଯାଦବ ଭାରତ ଲାଗି ପ୍ରଥମ ତଥା ରୌପ୍ୟ ପଦକ ବିଜୟୀ ହୋଇଥିଲେ। ପୁରୁଷ ଜାଭେଲିନ୍‌ରେ ମଧ୍ୟ ଏହା ଦ୍ୱିତୀୟ ପଦକ ଥିଲା। ୨୦୧୬ରେ ନୀରଜ ଚୋପ୍ରା ଭାରତ ଲାଗି ଏହି ମେଗା ଇଭେଣ୍ଟରେ ସ୍ୱର୍ଣ୍ଣ ତଥା ପ୍ରଥମ ପଦକ ହାସଲ କରିଥିଲେ। ଶନିବାର ଅନୁଷ୍ଠିତ ପୁରୁଷ ହାଇଜମ୍ପରେ ସମସ୍ତ ପଦକ ବିଜେତା ୨.୨୧ ମିଟରକୁ ଡେଇଁଥିଲେ। ଏହା ପରେ ୨.୨୪ ମିଟରକୁ କେହି ଡେଇଁ ପାରି ନ ଥିଲେ। ଫଳରେ ପ୍ରଥମ ଆଟେମ୍ପଟରେ ୨.୨୧ ମିଟରକୁ ଡେଇଁଥିବା ଆଲଜେରିଆର ୟୁନେସ ଆୟାଚି ପ୍ରଥମ, ଦ୍ୱିତୀୟ ଆଟେମ୍ପଟରେ ଅତିକ୍ରମ କରିଥିବା ଭାରତର ବସନ୍ତ ଦ୍ୱିତୀୟ ଓ ତୃତୀୟ ଆଟେମ୍ପଟରେ ଅତିକ୍ରମ କରିଥିବା ବ୍ରିଟେନ୍‌ର ଅଟିସ୍ ପୁଲ ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ହାସଲ କରିଥିଲେ। ସେହିପରି ପୁରୁଷ ଲଙ୍ଗ ଜମ୍ପରେ ସାହନୱାଜ୍ ତୃତୀୟ ଆଟେମ୍ପଟରେ ୭.୮୪ ମିଟରକୁ ଅତିକ୍ରମ କରି କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। ଆଶିଷ କୁମାର ଯାଦବ ପୁରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ଇଭେଣ୍ଟରେ ଆଶିଷ ୭୪.୦୯ ମିଟରକୁ ଜାଭେଲିନ୍ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ହେଣ୍ଡ୍ରିକ୍ସ ହେମାନ୍ସ ୮୦.୫୦ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣପଦକ ଓ ଡୋମିନିକାର ଆଡିସନ ଜେମ୍ସ ୭୩.୮୯ ମିଟରକୁ ଜାଭେଲିନ ଫିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଥିଲେ।



# ଗଲ୍ ଗାଲାଣ୍ଟ୍ସ ଲଙ୍କା ପ୍ରିମିୟର ଲିଗ୍ ଚାମ୍ପିଅନ

କଲମ୍ବୋ, ୯।୮ (ଏଜେନ୍ସି): ତିନିଥରର ଚାମ୍ପିଅନ ଜାଫନା କିଙ୍ଗ୍‌ସକୁ ୫ ୱିକେଟରେ ପରାସ୍ତ କରି ଗଲ ଗାଲାଣ୍ଟସ ଲଙ୍କା ପ୍ରିମିୟର ଲିଗ୍ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଗତକାଲି ଖେଳାଯାଇଥିବା ଏହି ଲୋ ସ୍କୋରିଂ ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଜାଫନା କିଙ୍ଗ୍‌ସ ୧୨୩ ରନ୍ କରିଥିଲା। ଦଳ ପକ୍ଷରୁ କାମିଲା ମିଶରା ସର୍ବାଧିକ ୪୧ ରନ୍ କରିଥିଲାବେଳେ ପ୍ରତିପକ୍ଷ ଦଳର ଏହସାନ ମାଲିଙ୍ଗା ଓ ଚାରିଥ ଆଶାଲଙ୍କା ୩ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ପ୍ରାରମ୍ଭିକ ବିପର୍ଯ୍ୟୟ ସତ୍ତ୍ୱେ ଦଳ ୧୫.୫ ଓଭରରେ ୫ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ରନ୍ ସଂଗ୍ରହ କରିନେଇଥିଲା। ଦଳ ୧୦ ରନ୍‌ରେ ଦ୍ୱିତୀୟ ୱିକେଟ ହରାଇବା ପରେ ଥୋମାସ ରୋଜର୍ସ ଫ୍ରେଜର୍ସ ଓ ଦିଲୁରା କାଲୁପହଣା ତୃତୀୟ ୱିକେଟରୁ ୪୧ ବଲ୍‌ରେ ୬୪ ରନ୍ ଉଠାଇ ବିଜୟ ରାସ୍ତା ପରିଷ୍କାର କରିନେଇଥିଲେ। ପରେ ଦାସୁନ ଶାନକା ଓ ଅନ୍ୟ ମିଡଲ ଅର୍ଡର ବ୍ୟାଟର ଅଧିକ କ୍ଷତି ହେବାକୁ ନ ଦେଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଶାନକା ୯ ବଲ୍‌ରେ ଅପରାଜିତ ୨୦ ଓ ସାହାନ ଆରାଚଚିଗେ ୧୯ ବଲରୁ ଅପରାଜିତ ୧୪ ରନ୍ କରି ଦଳକୁ ୫ ୱିକେଟରେ ଜିତାଇଥିଲେ।

# ଭାରତ-କୋରିଆ ଡେଭିସ୍ କପ୍ ସେପ୍ଟେମ୍ବର ୧୮ରୁ

ନୂଆଦିଲ୍ଲୀ, ୯।୮ (ଏଜେନ୍ସି): ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଡେଭିସ୍ କପ୍ ଯୋଗ୍ୟତା ପର୍ଯ୍ୟାୟ ରାଉଣ୍ଡ-୨ ମୁକାବିଲା ସେପ୍ଟେମ୍ବର ୧୮ ଓ ୧୯ ତାରିଖ ଦୁଇଦିନ ଧରି ଖେଳାଯିବ। ଏହି ମୁକାବିଲା ଦକ୍ଷିଣ କୋରିଆ ଆୟୋଜନ କରିବ ବୋଲି ରାଜି ହୋଇଛି। ଏବେ ଡେଭିସ୍ କପ୍ ର୍ୟାଙ୍କିଙ୍ଗରେ ଭାରତ ୧୯ତମ ଓ କୋରିଆ ୧୬ତମ ସ୍ଥାନରେ ରହିଛି। ଉଭୟଙ୍କ ମଧ୍ୟରେ ହୋଇଥିବା ମୁକାବିଲାରେ କୋରିଆ ୬-୫ରେ ଆଗୁଆ ରହିଛି। ଏହି ମୁକାବିଲା ଲାଗି ଅଗଷ୍ଟ ୧୦ରେ ଭାରତ ଖେଳାଳି ଦଳ ଘୋଷଣା କରିବ।

## ଫାଓ ଲିଗ୍-୨୦୨୬

# ସେମିରେ ୟଙ୍ଗ୍ ଉତ୍କଳ, ରାଇଜିଂ ଷ୍ଟୁଡେଣ୍ଟ ଓ ଓଡ଼ିଶା ପୁଲିସ

ଭୁବନେଶ୍ୱର, ୯।୮ (ସମିସ): ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଶେଷ ହୋଇଯାଇଛି। ଶନିବାର ଅନୁଷ୍ଠିତ ମ୍ୟାଚରେ ୟଙ୍ଗ ଉତ୍କଳ, ଓଡ଼ିଶା ପୁଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟ କ୍ୱାର୍ଟର ଫାଇନାଲରେ ୟଙ୍ଗ ଉତ୍କଳ ଦଳ ସୁଟଆଉଟ୍‌ରେ ୭-୬ ଗୋଲରେ ସ୍ପୋର୍ଟ୍ସ ଓଡ଼ିଶାକୁ ପରାସ୍ତ କରିଥିଲା। ଏହି ମ୍ୟାଚ ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ୧-୧ ଗୋଲରେ ଡ୍ର ରହିବାରୁ ସୁଟଆଉଟ୍ ହୋଇଥିଲା। ସେହିଭଳି ଚତୁର୍ଥ କ୍ୱାର୍ଟର ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୪-୩ ଗୋଲରେ ମଙ୍ଗଳା କ୍ଲବକୁ ହରାଇଥିଲା। ଗତକାଲି ସ୍ଥଗିତ ରହିଥିବା ଦ୍ୱିତୀୟ କ୍ୱାର୍ଟର ଫାଇନାଲ ଆଜି ଖେଳାଯାଇଥିଲା। ଏଥିରେ ଓଡ଼ିଶା ପୁଲିସ ପେନାଲ୍ଟି ସୁଟଆଉଟ୍‌ରେ ୪-୨ ଗୋଲରେ ରୋଭର୍ସ କ୍ଲବକୁ ହରାଇ ସେମିଫାଇନାଲକୁ ଉଠିଥିଲା।

## ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ୍ସ ଉଦ୍‌ଯାପିତ

# କଟକ ଓଭରଅଲ୍ ଚାମ୍ପିଅନ, ଯାଜପୁର ରନର୍ସଅପ୍






ବାରିପଦା/ରାଇରଙ୍ଗପୁର/ଭୁବନେଶ୍ୱର, ୯।୮ (ସମିସ)

ରାଇରଙ୍ଗପୁରର ନବନିର୍ମିତ ଅତ୍ୟାଧୁନିକ ଷ୍ଟାଡିୟମ୍‌ରେ ୭୨ତମ ରାଜ୍ୟ ଜୁନିଅର ଆଥଲେଟିକ ଚାମ୍ପିଅନସିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ କଟକ ଓଭରଅଲ ଚାମ୍ପିଅନ ହୋଇଥିଲାବେଳେ ଯାଜପୁର ଜିଲ୍ଲା ରନର୍ସଅପ୍ ହୋଇଛି। ଯାଜପୁର ଜିଲ୍ଲା ୧୪ ବର୍ଷରୁ କମ୍ ବାଳକ ଓ ବାଳିକା, ୧୬ ବର୍ଷରୁ କମ୍ ବାଳିକା, ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଗ୍ରୁପ୍ ଟାଇଟଲ ହାସଲ କରିଛି। କଟକ କେବଳ ୨୦ ବର୍ଷରୁ କମ୍ ମହିଳା ବିଭାଗରେ ଗ୍ରୁପ୍ ଟାଇଟଲ ଜିତିଛି। ତେବେ କଟକ ସର୍ବାଧିକ ୧୭୨ ପଏଣ୍ଟ ପାଇ ଚାମ୍ପିଅନ ଓ ଯାଜପୁର ୧୫୭ ପଏଣ୍ଟ ପାଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ଏହି ୩ ଦିନିଆ ପ୍ରତିଯୋଗିତାରେ ୧୬ଟି ନୂଆ ମିଟ ରେକର୍ଡ ମଧ୍ୟ ସୃଷ୍ଟି ହୋଇଛି। ସେମାନଙ୍କ ମଧ୍ୟରୁ ଯାଜପୁରର ସମୀକ୍ଷା ସ୍ୱର୍ଣ୍ଣିକା ଏକମାତ୍ର ଆଥଲେଟ୍ ଭାବେ ୨ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସମୀକ୍ଷା ୧୬ ବର୍ଷରୁ କମ୍ ବାଳିକା ଲଙ୍ଗ୍ ଜମ୍ପ୍ ଓ ବାଳିକା ୬୦ ମିଟର ରେସ୍‌ରେ ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କ ବ୍ୟତୀତ ଯାଜପୁରର ଆଲୋକିକା ସ୍ୱାଇଁ ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ୍ ଥ୍ରୋ, ଦୀପ୍ତିମୟୀ ଦାସ ୧୮ ବର୍ଷରୁ କମ୍ ବାଳିକା ହର୍ଡଲ୍ସରେ ନୂଆ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ମୟୂରଭଞ୍ଜର ବନମାଳି ହେପ୍ଟାଥଲନରେ ସୃଷ୍ଟି କରିଥିବା ରେକର୍ଡ ଉଲ୍ଲେଖନୀୟ ହୋଇଛି।

ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ଦୌଡ଼କୁଦ ସଂଘ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଆୟୋଜିତ ଉତ୍ସବରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ରାଇରଙ୍ଗପୁର ରାଇରଙ୍ଗପୁର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା, ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର କୁମାର ମହାନ୍ତ, ସ୍ୱତନ୍ତ୍ର ଅତିଥି ଭାବେ ଅଲିମ୍ପିଆନ ତଥା ଅର୍ଜୁନ ପୁରସ୍କାରପ୍ରାପ୍ତ ଧାବିକା ଦୂତୀ ଚାନ୍ଦ ଯୋଗଦେଇ କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଥିଲେ। ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସମ୍ପାଦକ ବିଜୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ

# ୬୪୪ ଦିନ ପରେ ସର୍ଫରାଜଙ୍କ ପ୍ରତ୍ୟାବର୍ତ୍ତନ

ମୁମ୍ବଇ, ୯।୮ (ଏଜେନ୍ସି): ଶ୍ରୀଲଙ୍କା ବିପକ୍ଷ ଆଗାମୀ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଲାଗି ଭାରତୀୟ ଦଳରେ ରବିବାର ସାମାନ୍ୟ ପରିବର୍ତ୍ତନ କରାଯାଇଛି। ଆଘାତଜନିତ ସମସ୍ୟା ଲାଗି ସାଇ ସୁଦର୍ଶନଙ୍କ ସ୍ଥାନରେ ସର୍ଫରାଜ ଖାନଙ୍କୁ ଦଳରେ ସାମିଲ କରାଯାଇଛି। ଫଳରେ ୨୮ ବର୍ଷୀୟ ମୁମ୍ବଇ ୱିକେଟକିପର ବ୍ୟାଟର ସର୍ଫରାଜଙ୍କ ଜାତୀୟ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନର ଅନ୍ତ ଘଟିଛି। ଦୀର୍ଘ ୬୪୪ ଦିନ ପରେ ସର୍ଫରାଜ ଭାରତୀୟ ଦଳକୁ ଫେରିଛନ୍ତି। ଶେଷଥର ଲାଗି ସେ ୩ ନଭେମ୍ବର ୨୦୨୪ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ସର୍ଫରାଜ ଭାରତ ପାଇଁ କେବଳ ୬ଟି ଟେଷ୍ଟ ଖେଳି ୩୭.୧୦ ହାରରେ ୩୭୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ଗୋଟିଏ ଶତକ ଓ ୩ଟି ଅର୍ଦ୍ଧଶତକ ସାମିଲ ରହିଛି। ଉଲ୍ଲେଖଯୋଗ୍ୟ ଯେ ଅଗଷ୍ଟ ୧୫ରୁ ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଗଲ୍‌ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ପୂର୍ବରୁ ଘୋଷିତ ଦଳରେ ସୁଦର୍ଶନଙ୍କୁ ସ୍ଥାନ ମିଳିଥିଲା। କିନ୍ତୁ ସେ ଆଘାତ ସମସ୍ୟାରୁ ସମ୍ପୂର୍ଣ୍ଣ ମୁକୁଳି ପାରି ନ ଥିବାରୁ ଶେଷରେ ବାଧ ହୋଇ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି।



## ରାଜ୍ୟ ଆନ୍ତଃସ୍କୁଲ ଟିଟି ଚାମ୍ପିଅନସିପ୍

# ଗୁରୁ ନାନକ, ନ୍ୟୁ ଷ୍ଟିୱାର୍ଟ ଚାମ୍ପିଅନ

ଭୁବନେଶ୍ୱର, ୯।୮ (ସମିସ): କଟକ ସିଡିଏର ଚାଲିଥିବା ରାଜ୍ୟ ଆନ୍ତଃସ୍କୁଲ ଟିଟି (ଟେବୁଲ ଟେନିସ) ଚାମ୍ପିଅନସିପ୍‌ରେ କଟକର ଦୁଇ ସ୍କୁଲ ସିନିଅର ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ରାଉଣ୍ଡ ରବିନ ଲିଗ୍ ଭିତିରେ ଖେଳାଯାଇଥିବା ଏହି ପ୍ରତିଯୋଗିତାର ସିନିଅର ବାଳିକା ବିଭାଗରେ କଟକର ଗୁରୁ ନାନକ ପବ୍ଲିକ୍ ସ୍କୁଲ ଚାମ୍ପିଅନ ଓ ଭୁବନେଶ୍ୱରର ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ ରନର୍ସ ଅପ୍ ହୋଇଛି। ବାଳକ ବିଭାଗ ଫାଇନାଲରେ ନ୍ୟୁ ଷ୍ଟିୱାର୍ଟ ସ୍କୁଲ ଚାମ୍ପିଅନ ଓ ଖ୍ରୀଷ୍ଟ ସେକେଣ୍ଡାରୀ ସ୍କୁଲ ରନର୍ସଅପ୍, ଜୁନିଅର ବାଳିକା ବିଭାଗରେ ପୁରୀ ଜିଲ୍ଲା ସ୍କୁଲ ଚାମ୍ପିଅନ ଓ ଜଟଣୀର ପିଏମ୍ ଶ୍ରୀ କେଭି ରନର୍ସଅପ୍, ଜୁନିଅର ବାଳକ ବିଭାଗରେ କଟକର ସେଣ୍ଟ ଜାଭିୟର ହାଇସ୍କୁଲ ଚାମ୍ପିଅନ ଓ କେମ୍ବ୍ରିଜ୍ ସ୍କୁଲ ରନର୍ସଅପ୍ ଆଖ୍ୟା ଅର୍ଜନ କରିଛି। ଦଳଗତ ଖେଳ ପରେ ଏକକ ବିଭାଗରେ ପ୍ରତିଯୋଗିତା ଆଜିଠାରୁ ଆରମ୍ଭ ହୋଇଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS